

ସମସ୍ୟା ସମାଧାନ ଶିବିରରେ ବିଷ୍ଣୁଦେବ | ୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




କ୍ରିକେଟରୁ ସନ୍ନ୍ୟାସ ନେବେ ବୁମରା ! | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୬୧ Vol. 22 No-61 1 JUNE 2025 SUNDAY, BHUBANESWAR ରବିବାର, ୧ ଜୁନ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜୀବନ ନେଉଛି କରୋନା

# ୨୪ ଘଣ୍ଟାରେ ୭ ମୃତ



- ଆକ୍ରାନ୍ତଙ୍କ ସଂଖ୍ୟା ୩୦୦୦ ପାର୍
- କେରଳରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ
- ଭୟଭୀତ ହୁଅନାହିଁ: ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ
- ଚିନ୍ତାଜନକ ନୁହେଁ: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ,୩୧।୫: କରୋନାର ନୂଆ ଭାରିଆଣ୍ଟ ପୁଣିଥରେ ତା'ର କାୟା ମେଲାଇବା ଆରମ୍ଭ କରିଛି। ଦେଶରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ସାରା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୦୦୦ରେ ପହଞ୍ଚିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଂକ୍ରମଣରେ ଅଧିକ ପ୍ରଭାବିତ ହୋଇଛି କେରଳ। ଦୀର୍ଘ କେତେମାସ ଧରି ଦେଶରେ କରୋନା ସଂକ୍ରମଣ ସଂପୂର୍ଣ୍ଣ ଥମି ଯାଇଥିବାବେଳେ ଏବେ କିନ୍ତୁ ସଂକ୍ରମିତଙ୍କ ସଂଖ୍ୟା ୫ଗୁଣ ବୃଦ୍ଧି ପାଇଛି। ସେହିପରି ଗତ ୨୪ ଘଣ୍ଟାରେ କରୋନା ସଂକ୍ରମଣରେ ୭ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ କେରଳରେ ୧୧୪୭ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ମହାରାଷ୍ଟ୍ରରେ ୪୨୪ଜଣ, ଦିଲ୍ଲୀରେ ୨୯୪ଜଣ ଓ ଗୁଜରାଟରେ ୨୨୩ଜଣଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଛି। ସେହିପରି କର୍ଣ୍ଣାଟକ ଓ ତାମିଲନାଡୁରେ ୧୪୮ଜଣ ଲେଖାଏଁ ଚିହ୍ନଟ ହୋଇଥିବାବେଳେ ପଶ୍ଚିମବଙ୍ଗରେ ୧୧୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତ ୨୪ଘଣ୍ଟା ମଧ୍ୟରେ କରୋନା ୭ଜଣଙ୍କ ମୁଣ୍ଡ ନେଇଛି। ଏହାକୁ ମିଶାଇ ଚଳିତବର୍ଷ କରୋନା ୨୨ଜଣଙ୍କ ଜୀବନ ନେଇ ସାରିଲାଣି। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରେ ୨ଜଣ, ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ, ପଞ୍ଜାମ ଓ ତାମିଲନାଡୁରେ ଜଣେ ଲେଖାଏଁ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ତେବେ ଦିଲ୍ଲୀରେ ପ୍ରଥମ ଥରପାଇଁ ଜଣେ ଆକ୍ରାନ୍ତଙ୍କ ମୃତ୍ୟୁକୁ ନେଇ ଗଭୀର ଚିନ୍ତାପ୍ରକଟ କରାଯାଇଛି। କରୋନା ମାମଲା ଚିହ୍ନଟ ହେଉଥିଲେ ବି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆତଙ୍କିତ ନ ହେବାପାଇଁ ପରାମର୍ଶ ଦେଇଛି। କେରଳରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେବାର କାରଣ ହେଉଛି ସେଠାକାର ସରକାର ଅଧିକରୁ ଅଧିକ ଲୋକଙ୍କ କରୋନା ପରୀକ୍ଷା କରୁଛନ୍ତି। ସେହିପରି ୭ମାସ ପରେ ମିଜୋରାମରେ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ କରୋନାର ଦୁଇ ସବ୍‌ଭାରିଆଣ୍ଟ ଏଲଏଫ.୭ ଓ ଏନ୍‌ବି.୧.୮.୧ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଛି। ତେବେ ସଂଗଠନ କହିଛି, ଏହି ଭାରିଆଣ୍ଟ ସେତେ ଚିନ୍ତାଜନକ ନୁହେଁ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ଯେ ରୋଗ ପ୍ରତିରୋଧକ ଶକ୍ତିକୁ କରୋନାର ନୂଆ ଭାରିଆଣ୍ଟ ଅକାମୀ କରିଦେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏହି ଭାରିଆଣ୍ଟ ଦୀର୍ଘକାଳୀନ ସଂକ୍ରମଣର କାରଣ ବନିବା ଆଶଙ୍କା ବହୁତ କମ୍। ଅନ୍ୟପକ୍ଷରେ କରୋନା ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବ୍ୟାପିବାରେ ଲାଗିଛି। ଶନିବାର ଝାଡ଼ଖଣ୍ଡରେ ଦୁଇଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ସାରା ରାଜ୍ୟରେ ଭୟର ସଞ୍ଚାର ହୋଇଛି। କରୋନା ମୁକାବିଲା ପାଇଁ କେନ୍ଦ୍ର ସରକାର ସଂପୂର୍ଣ୍ଣ ପ୍ରସ୍ତୁତ ଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା କହିଛନ୍ତି। ସେ କହିଛନ୍ତି, ସ୍ଥିତି ନିୟନ୍ତ୍ରଣ ପାଇଁ ସମସ୍ତ ହସ୍ପିଟାଲରେ ଶଯ୍ୟା, ଔଷଧ ଓ ଚିକିତ୍ସା ଉପକରଣ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏହା ଏତେ ଭୟାନକ ନୁହେଁ ବୋଲି ସେ ସୂଚାଇ ଦେଇଛନ୍ତି।

## ଭୋପାଳରେ ମୋଦୀଙ୍କ ରଣହୁଙ୍କାର

# ଅପରେସନ ସିନ୍ଦୂର ନାରୀଶକ୍ତିର ପ୍ରତୀକ



ଭୋପାଳ,୩୧।୫: ନାରୀ ଶକ୍ତିର ପ୍ରତୀକ ହେଉଛି ଅପରେସନ ସିନ୍ଦୂର। ଯେଉଁମାନେ ଆମ ନାରୀଶକ୍ତିକୁ ଚାଲେଞ୍ଜ କରିଥିଲେ ସେମାନେ ତା'ର ଫଳ ପାଇ ସାରିଛନ୍ତି। ଆଗକୁ ଯଦି କୌଣସି ହିଂସାତ୍ମକ କାର୍ଯ୍ୟକଳାପ ଘଟେ, ତେବେ ଏହାର କଡ଼ା ଜବାବ ଦିଆଯିବ ବୋଲି ଶନିବାର ମଧ୍ୟପ୍ରଦେଶର ଭୋପାଳରେ ଆୟୋଜିତ ମହିଳା ସଶକ୍ତିକରଣ ମହାସମ୍ମିଳନୀରେ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ, ଆତଙ୍କବାଦୀମାନେ ଭାରତର ନାରୀଶକ୍ତିକୁ ଚାଲେଞ୍ଜ କରି ନିଜର ବିନାଶକୁ ଡାକିଥିଲେ। ଅପରେସନ ସିନ୍ଦୂରରେ ଆତଙ୍କୀ ମାଟିରେ ମିଶିଛନ୍ତି। ଆମ ସେନା ପାକିସ୍ତାନର ଏମିତି ସ୍ଥାନରେ ପହଞ୍ଚି ଆତଙ୍କୀ ଆଡ୍ଡା ଧ୍ୱଂସ କରିଛି, ଯାହାକୁ ପାକିସ୍ତାନୀ ସେନା କେବେ ବି କଳ୍ପନା କି କଳନା କରିପାରିନଥିଲେ। ଏହାସହ ଅପରେସନ ସିନ୍ଦୂର ଆତଙ୍କବାଦ ବିରୁଦ୍ଧରେ ଭାରତ ଇତିହାସର ସବୁଠାରୁ ବଡ଼ ଓ ସଫଳ ଅପରେସନ ବୋଲି ମୋଦୀ କହିଥିଲେ। ରାଣୀ ଅହଲ୍ୟାବାଇ ହୋଲକରଙ୍କ ୩୦୦ତମ ଜନ୍ମବାର୍ଷିକୀରେ ଆୟୋଜିତ ଏହି ମହାସମ୍ମିଳନୀରେ ମୋଦୀ ଆହୁରି କହିଥିଲେ ଯେ ପହଲଗାମରେ ଆତଙ୍କୀମାନେ ଖାଲି ରକ୍ତ ବୁହାଇନଥିଲେ, ବରଂ ଆମ ପରମ୍ପରା ଉପରେ ଆକ୍ରମଣ କରିଥିଲେ। ଆମ ସମାଜକୁ ଭାଗ କରିବାକୁ ଚେଷ୍ଟା କରିଥିଲେ। ଆମ ନାରୀଶକ୍ତିକୁ ଚାଲେଞ୍ଜ କରିଥିଲେ। ଆଉ ଏହି ଚାଲେଞ୍ଜ ଆତଙ୍କବାଦୀ ଓ ଏହାର ପ୍ରାୟୋଜକ ଦେଶପାଇଁ ବିପଦ ସାଜିଥିଲା। ଏଥିସହ ଆତଙ୍କବାଦୀଙ୍କ ଚରାଭୂଇଁ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ମୋଦୀ କହିଥିଲେ, ଏଥର ଆମେ ତମ ମାଟିରେ ପଶି ଆକ୍ରମଣ କରିବୁ। ଯିଏ ଆତଙ୍କୀଙ୍କୁ ସମର୍ଥନ କରିବ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଏପ୍ରିଲ ୨୨ ତାରିଖରେ ଜାମ୍ମୁକାଶ୍ମୀର ପହଲଗାମର ବୈଶାରନ ଘାଟିରେ ୨୬ଜଣ ନିରୀହ ପର୍ଯ୍ୟଟକଙ୍କୁ ଆତଙ୍କବାଦୀମାନେ ଧର୍ମ ପଚାରି ସେମାନଙ୍କ ପତ୍ନୀ ଓ ପରିବାର ସମ୍ମୁଖରେ ହତ୍ୟା କରିଥିଲେ। ଏହାର ଜବାବରେ ଭାରତୀୟ ସେନା ପାକିସ୍ତାନ ଭିତରେ ପଶି ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରି ଦେଇଥିଲେ। ସୂଚନାଯୋଗ୍ୟ ଯେ ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତ ପ୍ରଥମେ କୂଟନୈତିକ ସ୍ତରରେ ପାକିସ୍ତାନକୁ ଝଟକା ଦେଇଥିଲା। ସିନ୍ଧୁ ଜଳଚୁକ୍ତି ସ୍ଥଗିତଠାରୁ ଆରମ୍ଭ କରି ବାଣିଜ୍ୟ ବ୍ୟବସାୟ ଏପରିକି ଆକାଶପଥ ମାର୍ଗରେ ମଧ୍ୟ ପ୍ରତିବନ୍ଧକ ଲଗାଇଥିଲା। ଏହାପରେ ପାକିସ୍ତାନ ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ଭାରତୀୟ ସେନା ପାକିସ୍ତାନ ଭିତରେ ପଶି କଡ଼ା ଜବାବ ଦେଇଥିଲେ।

## ସଂକ୍ଷେପରେ...

### ରାଜ୍ୟରେ ପ୍ରଥମ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ

ଭୁବନେଶ୍ୱର,୩୧।୫(ଭାସ୍କର ନ୍ୟୁଜ): ସାରା ଦେଶରେ କରୋନାର ନୂଆ ଭାରିଆଣ୍ଟ ମାଡ଼ିମାଡ଼ି ଚାଲିଥିବାବେଳେ ଶନିବାର ଭୁବନେଶ୍ୱରରେ ଜଣେ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। କିଛିଦିନ ତଳେ ସେ କୋଭିଡରେ ଆକ୍ରାନ୍ତ ହୋଇଥିଲେ। କୋଭିଡ ସହ ତାଙ୍କର ବହୁବିଧ ରୋଗ ମଧ୍ୟ ରହିଥିଲା। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୮ଜଣ କରୋନା ପଜିଟିଭ ଚିହ୍ନଟ ହୋଇ ସାରିଲେଣି। ଭୁବନେଶ୍ୱରରୁ ୫ଜଣ, ଖୋର୍ଦ୍ଧାରୁ ଜଣେ ଓ କଟକରୁ ୨ଜଣ ଚିହ୍ନଟ ହୋଇଥିଲେ।

### ବିଦ୍ୟୁତ ନେଲା ଦନ୍ତାର ଜୀବନ

ଅନୁଗୋଳ,୩୧।୫(ଭାସ୍କର ନ୍ୟୁଜ): ଅନୁଗୋଳ ଜିଲ୍ଲା ବନ୍ତଳା ରେଞ୍ଜ ତଳସିରା ଗାଁରେ ଥିବା ଏକ ଆମ୍ବବଗିଚା ନିକଟରେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ଆମ୍ବ ବଗିଚାର ସୁରକ୍ଷା ପାଇଁ ବଗିଚା ମାଲିକ ବିଦ୍ୟୁତ ତାର ବିଛାଇଥିବାବେଳେ ଏହି ଅଘଟଣ ଘଟିଥିବା କୁହାଯାଉଛି। ବନ ବିଭାଗ ବଗିଚା ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।


### ମୁଖ୍ୟଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୩୧।୫(ଭାସ୍କର ନ୍ୟୁଜ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ତାଙ୍କର ଆୟଠାରୁ ୪୮୩ ପ୍ରତିଶତ ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସ କହିଛି। ତାଙ୍କ ଘରୁ ନଗଦ ୨.୫୬ କୋଟି ଟଙ୍କା, ୧୧୪୧ ଗ୍ରାମର ସୁନା ଗହଣା, ୫୦୦ଗ୍ରାମ ରୁପା, ୧.୫ କୋଟିର ବ୍ୟାଙ୍କ ଜମା ଓ ବହୁ ପ୍ଲଟ୍ ଏବଂ କୋଠା ଠାବ କରାଯାଇଥିଲା।

ସେନ୍‌ସେକ୍ସ: ୮୧,୪୫୧.୦୧
ସର୍ବାଧିକ: ୩୫.୪ ଡିଗ୍ରୀ
ସର୍ବନିମ୍ନ: ୨୮.୮ ଡିଗ୍ରୀ

### ୩୧।୫।୨୦୨୫ ର ମତାମତ

ତଦନ୍ତକାରୀ ସଂସ୍ଥା ଲାଞ୍ଚ ଗ୍ରହଣ କରିବା ଯୁକ୍ତିଯୁକ୍ତ କି?




### ଆଜିର ପ୍ରସଙ୍ଗ

ବାରମ୍ବାର ଘଟୁଥିବା ହାତୀ ମୃତ୍ୟୁ ଉପରେ ରୋକ୍ ଲଗାଯିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଅହିଲ୍ୟାବାଈଙ୍କ ୩୦୦ତମ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ

# ଅହିଲ୍ୟାବାଈ ଥିଲେ ସମାଜ ସଂସ୍କାରକ



ଭୁବନେଶ୍ୱର,୩୧।୫(ଭାସ୍କର ନ୍ୟୁଜ): ଅହିଲ୍ୟାବାଈ କେବଳ ଜଣେ ଶାସକ ନଥିଲେ। ସେ ଥିଲେ ଜଣେ ସମାଜ ସଂସ୍କାରକ। ତାଙ୍କ ଜୀବନ ଓ କାର୍ଯ୍ୟ ଆମ ପାଇଁ ପ୍ରେରଣାର ଉତ୍ସ ଏବଂ ସେ ନାରୀଶକ୍ତି, ସୁଶାସନ ଓ ସମାଜସେବାର ଏକ ଅନନ୍ୟ ଉଦାହରଣ। ଶନିବାର ଜୟଦେବ ଭବନଠାରେ ଆୟୋଜିତ ମହାରାଣୀ ଅହିଲ୍ୟାବାଈଙ୍କ ୩୦୦ତମ ଜୟନ୍ତୀ ପାଳନ ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଥିଲେ, ଅହଲ୍ୟାବାଈ ହୋଲକର ଜଣେ ଏପରି ନାରୀ, ଯିଏ ନିଜର ନ୍ୟାୟ, ନିଷ୍ଠା, ସାହସ ଓ ପ୍ରଜାପତି ଅନୁପମ ସମର୍ପଣ ଦ୍ୱାରା ଭାରତ ଇତିହାସରେ ଅମର ହୋଇ ରହିଛନ୍ତି। ତାଙ୍କ ଜୀବନ ଆମ ଓଡ଼ିଶାବାସୀଙ୍କ ପାଇଁ ଏକ ବଡ଼ ପ୍ରେରଣା। ଆମ ରାଜ୍ୟରେ ମଧ୍ୟ ନାରୀଶକ୍ତିର ଅନେକ ଉଦାହରଣ ରହିଛି। ଅହିଲ୍ୟାବାଈଙ୍କ ପରି ଆମେ ମଧ୍ୟ ଆମର ସମାଜରେ ନ୍ୟାୟ, ଶିକ୍ଷା ଓ ସମାନତାକୁ ପ୍ରୋତ୍ସାହନ ଦେବା ଜରୁରି। ଶ୍ରୀ ମାଝୀ ଆହୁରି କହିଥିଲେ, ରାଜ୍ୟ ସରକାର ମା ମାନଙ୍କ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନା ଭଳି ଏକ ଯୁଗାନ୍ତକାରୀ ଯୋଜନାର ରୂପାୟନ କରିଛନ୍ତି, ଯାହା ମହିଳାମାନଙ୍କୁ ଆର୍ଥିକ, ସାମାଜିକ ଓ ଆତ୍ମନିର୍ଭରଶୀଳ ହୋଇ ପ୍ରଗତି ପଥରେ ଆଗେଇବା ପାଇଁ ସହଯୋଗ ଯୋଗାଉଛି। ଏବେ ଯଦି ଆମେ ଆମର ବର୍ତ୍ତମାନର ଶାସନ ବ୍ୟବସ୍ଥା ଦିଗକୁ ଦେଖିବାକୁ ଯାଉ, ତେବେ ଅନେକ ରାଜ୍ୟ ସରକାର ଅହିଲ୍ୟାବାଈଙ୍କ ଆଦର୍ଶରୁ ପ୍ରେରଣା ନେଇଛନ୍ତି। ଶ୍ରୀ ମାଝୀ କହିଥିଲେ ଯେ ତାଙ୍କ ଜୀବନରୁ ପ୍ରେରଣା ନେଇ ଆମେ ଆମର ସମାଜକୁ ଆହୁରି ସୁଦୃଢ଼ ଓ ସମୃଦ୍ଧ କରିବାକୁ ପ୍ରତିଶ୍ରୁତିବଦ୍ଧ। ଆଜି ଦେଶ ଯେତେବେଳେ ଏକ ସଂକଟମୟ ସ୍ଥିତିଦେଇ ଗତି କରୁଛି, ସେତେବେଳେ ନାରୀଶକ୍ତି ଏହି ଲଢେଇର ନେତୃତ୍ୱ ନେଇଛନ୍ତି। ସେ କହିଥିଲେ, ଅପରେସନ ସିନ୍ଦୂର ଏକ ସାମରିକ କାର୍ଯ୍ୟାନୁଷ୍ଠାନର ନାମ ନୁହେଁ, ଏହା ନାରୀଶକ୍ତିର ପ୍ରତୀକ। ସିନ୍ଦୂର ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ମଉସୁମୀ ତେମେ କୁଆଡ଼େ ଗଲ ଗୋ
ଦେଖାଦେଇ ଗଲ ଲୁଚି,
ଖରା, ଗୁଳୁଗୁଳି, କାଳ ବଇଶାଖୀ
ଖେଳୁଛନ୍ତି ଯାହା ପୁଚି ।
ଯେତେ ରଖିଅଛୁ ସଞ୍ଚି,
ଅଜାଡ଼ି ଦେଏଲୋ ସବୁତକ ଜଳ
ଆମ କୃଷି ଯାଉ ବଞ୍ଚି !!

## ହତ୍ୟା ନା ଆତ୍ମହତ୍ୟା !

# ଫରେଷ୍ଟରଙ୍କ ସନ୍ଦେହଜନକ ମୃତ୍ୟୁ

- ଘରୁ ମିଳିଲା ଅର୍ଦ୍ଧଦଗ୍ଧ ମୃତଦେହ
- ଗୁରୁତର ପତ୍ନୀ ହସ୍ପିଟାଲରେ ଭର୍ତ୍ତି
- ପୁଅକୁ ଅଟକ ରଖି ପୋଲିସର ଜେରା



ମୃତ ଫରେଷ୍ଟର ଶିଶିର ସାହୁ

ନୟାଗଡ଼,୩୧।୫(ଭାସ୍କର ନ୍ୟୁଜ): ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡା ବନାଞ୍ଚଳର ଶରଣକୁଳ ବନପାଳ ଶିଶିର ସାହୁଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ତେବେ ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାକୁ ନେଇ ବିଭିନ୍ନ ମହଲରେ ଜୋରଦାର ଚର୍ଚ୍ଚା ଜାରି ରହିଛି। ଘର ଭିତରୁ ଫରେଷ୍ଟର ଶିଶିର ସାହୁଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଶନିବାର ସକାଳେ ଉଦ୍ଧାର ହେବାପରେ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନୟାଗଡ଼ ବାରମାସୀ ଦଣ୍ଡାସ୍ଥିତ ଶିଶିରଙ୍କ ଘରେ ଏହି ଅଭାବନୀୟ ଘଟଣା ଘଟିଛି। ଶିଶିର ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିବା ପରେ ନିଆଁରେ ପୋଡ଼ି ଦେଇଛି, ସେଥିନେଇ ସନ୍ଦେହ ଲାଗି ରହିଛି। ଶୁକ୍ରବାର ବିଳମ୍ବିତ ରାତିରେ ଶିଶିର, ତାଙ୍କ ପତ୍ନୀ ନମିତା ଓ ପୁଅ ଅଭିଷେକ ଘରେ ଥିବାବେଳେ ହଠାତ୍ ଘରୁ ନିଆଁ ବାହାରିଥିଲା। ଶିଶିରଙ୍କ ପତ୍ନୀ ଘରୁ ବାହାରି ଚିତ୍କାର କରି ଡାକିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରର ବେଡରୁମ୍ ଖଟ ଉପରେ ଶିଶିରଙ୍କ • ପୃଷ୍ଠା ୫ ଦେଖନ୍ତୁ






କୋରାପୁଟ(ଭାସ୍କର ନ୍ୟୁଜ୍): ବିପଦ ସଂକୁଳ ଅବସ୍ଥାରେ ଥିବା କୋରାପୁଟ ବସ୍‌ଷ୍ଟାଣ୍ଡର ଉପର ମହଲାକୁ ପୌର ପରିଷଦ ପକ୍ଷରୁ ଭାଙ୍ଗିବା ଆରମ୍ଭ ହୋଇଛି । ଏହି ଉପର ମହଲାଟି ପ୍ରାୟ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନିର୍ମାଣ କରାଯାଇଥିବା ବେଳେ ରକ୍ଷଣାବେକ୍ଷଣା ଅଭାବରୁ ଉପରେ ଥିବା ଷ୍ଟଲର କାନ୍ଥ ଭୁଶୁଡିବା ଆରମ୍ଭ ହୋଇଥିଲା । ଛାତରୁ ସିମେଣ୍ଟ ପଲସ୍ତରା ଗୁଡିକ ଖସୁଥିଲା । ଏନେଇ ଖବର ପାଇବା ପରେ ଗତ ୧୨ତାରିଖରେ କୋରାପୁଟ ବିଧାୟକ ରଘୁରାମ ମାଛ ବସଷ୍ଟାଣ୍ଡ ଉପରମହଲାକୁ ପରିଦର୍ଶନରେ ଯାଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବିପଦ ସଙ୍କୁଳ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେବା ସହ ପୌର ପରିଷଦକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତେବେ ବଡ ଅଘଟଣ ଘଟିବା ପୂର୍ବରୁ ପୌରପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର କାହ୍ନୁଚରଣ ପଟ୍ଟନାୟକଙ୍କ ସମେତ ପୋଲିସ ବାହିନୀଙ୍କ ଉପସ୍ଥିତିରେ ଉପର ମହଲା ଗୃହ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବସ୍‌ଷ୍ଟାଣ୍ଡର ସମସ୍ତ ଦୋକାନ ବଜାର ଓ ବସ ଚଳାଚଳକୁ ବନ୍ଦ କରି ଦିଆଯାଇଥିଲା । ବସଷ୍ଟାଣ୍ଡକୁ ଆସୁଥିବା ବସ୍ ଗୁଡିକ ୨୬ନଂ ଜାତୀୟ ରାଜପଥ ଟ୍ରେଜେରି ଛକ ଓ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଅଟକି ରହିଥିବାରୁ ଜାତୀୟ ରାଜପଥ ଉପରେ ଯାତ୍ରୀଙ୍କ ଭିଡ ଜମି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି ।



# ରାଧାବଲ୍ଲଭ ମହାବିଦ୍ୟାଳୟରେ ଖୋଲିଲା +୩ କଳା ବିଭାଗ

## ପ୍ରତିଶ୍ରୁତି ରକ୍ଷା କଲେ ଉପମୁଖ୍ୟମନ୍ତ୍ରୀ, କୃତଜ୍ଞତା ଜଣାଇଲେ ଜିଲ୍ଲାପରିଷଦ

ଗୋପ (ଭାସ୍କର ନ୍ୟୁଜ): ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରକ୍ଷା କଲେ ଉପମୁଖ୍ୟମନ୍ତ୍ରୀ । ରାଧା ବଲ୍ଲଭ ମହାବିଦ୍ୟାଳୟ ରେ +୩ (କଳା) ଖୋଲିଲା । ଯାହାକୁ ନେଇ ଗୋପ ୧୩ ନଂ ଜୋନ ଜିଲ୍ଲାପରିଷଦ ପ୍ରମୋଦ କୁମାର ରାୟ, ପଂଚାୟତ ସମିତି ଉପାଧକ୍ଷ ବନ ରଂଜନ ପଟ୍ଟନାୟକଙ୍କ ସମେତ ମଂଚନାଥ ମଣ୍ଡଳ ସଭାପତି କିଶୋର ରାଉତ, ବରିଷ୍ଠ ବିଜେପି ଯୁବନେତା ରାଜ କିଶୋର ନାୟକ, ଚନ୍ଦ୍ର ଶେଖର ଚାନ୍ଦ, ଉମେଶ ଚନ୍ଦ୍ର ମହାନ୍ତି ପ୍ରମୁଖଙ୍କ ସହ ଅଂଚଳବାସୀ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ମୁତାବକ ଗୋପ ବ୍ଲକ ଅଧିନ ବଇରିପୁର ଠାରେ ୧୯୯୨ ମସିହାରେ ସ୍ଥାପିତ ହୋଇ କେବଳ +୨ କଳା ଖୋଲିଥିଲା ଥିବା ରାଧାବଲ୍ଲଭ ମହାବିଦ୍ୟାଳୟ ୧୩ ନଂ ଜୋନର ଏକମାତ୍ର କଲେଜ ହୋଇଥିବା ବେଳେ ବର୍ତ୍ତମାନ ଉକ୍ତ ମହାବିଦ୍ୟାଳୟରେ +୨ ରେ ପ୍ରାୟ ୪ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନରତ । +୨ ଶେଷ ପରେ +୩ ଅଧ୍ୟୟନ ପାଇଁ ପିଲାମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖିନ ହେଉଥିଲେ । ଏହି କଲେଜ ଉପରେ ଗୋପ ବ୍ଲକର ୧୦ ରୁ ଉର୍ଦ୍ଧ୍ୱ ପଂଚାୟତ ସମେତ ପୁରୀ ସଦର ନିର୍ବାଚନ ମଣ୍ଡଳୀର ୩ ଟି ପଂଚାୟତର ପିଲାମାନେ ଅଧ୍ୟୟନ ପାଇଁ ନିର୍ଭର କରୁଥିବା ବେଳେ +୩ ନଥିବାରୁ ପ୍ରାୟ ୧୫ ରୁ ୩୦ କିମି ଦୂର ଗୋପ, ନିମାପଡା, କୋଣାର୍କ ଏବଂ ପୁରୀ କଲଜେ ଉପରେ ନିର୍ଭର କରୁଥିଲେ । ଏନେଇ ବିଭିନ୍ନ ଦପ୍ତରରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ବେଳେ ବିଜେପି ସରକାର ଆସିବା ପରେ ଜିଲ୍ଲାପରିଷଦ ଶ୍ରୀଯୁକ୍ତ ରାୟ ଏଠାରେ +୩ ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବକୁ ଗୁରୁତ୍ୱର ସହ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉକ୍ତ କଲେଜର ବାର୍ଷିକ ଉତ୍ସବରେ ଯୋଗଦେଇ ଖୁବ୍ ଶୀଘ୍ର ଏହି କଲେଜରେ +୩ ଖୋଲିବ ବୋଲି ଅଂଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଯାହାକି ଗତ ଗୁରୁବାର ଦିନ ବିଧିବଦ୍ଧ ଭାବେ ସରକାରଙ୍କ ପକ୍ଷରୁ ଉକ୍ତ କଲେଜରେ +୩ କଳା ବିଭାଗ ଖୋଲାଯାଇଥିବା ଘୋଷଣା କରାଯାଇଛି । ଯାହାଦ୍ୱାରା ଉକ୍ତ ଅଂଚଳର ଛାତ୍ରଛାତ୍ରୀମାନେ ସୁବିଧାରେ ଘର ନିକଟରେ ପାଠ ପଢିପାରିବେ ।

## ସିଆଇଟିୟୁର ପ୍ରତିଷ୍ଠା ଦିବସ ପାଳିତ

ବ୍ୟାସନଗର:(ଭାସ୍କର ନ୍ୟୁଜ୍): ସିଆଇଟିୟୁ ର ୫୬ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ସିଆଇଟିୟୁ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ସିଆଇଟିୟୁ ସହ ସଂଶ୍ଳିଷ୍ଟ ନିର୍ମାଣ ଶ୍ରମିକ ସଂଘ, ବ୍ୟାସନଗର ମୁନିସପାଲିଟି ସଫେଇ ସଂଘ, ପାଚିକା ସଂଘ , ଓଡ଼ିଶା ରେଲୱେ ହକର ସଂଘ ପ୍ରଭୃତି ସଂଗଠନ ମାନଙ୍କର ମିଳିତ ଶୋଭାଯାତ୍ରା ବଜାର ପରିକ୍ରମା କରି ନେତାଜୀ ନଗର,ଡୋଳିପୁର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବାପରେ ସିଆଇଟିୟୁ ର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସଭାରେ ସାଥୀ ଦିଲ୍ଲୀପ କୁମାର ଦାସ, ସନ୍ତୋଷ ବରାଳ, ତ୍ରିଲୋଚନ ରାଉତ,ପନୀ କିସ୍କୁ , ଲାଲ୍ ମଣି ମୁଣ୍ଡା, ବିଜୟା ଲକ୍ଷ୍ମୀ ମହାନ୍ତି, ମାଳତୀ ହାଂସଦା, ସମୀର ମୁଖୀ, ଭାଗବତ ମୁଖୀ, କୁନି ପୂର୍ତ୍ତୀ ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସଭା ପୂର୍ବରୁ ସାଥୀ ପ୍ରଫୁଲ୍ଲ ନାୟକ ୫୬ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶ୍ରମିକ ଶ୍ରେଣୀର ଲାଲ୍ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ରାୟ, ଦୀପକ ମୁଖୀ, ସଦାନନ୍ଦ ମୁଖୀ,ମାନୀ ପାଲିଆ, ନୀତାଶା ଟିୟୁ, ସନ୍ତୋଷ ପୃଷ୍ଟି, ପ୍ରଦିପ ମହାନ୍ତି, ଡ଼ଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ପୁଣି ଏକ ମାଇଲଖୁଣ୍ଟ ସ୍ଥାପନ କଲା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଇଚ୍ଛା ଶକ୍ତି ସଙ୍ଗେ ସଙ୍ଗେ କୋଠାର ପରିଶ୍ରମ ସଫଳତାର ମୂଳମନ୍ତ୍ର ବୋଲି ପ୍ରମାଣ କରିଛନ୍ତି ଦ୍ୱାଦଶ ବାଣିଜ୍ୟ ବିଭାଗର ଛାତ୍ର ଆଶୁତୋଷ ପଟ୍ଟନାୟକ । ପି. ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦୁଝର ଭୁବନେଶ୍ୱର ସମ୍ଭାଗସ୍ତରୀୟ ବାଣିଜ୍ୟ ବିଭାଗରେ ୯୭.୪ ପ୍ରତିଶତ ନମ୍ବର ସହ ଶ୍ରୀ ପଟ୍ଟନାୟକ କୃତିତ୍ୱ ହାସଲ କରିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ସଫଳତା ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର ଛାତ୍ରୀ ତଥା ଅଭିଭାବକ ମହଲରେ ବେଶ ଆନନ୍ଦ ଖେଳାଇ ଦେଇଛି । ବିଦ୍ୟାଳୟର ଅଧକ୍ଷ ସୁଶାନ୍ତ କୁମାର ସାହୁ ନିଜ ପ୍ରତିକ୍ରିୟା ଦେଇ କହିଛନ୍ତି ଆଶୁତୋଷ ନିଶ୍ଚୟ ଦିନେ



ବିଦ୍ୟାଳୟ ତଥା କେନ୍ଦୁଝର ଜିଲ୍ଲା ପାଇଁ ଗୌରବ ଆଣିଦେବ, ଏ ଦୃଢ ବିଶ୍ୱାସ ମୋର ଥିଲା । ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଆମ ସମସ୍ତଙ୍କ ଆଶା ପୂରଣ କରିଛନ୍ତି । ଆଶୁତୋଷ ଆଗକୁ ସଫଳତାର ଶୀର୍ଷକୁ ଯାଇ ଜିଲ୍ଲାକୁ ଗୌରାବାନ୍ୱିତ କରୁ ବୋଲି ପ୍ରଭୁ ବଳଦେବଜୀଉଙ୍କ ଠାରେ ପ୍ରାଥନା କରୁ । ଆଶୁତୋଷ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମର ବାସିନ୍ଦା ଅଟନ୍ତି । ସେ ପିତା ସୁରେଶ ପଟ୍ଟନାୟକ ଓ ମାତା ( ଯିଏକି ଜିଲ୍ଲା ପୋଲିସ ବିଭାଗରେ କାର୍ଯ୍ୟରତ )ଙ୍କ ପୁତ୍ର ଅଟନ୍ତି । ଆଗାମୀ ଦିନରେ ସେ ଜଣେ ପ୍ରତିଷ୍ଠିତ ଚାର୍ଟର୍ଡ଼ ଏକାଉଣ୍ଟାଣ୍ଟ ହେବାକୁ ଆଶା ରଖିଛନ୍ତି । ପ୍ରକାଶ ଥାଉକି ଗତ ଶିକ୍ଷା ବର୍ଷରେ ଦଶମ ଶ୍ରେଣୀର ଛାତ୍ରୀ ଇଷିତା ଭୂୟାଁ ଭୁବନେଶ୍ୱର ସମ୍ଭାଗ ସ୍ତରରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ।

## ଦେବୀନଦୀରେ ବୃହତ ବୋରିଂ ପ୍ରକଳ୍ପକୁ ବିଜେଡିର ବିରୋଧ



ନିଆଳି(ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ପହଂଗା ପଂଚାୟତ ଦେବୀ ନଦୀରେ ବୃହତ ବୋରିଂ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହି ପ୍ରକଳ୍ପ ରୁ ପାନୀୟ ଜଳ ପୁରୀ ଜିଲ୍ଲା,କାକଟ ପୁର, ଅସ୍ତରଙ୍ଗ ଓ ନିମାପଡା କୁ ପାଣି ଯୋଗେଇ ଦିଆଯିବ । ଏହି ପ୍ରକଳ୍ପ ହେଲେ ନିଆଳି ବ୍ଲକ ର ୮ ଟି ପଂଚାୟତ ରେ ପିଇବା ଜଳ ର ସମସ୍ୟା ଦେଖା ଦବ । ଜଳ ସ୍ତର କମ୍ପି ଯୋଗୁ ୨ ହଜାର ରୁ ଉର୍ଦ୍ଧ୍ୱ ଘରୋଇ ନଳକୂପ ଚାଷ ନିମନ୍ତେ ଉଠା ଜଳ ସେଚନ ପ୍ରକଳ୍ପ ର ୪୦ ରୁ ଉର୍ଦ୍ଧ୍ୱ ବୋରିଂ ଅଚଳ ହେବା ଆଶଙ୍କା ଦେଖା ଦବ । ଏଥି ସହିତ ନିଆଳି ବ୍ଲକ ରେ ସ୍ୱଜଳ ଧାରାରେ ଓଭର ହେଡ଼ ପାଣିଟାଙ୍କି ନିର୍ମାଣ କରାଯାଇ ପାଣି ଲୋକମାନଙ୍କୁ ଯୋଗାଇ ଦିଆଯାଉଥିବା ବେଳେ ସେଥିମଧ୍ୟରୁ ୧୬ ଟି ଓଭର ହେଡ଼ ପାଣିଟାଙ୍କି ଅଚଳ ହେବା ଆଶଙ୍କା ଦେଖାଦେଇଛି । ଯାହାକୁ ନେଇ ଆଜି ନିଆଳି ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା ଙ୍କ ସରକାରୀ ବାସଭବନ ରେ ଏକ ସାମ୍ବାଦିକ ସମ୍ମିଳନୀ କରି ଉକ୍ତ ପ୍ରକଳ୍ପ କୁ ବିରୋଧ କରିବା ସହ ଏକ କମିଟି ଗଠନ କରି ପ୍ରଭାବିତ ହେବାର ଆଶଙ୍କା ଥିବା ଗ୍ରାମ ଗୁଡିକୁ ଯାଇ ସ୍ଥାନୀୟ ଲୋକ ମାନଙ୍କ ମତାମତ ଆଣି ଆଗାମୀ ରଣନୀତି ଅବଲମ୍ବନ କରିବା ନେଇ ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ପକ୍ଷରୁ ସ୍ପଷ୍ଟ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀ ରେ ବିଜେଡି ନେତା ଅଭିମନ୍ୟୁ ମଲିକ ଦରକାର ପଡିଲେ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

# ସ୍ୱତନ୍ତ୍ର ସମିତି ବୈଠକକୁ ସାମୂହିକ ବର୍ଜନ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ଅଧକ୍ଷାଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ଉପରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ପ୍ରଶାସନ ତରଫରୁ ଡକାଯାଇଥିବା ସ୍ୱତନ୍ତ୍ର ସମିତି ବୈଠକକୁ ସମସ୍ତ ଜନପ୍ରତିନିଧି ବର୍ଜନ କରିଛନ୍ତି । ବ୍ଲକର ୮ଟି ପଞ୍ଚାୟତର ୭ ସମିତି ସଦସ୍ୟ ଓ ୬ ସରପଞ୍ଚଙ୍କ ସମେତ ଅଞ୍ଚଳବାସୀ ଏକାଠି ହୋଇ ବ୍ଲକ ଆଗରେ ନାରାବାଜି ଦେବା ସହ ଅଧକ୍ଷାଙ୍କୁ ବହିଷ୍କାର କରିବାକୁ ଦାବି କରିଛନ୍ତି । ଜନପ୍ରତିନିଧିଙ୍କ ଅଭିଯୋଗ ପ୍ରକାରେ ବ୍ଲକ ଅଧକ୍ଷା ଯମୁନା ମୂଷାକି ତୃଣମୂଳ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଦେଖାଇବା ସହ ଉନ୍ନୟନ କାର୍ଯ୍ୟକୁ ଠିକାଦାରଙ୍କୁ ବିକ୍ରି କରୁଛନ୍ତି । ଠିକାଦାରଙ୍କ ପାଖରୁ ଅଗ୍ରୀମ ଭାବେ ଟଙ୍କା ନିଆଯାଉଛି । ଟଙ୍କା ନଦେଲେ ବିଲ୍ କିମ୍ବା ଫାଇଲ୍‌ରେ ଦସ୍ତଖସ୍ତ ଦେଉନାହାନ୍ତି । ମାସ ମାସ ଧରି ଫାଇଲ ଗୁଡ଼ିକ ନିଜ ପାଖରେ ରଖୁଛନ୍ତି । ଅଧକ୍ଷାଙ୍କ ଏଭଳି କାର୍ଯ୍ୟକୁ ନେଇ ଦୀର୍ଘଦିନ ହେଲା ଅସନ୍ତୋଷ ଲାଗି ରହିଥିଲା । ଗତ ଏପ୍ରିଲରେ ଉପଜିଲ୍ଲାପାଳଙ୍କ ନିକଟରେ ଅଧକ୍ଷାଙ୍କ ବିରୋଧରେ ସମସ୍ତ ଜନପ୍ରତିନିଧି ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଉପଜିଲ୍ଲାପାଳ ଅଭିଯୋଗ ପତ୍ର ଗ୍ରହଣ କରି ପଦକ୍ଷେପ ନେବେବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହାକୁ ଅଣଦେଖା କରିଥିଲେ । ରାଜ୍ୟ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶାର ଆର୍ଥିକ ବଜେଟ ପାଇଁ ସ୍ୱତନ୍ତ୍ର ବୈଠକ ଡକାଯାଇଥିଲା । ଏହାକୁ ସମସ୍ତେ ବର୍ଜନ କରିଥିଲେ । ଆଜି ଏହି କାର୍ଯ୍ୟକ୍ରମରେ ଉପାଧକ୍ଷ କଲ୍ୟାଣ ବିଶ୍ୱାସ, ସ୍ଥାନୀୟ ସରପଞ୍ଚ ଗଙ୍ଗା କାରାମ, ସମିତି ସଭ୍ୟା ପୂର୍ଣ୍ଣିମା ମଧୁ, ଉଣ୍ଡୁରୁ କୋଣ୍ଡା ସରପଞ୍ଚ କାନନ ବେଜ, ସମିତିସଭ୍ୟା ଗାୟତ୍ରୀ ମାଡକାମୀ, ସରପଞ୍ଚ ସିଙ୍ଗା ମାଡକାମୀ, ଚନ୍ଦ୍ର ପଡିଆମୀ, ସରପଞ୍ଚ ଲଛମଣ ମାଡକାମୀ, ଆକାଶ କୋଡ଼ି, ଦେବେ ମାଡ଼ି, ସରପଞ୍ଚ ମେଡ଼ା ବାଗମ, ନନ୍ଦା ମାଡକାମୀ, ସରିତା କୁଞ୍ଜ, ବିଜେଡି ବ୍ଲକ ସଭାପତି ସିଏଚ ରବିଟ୍ କୁମାର, ଉପ ସଭାପତି ସୁବାସ ଭୌମିକ, ଏମ୍.ରବି ମାଡ୍ରୀ, ଅଞ୍ଜନ ବିଶ୍ୱାସ, ବିଶ୍ୱଜିତ ବିଶ୍ୱାସ, ଏମ୍. ସାମସନ, ଇନ୍ଦ୍ରଜିତ ମଧୁ, ଆନ୍ଦା ମାଡ଼ି, ଶଙ୍କର ଶ୍ରୀନୁ, ବୁଦ୍ଧିମତୀ ରାୟ, ବି.ରମେଶ, ସିଏଚ ସୁନ୍ଦର ରାଓ, ଏନ୍.ସାବନ, ଟି.ଅରୁନ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସାମ୍ବାଦିକ ସଂଘ ପକ୍ଷରୁ ସ୍ମାରକପତ୍ର

କୋରାପୁଟ(ଭାସ୍କର ନ୍ୟୁଜ୍): ଓୟୁଜେ ଅନୁବନ୍ଧିତ କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶଶଧର ରାଉତଙ୍କ ନେତୃତ୍ୱରେ ଗୋଟିଏ ଟିମ୍ ଜିଲ୍ଲାପାଳ ଭି .କୀର୍ତି ଭାସନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସାମ୍ବାଦିକଙ୍କୁ ସୁରକ୍ଷା ଦାବିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର କୁଲଥିପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି । କିନ୍ତୁ ପଡୋଶୀ ରାଜ୍ୟ ଛତିଶଗଡ ଭଳି ଆଖିଦୃଶିଆ କାର୍ଯ୍ୟନୁଷ୍ଠାନ ହୋଇପାରିନାହିଁ । ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଂଚାରେ ଓଡିଶାରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ହୋଇଛି । ଅନ୍ୟ ରାଜ୍ୟଭଳି ସାମ୍ବାଦିକଙ୍କୁ ପେନସନ, ୧୬ବର୍ଷ ଧରି ଶୀତଳ ଭଣ୍ଡାରରେ ରହିଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପାମୂଳକ ସହାୟତା ରାଶିର ପରିମାଣକୁ ୮ଲକ୍ଷ ଟଙ୍କାକୁ ବୃଦ୍ଧି , ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି ସହ ବୀମାରେ ବାପା, ମାଁଙ୍କୁ ସାମିଲ କରିବା ଆଦି ଦାବି ରହିଛି । ଜୁନ ୧୨ତାରିଖ ପୂର୍ବରୁ ଦାବି ପୂରଣ କରିବାକୁ ନିବେଦନ କରାଯାଇଛି । ଏହି ଅବସରରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋରାପୁଟ ସଦର ସଂଯୋଜକ ସୌମ୍ୟରଞ୍ଜନ ସାହୁ, ମନୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବଡ଼ଚଣାରେ ମାଟି କାମୁଡିଛି ଶିକ୍ଷା ବିଭାଗ

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡଚଣା ବ୍ଲକ ହାଇସ୍କୁଲ ପରୀକ୍ଷାରେ ଅତି ନିମ୍ନ ମାନର ପ୍ରଦର୍ଶନ ନେଇ ବଡଚଣା ବ୍ଲକ ସଭା ଗୃହରେ ଗୁରୁବାର ଦିନ ଯାଜପୁର ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥଲା ।ଏହି ବ୍ଲକର ୬୧ ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ବୈଠକରେ ଯୋଗ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଧାୟକ ଅମର କୁମାର ନାୟକ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିଥିଲେ ।ଚଳିତ ବର୍ଷ ବ୍ଲକରୁ ସର୍ବ ମୋଟ ୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଏ–୧ ଗ୍ରେଡ ପାଇଥିଲେ ଯାହାକି ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଛାତ୍ରୀ । ତେଣୁ ସରକାରୀ ବିଦ୍ୟାଳୟ ଗୁଡିକ କାହିଁକି ଏତେ ପଛରେ ରହିଛି ସେ ନେଇ ବିଧାୟକ ଆଲୋଚନା କରିବା ସହ ସମସ୍ୟା ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା କରିଥିଲେ । ଏହି ବୈଠକରେ ବିଧାୟକଙ୍କ ସହିତ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ, ବଡଚଣା ମଣ୍ଡଳ ଉନ୍ନୟନ ଅଧିକାରୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ ।ବଡଚଣା ବ୍ଲକର ସମସ୍ତ ସରକାରୀ ହାଇସ୍କୁଲର ମୌଳିକ ସମସ୍ୟା, ଭିତ୍ତିଭୂମିର ବିକାଶ, ଶ୍ରେଣୀ ଗୃହର ଉନ୍ନତି କରଣ ଓ ଚଳିତ ବର୍ଷରେ ଛାତ୍ରଛାତ୍ରୀଙ୍କ ସଫଳତା ଓ ବିଫଳତା ଉପରେ ତର୍ଜମା କରାଯାଇଥିଲା ।ଏଥି ସହିତ ହାଇସ୍କୁଲ ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ସମସ୍ୟା କିପରି ସମାଧାନ ହୋଇ ପାରିବ ସେଥିନେଇ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ ବୋଲି ବିଧାୟକ ବକ୍ତବ୍ୟ ଛଳରେ କହିଥିଲେ ।ଏବେ ଯେ କୌଣସି ବିଦ୍ୟାଳୟକୁ ଦେଖିଲେ ଏହା ମହାବିଦ୍ୟାଳୟର ଭ୍ରମ ସୃଷ୍ଟି କରୁଛି ।ପ୍ରତି ବିଦ୍ୟାଳୟର ପରିପାଟି,ଭିତ୍ତିଭୂମି ସହିତ ଆବଶ୍ୟକ ଠାରୁ ଅଧିକ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ ଓ ସ୍ମାର୍ଟ କ୍ଲାସ ରୁମ ରହିଛି ।ସ୍ମାର୍ଟ କ୍ଲାସ ରୁମ୍ ଅଛି ସତ୍ୟ ବୋଧହୁଏ ସ୍ମାର୍ଟ ଶିକ୍ଷକ, ସ୍ମାର୍ଟ ଶିକ୍ଷାଦାନ ଓ ସ୍ମାର୍ଟ ଶୈକ୍ଷିକ ପରିବେଶର ଅଭାବ ହେତୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର ଫଳାଫଳ ବଡଚଣାରେ ମାଟି କାମୁଡ଼ିଲା । ଫଳାଫଳ ଉନ୍ନତ ମାନର ହୋଇଥିଲେ ସମସ୍ତ ବାହାଦୁରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଖକୁ ଯାଇଥାନ୍ତା ।ଖରାପ ହୋଇଛି ଏବେ ଏହାର ଶ୍ରେୟ କାହା ପାଖକୁ ଯିବ, ତାହା ମଧ ବିଚାର କରିବା ଉଚିତ ।ବଡଚଣାରେ ଶିକ୍ଷାଦାନ ପାଇଁ କେଉଁଥିରେ ଅଭାବ ରହିଲା ଯାହା ଫଳରେ କି ଶିକ୍ଷା ବିଭାଗ ତାସ ଘର ପରି ଭୁଶୁଡି ପଡିଲା ।ଏବେ ଠାରୁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜକୁ ସଜାଡି ନେଇ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଜୀବନ ସଜାଡ଼ିବାରେ ସହାୟକ ହୁଅନ୍ତୁ ନ ହେଲେ କିଛିଦିନ ପରେ ଛାତ୍ରଛାତ୍ରୀ ମାନେ ସରକାରୀ ହାଇସ୍କୁଲରେ ନାମ ଲେଖାଇବା ପାଇଁ ଭୁଲି ଯିବେ ।ବେଳହୁଁ ସାବଧାନ ।

## ବଜ୍ରପାତରେ ଜଣେ ମୃତ, ୩ ଆହତ

ଚିକିଟି(ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କେ. ନୂଆଗାଁ ଥାନା ଅଧିନସ୍ଥ ଚାନ୍ଦପୁରରେ ଘଟିଛି ଅଘଟଣ । ସୂଚନା ପ୍ରକାରେ ଆଜି ଅପରାହ୍ନ ରେ ଚାନ୍ଦପୁର ପଞ୍ଚାୟତ ହରିପୁର ଗ୍ରାମର ଶିବ ପାଇକ (୫୭)ଗଣପତି ନାଇକ,ମଲି ଗୌଡ଼, ଡଲି କନିଆରି ନିଜର ଛେଳି ଚରାଉଥିବା ବେଳେ ହଠାତ୍ ଭୀଷଣ ବର୍ଷା ଆସିଥିଲା । ବର୍ଷା ଦାଉରୁ ରକ୍ଷା ପାଇବା ସକାଶେ ଗ୍ରାମଭିମୁଖୀ ହେଉଥିବା ବେଳେ ହଠାତ୍ ବଜ୍ରଘାତ ଘଟିଥିଲା । ଏହି ବଜ୍ରାଘାତରେ ଶିବ ପାଇକ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ ଏବଂ ଅନ୍ୟ ତିନିଜଣ ଆହତ ହୋଇଥିଲେ । ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇ ଥିବାବେଳେ,ମୃତକ ଶିବର ଶବ ଚାନ୍ଦପୁର ଫାଣ୍ଡି ପୋଲିସ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିଲେ । ଏପଟେ ଖବର ପାଇ ସ୍ଥାନୀୟ ତହସିଲଦାର ବିଶ୍ୱରଞ୍ଜନ କଁହର ଘଟଣା ସ୍ଥଳରେ ପହଂଚି ଅନୁଧ୍ୟାନ କରି ସବିଶେଷ ବିବରଣୀ ପ୍ରଦାନ କରିଥିଲେ ।

## କୋରୁକୋଣ୍ଡା ସାଂସଦ ପ୍ରତିନିଧି ହେଲେ ଅକ୍ଷୟ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ହେଲେ ଅକ୍ଷୟ କୁମାର ବିଶ୍ୱାଳ ।ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ କୋରୁକୋଣ୍ଡା ବ୍ଲକରେ ନିଜ ପ୍ରତିନିଧି ଭାବେ ଶ୍ରୀ ଅକ୍ଷୟଙ୍କୁ ମନୋନୀତ କରିଛନ୍ତି ।ଶ୍ରୀ ଅକ୍ଷୟ ବହୁତ ଦିନ ଧରି ବିଜେପିର ଜିଲ୍ଲା ସ୍ତରୀୟ ପଦ ପଦବୀ ରହି ଆସୁଛନ୍ତି ।ଆଜି ମାଲକାନଗିରି ଜିଲ୍ଲା ଭାରତୀୟ ଜନତା ପାର୍ଟ ସଭାପତି ଅଶୋକ କୁମାର ପରିଡ଼ା, ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ କୁମାର ସରକାର, ପୂର୍ବତନ ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତି,ପୂର୍ବତନ ବ୍ଲକ ଅଧକ୍ଷା ସାବିତ୍ରୀ ପଡିଆମୀ, ବାଲିମେଳା ନଗର ସଭାପତି ସୀମାଞ୍ଚଳ ପ୍ରଧାନ, ଏସ. ମହେଶ୍ୱର,ସୁବାଷ ପଡିଆମୀ, ସୁଧାଂଶୁ ଶେଖର ପାଢ଼ୀ ଉପସ୍ଥିତରେ କୋରୁକୋଣ୍ଡା ବ୍ଲକ ବିଡ଼ିଓ ଅମୂଲ୍ୟ କୁମାର ସାହୁଙ୍କୁ ମନୋନୀତ ପତ୍ର ପ୍ରଦାନ କରାଯାଇଥିଲା ।ଆଜିଠୁ ଶ୍ରୀ ଅକ୍ଷୟ ସାଂସଦଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ ।ଅକ୍ଷୟ କୁମାର ବିଶ୍ୱାଳ ଏହି ପଦ ପାଇବା ପରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କୁ ଧନ୍ୟବାଦ ଦେବା ସହ ଦେଇଥିବା ଦାଇତ୍ୱ ସୁଚାରୁ ରୁପେ ତୁଲେଇବି ଓ ଲୋକଙ୍କ ପାଇଁ ସେବା କରିବି ।ଏଥି ସହିତ ଖବର ପ୍ରକାଶିତ ହେବ ପରେ ବ୍ଲକର ଖୁସିର ଲହରୀ ଖେଳିଯାଇଛି ।

## ଜିଲ୍ଲା ଦକ୍ଷତା ବିକାଶ ନିଯୋଜନ ଅଧିକାରୀଙ୍କ ଯୋଗଦାନ

ମାଲକାନଗିରି,(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ନୂତନ ଭାବେ ଜିଲା ଦକ୍ଷତା ବିକାଶ ଓ ଜିଲ୍ଲା ନିୟୋଜନ ଅଧୀକାରୀ ଭାବେ ଗୁପ୍ତ ମାଢ଼ି ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ମାଢିଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରିଥିବାବେଳେ ପୂର୍ବତନ ନିୟୋଜନ ଅଧୀକାରୀ ମନସ୍ୱି ସେଠୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି । ଏହି ଅବସରରେ ନୂଆ ଅଧୀକାରୀ ଶ୍ରୀ ମାଢି କହିଛନ୍ତି, ପୂର୍ବତନ ଅଧିକାରୀ ସେଠୀ ଜିଲ୍ଲାରେ ଦକ୍ଷତା ବିକାଶ ଏବଂ ନିୟୋଜନ ସମ୍ବନ୍ଧରେ ଯେଉଁ ସବୁ କାର୍ଯ୍ୟ କରିଥିଲେ ତାହା ନିଶ୍ଚିତ ଭାବେ ଜିଲ୍ଲା ପାଇଁ ପ୍ରଶଂସନୀୟ । ତାଙ୍କ କାର୍ଯ୍ୟକଳାପକୁ ଅନୁସରଣ କରି ମାଲକାନଗିରି ଜିଲାରେ ଯୁବଗୋଷ୍ଠୀ କିପରି ଦକ୍ଷତା ବିକାଶରେ ଆଗକୁ ବଢିବେ ଏବଂ ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତି ପାଇବେ ସେଥିପାଇଁ ମୋର ଚେଷ୍ଟା ବଜାୟ ରଖିବି । ପ୍ରକାଶଥାଉ କି ପୂର୍ବତନ ନିୟୋଜନ ଅଧିକାରୀ ସେଠୀଙ୍କୁ ନୟାଗଡ ଜିଲ୍ଲା ନିୟୋଜନ ଅଧିକାରୀ ଭାବେ ବଦଳି କରାଯାଇଛି ।

# ତଞ୍ଚକତା କରି ଲୁଟିନେଲେ ଟଙ୍କା

## କିସ୍ତି ପାଇଁ ସଂସ୍ଥା କରୁଛି ଜୁଲମ, ହରଡ଼ଘଣାରେ ମହିଳା

କଣ୍ଟାପଡା(ଭାସ୍କର ନ୍ୟୁଜ): ଗୋବିନ୍ଦ ପୁର ଥାନା ଅଧିନସ୍ଥ ବ୍ରାହ୍ମଣ ସାଇଲୋ ପଂଚାୟତ ଧାନମଣ୍ଡଳ ଗ୍ରାମର ଆଶା ବେହେରା (୩୬) । ନିଆଳିରେ ଥିବା ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଆରୋଣରୁ ୭୫ ହଜାର ଟଙ୍କା ଋଣ ଆଣିଥିଲେ । କିସ୍ତି ଠିକ ଠାକରେ ଦେଉଥିବା ବେଳେ ଏକ କାଳୀନ ୫୫ ହଜାର ୮ ଶହ ଟଙ୍କା ଉକ୍ତ ସଂସ୍ଥାର କର୍ମଚାରୀ ଭକ୍ତ ଚରଣ ପରିଡାଙ୍କୁ ଦେଇଥିଲେ । ଶ୍ରୀ ପରିଡା ତଞ୍ଚକତା କରି ନକଲି ମନି ରିସିଡ୍ କରି ସଂସ୍ଥାର ଲୋଗୋ ଲଗାଇ ମହିଳାଙ୍କୁ ଧରାଇ ଦେଇଥିଲେ । ସଂସ୍ଥା ଛାଡି ସମ୍ପୃକ୍ତ କର୍ମଚାରୀ ଫେରାର ହୋଇଯାଇଥିବା ବେଳେ ଏବେ ସଂସ୍ଥାର ଅନ୍ୟ କର୍ମଚାରୀ ମାନେ ମହିଳାଙ୍କ ଘରେ ପହଂଚି କିସ୍ତି ନେବା ପାଇଁ ଜୁଲମ କରୁଛନ୍ତି । ସୁଝିଥିବା ଟଙ୍କାର ରସିଦ ଦେଖାଇବାରୁ ଏହା ନକଲି ବୋଲି ଜଣାପଡିଥିଲା । ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଚମ୍ପଟ ମାରିଥିବାରୁ ମହିଳା ଜଣଙ୍କ ବାଧ ହୋଇ ଗୋବିନ୍ଦ ପୁର ଥାନାରେ ଟଙ୍କା ନେଇଥିବା ସମ୍ପୃକ୍ତ ସଂସ୍ଥାର କର୍ମଚାରୀ ଭକ୍ତ ଚରଣ ପରିଡାଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି ମହିଳା । ଗୋବିନ୍ଦପୁର ପୋଲିସ ଉକ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଉଛି ନା ଘଟଣାକୁ ଚାପି ଦେଉଛି, ତାହାକୁ ନେଇ ମହିଳାଙ୍କ ପରିବାର ଲୋକ ଆଶଙ୍କାରେ ରହିଛନ୍ତି ।

## ବୁର୍ଲା ପୋଲିସ ଷ୍ଟେସନର ନୂତନ ଭବନ ଲୋକାର୍ପିତ




ସମ୍ବଲପୁର(ଭାସ୍କର ନ୍ୟୁଜ୍): ବୁର୍ଲା ପୋଲିସ ଷ୍ଟେସନର ନୂତନ ଭବନ ଲୋକାର୍ପଣ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଏହି ଅବସରରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖଙ୍କ ଉପସ୍ଥିତ ଥିବାବେଳେ ବୁର୍ଲାସ୍ଥିତ ପୋଲିସ ଷ୍ଟେସନର ନୂତନ କୋଠା ଲୋକାର୍ପଣ କରିଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର । ଏହି ନୂତନ କୋଠା ନିର୍ମାଣ କାର୍ଯ୍ୟ ସଂପନ୍ନ ହେବା ସହ ହସ୍ତାନ୍ତର କରିବାପରେ ଲୋକାର୍ପଣ କାର୍ଯ୍ୟ ହୋଇଥିଲା ।

## ନୂତନ ନିର୍ବାହୀ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ କାଉନସିଲ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କୋରାପୁଟ ପୌର ପରିଷଦ ସଭାଗୃହ ଠାରେ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛା ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ କୋରାପୁଟ ପୌର ପରିଷଦ ଉପାଧ୍ୟକ୍ଷା ସବିତା ପଣ୍ଡା, ସହକାରୀ ଯନ୍ତ୍ରୀ ମନୋଜ ପାତ୍ରଙ୍କ ସହ କାଉନସିଲର ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ?

ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ବାଳିକା ଶିକ୍ଷା ହାରକୁ ବୃଦ୍ଧି କରିବା ପାଇଁ ବଲାଙ୍ଗୀରରେ ସ୍ଥାପିତ ହୋଇଛି ମହିଳା ମହାବିଦ୍ୟାଳୟ । ପ୍ରତିବର୍ଷ ହଜାର ହଜାର ଛାତ୍ରୀ ଅଧ୍ୟୟନ କରିବା ପାଇଁ ଆଡ଼ମିଶନ ମଧ କରୁଛନ୍ତି । କେବଳ ମହିଳାମାନଙ୍କର ପାଇଁ ଶିକ୍ଷା ବ୍ୟବସ୍ଥା ଥିବାରୁ ଏବଂ ସୁରକ୍ଷା ଦୃଷ୍ଟିରୁ ଅଭିଭାବକମାନେ ମଧ ମହିଳା ମହାବିଦ୍ୟାଳୟରେ ନିଜର ଝିଅର ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । କିନ୍ତୁ ବଲାଙ୍ଗୀର ସ୍ଥିତ ମହିଳା ମହାବିଦ୍ୟାଳୟକୁ ଲାଗି ରହିଛି ବ୍ୟାୟାମ କରିବା ପାଇଁ ବିଭିନ୍ନ ଉପକରଣ । ଯାହାଦ୍ୱାରା ପ୍ରତିଦିନ ସକାଳ ଏବଂ ସନ୍ଧ୍ୟା ସମୟରେ ମହାବିଦ୍ୟାଳୟ ନିକଟରେ ଯୁବଗୋଷ୍ଠୀର ଭିଡ଼ ଲାଗି ରହୁଛି । ମହିଳା ମହାବିଦ୍ୟାଳୟକୁ ଲାଗି ବ୍ୟାୟାମ କରିବା ପାଇଁ ଉପକରଣ ଲଗେଇବା ବ୍ୟବସ୍ଥାକୁ ଅଭିଭାବକ ମହଲ ସହଜରେ ଗ୍ରହଣ କରି ପାରୁନାହାନ୍ତି । ସୂଚନାଥାଉ କି ମହିଳା ମହାବିଦ୍ୟାଳୟକୁ ଲାଗି ରହିଛି ଛାତ୍ରୀନିବାସ । ତେଣୁ ଛାତ୍ରୀମାନଙ୍କର ସୁରକ୍ଷା ଦୃଷ୍ଟିରୁ ମହା ବିଦ୍ୟାଳୟକୁ ଲାଗି ବ୍ୟାୟାମ ଉପକରଣ ଲଗାଇବା ଏ କେତେଦୂର ଯୁକ୍ତିଯୁକ୍ତ, ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ପୌର ପରିଷଦର ଏଭଳି ବେପରୁଆ କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ମଧ ନିନ୍ଦା କରାଯାଉଛି । ସ୍ଥାନୀୟ ପୌର ପରିଷଦ ଏ ଦିଗରେ ତତ୍ପର ହୋଇ ବ୍ୟାୟାମ ଉପକରଣ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତରୀତ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

# ପାରମ୍ପରିକ ଖାଦ୍ୟ ପୂରନୀକନ୍ଦାର ବଢୁଛି ଆଦର



ବୌଦ୍ଧ (ଭାସ୍କର ନ୍ୟୁଜ): ପଦ୍ମ ଫୁଲ ଏକ ଜଳଜ ଉଭିଦ ହୋଇଥିବା ବେଳେ, ଏହାର ଯେଉଁ ଅଂଶ ମାଟି ଭିତରେ ଥାଏ ତାହାକୁ ପୂରନୀକନ୍ଦା କୁହାଯାଏ । ଗ୍ରୀଷ୍ମ ଋତୁରେ ଯେଉଁ ପଦ୍ମ ପୋଖରୀ ଶୁଖିଯାଏ, ସେଠାରେ ମାଟି ଖୋଳି ଏହାକୁ ସଂଗ୍ରହ କରାଯାଏ । ପ୍ରାୟ ଏକ ଇଞ୍ଚରୁ ଦେଢ଼ ଇଞ୍ଚ ବ୍ୟାସ ବିଶିଷ୍ଟ ଟ୍ୟୁବ ଆକୃତିର ଇଷତ୍ ମାଟିଆ ରଙ୍ଗର ଏହି ଲମ୍ବାଳିଆ ପଦାର୍ଥକୁ ଖାଦ୍ୟ ରୂପରେ ମଧ ବ୍ୟବହାର କରାଯାଏ । କିଛି ଲୋକ ଏହାକୁ କଞ୍ଚାରେ ଚୋବେଇ ଖାଆନ୍ତି ଏବଂ ଖରାଦିନେ ଏହାଦ୍ୱାରା ପେଟ ଥଣ୍ଡା ରହେ ବୋଲି ବିଶ୍ୱାସ କରାଯାଏ । ସ୍ଥାନୀୟ ବଜାରରେ ପ୍ରାୟ ୧ ଫୁଟ ଲମ୍ବର ୬ ରୁ ୭ ଖଣ୍ଡ ପୂରନୀ କନ୍ଦା ବିଡା ପ୍ରତି ୧୦ ରୁ ୨୦ ଟଙ୍କାରେ ବିକ୍ରି ହୁଏ । ପଡୋଶୀ ଜିଲ୍ଲାକୁ ମଧ ସ୍ଥାନୀୟ ବଜାରରୁ ପୂରନୀ କନ୍ଦା ଯୋଗାଣ କରାଯାଏ । ଗ୍ରୀଷ୍ମ ଋତୁର ଆରମ୍ଭରେ ଗାଡ଼ିଆ, ପୋଖରୀର ପାଣି ଶୁଖିଯିବା ପରେ ଏହା ମିଳିବା ଆରମ୍ଭ ହୋଇଥାଏ ଏବଂ ଗ୍ରୀଷ୍ମ ଋତୁର ଶେଷ ଆଡକୁ ଏହା ଅପେକ୍ଷାକୃତ ଅଧିକ ପରିମାଣରେ ମିଳିଥାଏ । ତେବେ ପୂରନୀ କନ୍ଦା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର କୌଶଳର ଆବଶ୍ୟକତା ରହିଥାଏ । ପଦ୍ମ ପୋଖରୀ ଶୁଖିଯିବାପରେ କୁଶଳୀ ଲୋକେ ମାଟି ଭିତରୁ ଏହାକୁ ଖୋଳି ବାହାର କରନ୍ତି । ତାପରେ ଭଲ ଭାବେ ଧୋଇ ନିର୍ଦ୍ଦିଷ୍ଟ ଦୈର୍ଘ୍ୟରେ କାଟି ବିଡା ବାନ୍ଧି ସ୍ଥାନୀୟ ବଜାରରେ ବିକ୍ରି କରନ୍ତି । ଏହା ଏକ ପାରମ୍ପରିକ ଜୈବିକ ଖାଦ୍ୟ ହୋଇଥିବା ବେଳେ ବ୍ୟବସାୟିକ ଭାବେ ଏହାର ଉତ୍ପାଦନ ହୁଏ ନାହିଁ । ସମ୍ପୂର୍ଣ୍ଣ ପ୍ରାକୃତିକ ଢଙ୍ଗରେ ସୃଷ୍ଟି ହେଉଥିବା ଏହି ଋତୁକାଳୀନ ଖାଦ୍ୟ କୃତ୍ରିମ ରାସାୟନିକ ପଦାର୍ଥ ସଂସ୍ପର୍ଶରେ ପ୍ରାୟତଃ ଆସିନଥାଏ । ଏହାର ଲଭ୍ୟତା ବହୁତ କମ ଥିବା ସ୍ଥଳେ ଏହାର ବ୍ୟଞ୍ଜନ କୌଣସି ହୋଟେଲ୍ ବା ରେଷ୍ଟୋରାଣ୍ଟରେ ମିଳେନାହିଁ । ଦେଶୀ ତଥା ସୌଖିନ ଖାଦ୍ୟ ପ୍ରିୟ ଲୋକେ ଏହାକୁ ରୋଷେଇ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭାବେ ମୁଖ୍ୟ ଖାଦ୍ୟ ସହିତ ଗ୍ରହଣ କରିଥାନ୍ତି । ସ୍ଥଳ ବିଶେଷରେ ଯଦିଓ ଏହାକୁ ଘାଣ୍ଟ ତରକାରୀ ବା ଦେଶୀ ମୁଗଡାଲିରେ ବ୍ୟବହାର କରାଯାଏ ।ତଥାପି ଅଧିକାଂଶ ଲୋକ ପୂରନୀ କନ୍ଦା ଭଜା ଖାଇବାକୁ ବିଶେଷ ପସନ୍ଦ କରିଥାନ୍ତି । ଗୋଲାକାର ଆକୃତିରେ ଛୋଟ ଛୋଟ କଟାଯାଇଥିବା ପୂରନୀ କନ୍ଦାକୁ ପତଳା ପିଠଉ ଗୋଳେଇ ତାୱାରେ ଅନ୍ୟ ଭଜା ଭଳି ଘରେ ରୋଷେଇ କରି ଏହାକି ଖିଆଯାଏ । ବର୍ତ୍ତମାନ ଜୈବିକ ଏବଂ ପାରମ୍ପରିକ ଖାଦ୍ୟ ପ୍ରତି ଲୋକଙ୍କ ରୁଚି ବଢୁଥିବା ବେଳେ ପୂରନୀ କନ୍ଦା ପ୍ରତି ମଧ ଲୋକଙ୍କ ଆଦର ଢେର ବଢୁଥିବା ପରିଲକ୍ଷିତ ହେଉଛି ।

## ଗ୍ରୀଷ୍ମକାଳୀନ ସହାୟତାରୁ ବଞ୍ଚିତ ହିତାଧିକାରୀ

ଧାମନଗର(ଭାସ୍କର ନ୍ୟୁଜ): ଧାମନଗର ବ୍ଲକର ୩୧ ପଞ୍ଚାୟତରେ ଭତ୍ତା ହିତାଧିକାରୀ ଗ୍ରୀଷ୍ମ କାଳୀନ ୪ ଶହ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭତ୍ତା ହିତାଧିକାରୀ ଏହି ଟଙ୍କାରେ ଜୋତା ଓ ଛତା କିଣି ବ୍ୟବହାର କରିବେ । ହେଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମିଳୁଥିବା ଭତ୍ତା ହିତାଧିକାରୀ ଏହି ୪ଶହ ଟଙ୍କାରୁ ବଞ୍ଚିତ ହୋଇଛନ୍ତି । ତେବେ ମେ' ମାସରେ ଏହି ହିତାଧିକାରୀଙ୍କୁ ସରକାରଙ୍କ ଦ୍ୱାରା ଏକ ହଜାର ସମେତ ଗ୍ରୀଷ୍ମ କାଳୀନ ସହାୟତା ୪ଶହ ଟଙ୍କା ମିଶାଇ ମୋଟ ୧୪୦୦ ଟଙ୍କା ପ୍ରଦାନ କରାଯିବା କଥା । ହେଲେ ଏହି ରାଶି ହାତାହାତି ଭତ୍ତା ହିତା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଭତ୍ତା ଧାରି ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିଣ୍ଡାଙ୍କୁ ପଚାରିବାରୁ କୁହନ୍ତି ହାତାହାତି ଏକ ହଜାର ଟଙ୍କା ଭତ୍ତା ପ୍ରଦାନ ସମୟରେ ଗ୍ରୀଷ୍ମ କାଳୀନ ସହାୟତା ୪ଶହ ଟଙ୍କା ଆମେ ପ୍ରଦାନ କରିଦେଇଛୁ । ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଖାଲି ଏକ ହଜାର ଭତ୍ତା ଟଙ୍କା ମିଳିଛି । ହେଲେ ୪ଶହ ଟଙ୍କା ମିଳିନାହିଁ । ଏବାବଦରେ ମୁଁ ଜିଲ୍ଲାପାଳଙ୍କୁ ଜଣାଇଦେଇଛି । ଶୀଘ୍ର ସମାଧାନ କରାଯାଇ ପ୍ରଦାନ କରାଯିବ ବୋଲି ଶ୍ରୀ ଦିଣ୍ଡା କହିଛନ୍ତି । ଅନ୍ୟପକ୍ଷେ ସରକାର ଅନଲାଇନ ପ୍ରଣାଳୀ କହୁଛନ୍ତି । ବ୍ୟାଙ୍କରେ ଜିରୋ ଆକାଉଣ୍ଟ ଖାତା ଖୋଲି ଭତ୍ତା ଟଙ୍କା ପ୍ରଦାନ କରିବାକୁ ନିଷ୍ପତି ନେଲେ ହେଲେ ଧାମନଗର ସାମାଜିକ ସୁରକ୍ଷା ଅଧିକାରିଣୀ ଜ୍ୟୋସ୍ନାରାଣୀ ଦାସ ଓ କର୍ମଚାରୀ ଚନ୍ଦନ ମହାପାତ୍ରଙ୍କ ବହୁ ହିତାଧୀକାରୀ ବ୍ୟାଙ୍କ ମାଧ୍ୟମରେ ଭତ୍ତା ନପଠାଇ ଅଫଲାଇନ ମାଧ୍ୟମରେ ଦେବାକୁ ବାଧ କରୁଥିବା ଅଭିଯୋଗ ହେଉଛି । ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ହେଲା ତାହାର ଟଙ୍କା ମଧ ହଡ଼ପ ହେବା ସମ୍ଭାବନା ଅଧିକ ରହିଛି ।

## ଶିବ ପାର୍ବତୀ ବିବାହ ଉତ୍ସବ ପାଳିତ

ପରଜଙ୍ଗ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ମୁକ୍ତାପଶି ମୁକ୍ତେଶ୍ୱର ମନ୍ଦିରରେ ଦେବ ଦମ୍ପତିଙ୍କ ଦଶମ ବାର୍ଷିକ ଶୀତଳଷଷ୍ଠୀ ଅବସରରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ଦିନ ମହା ଆଡମ୍ବରରେ ପାଳିତ ହୋଇଅଛି ।ଏହି ବିବାହ ଉତ୍ସବ ମନ୍ଦିର କମିଟି ସଭାପତି କୀର୍ତନ ଦେହୁରୀ ଓ ସମ୍ପାଦକ ଦୁଷ୍ମନ୍ତ କୁମାର ଦେହୁରୀଙ୍କ ନେତୃତ୍ୱରେ ପାଳନ ହୋଇଅଛି ।ପୂଜକ ଶ୍ରୀକାନ୍ତ ଷଡଙ୍ଗୀ ଙ୍କ ପୂଜାର୍ଚ୍ଚନାରେ ବରପିତା ପଦ୍ମ ଚରଣ ସାହୁ ଓ ମାତା ଗୀତାଞ୍ଜଳି ସାହୁ ରହିଥିବା ବେଳେ, କନ୍ୟା ପିତା ଗିରିଧାରୀ ସାହୁ ଓ ମାତା ମହାଶ୍ୱେତା ସାହୁ କାର୍ଯ୍ୟ ନିର୍ବାହ କରିଥିଲେ । ଅନ୍ୟତମ ସହଯୋଗୀ ଭାବେ ପୂଜାର୍ଚ୍ଚନାରେ ମନ୍ଦିରର ସ୍ଥାୟୀ ପୂଜକ ଭୁବନା ରଣା ଓ ବିନୟ କୁମାର ବାରିକ ସହଯୋଗ କରିଥିଲେ ।ଗ୍ରାମର ପୁରୁଷ ଓ ମହିଳା ନାମ ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟ ବାଦ୍ୟ ଓ ହରିବୋଲ ହୁଳହୁଳିରେ ମନ୍ଦିର ପ୍ରାଙ୍ଗଣ ଆଧାତ୍ମିକ ପରିବେଶରେ କମ୍ପି ଉଠିଥିଲା ।



କଟକ(ଭାସ୍କର ନ୍ୟୁଜ୍): ବର୍ଷାଋତୁ ସମୟରେ କଟକ ସହରରେ କୃତ୍ରିମ ଜଳବନ୍ଦୀ ଓ ଜଳ ନିଷ୍କାସନ ସମସ୍ୟାକୁ ଦୃଷ୍ଟିରେ ରଖି ଆଜି ସକାଳେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ବା ପରମେଶ୍ୱରମ କଟକ ମହାନଗର ନିଗମର ଅଧିକାରୀ ଓ ଯନ୍ତ୍ରୀ ମାନଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ତ୍ୱରିତ ସଫେଇ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପରିଦର୍ଶନ ସମୟରେ ରାଜସ୍ୱ ଆୟୁକ୍ତ ବଡ଼ ଡ୍ରେନର ସଫେଇ କାର୍ଯ୍ୟର ଅଗ୍ରଗତି, ସମାଜ କାର୍ଯ୍ୟାଳୟ ନିକଟସ୍ଥ ପଟାପୋଲ ଅଞ୍ଚଳ, ବାରପଥର ଠାରୁ ରାଉସ ପାଟଣା, ଛତ୍ର ବଜାର, ମାତୃ ଭବନ ଆଦି ଶାଖା ସ୍ରୋତ ନାଳ ଗୁଡ଼ିକର ଅବସ୍ଥା, କଲ୍ୟାଣ ନଗରଠାରେ ଏସ୍କାଭେଟର ଜରିଆରେ ସମ୍ପର୍କରେ ସମୀକ୍ଷା କରିଥିଲେ । ଆବଶ୍ୟକସ୍ଥଳେ ଅଧିକ କର୍ମଚାରୀ ଏବଂ ମେସିନ ବ୍ୟବହାର କରି ଯୁଦ୍ଧକାଳୀନ ଭିତିରେ ସଫେଇ କରିବାକୁ ଗୁରୁତ୍ୱ ଦେଇଥିଲେ ।ଏହି ପରିଦର୍ଶନ ସମୟରେ କଟକ ମହାନଗର ନିଗମ ଆୟୁକ୍ତ ଅନାମ ଚରଣ ପାତ୍ର ଉପସ୍ଥିତ ରହି ଛୋଟ ବଡ଼ ନାଳ ଗୁଡ଼ିକରେ ଭରି ରହିଥିବା ଅଳିଆ ଆବର୍ଜନା ଗୁଡ଼ିକ ତୁରନ୍ତ ସଫେଇ ପାଇଁ ନିର୍ଦ୍ଦେଶ ଦେଇଥିଲେ ।

**ବିଶ୍ୱ ତମାଖୁ ନିଷେଧ ଦିବସରେ ହେଲା ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ**

# ତମାଖୁଜନିତ ମୃତ୍ୟୁ ରୋକିବା ପାଇଁ ସଚେତନତା ଜରୁରି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତରେ ପ୍ରାୟ ବର୍ଷକୁ ୧୪ ଲକ୍ଷ ଲୋକ ତମାଖୁ ସେବନ ଯୋଗୁ ଜୀବନ ହରାଉଛନ୍ତି । ପ୍ରତି ବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ । ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ କନଭେନ୍ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି । ଏହି ଅବସରରେ ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୁଦ୍ଧରେ ଆରମ୍ଭ ହେଉଥିବା ସଚେତନତା ଅଭିଯାନରେ ସମସ୍ତେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ନିଶା ନୁହେଁ ଜୀବନକୁ ଆପଣେଇବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ । ସୂଚନାଯୋଗ୍ୟ ଯେ, ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତମାଖୁଜନିତ ମୃତ୍ୟୁକୁ ରୋକିବା ପାଇଁ କେବଳ ଗୋଟିଏ ଉପାୟ ହେଉଛି ସଚେତନତା । ଲୋକମାନେ ଏହାର ଭୟାବହତା ଜାଣିବା ସତ୍ତ୍ୱେ ଏଥିରୁ ଦୂରେଇ ପାରୁନାହାନ୍ତି । ଯଦି ଗୋଟିଏ ବ୍ୟକ୍ତିକୁ ସଚେତନ କରାଇପାରୁଛେ, ତେବେ ଆମେ ତା'ର ଜୀବନ ବଞ୍ଚାଇ ପାରୁଛେ । ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଅବଗତ କରାଇବା ପାଇଁ ଏବଂ ଅପମିଶ୍ରିତ, ବିଶାକ୍ତ ଏବଂ ଚୋରା ମଦ କାରବାର ସମ୍ପୂର୍ଣ୍ଣ ରୋକିବା ପାଇଁ ରାଜ୍ୟବ୍ୟାପୀ ସଚେତନତା ଅଭିଯାନର ଲୋଗୋ, ଟି.ଭି. ସ୍ପଟ୍, ଥିମ୍ ସଙ୍ଗ୍ ଏବଂ ସୂଚନା ପୁସ୍ତିକା ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଆଇନ, ଅବକାରୀ ଏବଂ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଥିଲେ ଯେ, ନିଶା ବ୍ୟବହାରର ଫଳ ହେଉଛି ମୃତ୍ୟୁ । ତେଣୁ ଏଥିପ୍ରତି ସଚେତନତା ବୃଦ୍ଧି କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ସେ କହିଥିଲେ । ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଅଭିଳଷିତ ସମୃଦ୍ଧ ଓ ବିକଶିତ ଓଡିଶାରେ ଯେପରି ନିଶା ନଥିବ ସେଥିପ୍ରତି ଆମେ ଆଜି ସଂକଳ୍ପ ନେବା । ସମାଜରେ ନିଶା ବନ୍ଦ ହେଲେ, ଅପରାଧ ମଧ୍ୟ କମିବ । ତେଣୁ, ନିଶା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ମତ ପ୍ରକାଶ କରିଥିଲେ । ନିଶାମୁକ୍ତି ଅଭିଯାନର ବ୍ରାଣ୍ଡ ଆମ୍ବାସଡର ତଥା ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଘରେ ଘରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । କାର୍ଯ୍ୟକ୍ରମରେ ଅବକାରୀ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓଡିଶା ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।




ଲୋକପ୍ରିୟ ପିଏମ୍‌ଜି ବନ୍ଦେ ମାତରମ୍ ପକ୍ଷରୁ ତମାଖୁ ଛାଡ଼, ଜୀବନ ଗଢ଼ ଉପରେ ସଚେତନତା କାର୍ଯ୍ୟକ୍ରମ

## ରାଜଧାନୀରେ ଗୁଳିକାଣ୍ଡ, ଅଳ୍ପକେ ବର୍ତ୍ତିଲେ ଯୁବକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ଭୁବନେଶ୍ୱରରେ ଶନିବାର ରାତିରେ ଏକ ଗୁଳିକାଣ୍ଡ ଘଟିଛି । ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ପିତାପଲ୍ଲୀ ନିକଟରେ ଏହି ଗୁଳିମାଡ଼ ହୋଇଥିବା ଜଣାପଡିଛି । ଦୁର୍ବୃତ୍ତ ୪ ରାଉଣ୍ଡ ଗୁଳିମାଡ଼ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି । ସୂଚନା ଅନୁସାରେ ରାଜଧାନୀ ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅଧୀନ ପିତାପଲ୍ଲୀ ନିକଟରେ ଜଣେ ଯୁବକଙ୍କୁ ଟାର୍ଗେଟ କରି ଦୁର୍ବୃତ୍ତ ଗୁଳିମାଡ଼ କରିଥିଲା । ଦୁର୍ବୃତ୍ତ ଦ୍ୱାରା ପ୍ରାୟ ୪ରାଉଣ୍ଡ ଗୁଳିମାଡ଼ କରିଥିଲା । କିନ୍ତୁ ଏହି ଗୁଳି ଯୁବକଙ୍କ ଦେହରେ ବାଜି ନଥିଲା । ଫଳରେ ଯୁବକ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି ।

## ବଦଳିବ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ନାମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ଏକ ପ୍ରମୁଖ ଛକ ମାଷ୍ଟରକ୍ୟାଣ୍ଟିନର ନାମ ବଦଳିବ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦିଆଯିବ । ଇଂରେଜ ଅମଳରୁ ଥିବା କିଛି ପ୍ରମୁଖ ସ୍ଥାନର ନାମ ପରିବର୍ତ୍ତନ ହେବ । ଏନେଇ ବିଚାର ବିମର୍ଶ ଚାଲିଥିବା କହିଛନ୍ତି ମନ୍ତ୍ରୀ ।

## ରାଜ୍ୟରେ ୭ କୋଭିଡ୍ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ଏପର୍ଯ୍ୟନ୍ତ ୭ ଜଣ କୋଭିଡ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଉ ଜଣଙ୍କ ଟେଷ୍ଟ ରିପୋର୍ଟ ଏ ପର୍ଯ୍ୟନ୍ତ ଆସିନାହିଁ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ପ୍ରଥମେ ଚିହ୍ନଟ ହୋଇଥିବା ୫ଜଣ କୋଭିଡ୍ ଆକ୍ରାନ୍ତ ଧୀରେ ଧୀରେ ସୁସ୍ଥ ହେଉଛନ୍ତି । ଦେଶରେ କୋଭିଡ ସ୍ଥିତି ତୁଳନାରେ ରାଜ୍ୟର ସ୍ଥିତି ଭଲ ଅଛି । ଏବେ ରାଜ୍ୟରେ ଭୟଭୀତ ହେଲା ଭଳି ସ୍ଥିତି ନାହିଁ । ଆଗକୁ ବର୍ଷା ପାଇଁ ଫ୍ଲୁ ଚ୍ୟାଲେଞ୍ଜ ହେବ । ତେଣୁ ସତର୍କ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ ।

## ରିଲେ ରେସ୍ ମହିଳା ଦଳକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପସ୍‌ରେ ରୌପ୍ୟ ପଦକ ଜିତିଥିବା ମହିଳା ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସ ଜରିଆରେ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ଏସିଆନ୍ ଆଥଲେଟିକ୍ ଚାମ୍ପିଅନସିପସ୍‌ର ମହିଳା ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ରୌପ୍ୟ ପଦକ ଜିତିଥିବା ମହିଳା ଦଳକୁ ମୋର ଶୁଭେଚ୍ଛା । ଦଳରେ ଥିବା ଓଡ଼ିଶା ମାଟିର ସୁକନ୍ୟା ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦଙ୍କୁ ମଧ୍ୟ ହାର୍ଦ୍ଦିକ ଅଭିନନ୍ଦନ । ଏହି ଉପଲବ୍ଧି ଓଡ଼ିଶା ପାଇଁ ନିଶ୍ଚୟ ଗର୍ବ ଓ ଗୌରବର ବିଷୟ । ଆପଣଙ୍କ ପରିଶ୍ରମ, ଅଦମ୍ୟ ଇଚ୍ଛାଶକ୍ତି ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ଆଗାମୀ ପିଢ଼ିକୁ ପ୍ରେରଣା ଦେବ । ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

## ଶୀତଳ ଷଷ୍ଠୀରେ ରାଜ୍ୟପାଳଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟପାଳ ହରିବାବୁ କୁମ୍ଭମପଟି ପବିତ୍ର ଶୀତଳଷଷ୍ଠୀ ତଥା ଭଗବାନ ଶିବ ଓ ମା ପାର୍ବତୀଙ୍କ ବିବାହ ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏଥିସହ ରାଜ୍ୟବାସୀଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିବା ନିମନ୍ତେ ଦେବ ଦମ୍ପତିଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।




ସ୍ୱସ୍ତି ପ୍ରିମିୟମ୍‌ଠାରେ ଆୟୋଜିତ ଅର୍ଗସ ନ୍ୟୁଜ୍ ଚାନେଲ୍ 'ଯୁବ ପ୍ରତିଭା ସମ୍ମାନ'କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

# ମନମୋହନ ସାମଲଙ୍କୁ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଇନଜୀବୀ ମନମୋହନ ସାମଲଙ୍କ ବିରୁଦ୍ଧରେ ଏକ ଅଭିଯୋଗ ପତ୍ର ଆଧାରରେ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଶ୍ରୀ ସାମଲଙ୍କୁ ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ନୋଟିସ୍ ଜାରି କରିଛନ୍ତି । ଅଭିଯୋଗ ପତ୍ରରେ ଦର୍ଶାଯାଇଛି କି ଆଇନଜୀବୀ ଶ୍ରୀ ସାମଲ ୨୦୦୪ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଧାମନଗର ନିର୍ବାଚନ ମଣ୍ଡଳୀରୁ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ଏଥିସହିତ ଉପରୋକ୍ତ ସମୟରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ପଦ ଅଫିସ ଅଫ ପ୍ରଫିଟ୍ ହୋଇଥିବାରୁ ଆଇନଗତ ଭାବେ ଶ୍ରୀ ସାମଲ ତାଙ୍କର ଆଇନଜୀବୀ ରୂପେ ପ୍ରାପ୍ୟ ସନନ୍ଦକୁ ଉପରୋକ୍ତ ସମୟ ପାଇଁ ଆଇନ ବ୍ୟବସାୟରୁ ବିରତ ରହିବା ଏବଂ ମନ୍ତ୍ରୀ ପଦରୁ ଅବ୍ୟାହତି ନେଲା ପରେ ପୁନର୍ବାର ଆଇନଜୀବୀ ପରିଷଦର ଅନୁମତି କ୍ରମେ ଉକ୍ତ ଆଇନ ପେଶାକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତେ । ଏକ ସମୟରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ଯାହା ଏକ ଅଫିସ ଅଫ ପ୍ରଫିଟ ଏବଂ ଓକିଲାତି ପେଶା ଯାହାକି ଏକ ପୂର୍ଣ୍ଣକାଳୀନ ପେଶା ଉଭୟଟିରେ କାର୍ଯ୍ୟରତ ରହିବା ଆଇନଜୀବୀ ଅଧିନିୟମର ବିରୁଦ୍ଧାଚରଣ କରୁଛି ବୋଲି ଆଇନଜୀବୀ ପରିଷଦ ପକ୍ଷରୁ ଦର୍ଶାଯାଇଛି । ଏହି ମର୍ମରେ ଆଡଭୋକେଟ ଅଧିନିୟମର ଧାରା ୩୫ ଅନୁଯାୟୀ ଶୃଙ୍ଖଳାଗତ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେଥିପାଇଁ ଏକ ୧୫ ଦିନିଆ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏଥିସହିତ ମିଥ୍ୟା ସତ୍ୟପାଠ ଦାଖଲ ଦ୍ୱାରା କାହିଁକି ଏକ ଫୌଜଦାରି ମାମଲା ନହେବ ଏବଂ ସେଥିନିମନ୍ତେ କାହିଁକି ଆବଶ୍ୟକ ପଦକ୍ଷେପ ନିଆଯିବ ନାହିଁ ତାହା ଉପରେ ମଧ୍ୟ ସ୍ପଷ୍ଟିକରଣ ମଗାଯାଇଛି ବୋଲି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ।

## ଆଇଆଇଏମ୍‌ସି ଢେଙ୍କାନାଳ ପରିଦର୍ଶନ କଲେ କେନ୍ଦ୍ର ସୂଚନା ଓ ପ୍ରସାରଣ ସଚିବ

ଢେଙ୍କାନାଳ /ଭୁବନେଶ୍ୱର(ଭାସ୍କର ନ୍ୟୁଜ): କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଚିବ ସଂଜୟ ଜାଜୁ ଶନିବାର ଢେଙ୍କାନାଳସ୍ଥିତ ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମସି) କ୍ୟାମ୍ପସ ପରିଦର୍ଶନରେ ଆସି ଏହାର ନବୀକରଣ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ଏହା ସହିତ ସେ ଏହି କ୍ୟାମ୍ପସର ଆଗାମୀ ବିକାଶ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଶ୍ରୀ ଜାଜୁ ସଂସ୍ଥାନର ବିଭିନ୍ନ ଭିତିଭୂମି ବିଶେଷକରି ଛାତ୍ର ଓ ଛାତ୍ରୀ ହଷ୍ଟେଲ, ଏକାଡେମିକ ବ୍ଲକ, ଅଡିଓ-ଭିଡିଓ କେନ୍ଦ୍ର ଓ ପ୍ରଶାସନିକ ବ୍ଲକକୁ ବୁଲି ଦେଖିଥିଲେ । ସଂସ୍ଥାନର ବର୍ତ୍ତମାନର ସ୍ଥିତି, ଶିକ୍ଷାଗତ ପଦକ୍ଷେପ, ଭିତ୍ତିଭୂମି ଆବଶ୍ୟକତା ଓ ସଂପ୍ରସାରଣ ପାଇଁ ଯୋଜନା ସଂପର୍କରେ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଆନନ୍ଦ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନା ଅବସରରେ ପ୍ରଫେସର ପ୍ରଧାନ ଏହି କ୍ୟାମ୍ପସ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ଭବିଷ୍ୟତର ସୁଯୋଗ ବିଶେଷକରି ପାଠ୍ୟକ୍ରମ ବିକଳ୍ପର ସଂପ୍ରସାରଣ ଓ ଛାତ୍ରଛାତ୍ରୀ କ୍ଷମତା ବୃଦ୍ଧି ସଂପର୍କରେ ସଚିବଙ୍କୁ ଅବଗତ କରାଇଥିଲେ । ଏହା ସହିତ ସ୍ନାତକୋତ୍ତର ପାଠ୍ୟକ୍ରମ (ଏମଏ) ଆରମ୍ଭ କରିବା ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହୋଇଥିଲା । କ୍ୟାମ୍ପସରେ ଚାଲିଥିବା କାର୍ଯ୍ୟର ଅଗ୍ରଗତିକୁ ନେଇ ଜାଜୁ ସନ୍ତୋଷ ପ୍ରକାଶ କରିବା ସହ ଗଣଯୋଗାଯୋଗ ଶିକ୍ଷା କ୍ଷେତ୍ରରେ ଆଇଆଇଏମସି ଢେଙ୍କାନାଳକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ଦିଗରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସଂପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ଅସୁସ୍ଥ ବିଧାୟକ ନବୀନଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ ଅସୁସ୍ଥ ଥିବାରୁ ସେ ରାୟପୁରର ରାମକୃଷ୍ଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଟେଲିଫୋନ ଯୋଗେ ଶ୍ରୀ ଜୈନଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ପଚାରି ବୁଝିଥିଲେ ଏବଂ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।


## ଶୀତଳ ଷଷ୍ଠୀରେ ନବୀନଙ୍କ ଶୁଭେଚ୍ଛା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ପବିତ୍ର ଶୀତଳ ଷଷ୍ଠୀ ଉପଲକ୍ଷେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଦେବ ଦମ୍ପତିଙ୍କ ଆଶୀର୍ବାଦରୁ ସଭିଙ୍କ ଜୀବନ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ।

# ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ସମୀକ୍ଷା ବୈଠକ




କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲା ପରିଷଦ ଦ୍ୱିତୀୟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗର ସମୀକ୍ଷା ଓ କାର୍ଯ୍ୟ ଅଗ୍ରଗତି ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉପରୋକ୍ତ ବିଭାଗ ଗୁଡିକରେ କଟକ ଜିଲ୍ଲାରେ ଗତ ଆର୍ଥିକ ବର୍ଷରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଗୁଡ଼ିକ କେତେ ପରିମାଣରେ ସଫଳତା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛି ଓ ଚଳିତ ଆର୍ଥିକ ବର୍ଷ ପାଇଁ କେଉଁ ଯୋଜନାରେ କେତେ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି ତାହାର ସମୀକ୍ଷା କରାଯାଇଥିଲା । କଟକ ଜିଲ୍ଲାରେ ଚାଷୀଙ୍କ ହିତ ଦୃଷ୍ଟିରୁ ଶୀତଳ ଭଣ୍ଡାର ଆବଶ୍ୟକତା ପୂରଣ ଦିଗରେ ଅଧିକ ଧ୍ୟାନ ଦେବା ପାଇଁ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା । ସେହିପରି ଅମୃତ ସରୋବର ଯୋଜନାରେ ନିର୍ମିତ ପୋଖରୀଗୁଡ଼ିକୁ ମାଛଚାଷରେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଯିବା ସହିତ ଅଧିକ ପ୍ରାଣୀ ଚକିତ୍ସାଳୟ ନିର୍ମାଣ ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଅରିଲୋ ଓମଫେଡ ପ୍ଲାଣ୍ଟ ଓ ପୂର୍ବାଞ୍ଚଳ କେନ୍ଦ୍ରୀୟ କୁକୁଟ ଉନ୍ନୟନ ସଂସ୍ଥା ଅଧିକାରୀ ଉପସ୍ଥିତ ହୋଇ ତାଙ୍କର ଲକ୍ଷ ହାସଲ ପାଇଁ ନେଉଥିବା ପଦକ୍ଷେପ ଉପସ୍ଥାପନ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଜିଲ୍ଲା ପରିଷଦ ଉପ ସଭାପତି ଶୁଭଦ୍ରା ଦାସ, ସଦସ୍ୟ ପୀୟୂଷ ରଞ୍ଜନ ମିଶ୍ର, ସୁସ୍ମିତା ଦାସ, ରିତା ସେଠୀ, ସୌଦାମିନୀ ମହାପାତ୍ର, ସହଯୋଗୀ ସଦସ୍ୟ ଅଜିତ ଜେନା,ସୁମିନା ପ୍ରଧାନ ପ୍ରମୁଖ ସମୀକ୍ଷା ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାଜଶ୍ରୀ ବେହେରା, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ, ଜିଲ୍ଲା ମତ୍ସ୍ୟ ଅଧିକାରୀ ବବିତା ମହାନ୍ତ, ଓମଫେଡ ଅରିଲୋ ମ୍ୟାନେଜର କେସି ପଲ, ପୂର୍ବାଂଚଳ କେନ୍ଦ୍ରୀୟ କୁକୁଟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ନିର୍ଦ୍ଦେଶକ ଡ଼ାକ୍ତର ଇନ୍ଦିରା ନାୟକ, ଉଦ୍ୟାନ କୃଷି ନି ସାର୍ଦ୍ଦୂଳ ରାମାରାଓ, ସୂଚନା ସ୍ୱସ୍ତିକା, ସହକାରୀ ଅଧିକାରୀ ଅବଦୁଲ୍ ଅମୀର ଖାନ୍, ନେରେଗା ସଂଯୋଜକ ମାନସୀ ମାଡ଼ୱାଲ ଓ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ ।











ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



# କାନକଟା ଓକିଲ ଓ ଏକାଉଣ୍ଟାନ୍ସି



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଟଙ୍କା- ମନୁଷ୍ୟର ସମସ୍ତ ଆବଶ୍ୟକତାକୁ ପୂରଣ କରିପାରୁଥିବା ଅଖଣ୍ଡକ୍ଷମତାର ଅଧିକାରୀ କ୍ଷୁଦ୍ର ପଦାର୍ଥଟିଏ। ପୃଥିବୀରେ ପ୍ରାକୃତିକ ଘଟଣାବଳୀକୁ ଛାଡ଼ି ପ୍ରାୟ ଅନ୍ୟ ସମସ୍ତ ଘଟଣାର ମୂଳକାରଣ ଟଙ୍କା ବା ଏହାର ଅନ୍ୟ କୌଣସି ରୂପ। ବଣମାନବରୁ ବିବର୍ତ୍ତନ ଦେଇ ମଣିଷ ଯେତେବେଳେ ସମାଜ ସୃଷ୍ଟି କଲା, ପାରସ୍ପରିକ ନିର୍ଭରଶୀଳତା ବୃଦ୍ଧି ପାଇଲା। ଦେଣନେଣ ପାଇଁ ଆସିଲା 'ତୋ ଜିନିଷ ବଦଳରେ ମୋ ଜିନିଷ ନେ' ବଦଳପ୍ରକ୍ରିୟା ବା ବାର୍ଟର୍ ସିଷ୍ଟମ୍। ଧୀରେଧୀରେ ଆବଶ୍ୟକତା ଓ ସୁବିଧାକୁ ନେଇ ଧାତୁମୁଦ୍ରା, କାଗଜମୁଦ୍ରା, ପ୍ରତୀକମୁଦ୍ରା ଏବଂ ଏବେର ଡିଜିଟାଲ୍ ମୁଦ୍ରା। ବିକାଶ-ବିଳୟ-ବିକାଶର ଚକ୍ରରେ ଟଙ୍କା ମାନବସଭ୍ୟତାର କେନ୍ଦ୍ରବିନ୍ଦୁ ହୋଇ ରହିଛି। ମାନବସଭ୍ୟତାକୁ ନିଜ ମୁଠାରେ ରଖିଥିବା ଏହି ନିର୍ଜୀବ ପଦାର୍ଥଟିର ଗୁଣ କିନ୍ତୁ ଭିନ୍ନ, ଭାରୀ ପିଚ୍ଛିଳ, ଭାରୀ ଚଞ୍ଚଳ। ଇଂରାଜୀରାଜଙ୍କ ଫ୍ରାନସିସ୍ ବେକନ୍ କହିଛନ୍ତି- "ମନି ଇଜ୍ ଏ ଗୁଡ୍ ସର୍ଭ୍ୟାଣ୍ଟ୍ ବଟ୍ ଏ ବ୍ୟାଡ୍ ମାଷ୍ଟର"। ଯେ ପର୍ଯ୍ୟନ୍ତ ମଣିଷ ତାକୁ ନିଜ ହିସାବ ଓ ବିବେକ ଅନୁସାରେ ଚଳଉଥାଏ ଟଙ୍କା ବଶୀଭୂତ ହୋଇ ରହିଥାଏ। ନହେଲେ ମଣିଷକୁ ତଳିତଳାନ୍ତ କରିଦିଏ। କେତେକେତେ ସମ୍ରାଟ, ରାଜା, ଜମିଦାର, ଧନକୁବେର ଟଙ୍କାର ଦାସ ହୋଇ ସର୍ବହରା ହେବାର କାହାଣୀରେ ଇତିହାସପୃଷ୍ଠା ମଣ୍ଡିତ। 'ଆୟ ଦେଖି ବ୍ୟୟ' ନକଲେ ଟଙ୍କାରୂପୀ ଏହି ବିଚିତ୍ରପଦାର୍ଥଟି ମଣିଷକୁ ରାଜସିଂହାସନରୁ ଓହ୍ଲାଇ ଆଣି ରାସ୍ତାରେ ଠିଆ କରେଇଦିଏ। ସେଥିପାଇଁ 'ହିସାବକିତାବ'ର କଥା କୁହାଯାଇଛି। 'ହିସାବକିତାବ' ଅର୍ଥାତ୍ ଏକାଉଣ୍ଟାନ୍ସି।

ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପୃଥିବୀର ପ୍ରାୟ ସବୁଦେଶରେ ରାଜତନ୍ତ୍ର ପ୍ରଚଳନ ଥିଲା। ଫ୍ରାନ୍ସ ଓ ଇଂଲଣ୍ଡ ପରି ଉନ୍ନତ ଦେଶମାନଙ୍କରେ ସଂସଦୀୟ ରାଜତନ୍ତ୍ରର ଶାସନ ଆସିଲା। ହେଲେ ପୂର୍ଣ୍ଣରାଜତନ୍ତ୍ରରୁ ଜନସାଧାରଣ ଏବଂ ବୁଦ୍ଧିଜୀବୀପ୍ରସୂତ ବିପ୍ଳବ ଫଳରେ ସଂସଦୀୟ ବ୍ୟବସ୍ଥାକୁ ବାଧ୍ୟବାଧକତାରେ ଗ୍ରହଣ କରିଥିଲେ ହେଁ ସମ୍ରାଟମାନେ ନିଜର କ୍ଷମତା ଓ ପ୍ରତିପତ୍ତି, ବିଶେଷ କରି ଆର୍ଥିକ ସ୍ୱତନ୍ତ୍ରତା ଛାଡ଼ିବାକୁ ପ୍ରସ୍ତୁତ ନ ଥିଲେ। ଏପଟେ ଗଣତାନ୍ତ୍ରିକ ଉପାୟରେ ଗଠିତ ସଂସଦ ସବୁବେଳେ ସମ୍ରାଟଙ୍କର ମନମୁଖୀଶାସନ ଓ ବିଳାସବ୍ୟସନରେ ହେଉଥିବା ଲଗାମଛଡ଼ା ଖର୍ଚ୍ଚକୁ ନିୟନ୍ତ୍ରଣ କରି ରାଜତନ୍ତ୍ରକୁ ବଶ କରିବାକୁ ଚାହୁଁଥିଲା। କିନ୍ତୁ ଦେଶର ସବୁ ସଂଗୃହୀତ ଅର୍ଥ ତ ରାଜକୋଷରେ। ତେଣୁ ଇଚ୍ଛାମୁତାବକ ମଉଜମଜଲିସ କରିବାରେ ସମ୍ରାଟଙ୍କର ଅସୁବିଧା ନଥିଲା। ତାଙ୍କ ସହିତ ଥିଲେ ସମ୍ଭ୍ରାନ୍ତଶ୍ରେଣୀ - ଚାଟୁକାର ପାରିଷଦବର୍ଗ, ଧନୀକ ଓ ଚର୍ଚ୍ଚର ଧର୍ମଯାଜକଙ୍କ ମିଳିତଗୋଷ୍ଠୀ। ସବୁବେଳେ ରାଜପରିବାର ଓ ସଂସଦ ଭିତରେ ଟଣାଓଟରା।

ସପ୍ତଦଶ ଶତାବ୍ଦୀର କଥା। ଫ୍ରାନ୍ସ ସେତେବେଳେ ପୃଥିବୀର ସବୁଠାରୁ ବଡ଼ ଓ ଶକ୍ତିଶାଳୀ ରାଜତନ୍ତ୍ର ଥିଲା। ରାଜଦରବାରରେ କାର୍ଡିନାଲ୍ ଜୁଲ୍ସ ମାଜାରିନ୍ ନାମକ ଜଣେ ଇଟାଲୀୟ ଥିଲେ। ୧୬୪୨ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବରେ ସମ୍ରାଟଙ୍କର ବିଶ୍ୱସ୍ତ ହୋଇ ରହିଥିଲେ। ୧୬୪୨ ମସିହାରେ ସମ୍ରାଟ ତ୍ରୟୋଦଶ ଲୁଇଙ୍କର ମୃତ୍ୟୁ ଅନ୍ତେ ତାଙ୍କ ପୁଅ ଚତୁର୍ଦ୍ଦଶ ଲୁଇ ରାଜା ହେଲେ। ସେତେବେଳକୁ ତାଙ୍କୁ ମାତ୍ର ପାଞ୍ଚବର୍ଷ। ତାଙ୍କ ନାମରେ ମାଜାରିନ୍ ଦେଶଶାସନ କଲେ। ସମସ୍ତଚେଷ୍ଟା ସତ୍ତ୍ୱେ ରାଜକୀୟ ବିଳାସବ୍ୟସନକୁ ସେ ରୋକି ପାରି ନଥିଲେ। ସେ ଜାଣିଥିଲେ ଫ୍ରାନ୍ସର ଆର୍ଥିକ ସ୍ୱେଚ୍ଛାଚାର ସମସ୍ତସୀମା ଟପି ସାରିଥିଲା। ଫ୍ରାନ୍ସକୁ ତା'ର ଗୌରବ ରକ୍ଷା କରିବାକୁ ହେଲେ ମନଇଚ୍ଛାଖର୍ଚ୍ଚକୁ ରୋକିବା ସହିତ ଭବିଷ୍ୟତରେ ଆର୍ଥିକଶୃଙ୍ଖଳା ଓ ସାବଧାନତା ଅବଲମ୍ବନୀୟ ବୋଲି ସେ ଜାଣିଥିଲେ। ସେଥିପାଇଁ ସେ ଜାଁ ବାପ୍ଟିଷ୍ଟ୍ କୋବାଟ୍ ନାମକ ଜଣେ ବ୍ୟକ୍ତିଙ୍କୁ ହିସାବନିୟନ୍ତ୍ରକ ଭାବରେ ନିଯୁକ୍ତି ଦେଇଥିଲେ।

କୋବାଟ୍ ଆୟବ୍ୟୟ ହିସାବର ସବୁଠାରୁ କଠିନ ଏବଂ ପ୍ରଭାବଶାଳୀ ପ୍ରଣାଳୀ ଡବଲ୍ ଏଣ୍ଟ୍ରି ବୁକକିପିଙ୍ଗରେ ଧୁରନ୍ଧର ଥିଲେ। ନିଜର ମୃତ୍ୟୁ ପୂର୍ବରୁ ମାଜାରିନ୍ ଅନ୍ୟ ମନ୍ତ୍ରୀମାନଙ୍କୁ ଡାକି ଫ୍ରାନ୍ସକୁ ରକ୍ଷା କରିବାର ଉପଦେଶ

**ମୁଦ୍ରା କାହାଣୀ**

ସହିତ ନିଜର ସମସ୍ତସମ୍ପତ୍ତି ଓ ଅତିଦାମୀ ମାଜାରିନ୍ ହୀରାକୁ ସମ୍ରାଟଙ୍କୁ ଦେଇ ୧୬୬୧ ମସିହାରେ ମୃତ୍ୟୁବରଣ କଲେ। ୧୬୬୫ ମସିହାରେ ଯେତେବେଳେ ଷୋଡ଼ଶ ଲୁଇ ଦେଶର ଶାସନଭାର ନେଲେ ବିତ୍ତୀୟଶୃଙ୍ଖଳା ପାଇଁ ଆୟବ୍ୟୟର ହିସାବରକ୍ଷଣ ଯେ ଏକାନ୍ତ ଆବଶ୍ୟକ ସେକଥା କୋବାଟ୍ ସମ୍ରାଟଙ୍କୁ ବୁଝେଇ ପାରିଥିଲେ। ହିସାବରକ୍ଷଣର ସମସ୍ତନିୟମକୁ ସମ୍ମିଳିତ କରି ଏକ ମାର୍ଗଦର୍ଶିକା ତିଆରି କରି କୋବାଟ୍ ସମ୍ରାଟଙ୍କୁ ଦେଇଥିଲେ। ସମ୍ରାଟ ଷୋଡ଼ଶ ଲୁଇ ତାହାକୁ ବିତ୍ତୀୟକ୍ଷେତ୍ରରେ ଲାଗୁ କରିଥିଲେ। ଏହିପରି ଏକାଉଣ୍ଟିଙ୍ଗର ମୂଳଦୁଆ ପଡ଼ିଥିଲା। ଅବଶ୍ୟ ସମ୍ରାଟ ତାହା କେତେ ମାନିଥିଲେ ଇତିହାସ ତା'ର ସାକ୍ଷୀ।

ସେହି ସପ୍ତଦଶ ଶତାବ୍ଦୀରେ ଇଂଲଣ୍ଡରେ ମଧ୍ୟ ରାଜତନ୍ତ୍ର ପ୍ରଚଳନ ଥିଲା। ସମ୍ରାଟ ପ୍ରଥମ ଚାର୍ଲ୍ସ ରାଜା ଥାଆନ୍ତି। ଫ୍ରାନ୍ସ ପରି ରାଜପ୍ରାସାଦରେ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ଖର୍ଚ୍ଚ ଅନିୟନ୍ତ୍ରିତ ଥିଲା। ଉଇଲିୟମ୍ ପ୍ରିନ୍ ନାମରେ ଜଣେ ଜିଦଖୋର, ନିର୍ଭୀକ ଓ ସତ୍ୟବାଦୀ ଓକିଲ ଥିଲେ। ସେ ସମ୍ରାଟ, ତାଙ୍କ ଶାସନପ୍ରଣାଳୀ, ବିଳାସବ୍ୟସନ, ଜନତାକୁ ଶୋଷଣ କରିବାର ଇଚ୍ଛା, ଚର୍ଚ୍ଚର ରୁଢ଼ିବାଦୀ ଚିନ୍ତାଧାରା ଓ ଶାସକଙ୍କୁ ଭୁଲ ପରାମର୍ଶ ତଥା ସମ୍ଭ୍ରାନ୍ତଶ୍ରେଣୀର ଜନବିରୋଧୀ ମନୋଭାବ ବିରୁଦ୍ଧରେ କଟୁଭାଷାରେ ଲେଖି ପ୍ରଚାରପତ୍ର (pamphlet) ବାଣ୍ଟୁଥିଲେ। ତେଣୁ ସେ ଇଂଲଣ୍ଡର ସମସ୍ତ ଶକ୍ତିଶାଳୀଗୋଷ୍ଠୀର ବିରୋଧୀ ହୋଇଗଲେ। ତାଙ୍କୁ ଜଣେ ଦୁର୍ଦ୍ଦାନ୍ତ pamphleteer ବୋଲି ସମ୍ରାଟ କହୁଥିଲେ। ଖ୍ରୀଷ୍ଟମାସ ସମୟରେ ରାଜପ୍ରାସାଦରେ ହେଉଥିବା ମଉଜମଜଲିସରେ ହେଉଥିବା ଖର୍ଚ୍ଚ ଉପରେ ସେ ଲୋକଙ୍କୁ ଖବର ଦେଉଥିଲେ। ସେସବୁର ପୂର୍ଣ୍ଣ ବିବରଣୀ ତାଙ୍କ ବହି 'ହିଷ୍ଟ୍ରିଓ ମାଷ୍ଟିକ୍ସ: ଦି ପ୍ଲେୟର୍ସ ସ୍କର୍ଜ୍, ଅର୍, ଆକ୍ଟର୍ସ ଟ୍ରାଜେଡ଼ି'(HISTRIO MASTIX : THE PLAYERS SCOVRGE, OR, ACTORS TRAGAEDIE)ରେ ଲେଖିଥିଲେ। କେବଳ ସେତିକି ନୁହେଁ। ସେଠାକୁ ଆସୁଥିବା ନର୍ତ୍ତକୀ ଓ ସମ୍ଭ୍ରାନ୍ତଶ୍ରେଣୀଙ୍କର ନୈତିକତା ଉପରେ ପ୍ରଶ୍ନ ଉଠାଇ ତାହା ଲୋକଙ୍କ ଉପରେ ଖରାପପ୍ରଭାବ ପକାଉଛି ବୋଲି ଲେଖିଥିଲେ। କୁହାଯାଏ ସେ କାଣ୍ଟରବରୀ ଆରବିଶପ୍ ଉଇଲିୟମ ଲଡ୍ ଓ ରାଣୀ ହେନେରିଟା ମାରିଆଙ୍କ ଅନୈତିକ ସମ୍ପର୍କ ବିଷୟରେ ମଧ୍ୟ ସେ ବହିରେ ଲେଖିଥିଲେ। ବହିଟି ସାରା ଇଂଲଣ୍ଡରେ କଳହ ପକାଇଲା। ସାଧାରଣଲୋକ ରାଜପ୍ରାସାଦର ଗୁମର ଜାଣିଲେ।

ସ୍ୱାଭାବିକ ଭାବରେ ବହିଟି ସମ୍ରାଟଙ୍କୁ ଉତ୍କ୍ଷିପ୍ତ କରିଥିଲା। ବହିଟିକୁ ନିଷିଦ୍ଧ କରାଗଲା। ବହିର ପ୍ରକାଶକଙ୍କୁ କାରାଦଣ୍ଡ ଦିଆଗଲା। କେବଳ ରାଜପ୍ରାସାଦରୁ ନୁହେଁ, ଇଂଲଣ୍ଡର ସଭ୍ୟସମାଜରୁ ପ୍ରିନ୍ ତଡ଼ା ଖାଇଲେ। ୧୬୩୫ ଖ୍ରୀଷ୍ଟାବ୍ଦରେ ତାଙ୍କର ବିଚାର କରାଯାଇ ତାଙ୍କୁ ଦେଶଦ୍ରୋହୀ ସାବ୍ୟସ୍ତ କରାଯାଇ ଟାୱାର୍ ଅଫ୍ ଲଣ୍ଡନ୍ ଜେଲରେ ଆଜୀବନ କାରାଦଣ୍ଡ ଦିଆଗଲା। ସମ୍ରାଟ ନିଜେ ଶୁଣେଇଥିବା ଦଣ୍ଡକୁ କୋହଳ କରି ତାଙ୍କ କାନ ନ କାଟି କେବଳ ଛିଣ୍ଡେଇ ଦେବାକୁ କହିଲେ। ତଥାପି ପ୍ରିନଙ୍କର ମନୋବଳ ଭାଙ୍ଗି ନ ଥିଲା। କାରାଗାରରେ କର୍ମଚାରୀଙ୍କ ସହଯୋଗରେ ସେ ରାଜପ୍ରାସାଦ, ରାଜା,ରାଣୀ, ସମ୍ଭ୍ରାନ୍ତଶ୍ରେଣୀ ଓ ଧର୍ମଯାଜକଙ୍କ କଳାକାହାଣୀ, ଜନନିଷ୍ପେଷଣ ନୀତି, ବିଳାସବ୍ୟସନ ବିରୁଦ୍ଧରେ ପ୍ରଚାରପତ୍ର ବାଣ୍ଟୁଥିଲେ। ଏହା ସମ୍ରାଟଙ୍କ ପାଖରେ ପହଞ୍ଚିଲା। ଏଥର କିନ୍ତୁ ସେ ପ୍ରିନଙ୍କୁ କ୍ଷମା କଲେନି। ତାଙ୍କର କେବଳ କାନ ନୁହେଁ, ନାକ ମଧ୍ୟ କାଟି ଦିଆଗଲା। ତାଙ୍କର ଦୁଃଖ ସେତିକିରେ ସରି ନ ଥିଲା। ତାତିଲାଲୁହାରେ ତାଙ୍କ ଗାଲରେ 'ଏସ୍ ଏଲ୍' ଅର୍ଥାତ୍ 'ସିଡେସିଆଲ୍ ଲିବେଲର୍' (ରାଜଦ୍ରୋହୀ) ବୋଲି ଲେଖି ଦିଆଗଲା। ତଥାପି ସେ ନିଜ ଜିଦ୍ଦିରୁ ହଟି ନ ଥିଲେ।

ସେପଟେ ସମ୍ରାଟ ଏବଂ ସଂସଦ ଭିତରେ ଟଣାକଷାକଷି ଚାଲିଥାଏ। ୧୬୪୧ ମସିହାରେ ପ୍ରିନଙ୍କୁ ସଂସଦର ଆଦେଶରେ ମୁକ୍ତ କରାଗଲା। ସମାଜରେ ତାଙ୍କର ହୃତ ଗୌରବ ଓ ସମ୍ମାନ ଫେରିଲା। ୧୬୪୪ ମସିହାରେ ରାଜପ୍ରାସାଦ ଓ ଦେଶର ଆୟବ୍ୟୟର ହିସାବରକ୍ଷଣ ପାଇଁ କମିଶନ୍ ଅଫ୍ ଏକାଉଣ୍ଟସ୍ ସ୍ଥାପନ କରାଗଲା ଏବଂ ପ୍ରିନଙ୍କୁ ଏହାର ଅଧ୍ୟକ୍ଷ କରାଗଲା। ସଂସଦୀୟ ଆଦେଶରେ ସେ ରାଜପ୍ରାସାଦର ଆୟବ୍ୟୟର ହିସାବ ଆରମ୍ଭ କଲେ। ଆୟବ୍ୟୟର ଆଦିଅନ୍ତ ନ ଥିଲା। ସେ ତାହାକୁ ସଜାଡ଼ିବାକୁ ଆରମ୍ଭ କଲେ। ୧୬୫୭ ମସିହାରେ ସଂସଦ ତାଙ୍କୁ ବ୍ରିଟିଶ୍ କୋଷାଧ୍ୟକ୍ଷ ଭାବରେ ନିଯୁକ୍ତି ଦେଲେ।

ସମ୍ରାଟ ଚାର୍ଲ୍ସ ନିଜର ବିଳାସ ଖର୍ଚ୍ଚ ଭରଣା ପାଇଁ ଲୋକଙ୍କ ଉପରେ କର ଉପରେ କର ଲଦି ଚାଲିଥାଆନ୍ତି। ଲୋକଙ୍କର ସହିବାର ସୀମା ଟପି ସାରିଥିଲା। ଏହି ସମୟରେ ସମ୍ରାଟ ପୁଣି 'ଜାହାଜ କର' ବସେଇଲେ। ଲୋକେ ସମ୍ରାଟଙ୍କୁ ଖୋଲାଖୋଲି ବିରୋଧ କଲେ। ଗୋଟିଏ ପଟେ ସଂସଦ ଓ ସାଧାରଣଜନତା, ଆରପଟେ ସମ୍ରାଟ ଏବଂ ତାଙ୍କର ପାରିଷଦବର୍ଗ ଓ ସମ୍ଭ୍ରାନ୍ତଶ୍ରେଣୀ। ଇଂଲଣ୍ଡରେ ଗୃହଯୁଦ୍ଧ ଆରମ୍ଭ ହେଲା। ଶେଷରେ ସମ୍ରାଟଙ୍କୁ ବିରୋଧୀ ବନ୍ଦୀ କରିନେଲେ। ୧୬୪୯ ମସିହା ଜାନୁଆରୀ ୩୦ ତାରିଖ ସକାଳେ ହ୍ୱାଇଟ୍ ହଲ୍ ସାମ୍ନାରେ ବରଫାବୃତ ଖୋଲାଜାଗାରେ ସମ୍ରାଟଙ୍କର ଶିରଚ୍ଛେଦ କରାଗଲା। ଇଂଲଣ୍ଡରେ ରାଜତନ୍ତ୍ର ଲୋପ ପାଇ କମନୱେଲଥ୍ ଅଫ୍ ଇଂଲଣ୍ଡ ନାମରେ ଗଣତନ୍ତ୍ର ସ୍ଥାପିତ ହେଲା।

ଇଂଲଣ୍ଡର ଗୃହଯୁଦ୍ଧ ହିସାବସୁଧାର କାର୍ଯ୍ୟରେ ବାଧା ସୃଷ୍ଟିକଲା। ୧୬୬୦ ମସିହାରେ ରାଜତନ୍ତ୍ର ପୁଣି ଫେରିଲା। ଦ୍ୱିତୀୟ ଚାର୍ଲ୍ସ ସମ୍ରାଟ ହେଲେ। ରାଜକୀୟ ଖର୍ଚ୍ଚର ହିସାବର ବ୍ୟବସ୍ଥାକୁ ସେ ଘୋର ବିରୋଧ କଲେ। ଏକାଉଣ୍ଟସରେ ସ୍ୱଚ୍ଛତା ସେ ଚାହୁଁ ନ ଥିଲେ। କିନ୍ତୁ ସୁଧାରପ୍ରକ୍ରିୟା ଆରମ୍ଭ ହୋଇସାରିଥିଲା। ସଂସଦର ଚାପ ଆଗରେ ସମ୍ରାଟ ମୁଣ୍ଡ ନୁଆଁଇଲେ। ଶେଷରେ ସେ ପ୍ରିନଙ୍କୁ ଟାୱାର୍ ଅଫ୍ ଲଣ୍ଡନରେ ସରକାରୀ ରେକର୍ଡକିପର୍ ଭାବରେ ନିଯୁକ୍ତି ଦେଲେ। ୧୬୬୭ ମସିହାରେ ରାଜକୋଷର ଏକାଉଣ୍ଟିଙ୍ଗ୍ ଅଫିସ୍ ସ୍ଥାପନ କରାଗଲା। ପ୍ରିନ୍ ମୁଖ୍ୟ ହିସାବରକ୍ଷକ ହେଲେ। ସଂପୂର୍ଣ୍ଣ ଅର୍ଥବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରିନ୍ ଏକାଉଣ୍ଟିଙ୍ଗ୍ ପ୍ରଣାଳୀକୁ ଲିପିବଦ୍ଧ କରିଦେଲେ। କାନନାକ ହରାଇ, ଗାଲରେ ଅପମାନର ସ୍ଥାୟୀଛାପ ସତ୍ତ୍ୱେ ପ୍ରିନ୍ ହାରି ନ ଥିଲେ। ଅବଶେଷରେ ସୂର୍ଯ୍ୟ ଅସ୍ତ ହେଉ ନ ଥିବା ସାମ୍ରାଜ୍ୟର ସମ୍ରାଟଙ୍କୁ ଜଣେ ସାଧାରଣ ଓକିଲ ପାଖରେ ହାର ମାନିବାକୁ ପଡ଼ିଥିଲା। ନ୍ୟାୟ, କର୍ତ୍ତବ୍ୟପରାୟଣତା ତଥା ସଚ୍ଚୋଟତାର ବିଜୟ ହୋଇଥିଲା।

# ଶ୍ୱେତ ବିପ୍ଳବ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ବିଶ୍ୱରେ କ୍ଷୀର ପାଇଁ ଗାଇ ଓ ମଇଁଷିମାନଙ୍କ ଉପରେ ନିର୍ଭର କରାଯାଏ। ହିନ୍ଦୁ ଧର୍ମରେ ଗାଇକୁ ଗୋମାତା ବୋଲି କୁହାଯାଉଥିବା ବେଳେ ମଇଁଷିକୁ ମୃତ୍ୟୁର ଦେବତା ଯମଙ୍କ ବାହନ ଭାବେ ମାନ୍ୟତା ଦିଆଯାଏ। ଗାଇ ଠାରେ ଆମେ ଦେବତ୍ୱ, ଶାନ୍ତ ପ୍ରକୃତି ଓ ଆତ୍ମ ସଂଯମ ଆଦି ଗୁଣ ଦେଖୁଥିବା ବେଳେ ମଇଁଷି ହେଉଛି ଦ୍ୱାଦଶ ଜୈନ ତୀର୍ଥଙ୍କର ବସୁପୂଜ୍ୟଙ୍କ ପ୍ରତୀକ। ଭାରତର ବହୁ ଆଦିବାସୀ ଜାତି ମଇଁଷିକୁ ପବିତ୍ର ପ୍ରାଣୀ ଭାବେ ପୂଜା କରନ୍ତି। ଗାଈ ଓ ମଇଁଷି ଭାରତୀୟ କୃଷି ବ୍ୟବସ୍ଥାର ମୁଖ୍ୟ ଅଙ୍ଗ। ପ୍ରାୟ ୫୦୦୦ ବର୍ଷ ଧରି ଆମେ ମଇଁଷିକୁ ଗାଇମାନଙ୍କ ପରି ବ୍ୟବହାର କରୁଛୁ। ତେବେ ଗାଇ କ୍ଷୀର ଠାରୁ ମଇଁଷି କ୍ଷୀର ଅଧିକ ବହଳିଆ ଓ ଅଧିକ ଲହୁଣିଯୁକ୍ତ ହୋଇଥିଲେ ବି ଭାରତରେ ଗାଇ କ୍ଷୀରକୁ ଅଧିକ ସ୍ୱାସ୍ଥ୍ୟପ୍ରଦ ବୋଲି ବିଚାର କରାଯାଏ।

ଭାରତୀୟ ସଂସ୍କୃତିରେ ପବିତ୍ରତମ ପଶୁ ହେଉଛି ଗୋମାତା। ଗୋମାତାକୁ ହିନ୍ଦୁ ଶାସ୍ତ୍ରରେ ମା' ରୂପେ ବର୍ଣ୍ଣନା କରାଯାଇଛି। ଗୋମାତା ଶରୀରରେ ତେତିଶି କୋଟି ଦେବତା ବାସ କରନ୍ତି। ପୁରାଣରେ କାମଧେନୁ, ସୁରଭି, କପିଳା, ନନ୍ଦିନୀ ଆଦି ଦେବତୁଲ୍ୟ ଗୋମାତାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଗାଇର ପଞ୍ଚଗବ୍ୟ ଯଥା-ଦୁଗ୍ଧ, ଦହି, ଘିଅ, ମୂତ୍ର, ଗୋମୟ ପାକ କଲେ ପାପତାପ ଦୂର ହୋଇଥାଏ। ଗାଈ କ୍ଷୀର ଏକ ଉତ୍ତମ ଆହାର। ମା' କ୍ଷୀର ଭଳି ଗାଈ କ୍ଷୀର ପୁଷ୍ଟିକର। ଶାସ୍ତ୍ର କହେ - ଗାବୋ ବିଶ୍ୱସ୍ୟ ମାତରଃ। ଅର୍ଥାତ୍ ଗାଈ ବିଶ୍ୱର ମାତା ଅଟନ୍ତି। ବିଭିନ୍ନ ପୂଜାପର୍ବାଣୀରେ ଗୋ ଦୁଗ୍ଧକୁ ବ୍ୟବହାର କରାଯାଏ। କାହିଁ କେଉଁକାଳରୁ ଭାରତୀୟମାନେ କ୍ଷୀରକୁ ଏକ ଉତ୍ତମ ସ୍ୱାସ୍ଥ୍ୟବର୍ଦ୍ଧକ ପାନୀୟ ଭାବେ ବିବେଚନା କରି ଆସୁଛନ୍ତି। ଗାଁ ଓ ସହରର ଚାଷୀମାନେ ଗୋଦୁଗ୍ଧ ବ୍ୟବସାୟରେ ଅନେକ ଲାଭବାନ ହେଉଛନ୍ତି। ଗାଈ କ୍ଷୀରରେ ସୋଡିୟମ୍, ପୋଟାସିୟମ, କ୍ୟାଲସିୟମ, ପ୍ରୋଟିନ, ଲୌହ, ଫସଫରସ ରହିଥିବାରୁ ଏହାକୁ ଅମୃତ କୁହାଯାଇଥାଏ। ତେଣୁ ଶିଶୁ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଏକ ଉପାଦେୟ ପାନୀୟ ଭାବେ କ୍ଷୀରକୁ ବିବେଚନା କରାଯାଏ। ବିଶ୍ୱର ପ୍ରତିଟି ଦେଶରେ କ୍ଷୀରର ବ୍ୟବହାର କରାଯାଇ ବିଭିନ୍ନ ଖାଦ୍ୟପଦାର୍ଥ ପ୍ରସ୍ତୁତି ହେଉଛି। କେହି କଞ୍ଚା କ୍ଷୀର ବ୍ୟବହାର କରନ୍ତି ତ କେହି ଫୁଟା କ୍ଷୀରକୁ ପିଇବାକୁ ପସନ୍ଦ କରନ୍ତି। ପୃଥିବୀର ଛଅ ବିଲିୟନରୁ ଅଧିକ ଲୋକ କ୍ଷୀର ପିଇବା ସହ ଏଥିରୁ ଉତ୍ପାଦିତ ଖାଦ୍ୟ ଦ୍ରବ୍ୟ ଖାଉଥିବାର ଅନୁଧ୍ୟାନରୁ ଜଣାଯାଇଛି। ଗୋଦୁଗ୍ଧକୁ ଅଧିକ ଲୋକପ୍ରିୟ କରିବା ଲକ୍ଷ୍ୟରେ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନର ଅନୁମୋଦନ କ୍ରମେ ୨୦୦୧ ମସିହା ଠାରୁ ଜୁନ୍ ୧ ତାରିଖକୁ ବିଶ୍ୱ ଦୁଗ୍ଧ ଦିବସ ଭାବରେ ପାଳନ କରାଯାଉଛି। ଭାରତ ବିଶ୍ୱର ପ୍ରଥମ ଦୁଗ୍ଧ ଉତ୍ପାଦକ ରାଷ୍ଟ୍ର ଭାବେ ପରିଚିତ ହୋଇଥିବା ବେଳେ ଗ୍ରାମୀଣ ପରିବାର ଗୁଡିକରେ ଦୁଗ୍ଧ ଉତ୍ପାଦନ ଏକ ପ୍ରମୁଖ ଅର୍ଥ ଉପାର୍ଜନର ମାଧ୍ୟମ ହୋଇପାରିଛି। ଦୁଗ୍ଧ ହେଉଛି ଏକ ସର୍ବବୃହତ କୃଷିଜାତ ଦ୍ରବ୍ୟ, ଯାହାର ଜାତୀୟ ଅର୍ଥନୀତିକୁ ୫ ପ୍ରତିଶତ ଯୋଗଦାନ ରହିଛି। ସିଧାସଳଖ ୮ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହା ନିଯୁକ୍ତି ଦେଉଛି। ଜାତୀୟ ସ୍ତରରେ ଦୁଗ୍ଧର ଉପଲବ୍ଧତା ୪୪୪ ଗ୍ରାମ ରହିଛି। ଦେଶରେ ଉତ୍ପାଦିତ ୫୪ ଶତକଡା ଦୁଗ୍ଧରୁ ପାଖାପାଖି ୩୮ ଶତକଡା ସଂଗଠିତ କ୍ଷେତ୍ର ଦ୍ୱାରା ପରଚାଳିତ ହେଉଛି। ଯେଉଁଥିରେ ସହଭାଗିତା କ୍ଷେତ୍ରରେ ତଥା ଘରୋଇ ଉତ୍ପାଦନ ସଂଗଠନଗୁଡ଼ିକ ସମାନ ଭାବେ ଭାଗିଦାରୀ ରହିଛି। ଜାତୀୟ ପଶୁଧନ ଗଣନା-୨୦୧୯ ଅନୁସାରେ ଦେଶରେ ୧୪.୫ କୋଟି ଗାଈ ରହିଛନ୍ତି। କିନ୍ତୁ ଦେଶୀ ପ୍ରଜାତିର ଗୋ-ବଂଶ ଇତିମଧ୍ୟରେ ହ୍ରାସ ପାଇ ୧୪.୨ କୋଟିରେ ପହଞ୍ଚିଛି। ଦେଶରେ ଶଙ୍କର ଜାତୀୟ ଦୁଧିଆଳି ଗାଈଙ୍କ ସଂଖ୍ୟା ୨୨.୨ ପ୍ରତିଶତ ବଢିଥିବା ବେଳେ ଦେଶୀ ଗାଈଙ୍କ ସଂଖ୍ୟା ୬ ପ୍ରତିଶତ କମିଛି। ଏଥିରୁ ଜଣାପଡୁଛି ଅଧିକ ଦୁଗ୍ଧ ଉତ୍ପାଦନକ୍ଷମ ଜର୍ସି ଓ ଅନ୍ୟାନ୍ୟ ଶଙ୍କରଜାତୀୟ ଦୁଧିଆଳି ଗାଈଙ୍କୁ ଲୋକେ ପସନ୍ଦ କରୁଛନ୍ତି। ୨୦୧୨ମସିହାରେ ୧୯ତମ ପ୍ରାଣୀଧନ ଗଣନା ଅନୁଯାୟୀ ରାଜ୍ୟରେ ୧ କୋଟି ୩ ଲକ୍ଷ ୧୫ ହଜାର ୪୯୯ ଦେଶୀ ଗାଇ ଥିବା ବେଳେ ୨୦ତମ ପ୍ରାଣୀଧନ ଗଣନା ୨୦୧୯ ମସିହାରେ ଏହି ସଂଖ୍ୟା ହ୍ରାସ ପାଇ ୮୩ ଲକ୍ଷ ୨୩ ହଜାର ୫୯୦ରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ୧୯ ଲକ୍ଷ ୯୧ ହଜାର ୯୦୯ ଦେଶୀ ଗାଈ କମିଛି। ସମାନ ଖର୍ଚ୍ଚରେ ଶଙ୍କର ଜାତୀୟ ଗାଈ ଠାରୁ ଅଧିକ ଦୁଗ୍ଧ ଉତ୍ପାଦନ ହେଉଛି। ତେଣୁ ଲୋକେ ଶଙ୍କର ଗାଈ ପାଳନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଦେଶୀ ଗାଈଙ୍କୁ ଲୋକପ୍ରିୟ କରିବାକୁ ହେଲେ ସେମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ବଢାଯିବା ଦରକାର। ଦେଶୀ ଗାଈ କ୍ଷୀରକୁ ଭଲ ଭାବରେ ଫୁଟାଇ ପିଇଲେ କିମ୍ବା ଏଥିରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢିଥାଏ। ଯୁବପିଢୀ ଓ ବୟସ୍କ ବ୍ୟକ୍ତି ଦେଶୀ ଗାଈ କ୍ଷୀର ପ୍ରତ୍ୟହ ସେବନ କଲେ ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରହେ। ଏହା ପିଇଲେ ଶୀଘ୍ର ହଜମ ହେବା ସହିତ ମଧୁମେହ ଓ ହୃଦ୍‌ରୋଗର ଆଶଙ୍କା କମ୍ ଥାଏ। ଦେଶୀ ଗାଈ କ୍ଷୀର ପିଇଲେ ସ୍ମୃତି ଶକ୍ତି ବଢିଥାଏ।


ଅର୍ଥନୈତିକ ସର୍ଭେ ୨୦୨୧-୨୨ ଅନୁସାରେ ଦୁଗ୍ଧ ଉତ୍ପାଦନରେ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି। ବିଶ୍ୱ ଦୁଗ୍ଧ ଉତ୍ପାଦନର ୨୩ ପ୍ରତିଶତ ଯୋଗଦାନ ମଧ୍ୟ ଭାରତର ରହିଛି। ଆମ ରାଜ୍ୟରେ ବି ଦୁଗ୍ଧ ଉତ୍ପାଦନ ଅଢେଇ ଗୁଣ ବଢିଛି। ଦୈନିକ ୭୨ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଦୁଇ ଗୁଣ ବଢା ଯିବାକୁ ଲକ୍ଷ୍ୟ ରଖାଯାଇଛି। କେବଳ କ୍ଷୀର ନୁହେଁ ଏଥିରୁ ଉତ୍ପନ୍ନ ଦହି ସାଧାରଣ ଖାଦ୍ୟ ନୁହେଁ। ଏହା ଅମୃତତୁଲ୍ୟ। ଦହି ସେବନରେ ରୋଗ ପ୍ରତିଶେଧକ ଶକ୍ତି ବଢିଥାଏ। ଏହାକୁ ପିଇ ଘରୁ ବାହାରକୁ ବାହାରିଲେ ଖରାଦିନେ 'ଲୁ'ରୁ ରକ୍ଷା ମିଳେ। ଦହିରେ ଲୁଣ, ଜିରା, ପୁଦିନା ମିଶାଇ ପିଇଲେ କ୍ଷୁଧା ବୃଦ୍ଧି ପାଏ। ଦହିରେ ପ୍ରଚୁର କ୍ୟାଲସିୟମ ଥିବା ହେତୁ ଏହା ପାଚନ ଶକ୍ତି ବୃଦ୍ଧି କରେ। କ୍ଷୀର ଅପେକ୍ଷା ଦହି ଓ ଛେନାରେ କମ୍ ପରିମାଣରେ ସର୍କରା ରହିଥାଏ। ତେଣୁ ଏହାର ନକରାତ୍ମକ ପ୍ରଭାବ ଶରୀରରେ ପଡିନଥାଏ। କ୍ଷୀରରେ ଅଧିକ ଶର୍କରା ରହିଛି, ଆବଶ୍ୟକତା ଠାରୁ ଅଧିକ କ୍ଷୀର ପିଇଲେ ଶରୀରରେ ଅମ୍ଳ ବୃଦ୍ଧି ପାଏ ଏବଂ ଅସ୍ଥିଗୁଡିକ ଦୁର୍ବଳ ହୋଇଯାଏ।

# ଶିବ ବିବାହ ଓ ଶୀତଳ ଷଷ୍ଠୀ

ଦେବଦତ୍ତ ବିଶ୍ୱାଳ
ଚହଟା, କଟକ
ମୋ : ୯୮୬୧୯୪୪୫୯୪

ସଚରାଚର ପୃଥିବୀରେ ସତ୍ୟ, ଶାନ୍ତି, ପ୍ରେମ ଓ ସୌହାର୍ଦ୍ଦ୍ୟର ସେତୁକୁ ଉଜ୍ଜୀବିତ କରି ସଭିଙ୍କ ଭିତରେ ଆଧ୍ୟାତ୍ମିକ ଉନ୍ମିଳନର ପ୍ରତିଷ୍ଠା ଲକ୍ଷ୍ୟରେ ବିଭିନ୍ନ ସମୟରେ ଭଗବାନଙ୍କ ବିଭିନ୍ନ ଲୌକିକ ପ୍ରତ୍ୟକ୍ଷତାକୁ ବିଶେଷ ରୂପେ ମହାପାର୍ବଣ ନାମରେ ସଭିଏଁ ପାଳନ କରିଥାନ୍ତି। ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ରତାପରେ ଉତ୍ତପ୍ତ ପ୍ରାଣବର୍ଷାର ପହିଲି ବୁନ୍ଦାରେ ଶୀତଳତାର ଭିନ୍ନ ଏକ ମୁହୂର୍ତ୍ତ ଶୀତଳ ଷଷ୍ଠୀ ଭାବରେ ନାମିତ। ମହାପ୍ରଭୁ ଶିବ ମାତା ପାର୍ବତୀଙ୍କ ବିବାହ ଉତ୍ସବକୁ ସମ୍ପୂର୍ଣ୍ଣ ଲୋକାଚାର ମଧ୍ୟରେ ପାଳନ କରାଯାଇଥାଏ। କେବଳ ଓଡ଼ିଶାରେ ନୁହେଁ ଭାରତରେ ଶୀତଳ ଷଷ୍ଠୀ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଛି ସମ୍ବଲପୁର। ଶୀତଳ ଷଷ୍ଠୀ ଯାତ୍ରା କେବଳ ଏକ ଯାତ୍ରା ନୁହେଁ ଏହା ଏକ ମହାଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ।

ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପଞ୍ଚମୀ ଦିନ ମହାଯୋଗୀ ଶିବ ନିଜର ଶିବାଗଣ, ନନ୍ଦୀ ଓ କୁକୁଟିଙ୍କ ଗହଣରେ ମହାସମାରୋହରେ ଯାଇ ଦେବୀ ଗୌରୀଙ୍କୁ ବିବାହ କରିବାର ସ୍ମାରକୀ ରୂପେ ପାଳିତ ହୁଏ ଶିବ ବିବାହ ଓ ଶୀତଳ ଷଷ୍ଠୀ। ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଉପକୂଳବର୍ତ୍ତୀ ଗ୍ରାମାଞ୍ଚଳ ଏବଂ ସୁନ୍ଦରଗଡ଼, ସମ୍ବଲପୁରରେ ମହାସମାରୋହରେ ପାଳିତ ହୁଏ ଶୀତଳ ଷଷ୍ଠୀ। ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନଗୁଡ଼ିକରେ ଏହି ଉତ୍ସବଟି ପାଳିତ ହୁଏ ଦିଅଁବିଭା ନାମରେ। ପୁରୀ ସହରରେ ନିମନ୍ତ୍ରଣ, ଦିଅଁବିଭା, ଶୀତଳଷଷ୍ଠୀ, ଗୁଆଲି, ସାତମଙ୍ଗଳା ଆଦି କ୍ରମରେ ପାଳିତ ହୁଏ। ଶାସନ ଗ୍ରାମଗୁଡ଼ିକରେ ଶିବ-ପାର୍ବତୀଙ୍କ ବିବାହ ସରିବା ପରେ ପାର୍ବତୀଙ୍କୁ ସାଙ୍ଗରେ ଧରି ଶିବ ନିଜର ବୃଷଭ ବାହନରେ ଫେରନ୍ତି। ଏହାକୁ କୁହାଯାଏ ବାହୁଡ଼ା ବରକନ୍ୟା। ଏହି ସମୟରେ ବିଭିନ୍ନ ପ୍ରକାର



ଆତସବାଜି ଜରିଆରେ ଗ୍ରାମବାସୀ ସ୍ୱାଗତ ଜଣାନ୍ତି। ଏଥିପାଇଁ ଦୀର୍ଘ ଏକମାସ ଲାଗି ଗ୍ରାମବାସୀ ବାଣ ତିଆରି କରିଥାନ୍ତି। ଦୁଇ ଦଳ ହୋଇ ଆତସବାଜି ପ୍ରତିଯୋଗିତା ମଧ୍ୟ କରନ୍ତି। ଏହି ସମୟରେ ଘରେ ଘରେ ଚୂଡ଼ାଘଷା, ଖିରି, ଡାଲମା, ସପୁରୀ, ଆଦି ଦେବତାଙ୍କ ଉଦ୍ଦେଶ୍ୟରେ ଭୋଗ ଲଗାଯାଏ। ପୁରୀରେ ଠାକୁରଙ୍କର ଗୁଆଲି ସହିତ ମେଢ଼ନାଚ, ଖଣ୍ଡାବୁଲା, ପାଇକଖେଳ ପ୍ରଦର୍ଶନ କରାଯାଇଥାଏ। ଶିବ ବିବାହ ପରଦିନ ପାଳିତ ହୁଏ ଶୀତଳ ଷଷ୍ଠୀ।

# ସ୍ୱଧର୍ମ...



ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ଭଗବଦ୍ ଗୀତାର ଏହା ମହାନ ବଚନ- 'ସ୍ୱଧର୍ମେ ନିଧନଂ ଶ୍ରେୟଃ, ପରଧର୍ମୋ ଭୟାବହଃ'। ମନୁଷ୍ୟକୁ ନିଜର ବାସ୍ତବିକ ଉତ୍ତରଦାୟିତ୍ୱର ଆଡକୁ ଫେରିବାରେ ପ୍ରେରଣା ଦେଇଥାଏ। ଏଠାରେ ଧର୍ମ ଶବ୍ଦ କର୍ତ୍ତବ୍ୟର ବୋଧ କରେଇ ଥାଏ। ଏହାର ମୂଳଭାବ ଏହା କି ପ୍ରତ୍ୟେକ ବ୍ୟକ୍ତିକୁ ନିଜ ପାଇଁ ନିୟତ କର୍ତ୍ତବ୍ୟର ହିଁ ପାଳନ କରିବା ଦରକାର। ତେଣିକି ସେହି କାର୍ଯ୍ୟ ଯେତେ ସାଧାରଣ ଅଥବା କଠିନ ହେଇଥାଉ। ଅନ୍ୟଙ୍କ ଧର୍ମ କିମ୍ବା କର୍ତ୍ତବ୍ୟକୁ ତେଣିକି କିଏ ଯେତେ କୁଶଳରେ କରୁ, ତାହା ତା' ପାଇଁ ଭୟ, ଭ୍ରମ ଏବଂ ଅସନ୍ତୁଳନର କାରଣ ହୋଇଥାଏ। ଯେମିତି ଜଣେ ବିଦ୍ୟାର୍ଥୀର କର୍ତ୍ତବ୍ୟ ପାଠ ପଢିବା ନା କି ଉପଦେଶ ଦେବା, ଗୋଟିଏ କୃଷକର ଧର୍ମ ହେଲା କୃଷି କରିବା ନା କି ହସ୍ପିଟାଲରେ ଚିକିତ୍ସା କରିବା, ସନ୍ନ୍ୟାସୀର ଧର୍ମ ହେଲା ସଂଯମ ଆଉ ବୈରାଗ୍ୟ ନା କି ଗୃହସ୍ଥ ଭଳି ଆଚରଣ କରିବା। ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଅର୍ଜୁନ ମୋହରେ ପଡି ନିଜର ସ୍ୱଧର୍ମରୁ ବିମୁଖ ହୋଇ ଯାଇଥିଲେ। ତାଙ୍କର କ୍ଷତ୍ରିୟ ଧର୍ମ ଥିଲା ଅନ୍ୟାୟ ବିରୋଧରେ ଯୁଦ୍ଧ କରିବା କିମ୍ବା ଧର୍ମ ରକ୍ଷା କରିବା। କିନ୍ତୁ ସେ କହିବାକୁ ଲାଗିଲେ କି ସ୍ୱଜନଙ୍କୁ ମାରିକରି ରାଜ୍ୟ ମୋର ଦରକାର ନାହିଁ। ସେହି ସମୟରେ ଭଗବାନ ଶ୍ରୀକୃଷ୍ଣ ଗୀତାର ମାଧ୍ୟମରେ ତାଙ୍କୁ ଏହା ଶିଖେଇଲେ, ହେ ଅର୍ଜୁନ ! ତୁମେ ନିଜର ଧର୍ମର ପାଳନ କର। ତୁମର ଧର୍ମ ରଣଭୂମିରେ ଧର୍ମର ସ୍ଥାପନ ହେତୁ ଯୁଦ୍ଧ କରିବା, ନା କି ପରମାର୍ଥଙ୍କ ନାମରେ ପଛକୁ ହଟିଯିବା। ତେଣିକି ତୁମକୁ ଏଥିରେ ମୃତ୍ୟୁ ମିଳୁ ବା ନମିଳୁ, ଏହା ତୁମର କଲ୍ୟାଣକାରୀ ମାର୍ଗ ଅଟେ। ଯଦି ତୁମେ ନିଜର ଧର୍ମରୁ ହଟିକରି ସନ୍ନ୍ୟାସ କିମ୍ବା ପଳାୟନର ମାର୍ଗକୁ ଅପଣେଇବ, ତା'ହେଲେ ଏହା ଭୟ ଆଉ ପତନର କାରଣ ହେବ। ଏହି ପ୍ରସଙ୍ଗରେ ଅର୍ଜୁନଙ୍କୁ ସ୍ୱଧର୍ମରେ ଫେରିବାର ପ୍ରେରଣା ସମୂହ ବିଶ୍ୱ ପାଇଁ ସର୍ବକାଳିକ ମାର୍ଗ ଦର୍ଶନ ହୋଇଯାଏ। ମହନ୍ତ ସ୍ୱାମୀ ମହାରାଜ ବୁଝେଇଛନ୍ତି କି ଏହି ସ୍ୱଧର୍ମ କେବଳ ସ୍ୱୟଂ ଶାସ୍ତ୍ର ପଢିବାରେ ନୁହେଁ, ଅପିତୁ ଅନୁଭବୀ ଗୁରୁଙ୍କ ନିର୍ଦ୍ଦେଶରେ ନିର୍ଦ୍ଧାରିତ ହୋଇଥାଏ। କାହିଁକି ଶାସ୍ତ୍ରର ସାରକୁ ବ୍ୟବହାରିକ ଜୀବନରେ କେମିତି ପାଳନ କରିବ, ଏହା ସେ ଭଲ ଭାବରେ ଜାଣିଥାନ୍ତି। ଯେତେବେଳେ କୌଣସି ବ୍ୟକ୍ତି କେବଳ ନିଜର ତରଙ୍ଗ ବିଚାର କିମ୍ବା ଇଚ୍ଛାକୁ ଧର୍ମର ମାର୍ଗରେ ଚୟନ କରେ ଆଉ ଶାସ୍ତ୍ର କିମ୍ବା ଗୁରୁଙ୍କ ନିର୍ଦ୍ଦେଶକୁ ଅବହେଳିତ କରିଥାଏ, ଆଉ ସେ ବାଟବଣା ହୋଇ ଧର୍ମର ଜାଲରେ ଫସିଯାଏ। ଯଦି କିଏ ସ୍ୱଧର୍ମକୁ ଛାଡିକରି କୌଣସି ଅନ୍ୟ ମାର୍ଗରେ ଚାଲିଥାଏ, ତାହାର ପରିଣାମ ଜୀବନ ସଙ୍କଟରେ ପଡିଯାଏ ଆଉ ଶେଷରେ ତାକୁ ପଶ୍ଚାତାପ ହୋଇଥାଏ।

# ମାଦଳା ପାଞ୍ଜିରେ ସବୁ ଅଛି...



ସୌର ଚନ୍ଦ୍ର ମହାପାତ୍ର
ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ମୋ : ୯୪୩୭୦୦୪୪୬୬

ଆମ ଓଡ଼ିଆ ସାମାଜିକ ଚଳଣିରେ ପାଞ୍ଜି ପ୍ରଚଳନ ଅଛି। ମହାବିଷୁବ ସଂକ୍ରାନ୍ତିରେ ଆନୁଷ୍ଠାନିକ ଭାବେ ପାଞ୍ଜି ଉନ୍ମୋଚିତ ହୋଇଥାଏ। ଏଥିରେ ବର୍ଷକ ବାରମାସ ସମସ୍ତ ଦିନର ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ, ଶୁଭ ଅଶୁଭ କାଳ ଠାରୁ ପର୍ବପର୍ବାଣି ଯାନିଯାତ୍ରା, ତିଥି ନକ୍ଷତ୍ର ସବୁକିଛି ଉଲ୍ଲେଖ ରହିଥାଏ। ନାକ୍ଷ୍ୟତ୍ରିକ ସମ୍ଭାବ୍ୟ ଘଟଣାବଳୀ ଅନେକ କିଛି ରହିଥାଏ। ଠିକ୍ ସେହିପରି ମାଦଳା ପାଞ୍ଜିଟି ମହାନ ଶ୍ରୀଜଗନ୍ନାଥ ଧର୍ମ, ଶ୍ରୀମନ୍ଦିର, ରାଜବଂଶାବଳୀ, ଶ୍ରୀମନ୍ଦିରର ସମସ୍ତ ନୀତିକାନ୍ତି, ଦଇତା ଓ ସେବାୟତଙ୍କ ଦାୟିତ୍ୱ ଅଧିକାର ଓ ପାଉଣା, ଶ୍ରୀମନ୍ଦିରର ପ୍ରଶାସନିକ ନିର୍ଦ୍ଦେଶାବଳୀ ଆଦି ଉଲ୍ଲେଖ ରହିଥାଏ। ଶ୍ରୀଜଗନ୍ନାଥଙ୍କ ଧାରାବାହିକ ଇତିହାସ ଲେଖିବା ସମ୍ଭବ ନୁହେଁ। ଗଙ୍ଗବଂଶ ରାଜତ୍ୱ ପୂର୍ବର ଘଟଣାବଳୀର ବିବରଣୀ ପ୍ରମାଣିତ ଭାଗବତରେ ଜଣାଯାଉ ନାହିଁ। ପୌରାଣିକ ଉପାଖ୍ୟାନ ବ୍ୟତୀତ ଐତିହାସିକ ଯୁଗର ଘଟଣା ବହୁ ସ୍ଥାନରେ ନିର୍ଦ୍ଦିଷ୍ଟ ଭାବରେ ମିଳୁ ନାହିଁ। 'ମାଦଳାପାଞ୍ଜି'ରେ ଯେଉଁସବୁ ବିବରଣୀ ମିଳୁଛି, ତାହା ମଧ୍ୟ କେତେକ ସ୍ଥଳରେ ସମସାମୟିକ ଐତିହାସିକ ପ୍ରମାଣ ସହିତ ମେଳ ହେଉନାହିଁ। ଏହା ସତ୍ତ୍ୱେ ମାଦଳାପାଞ୍ଜିରୁ ବହୁତ ବିଷୟ ମିଳୁଛି। ପାରମ୍ପରିକ ପ୍ରଥା, କିମ୍ବଦନ୍ତୀ ଓ ଐତିହାସିକ ଘଟଣାର ସମାବେଶ ଏଥିରେ ଥିବାରୁ ଜଗନ୍ନାଥଙ୍କ ଇତିହାସ ଓ ଓଡ଼ିଆ ଇତିହାସ ଲେଖାରେ ପାଞ୍ଜିଟି ଅପରିହାର୍ଯ୍ୟ ଉପାଦାନ ରୂପେ ବ୍ୟବହୃତ ହେଉଛି।

ଲୋକେ କଥାରେ କହନ୍ତି, 'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ।' ଅର୍ଥାତ୍ ଯାହା ମହାଭାରତ ଗ୍ରନ୍ଥରେ ନାହିଁ, ତାହା ଭାରତ ବର୍ଷରେ ନାହିଁ। ଏହି ଅନୁରୂପ ଆଉ ଗୋଟିଏ କଥା ଆମ ଓଡ଼ିଶାରେ ପ୍ରଚଳିତ ଅଛି। ତାହା ହେଉଛି, 'ମାଦଳାରେ ସବୁ ଅଛି।' ଏହି ମାଦଳା ହିଁ ମାଦଳାପାଞ୍ଜି କ୍ଷେତ୍ରର ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରର ଇତିବୃତ୍ତ, ରୀତିନୀତି ପ୍ରଭୃତି ବିଷୟରେ କଥା ପଡ଼ିଲେ ଲୋକେ କହିଥାଆନ୍ତି, 'ମାଦଳାପାଞ୍ଜିରେ କ'ଣ ଅଛି, ଦେଖ।' ଏହି ଦିଗରୁ ଦେଖିଲେ ଓଡ଼ିଶାର ପ୍ରାଚୀନ ରାଜନୈତିକ ଜୀବନ, ସାମାଜିକ ରୀତିନୀତି ଓ ପରମ୍ପରା ସମ୍ବନ୍ଧରେ ମାଦଳା ପାଞ୍ଜିର ପ୍ରଭାବ ଅସ୍ୱୀକାର କରି ହୁଏନାହିଁ। ତେବେ ଏହି ମାଦଳା ପାଞ୍ଜିଟି କ'ଣ ଏବଂ କାହାକୁ କୁହାଯାଉଛି।

ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ଅନ୍ୟପକ୍ଷରେ ମାଦଳା ପାଞ୍ଜିର ପ୍ରାଚୀନତା ସ୍ୱୀକାର କରି ଲେଖୁଥିଲେ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ପୁସ୍ତକ ମୁଖବନ୍ଧରେ - 'From the 12th Century onwards the development of the language is treaceable' ଏହା ସତ୍ୟ ଯେ ଜାତିର ଇତିହାସ ଲିପିବଦ୍ଧ କରିବା ଉଦ୍ଦେଶ୍ୟରେ ମାଦଳାପାଞ୍ଜି ଲେଖା ଆରମ୍ଭ ହୋଇନଥିଲା। ତେଣୁ ତହିଁ ଇତିହାସର କ୍ରମବିବର୍ତ୍ତନ ଅନୁସନ୍ଧାନ କଲେ ହତାଶ ହେବାକୁ ପଡ଼ିବ। ସେଥିପାଇଁ ଐତିହାସିକ ରମାପ୍ରସାଦ ଚନ୍ଦ୍ରଙ୍କ ଅଭିମତ ପ୍ରଶ୍ନବାଚୀ ହେବା ସ୍ୱାଭାବିକ। ସେ ଲେଖିଥିଲେ 'The annals were probably compiled for the first time in the beginning of the reign of Rama Chandra Deva and we have therefore accurate account of the events that happened before Mahammdan conquest of Orissa.'

ଶ୍ରୀଜଗନ୍ନାଥଙ୍କ ମନ୍ଦିରର ରୀତିନୀତି ଓ ରାଜାମାନଙ୍କର ରାଜତ୍ୱ ସମ୍ପର୍କିତ ସଂକ୍ଷିପ୍ତ ଇତିହାସ ଧାରାବାହିକ ଭାବେ ମାଦଳା ପାଞ୍ଜିରେ ଉଲ୍ଲେଖ ହୋଇଥାଏ। ପ୍ରଥମେ ଏହା ତାଳପତ୍ରରେ ଲେଖା ହେଉଥିଲା। ତେବେ ମାଦଳା ଶବ୍ଦଟି ଉପରେ ଆମେ ଯାହା ତଥ୍ୟ ସଂଗ୍ରହ କରିଥିଲୁ ବାସ୍ତବରେ ଯେଉଁ ତାଳପତ୍ର ଉପରେ ଶ୍ରୀଜଗନ୍ନାଥ ମନ୍ଦିରର ନିତିଦିନିଆ ପାଞ୍ଜି ଭଳି ସମସ୍ତ ବିବରଣୀ ଓ ଘଟଣା ଲିପିବଦ୍ଧ ହୁଏ ସେସବୁ ଏକତ୍ର କରି ବିଡ଼ା ବନ୍ଧା ହୋଇ ମାଦଳା ବା ମର୍ଦ୍ଦଳ ଆକାରରେ ରଖା ହେଉଥିବାରୁ ଏହି ତାଳପତ୍ର ପୋଥିକୁ ମାଦଳା ପାଞ୍ଜି ବୋଲି କୁହାଯାଏ। ତେବେ ଜନଶ୍ରୁତି, ସ୍ମୃତିଶକ୍ତି ଓ ବିକ୍ଷିପ୍ତ ଉପାଦାନ ଉପରେ ନିର୍ଭରକରି ଏହା ଲେଖା ହୋଇଥିବ ବୋଲି କେତେକ ଉଲ୍ଲେଖ କରନ୍ତି। ତେବେ ଐତିହାସିକ ତଥ୍ୟ ଅନୁଯାୟୀ ଗଙ୍ଗବଂଶୀ ରାଜାମାନଙ୍କ ରାଜତ୍ୱ ଆରମ୍ଭ ସମୟରେ ଲେଖା ହୋଇଛି ବୋଲି ଉଲ୍ଲେଖ ରହିଥିବାବେଳେ ଯଜାତି, ଜନ୍ମେଜୟ, ଚୋଡ଼ଗଙ୍ଗ ଦେବ ଏହି ତିନିରାଜାଙ୍କ ଭିତରୁ କେହି ଜଣଙ୍କ ରାଜତ୍ୱରେ ମାଦଳା ପାଞ୍ଜି ଲେଖା ଆରମ୍ଭ ହୋଇଥିବା ବୋଲି ବିଶ୍ୱାସ ରହିଛି। ଶ୍ରୀଜଗନ୍ନାଥ ଓ ମହାପ୍ରଭୁଙ୍କ ସଂସ୍କୃତି ଉପରେ ଏଯାବତ୍ ଯେତେ ଲେଖା ସବୁ ପ୍ରକାଶିତ ହୋଇଛି ସେ ସବୁ ଭିତରୁ ଅନେକ ଏହି ତଥ୍ୟଭିତ୍ତିକ 'ମାଦଳାପାଞ୍ଜିର' ସହାୟତା ନିଆଯିବା ସହ ତଥ୍ୟ ଗୁଡ଼ିକ ମଧ୍ୟ ଉଲ୍ଲେଖ କରାଯାଇଛି। ଗବେଷକ ସୂର୍ଯ୍ୟନାରାୟଣ ଦାସଙ୍କ ତଥ୍ୟ ଅନୁଯାୟୀ ମାଦଳା ପାଞ୍ଜିର ଅନେକ ଐତିହାସିକ ମୂଲ୍ୟ ରହିଛି। ପ୍ରଥମରେ ପ୍ରାଚୀନ ଓଡ଼ିଶାର ବହୁତ ପ୍ରଧାନ ଐତିହାସିକ ଘଟଣା ଏଥିରେ ଲିପିବଦ୍ଧ ହୋଇଛି। ଦ୍ୱିତୀୟରେ ମହାପ୍ରଭୁଙ୍କ ମନ୍ଦିରର ରୀତିନୀତି, ପର୍ବପର୍ବାଣୀ ବିବରଣୀ ପାଇଁ ମାଦଳା ପାଞ୍ଜି ପ୍ରମୁଖ ସହାୟ।




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ରାୟଶ୍ରୀ ହୃଷିକେଶ ଧଳଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଚବିଶପଡ଼ା ଗ୍ରାମରେ ଶୁକ୍ରବାର ପୂର୍ବାହ୍ଣରେ ଶିକ୍ଷାବିତ ସନ୍ନ୍ୟାସୀ ଚରଣ ବ୍ରହ୍ମଙ୍କ ପୌରୋହିତ୍ୟ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ସରପଞ୍ଚ ଉଦ୍ଧବ ଚରଣ ନାୟକ, ସାମାଜସେବୀ ଦେବେନ୍ଦ୍ର ପୁହାଣ, ଶିକ୍ଷାବିତ ନିତ୍ୟାନନ୍ଦ ମଲ୍ଲିକ୍, ଦୀନରଞ୍ଜନ ପାଢ଼ୀ, ଅମୂଲ୍ୟ ସେନାପତି ରାମଚନ୍ଦ୍ର ନାୟକ, ସୁଧାକର ସେଠୀ ପ୍ରମୁଖ ଯୋଗଦେଇ ଶିକ୍ଷାବିତ ସ୍ୱର୍ଗତ ଧଳ କେବଳ ଶିକ୍ଷକ ନଥିଲେ ସେ ଜଣେ ପାଲା କଳାକାର ଭାବେ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସ୍ୱର୍ଗତ ଧଳ ଆପଣାପଣରେ ସମସ୍ତଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ନରହରି ନାୟକ, ନାରାୟଣ ମାନଧାତା, ଧ୍ରୁବଚରଣ ସାମନ୍ତରାୟ ମହାପାତ୍ର, ରଘୁନାଥ ମଲିକ, ଫକୀର ମହାଲିକ, ରବିନ୍ଦ୍ର ନାୟକ, ଭିକାରୀ ଚରଣ ନାୟକ, ସସ୍ମିତା ଧଳ, ସୁଶ୍ରୀ ସାଧନା, ସ୍ମୃତି ଆରାଧନା, ନିହାର ରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଧଳଙ୍କ ଶିକ୍ଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଅତିଥିମାନେ ସ୍ୱର୍ଗତ ଧଳଙ୍କ ପ୍ରତିମୂର୍ତ୍ତି ସହିତ ସ୍ମୃତି ପତ୍ରିକା ଉନ୍ମୋଚନ କରିଥିଲେ। ଶିକ୍ଷାବିତ ନାରାୟଣ ଚନ୍ଦ୍ର ଧଳ ଧନ୍ୟବାଦ ଦେଇଥିଲେ। ଆଦିକନ୍ଦ ଧଳ, ନିତ୍ୟାନନ୍ଦ ଧଳ, ଗୋରାଚାନ୍ଦ ଧଳ, ବିଶ୍ୱଜିତ ଘୋଷ, ସିଦ୍ଧାର୍ଥ ଅନୁରାଗ ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ସର୍କେଲଙ୍କ ବିରୁଦ୍ଧରେ ବୃଦ୍ଧିପାଉଛି ଜନ ଅସନ୍ତୋଷ

## ଟ୍ରକ ସଂଘକୁ ବିବାଦ ଆଡକୁ ନଟାଣିବାକୁ ଜେସିସିର ଚେତାବନୀ



ପାରାଦୀପ, (ଭାସ୍କର ନ୍ୟୁଜ୍): ଇଫ୍‌କୋରେ ଜିପସମ ପରିବହନ କରୁଥିବା ଟ୍ରକ ମାଲିକ ସଂଘ ସହିତ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ବିଷୟରେ ଜନୈକ ନେତା ବାପି ସର୍କେଲ ଆପତ୍ତିଜନକ ମନ୍ତବ୍ୟକୁ ପାରାଦୀପ ଟ୍ରକ ମାଲିକ ସଂଘର ମିଳିତ ସମନ୍ୱୟ କମିଟି (ଜେସିସି) ବିରୋଧ କରିବା ସହିତ ସମାଲୋଚନା କରିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ପାରାଦୀପ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ସଭାପତି ବିରଞ୍ଚି ନାରାୟଣ ପରିଡ଼ା (ଆଲୋକ)ଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଗନ୍ନାଥ ଟ୍ରକ ମାଲିକ ସଂଘ ସଭାପତି ତଥା ଜେସିସି ସଂଯୋଜକ ରାକେଶ କୁମାର ଜେନା, ପାରାଦୀପ ଟ୍ରକ ମାଲିକ ସଂଘର ସମ୍ପାଦକ ରାଜେଶ ମହାନ୍ତି, ସହସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଜଗନ୍ନାଥ ଟ୍ରକ ମାଲିକ ସଂଘର ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହସମ୍ପାଦକ ସୁଧିର କୁମାର ଜେନାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ନିକଟରେ ସର୍କେଲଙ୍କ ମନ୍ତବ୍ୟକୁ ବିରୋଧ କରିଥିଲେ। ଦୀର୍ଘଦିନ ହେବ ଟ୍ରକ ମାଲିକମାନେ ଦୁର୍ଦ୍ଦିନ ଦେଇ ଗତି କରୁଥିବା ବେଳେ ନୂତନ ସରକାର ଆସିବା ଏବଂ ସ୍ଥାନୀୟ ନେତା ସମ୍ପଦ ସ୍ୱାଇଁ ପାରାଦୀପ ବିଧାୟକ ଓ ମନ୍ତ୍ରୀ ହେବା ପରେ ତାଙ୍କ ଉଦ୍ୟମ ଓ ସହଯୋଗରେ ଟ୍ରକ ବ୍ୟବସାୟରେ କିଛିଟା ସୁଧାର ଆସିଛି। ଏତଦବ୍ୟତୀତ ଇଫ୍‌କୋ ସାର କାରଖାନାରୁ ଜେସିସି ମାଧ୍ୟମରେ ୭୦ ପ୍ରତିଶତ ଜିପସମ ଉଠାଇବା ପାଇଁ ମଧ୍ୟ ନିଶ୍ଚିତ ହୋଇଛି। ତେବେ ଆମକୁ ଯିଏ ସହଯୋଗ କରୁଛନ୍ତି ଆମେ ସମସ୍ତ ଟ୍ରକ ମାଲିକ ତାଙ୍କ ପାଖରେ କୃତଜ୍ଞ। ତେବେ ଗାଡି ମାଲିକଙ୍କ ଉନ୍ନତି ବିଷୟରେ ଚିନ୍ତା ନକରି ସଂଘକୁ ରାଜନୀତି ଭିତରକୁ ଠେଲିବାର ଅପଚେଷ୍ଟା ନକରିବାକୁ ସର୍କେଲଙ୍କୁ ଜେସିସିର ନେତୃତ୍ୱମାନେ ଚେତାବନୀ ଦେଇଛନ୍ତି। ତେବେ ନିଜକୁ ରାଜନେତା, ଶ୍ରମିକ ନେତା ଓ କର୍ପୋରେଟ ନେତା ବୋଲାଉଥିବା ଅରିନ୍ଦମ ସର୍କେଲ ଓରଫ ବାପି ସର୍କେଲ ବାହାର ଅଞ୍ଚଳର ହୋଇଥିଲେ ମଧ୍ୟ କମ ଦିନରେ ନିଜର ଆଧିପତ୍ୟ ଜାହିର କରିଥିବା ବେଳେ ଏବେ ପାରାଦୀପରେ ସେ ବିବାଦୀୟ ହୋଇପଡିବା ସହ ତାଙ୍କ ବିରୁଦ୍ଧରେ ପ୍ରବଳ ଜନ ଅସନ୍ତୋଷ ଦେଖିବାକୁ ମିଳିଲାଣି। ତାଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଥିବା ବେଳେ କେତେକ ହତ୍ୟା ଘଟଣାରେ ତାଙ୍କୁ ଜେଲ ଯିବାକୁ ମଧ୍ୟ ପଡିଥିଲା।

## ଦୁର୍ଘଟଣାରେ ଚାଲିଗଲା ୨୦ ବର୍ଷ ଯୁବକର ଜୀବନ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଯୁବକଙ୍କ ପାଇଁ ହମ୍ପସ ସାଜିଲା ଯମ ଦୂତ। ହମ୍ପସ୍‌ରେ ପଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାସ୍ତାରେ ମନଇଛା ହମ୍ପସ୍ ନିର୍ମାଣ ଜନସାଧାରଣଙ୍କ ଯାତାୟତ ପାଇଁ ବିପଦ ସୃଷ୍ଟିକରିଛି। କେତେକ ବ୍ୟକ୍ତି ତାଙ୍କ ଘର ଆଗରେ ଓ ଘରୋଇ କଲେଜ ଆଗରେ ମନଇଛା ବିରାଟକାୟ ହମ୍ପସ ନିର୍ମାଣ କରିଥିବାରୁ ବାରମ୍ବାର ଲୋକମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଭୋବନିପୁର ୧୧ ନମ୍ବର ୱାର୍ଡ଼ର କାଉନସିଲର ଅନୁସୟା ପାଣି ଓ ସମାଜସେବୀ ବେନୁ ସ୍ୱାଇଁଙ୍କର ଏକମାତ୍ର ପୁତ୍ର ଦୀପକଙ୍କର ସ୍ୱାଇଁ (୨୦) ଗତ ଶୁକ୍ରବାର ରାତ୍ର ସାଢ଼େ ଦଶଟାରେ ଫେରୁଥିବା ବେଳେ ଗୁହାଳପଡ଼ା ରାସ୍ତା +୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏକ ଘରୋଇ କଲେଜ ସମ୍ମୁଖରେ ନିର୍ମାଣ ହୋଇଥିବା ବିରାଟକାୟ ହମ୍ପସ୍‌ରେ ବାଇକ୍ ମାଡ଼ ହୋଇଯିବାରୁ ଦୀପଙ୍କର ସ୍ୱାଇଁ ଛିଟିକି ପଡ଼ି ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯାଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ମାତ୍ର ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ



ଅବସ୍ଥା ଭଲ ନଥିବାରୁ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଦୀପଙ୍କରଙ୍କର ମୃତ୍ୟୁ ଘଟିଥିଲା। ଭୁବନେଶ୍ୱରରୁ ମର ଶରୀର ଗ୍ରାମରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ, ପୂର୍ବତନ କାଉନସିଲର ଅରୁଣ ପ୍ରସାଦ ଦାଶ, ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଭୋବନିପୁରର ଗ୍ରାମ କମିଟି ମୁଖିଆ ପବିତ୍ର ମୋହନ ବରାଳଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ଦୀପଙ୍କର ଭୋବନିପୁର ବାସ ଭବନରେ ପହଂଚି ପରିବାରକୁ ସାନ୍ତ୍ୱନା ଦେଇଥିଲେ। ତାଙ୍କ ମର ଶରୀର ଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଛି। ପ୍ରକାଶ ଥାଉକି, ଗୁହାଳପଡ଼ା ସମେତ ବିଭିନ୍ନ ରାସ୍ତାରେ ବେଆଇନ ହମ୍ପସ ନିର୍ମାଣ ହେବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଅଛି। କେତେଜଣ ବ୍ୟକ୍ତି ନିଜ ଘର ଆଗରେ ହମ୍ପସ୍ ନିର୍ମାଣ କରି ଏହି ଦୁର୍ଘଟଣା ବଢ଼ାଉଥିବା ଚର୍ଚ୍ଚା ହେଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ରାସ୍ତାରେ ଥିବା ହମ୍ପସ୍‌କୁ ଉଠାଇ ଦେବା ପାଇଁ ନିମାପଡ଼ା ଅଂଚଳର ଜନସାଧାରଣ ଦାବି କରିଛନ୍ତି।

## ୧୫ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ୍ ଚେୟାର ଓ ୫୪ ଜଣଙ୍କୁ ଭତ୍ତା ବଣ୍ଟନ



ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୧୫ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଓ ୫୪ ଜଣ ବାର୍ଦ୍ଧକ୍ୟ/ ବିଧବାଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଓ ଉପାଧ୍ୟକ୍ଷ ମାନିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାଉନସିଲର ଗିରିଧାରୀ ସାହୁ, ନରେନ୍ଦ୍ର ବେହେରା, ପପୁ କୁମାର ସାହୁ, ସୁଶାନ୍ତ ନାୟକ, ମନ ମୋହନ ସାହୁ, କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କୁ ହୁଇଲ ଚେୟାର ଓ ବାର୍ଦ୍ଧକ୍ୟ/ ବିଧବାମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଗ୍ରାମ ଅଫିସର ଗୁଣନିଧି ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

## ରାଣୀ ଅହିଲ୍ୟା ବାଇ ହୋଲରଙ୍କ ଜୟନ୍ତୀ ପାଳିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ବିଜେପି ତରଫରୁ ସର୍କିଟ ହାଉସରେ ପୁଣ୍ୟଶ୍ଲୋକ ରାଣୀ ଅହଲ୍ୟା ବାଇ ହୋଲକରଙ୍କ ୩୦୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗ ଦେଇଥିଲେ ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ମୋହାଦୟ, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଧାୟକ ପାର୍ଥ ରାଜ କିଶୋର ବେହେରା, ବାଲିକୁଦା ଏରସମା ବିଧାୟକ ପାର୍ଥ ସତ୍ୟସାରଥୀ ମହାନ୍ତି, ମହିଳା ମୋର୍ଚ୍ଚା ସଭା ନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

## ନିଶା ନୁହେଁ, ଜୀବନକୁ ଗ୍ରହଣ କର-ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଜଗତସିଂହପୁର, (ଭାସ୍କର ନ୍ୟୁଜ): ଭାରତରେ ପ୍ରାୟ ବର୍ଷକୁ ୧୪ଲକ୍ଷ ଲୋକ ତମାଖୁ ସେବନ ଯୋଗୁଁ ଜୀବନ ହରାଉଛନ୍ତି। ପ୍ରତିବର୍ଷ ଭାରତରେ ବିଭିନ୍ନ କାରଣରୁ ଯେତିକି ମୃତ୍ୟୁ ହେଉଛି, ତା'ର ପ୍ରାୟ ୧୦ ପ୍ରତିଶତ କେବଳ ତମାଖୁଜନିତ। ଜନସାଧାରଣ, ବିଶେଷକରି ଯୁବ ସମାଜ ଏଥିରୁ କିପରି ମୁକ୍ତି ପାଇବେ, ସେ ବିଷୟକୁ ଆଜି ଗମ୍ଭିରତାର ସହ ନେବାର ସମୟ ଆସିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନ କନଭେନ୍‌ସନ୍ ହଲ୍ ଠାରେ ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଉପଲକ୍ଷେ ଆୟୋଜିତ ସଚେତନତା ଅଭିଯାନର ଶୁଭାରମ୍ଭ ଅବସରରେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାରୁ ଆଭାସୀ ମାଧ୍ୟମରେ ଆମ ସଂକଳ୍ପ ଅଭିଯାନରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ



ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ ତଥା ଅବକାରୀ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ତମାଖୁ, ବିଷାକ୍ତ ମଦ ଓ ଡ୍ରଗ୍‌ସ ବ୍ୟବହାର ଓ ପ୍ରସାରକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ପ୍ରଥମ ପର୍ଯ୍ୟାୟରେ ବିଶ୍ୱ ତମାଖୁ ନିଷେଧ ଦିବସ ମଇ ୩୧ ତାରିଖ ଠାରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ, ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୨୬ ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟରେ ଅକ୍ଟୋବର ୨ ଏବଂ ଚତୁର୍ଥ ପର୍ଯ୍ୟାୟରେ ଡିସେମ୍ବର ୨୫ରୁ ୨୦୨୬ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ବର୍ଷ ଧରି ଏହି ସଚେତନତା ଅଭିଯାନ ଜାରି ରହିବ। ତମାଖୁ ସେବନର ଅପକାରିତା ଏବଂ ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ସଚେତନତା ଅଭିଯାନକୁ ଘରେ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଜିଲ୍ଲାରେ ମଧ୍ୟ ଏହି ସଚେତନତା ଅଭିଯାନ ଆରମ୍ଭ ହୋଇଛି ଯାହା ପ୍ରତ୍ୟେକ ବ୍ଲକ୍ ଓ ପୌରାଞ୍ଚଳ ବାସୀଙ୍କୁ ସଚେତନ କରାଇବ।

## ବନ୍ଦର ବ୍ୟବହାରକାରୀ ସମ୍ମିଳନୀ ଆୟୋଜିତ

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ପକ୍ଷରୁ ସ୍ଥାନୀୟ ବିଜୁ ସମ୍ମିଳନୀ ଗୃହରେ ଶୁକ୍ରବାର ସନ୍ଧ୍ୟାରେ ବନ୍ଦର ବ୍ୟବହାରକାରୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚଳିତ ଆର୍ଥିକ ବର୍ଷରେ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ନିମନ୍ତେ ରଣନୀତି ପ୍ରସ୍ତୁତ କରିବା ପାଇଁ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରିବା। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଦେଶର ଏକ ନମ୍ବର ସ୍ଥାନ ଅଲଙ୍କୃତ କରିଥିବା ସମ୍ମାନଜନକ ସ୍ଥିତି ଉପରେ ଆଲୋଚନା କରି କହିଥିଲେ ଯେ ପାରାଦୀପ ବନ୍ଦର ଦେଶର ବୃହତ ବନ୍ଦର ମଧ୍ୟରେ ନୁହେଁ, ଅପରନ୍ତୁ ରେଳ ପରିବହନ କ୍ଷେତ୍ରରେ ଦେଶର ସମସ୍ତ ବନ୍ଦର ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଛି। ବନ୍ଦରର ଆଧୁନିକିକରଣ ନିମନ୍ତେ ପ୍ରତିବଦ୍ଧତାକୁ ଦୋହରାଇ ଅଧ୍ୟକ୍ଷ କହିଥିଲେ ଯେ ୨୦୩୦ ସୁଦ୍ଧା ସମଗ୍ର ବର୍ଥ ବା ପୋତାଶ୍ରୟ ଗୁଡିକର ଯାନ୍ତ୍ରିକରଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ଆର୍ଥିକ ବର୍ଷରେ ମହତ୍ୱାକାଂକ୍ଷିକ ୧୬୧ ନିୟୁତ ମେଟ୍ରିକ ଟନ ପଣ୍ୟ କାରବାର ଲକ୍ଷ୍ୟ ହାସଲ ପାଇଁ ବନ୍ଦର ଅଂଶୀଦାର ମାନଙ୍କର ପୂର୍ଣ୍ଣ ସହଯୋଗ ଓ ଉତ୍ସର୍ଗୀକୃତ ସହଯୋଗ ଲୋଡ଼ିଥିଲେ ବନ୍ଦର ଅଧ୍ୟକ୍ଷ ହରନାଦ। ଏହି ଅବସରରେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମଧ୍ୟ ବନ୍ଦର ପଣ୍ୟ କାରବାରକୁ ନୂତନ ଶିଖରରେ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ପ୍ରୟାସ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବନ୍ଦର ଟ୍ରାଫିକ ମ୍ୟାନେଜର ଜି.ଏଡିସନ ପରିଚାଳନା କରିଥିଲେ।

## ଅଳ୍ପକେ ବର୍ତ୍ତିଲେ ୨୫ରୁ ଊର୍ଦ୍ଧ୍ୱ ଶ୍ରମିକ

## ପାରାଦୀପ ପିଆଇସିଟି ବର୍ଥରେ ଲୁହା ପ୍ଲେଟ ଲୋଡିଂ ସମୟରେ ଛିଡିଗଲା ଲୋଡିଂ କ୍ରେନ୍‌ର ତାର

ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦରର ପିଆଇସିଟି ବର୍ଥରେ ଶନିବାର ଦିନ ଏକ ଜାହାଜ 'ଫାଉଟ ସ୍ୱେଜଗୀନ'ରେ ଲୁହା ପ୍ଲେଟ ଲୋଡିଂ ସମୟରେ ହଠାତ କ୍ରେନର ତାର ଛିଡିଯାଇ ଲୁହା ପ୍ଲେଟଗୁଡିକ ଭୀଷଣ ଶବ୍ଦ କରି ବର୍ଥ ଉପରେ ପଡିଯାଇଥିଲା। ସୌଭାଗ୍ୟ ବଶତଃ ସେଠାରେ କାର୍ଯ୍ୟ କରୁଥିବା ୨୫ଜଣ ଶ୍ରମିକ ଏହି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ସୂଚନା ଥାଉକି ପୂର୍ବରୁ ସୁରକ୍ଷା ଅଭାବରୁ ପିଆଇସିଟିରେ ଏହିପରି ଅନେକ ଛୋଟବଡ ଦୁର୍ଘଟଣା ଘଟି ଅନେକ ନିରୀହ ଶ୍ରମିକଙ୍କ ମୃତ୍ୟୁ



ଘଟିବା ସହିତ ଅନେକ ଏବେ ମଧ ଚିକିତ୍ସିତ ହେଉଛନ୍ତି। ଏଠାରେ ଶ୍ରମିକ ଶୋଷଣ ଚାଲିଥିବା ନେଇ ଅନେକ ଶ୍ରମିକ ସଂଘ ଅଭିଯୋଗ କରିଛନ୍ତି।

## ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

ଭୁବନ, (ଭାସ୍କର ନ୍ୟୁଜ୍): କାମାକ୍ଷାନଗରର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରଥମ ବିଜେପି ବିଧାୟକ (୧୯୮୫) ପ୍ରସନ୍ନ ପଟ୍ଟନାୟକ (୭୬)ଙ୍କର ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଆଜି ଶୁକ୍ରବାର ଭୋର ୪.୪୫ ମିନିଟ ସମୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ଥିଲେ। ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକ ୧୯୭୭,୧୯୮୫ ଓ ୧୯୯୦ ରେ କାମାକ୍ଷା ନଗରରୁ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ମର ଶରୀରକୁ ପ୍ରଥମେ ବିଧାନସଭା ପ୍ରାଙ୍ଗଣ ଓ ପରେ ରାଜ୍ୟ ବିଜେପି କାର୍ଯ୍ୟାଳୟକୁ ନିଆଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଗଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ପରେ ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ଓ କାମାକ୍ଷାନଗର ଦେଇ ଶେଷରେ ଭୁବନ ଅଣାଯାଇଥିଲା। ପଟଶିଷ୍ୟ ଭୁବନ ମହିଳା ମହା ବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲିପ କୁମାର ଦାସଙ୍କ ନେତୃତ୍ୱ ଓ ପୂର୍ବତନ ଜିଲ୍ଲା ବିଜେପି ସଭାପତି ବରିଷ୍ଠ ନେତା ପ୍ରେମାନନ୍ଦ ଜେନାଙ୍କ ସହଯୋଗରେ ଭୁବନ କାଳୀବଜାର ସ୍ଥିତ ବିଜେପି କାର୍ଯ୍ୟାଳୟକୁ ଅଣାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ଶତାଧିକ ଲୋକ ଶେଷଦର୍ଶନ ଓ ଅନ୍ତିମ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପ୍ରସନ୍ନ ବାବୁଙ୍କ ବିୟୋଗ ଅପୂରଣୀୟ କ୍ଷତି ଓ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ଅନେକ ଲୋକ କଲ୍ୟାଣ କାର୍ଯ୍ୟ କରିଯାଇଛନ୍ତି, ଯାହା ତାଙ୍କୁ ସବୁଦିନେ ମନେ ରଖିବ ବୋଲି ବୁଦ୍ଧିଜୀବୀ ଓ ରାଜନୀତିଜ୍ଞ ମହଲରେ ଆଲୋଚନା ହେଉଛି ଏବଂ ସାରା ଭୁବନରେ ଗଭୀର ଶୋକ ପ୍ରକାଶ ପାଇଛି।

## ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସରେ ଡ଼କ୍ଟରେଟ୍ ଲାଭ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ପୁଣେ ସ୍ଥିତ ସିମ୍ବିହସିସ୍ ଇଣ୍ଟର ନ୍ୟାସନାଲ୍ (ଡ଼ିମ୍‌ଡ଼୍ ୟୁନିଭରସିଟି)ରୁ ବ୍ୟାଙ୍କିଂରେ ପିଏଚ୍‌ଡ଼ି ଉପାଧି ପାଇ ଯୋଗ୍ୟ ବିବେଚିତ ହୋଇଛନ୍ତି ଶିବପ୍ରସାଦ ମହାନ୍ତି। ସେ ଡ. ସନ୍ତୋଷ ଗୋପାଳକ୍ରିଷ୍ଣନ୍‌ଙ୍କ ତତ୍ତ୍ୱାବଧାନରେ 'ଏକ୍ସପ୍ଲୋରିଙ୍ଗ ଫାଇନାନ୍‌ସିଆଲ୍ ଇଣ୍ଟର କନେକ୍ଟେଡ଼୍‌ନେସ୍ ଆଣ୍ଡ୍ କ୍ରେଡ଼ିଟ୍ ଇଣ୍ଟର ମିଡ଼ିଏସନ:ଏନ୍‌ବିଏଫସିଏସ୍ ଭରସେସ୍ କମରସିଆଲ୍ ବ୍ୟାଙ୍କସ୍ ଇନ୍ ଇଣ୍ଡିଆ' ଉପରେ ଗବେଷଣା କରିଥିବା ସନ୍ଦର୍ଭଟି ଜାତୀୟ ଓ ଆନ୍ତର୍ଜାତୀୟ ଗବେଷକଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ଏଥିପୂର୍ବରୁ ସେ ସ୍ନାତକ (ଉତ୍କଳ ବିଶ୍ୱ ବିଦ୍ୟାଳୟ)ରେ ସ୍ୱର୍ଣ୍ଣପଦକ ଏବଂ ସ୍ନାତକୋତର (ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ) ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଥିଲେ। ସେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ କୁମାଣ୍ଡୋଳ ପାଟଣା ଗ୍ରାମର ସ୍ୱର୍ଗତ ବ୍ରଜକିଶୋର ମହାନ୍ତି ଓ ସୁଷମାରାଣୀ ମହାନ୍ତିଙ୍କ ନାତି ତଥା ସୁବ୍ରତ କୁମାର ମହାନ୍ତି ଓ ମମତା ଦାସଙ୍କ ପୁତ୍ର ଅଟନ୍ତି। ଏହି କାର୍ଯ୍ୟରେ ପ୍ରେରଣା ପାଇଁ ସେ ଆଇଆଇଏମ୍-ରାଇପୁରର ଡ. ପ୍ରଦୀପତ୍ରରାରଥୀ ପଣ୍ଡା ତଥା ଏନ୍‌ଆଇଏସ୍‌ଏମ୍‌ର ଡ. କପିଳ ଶ୍ରୀମଲ, ଡ. ଚେତନା ମେହତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ପ୍ରକାଶ ଥାଉକି, ନିମାପଡ଼ା ଶିବ ପ୍ରସାଦ ମହାନ୍ତିଙ୍କ ମାମୁଁ ଘର ହୋଇଥିବା ବେଳେ ତାଙ୍କର ମାମୁଁ ଡ. ନୀଳକଣ୍ଠ ଦାସ, ଡ ତାରିଣୀ ଦାସଙ୍କର ଭଣଜା ବୋଲି ଜଣାପଡ଼ିଛି।

## ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ନିମନ୍ତେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀବୃନ୍ଦ ଏକ ଭବ୍ୟ ଏବଂ ବର୍ଣ୍ଣାଢ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ କରିଥିଲେ। ନୂତନ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଡ. ତ୍ରିପାଠୀଙ୍କ ପାଞ୍ଚ ବର୍ଷ ଅବଧିରେ ମହାବିଦ୍ୟାଳୟର ବିକାଶୋନ୍ମୁଖୀ କାର୍ଯ୍ୟର ଧାରା ବିବରଣୀ ରଖିଥିଲେ ଏବଂ ଉକ୍ତ ମହାବିଦ୍ୟାଳୟ ଚାକିରିରେ ଯୋଗଦେବା ସମୟରେ ଡ. ତ୍ରିପାଠୀଙ୍କ ସହଯୋଗକୁ ସ୍ମୃତିଚାରଣ କରିଥିଲେ। ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ ଅଧ୍ୟକ୍ଷଙ୍କ ବିଦାୟ କାଳୀନ ସଭାରେ ବନ୍ଧୁବତ୍ସଳରୂପେ କହିଥିଲେ ଏବଂ କାର୍ଯ୍ୟପନ୍ଥାର ନିଆରା ଉଚ୍ଚକୋଟିର ତରିକା ଉପରେ ସୂଚାଇଥିଲେ। ଏହି ଅବସରରେ ଉପ ପରୀକ୍ଷା ନିୟନ୍ତ୍ରକ ଡ. ନନ୍ଦିତା ଦାଶ ଏବଂ ଅଧ୍ୟାପିକା ମିନତି ବେହେରା, ଅଧ୍ୟାପକ ଚିତ୍ରସେନ ବେହେରାଅଧ୍ୟକ୍ଷଙ୍କ ବିଷୟରେ ନିଜ ମତ ଦେଇଥିଲେ। ଅଧ୍ୟାପକ ରାଜେଶ କୁମାର ସାହୁ ବିଦାୟକାଳୀନ ଅଧ୍ୟକ୍ଷଙ୍କ ମହାବିଦ୍ୟାଳୟର ଭିତ୍ତି ସରଂଚନା ଏବଂ ଅନ୍ତଃନିର୍ମାଣ ଉପରେ ଆଲୋକପାତ କରିଥିଲେ। ବିଦାୟୀ ଅଧ୍ୟକ୍ଷ ଡ. ତ୍ରିପାଠୀ ନିଜର ପାଞ୍ଚ ବର୍ଷ ସକାରାତ୍ମକ ଅଧ୍ୟକ୍ଷତାର ଅନୁଭୂତିକୁ ସଂକ୍ଷେପରେ ବ୍ୟକ୍ତ କରିଥିଲେ। ତତ୍ପଶ୍ଚାତ ଅଧ୍ୟକ୍ଷଙ୍କୁ ଉପଢୌକନ ଏବଂ ବିଦାୟୀକାଳୀନ ମାନପତ୍ର, ଉପହାର ମାଧ୍ୟମରେ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କ ଦ୍ୱାରା ଭବ୍ୟ ସମ୍ବର୍ଦ୍ଧନା କରାଯାଇଥିଲା।

## ମଶାଦାଉରେ ସୋରଡ଼ା ଲୋକେ ଅତିଷ୍ଠ

ସୋରଡ, (ଭାସ୍କର ନ୍ୟୁଜ୍): ସହରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ କଲବଲ କରୁଛି। ରାତିରେ ପ୍ରବଳ ଗୁଳୁ ଗୁଳି ହେଉଥିବା ବେଳେ ମଶାବଂଶ ବୃଦ୍ଧି ଲୋକଙ୍କ ପାଇଁ କାଳ ହେଉଛି। ସୋରଡାରେ ଉପଯୁକ୍ତ ସମୟରେ ମଶାରୀ ବଣ୍ଟନ ,ନାଳ ମାନଙ୍କରେ ଫିନାଇଲ ନପକାଇବା, ଡି. ଡି. ଟି ସିଞ୍ଚନ ହେଉନଥିବାଓ ମଶା ଗାଡି ବୁଲୁ ନଥିବା କାରଣରୁ ମଶା ବଂଶ ବୃଦ୍ଧି ଅନୁମାନ କରାଯାଉଛି ଓ ଜନସାଧାରଣରେ ଆଲୋଚନା ହେଉଛି। ମ୍ୟାଲେରିଆରେ ମୃତ୍ୟୁ ହେଉଥିଲେ ମଧ ତାକୁ ସାଧାରଣ ଜ୍ୱରରେ ମୃତ୍ୟୁ ଦର୍ଶାଯାଉଛି। ସ୍ୱାସ୍ଥ୍ୟବିଭାଗ ତରଫରୁ ଉପଯୁକ୍ତ ତଦାରଖ ଅଭାବ ଓ ଏନ.ଏ.ସିର ସାନିଟାରୀ ଇନ୍‌ସପେକ୍ଟର, ଇଓଙ୍କ ଆନ୍ତରିକତାର ଅଭାବରେ ମ୍ୟାଲେରିଆ ଜ୍ୱର ଠିକ ସମୟରେ ଚିହ୍ନଟ ହୋଇ ପାରୁନଥିବା ବେଳେ ଏଗାରଟି ୱାର୍ଡରେ କାଗଜପତ୍ରରେ ନିଯୁକ୍ତି ପାଇଥିବା ୱାର୍ଡ ଅଫିସରମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ଚିକିତ୍ସାର ଅବହେଳାରୁ ରୋଗୀ ମୃତ୍ୟୁ ମୁଖରେ ପଡୁଛନ୍ତି। କେବଳ ସେତିକି ନୁହେ ଅନେକ ସମୟରେ ରୋଗୀର ରକ୍ତ ପରିକ୍ଷା କରାଯାଉ ନହି କାରଣ ରକ୍ତ ପରୀକ୍ଷା କଲେ ମ୍ୟାଲେରିଆ ରୋଗରେ ମୃତ୍ୟୁର ପ୍ରକୃତ କାରଣ ପଦରେ ପଡିଯିବ। ତେଣୁ ରକ୍ତ ପରକ୍ଷା କରାଯାଉନାହି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁଓ ଏନଏସି ପକ୍ଷରୁ ମ୍ୟାଲେରିଆ ଜ୍ୱର ନିରାକରଣ ପାଇଁ ମାଗଣା ମଶାରୀ ବଣ୍ଟନ, ଗର୍ଭବତୀ ମହିଳା, ସ୍କୁଲ ଅନାଥ ଆଶ୍ରମରେ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ ମଧ ମଶାରୀ ବଣ୍ଟନ କରଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। କିନ୍ତୁ ଏହା ବାସ୍ତବାରେ ଘୋଷଣା ପାଣିରେ ଗାର। ଏହି କାର୍ଯ୍ୟକ୍ରମ ସଫଳ ହୋଇପାରୁ ନଥିବାରୁ ମଶାବଂଶର ଅହେତୁକ ବୃଦ୍ଧି ଘଟିଥିବା ଅଭିଯୋଗ ହେଉଛି। ମ୍ୟାଲେରିଆ ରୋଗକୁ ନିରାକରଣ କରିବାକୁ ହେଲେ ସ୍ୱାସ୍ଥ୍ୟ ବିଭାଗ, ଏନଏସିର ଏସଆଇଇଓ, ପ୍ରତ୍ୟେକ ୱାର୍ଡର ଜନ ପ୍ରତିନିଧି, ସ୍ୱଚ୍ଛକର୍ମୀ, ସ୍ୱଚ୍ଛସାଥି, ସ୍ୱେଚ୍ଛାସେବି ଅନୁଷ୍ଠାନଗୁଡିକ ସହରରେ ବୁଲି ଜନ ସଚେତନତା ସୃଷ୍ଟି କରିବା ପାଇଁ ଜନ ସହଯୋଗ ନିମନ୍ତେ କାର୍ଯ୍ୟ କରିବା ପାଇଁ ସୋରଡା ଜନସାଧାରଣଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ଏନଏସିରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ଇଓ, ଡାକ୍ତର ମାନଙ୍କ ସହିତ ଯୋଗାଯୋଗ କରିବାରେ ସେମାନେ ସରକାର ଆମକୁ କୌଣସି ସୁବିଧା ଦେଉ ନଥିବାରୁ ଆମେ କୌଣସି ପ୍ରତିକାର ବ୍ୟବସ୍ଥା କରିପାରୁନଥିବା ପ୍ରକାଶ କରିଛନ୍ତି। ଏଣୁ ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ସିଡିଏମ୍‌ଓ ଏଥିପ୍ରତି ଦୃଷ୍ଟିଦେଇ ଔଷଧ ମଶାରୀ ତୁରନ୍ତ ମଞ୍ଜୁରୀ କରିବା ପାଇଁ ସୋରଡା ଅଞ୍ଚଳର ସ୍ୱେଚ୍ଛାସେବି ଅନୁଷ୍ଠାନ ଶଶିଭୂଷଣ ଯୁବକ ସଂଘର ସଭାପତି ଆରାପଲି ସାରଥି ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## କମ୍ପାନୀ ପରିସରରୁ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ୍): ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଗୋପାଳପୁର ଇଡ଼କୋ ପ୍ଲଟ୍‌ରେ ଥିବା ଏକ ଘରୋଇ କମ୍ପାନୀ ପରିସରରୁ ଏକ ଅଣଓଡ଼ିଆ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଶଙ୍କର ଅକ୍ସିଜେନ୍ ପ୍ରାଇଭେଟ୍ ଲିମିଟେଡ ଲେଖାଥିବା ଏକ କମ୍ପାନୀ ପରିସରରେ ଅନେକ ରାଜସ୍ଥାନୀ ଶ୍ରମିକମାନେ ରହୁଥିଲେ। ଶନିବାର ସକାଳୁ ତୁକାରାମ ନାମକ ଜଣେ ୩୦ବର୍ଷିୟ ଶ୍ରମିକଙ୍କର ମୃତଦେହ କମ୍ପାନୀ ପରିସରରେ ଥିବା ଏକ ଗଛରେ ଝୁଲୁଥିବାର ସହଯୋଗୀମାନେ ଦେଖିବା ପରେ ପୁଲିସ୍‌କୁ ଖବର ଦିଆଯାଇଥିଲା। ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତ ଶରୀରକୁ ଉଦ୍ଧାରକରି ପୋଷ୍ଟମୋର୍ଟମ୍ ପାଇଁ ପଠାଇବା ସହିତ ସହଯୋଗୀମାନଙ୍କୁ ପଚରା ଉଚୁରା କରିଥିଲା। ଉକ୍ତ ଇଡକୋ ପ୍ଲଟ୍‌ଟି ନୀଳାଚଳ ଷ୍ଟକିଷ୍ଟ ନାମରେ ପଞ୍ଜୀକୃତ ହୋଇଥିବା ବେଳେ ଫାଟକ ସମ୍ମୁଖରେ କିନ୍ତୁ ଶଙ୍କର ଅକ୍ସିଜେନ୍ ଲେଖାଥିବା ଦେଖିବାକୁ ମିଳିଥିଲା। ଏହି ରାଜସ୍ଥାନୀ ଶ୍ରମିକମାନେ କମ୍ପାନୀରେ କାର୍ଯ୍ୟରତ ଥିଲେ ନା ଭଡ଼ା ରହି ଅନ୍ୟ କେଉଁଠି କାମ କରୁଥିଲେ ତାହା ତଦନ୍ତ ସାପେକ୍ଷ। ପୁଲିସ୍ ଏହା ଉପରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବାବେଳେ ମୃତ ଶରୀରକୁ ଶବବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ନେଇ ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଲୁଟିନେଲେ ୫ଲକ୍ଷରୁ ଉର୍ଦ୍ଧ୍ୱଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା ବଡଖିର ଗ୍ରାମ ପଂଚାୟତ ଗୋପପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାଇଧର ନାୟକଙ୍କ ଗଡ୍ରେଜ ଓ ଲକର ଭାଙ୍ଗି ଦୁର୍ବୃତ୍ତମାନେ ୫ଲକ୍ଷରୁ ଉର୍ଦ୍ଧ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ସାଇଂଟିଫିକ୍ ଟିମ ଦ୍ୱାରା ତଦନ୍ତ ଜାରି ରଖିଛନ୍ତି। ନାୟକ ଗତ କିଛିଦିନ ହେଲା ହୃଦଘାତ ଜନିତ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସାଧିନ ଥିବା କାରଣରୁ ପରିବାର ବର୍ଗ ତାଙ୍କ ନିକଟରେ ରହିଛନ୍ତି। ଘରେ କେହି ନଥିବାର ସୁଯୋଗ ନେଇ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରୀଲ ଓ କବାଟ ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ଘରର ଗଡ୍ରେଜ ଓ ଲକର ଭାଙ୍ଗି ୫ଭରିରୁ ଉର୍ଦ୍ଧ ସ୍ୱର୍ଣ୍ଣ ଅଳଙ୍କାର, ମୂଲ୍ୟବାନ ଶାଢୀ, କପଡା, କଂସା ବାସନ, ନଗଦ ୮ହଜାର ଟଙ୍କା ଲୁଟି ନେଇଥିବାର ଅଭିଯୋଗ ହୋଇଛି। ଖବର ପାଇ ତାଙ୍କର ପୁତ୍ର ପବିତ୍ର ମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ସମ୍ପର୍କରେ ପବିତ୍ର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରହିଛି। ରିପୋର୍ଟ ଲେଖା ହେଲା ବେଳକୁ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇ ନଥିବାର ଜଣାଯାଇଛି। ତେବେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଘନ ଘନ ଚୋରି ଡକାୟତି, ରାହାଜାନି ଘଟୁଥିବା କାରଣରୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁନାହାନ୍ତି। ତେବେ ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର କେତେକ ଅପରାଧି ସମ୍ପୃକ୍ତ ଥିବାର ସନ୍ଦେହ କରାଯାଉଛି।

## ବିଜୁଳି ବିଲ୍ ଚାପରୁ ମୁକ୍ତି ଦେଉଛି ପିଏମ୍-ସୂର୍ଯ୍ୟଘର ଯୋଜନା

### - ସୋଲାର ପ୍ୟାନେଲ ସ୍ଥାପନା ପାଇଁ ବଢୁଛି ଉପଭୋକ୍ତାଙ୍କ ଆଗ୍ରହ

### - ଆକର୍ଷଣ ସାଜିଛି ୭୦ ପ୍ରତିଶତ ସବ୍‌ସିଡି ବ୍ୟବସ୍ଥା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନାକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏନଓଡିଏଲ) ବିଶେଷ ଗୁରୁତ୍ୱ ଦେଉଛି। ପିଏମ ସୂର୍ଯ୍ୟ ଘର ପୋର୍ଟାଲରେ ପଞ୍ଜିକରଣ ପରେ ନିଶ୍ଚିନ୍ତରେ ପ୍ରକଳ୍ପ ଯୋଗାଇବା ଠାରୁ ଆରମ୍ଭ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସରକାରଙ୍କ ତରଫରୁ ରିହାତି ସମସ୍ତ ସୁବିଧା ଉପଲବ୍ଧ କରାଇବା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରୁଛି ଟିପିଏନଓଡିଏଲ୍। ଏକକାଳୀନ ସ୍ୱଳ୍ପ ବିନିଯୋଗରେ ଦୀର୍ଘକାଳୀନ ସୁବିଧାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ବେଶ୍ ଖୁସି ମଧ୍ୟ ଦେଖିବାକୁ ମିଳିଛି। ମୁଖ୍ୟତଃ ଗ୍ରୀଷ୍ମରେ ଅତିରିକ୍ତ ବିଦ୍ୟୁତ୍ ଖର୍ଚ୍ଚ ଉପଭୋକ୍ତାଙ୍କ ଚିନ୍ତା ବଢ଼ାଇଥିବା ବେଳେ ପିଏମ୍ ସୂର୍ଯ୍ୟଘର ଯୋଜନା ଆସିବା ପରେ ଉପଭୋକ୍ତାଙ୍କ ମନରେ ହସ ଫୁଟିଛି। ପୋର୍ଟାଲ ଆବେଦନ ସଂଖ୍ୟା ଖୁବ୍ ବୃଦ୍ଧି ପାଇଛି। ଟିପିଏନଓଡିଏଲ୍ ପକ୍ଷରୁ ଏହି ଯୋଜନାର ବହୁଳ ପ୍ରଚାର ପ୍ରସାର ପାଇଁ ମଧ୍ୟ ଏବେ ଅଧିକ ଜନ ସଚେତନତା କରାଯାଉଛି। ଫଳରେ ନୂତନ ସଂଯୋଗ ପରେ ଅତିରିକ୍ତ ବିଦ୍ୟୁତ୍ ଖର୍ଚ୍ଚରୁ ଗ୍ରାହକଙ୍କ ଚିନ୍ତା ମୁକ୍ତି ଦେଖିବାକୁ ମିଳିଛି। ପିଏମ ସୂର୍ଯ୍ୟଘର ପୋର୍ଟାଲରେ ଉପଭୋକ୍ତା ଏହି ଯୋଜନା ପାଇଁ ଆବେଦନ କରୁଥିବା ବେଳେ ସବସିଡି ଓ ଋଣ ବ୍ୟବସ୍ଥା ରହିଛି। ଏହି ଯୋଜନା ପାଇଁ ସରକାର ଆକର୍ଷଣୀୟ ସବସିଡି ସୁବିଧା କରିଛନ୍ତି। ୩ କିଲୋୱାଟ୍ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ସ୍ଥାପନ ଉପରେ ଉପଭୋକ୍ତାଙ୍କୁ ୧ଲକ୍ଷ ୩୮ହଜାର ଟଙ୍କାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି ମିଳୁଛି। ୧ କିଲୋୱାଟ ପାଇଁ ୫୫ହଜାର ଟଙ୍କା, ୨ କିଲୋୱାଟ ପାଇଁ ୧,୧୦,୦୦୦ ଟଙ୍କା ଓ ୩ କିଲୋୱାଟ ପାଇଁ ୧ଲକ୍ଷ ୩୮ହଜାର ଟଙ୍କାର ରିହାତି ସୁବିଧା ଅଛି। ପ୍ରତି କିଲୋୱାଟ ପିଛା ପ୍ରାୟ ୭୦ ହଜାର ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଆକର୍ଷଣୀୟ ସବସିଡି ସାଙ୍ଗକୁ ବ୍ୟାଙ୍କ ଋଣ ବ୍ୟବସ୍ଥା ମଧ୍ୟ ଉପଲବ୍ଧ କରାଯାଇଛି। ଯୋଜନାର ଲାଭ ଉଠାଇବା ପାଇଁ ହିତାଧିକାରୀଙ୍କ ଘରେ ଆବଶ୍ୟକୀୟ ଜାଗାର ଉପଲବ୍ଧତା ସହ ସମ୍ପୃକ୍ତ ଘର ବିଜୁଳି ସଂଯୋଗ ହୋଇଥିବା ଆବଶ୍ୟକ। ସୂଚନା ମୁତାବକ ଓଡ଼ିଶାରେ ବାର୍ଷିକ ୨୮୦ରୁ ୩୦୦ ଦିନ ଖରା ଅନୁଭୂତ ହେଉଥିବା ଯୋଗୁଁ ଏଠାରେ ସୌରଶକ୍ତି ଉତ୍ପାଦନ ପାଇଁ ବିପୁଳ ସମ୍ଭାବନା ରହିଛି। ବିଶେଷ କରି ଉତ୍ତର ଓଡ଼ିଶା ଏହାର ବିବିଧ ପ୍ରାକୃତିକ ବୈଶିଷ୍ଟ୍ୟ ଯୋଗୁଁ ସୌର ଶକ୍ତି ଭିତ୍ତିଭୂମି ପାଇଁ ଏକ ଉପଯୁକ୍ତ ସ୍ଥାନ। ଓଡ଼ିଶାର ଜଳବାୟୁ ଅନୁଯାୟୀ ସୌର ଶକ୍ତି ସାହାଯ୍ୟରେ ୧ କିଲୋୱାଟର ଭିତ୍ତିଭୂମି ଉପରେ ଦୈନିକ ହାରାହାରି ୩.୫ ୟୁନିଟ ଯାଏଁ ବିଜୁଳି ଉତ୍ପାଦନ ହୋଇପାରିବ। ଗୋଟିଏ ସୋଲାର ପ୍ୟାନେଲ ପାଖାପାଖି ୨୫ ବର୍ଷ ଯାଏଁ ସଠିକ ଭାବେ ଚାଲିବାର କ୍ଷମତା ରଖୁଥିବା ବେଳେ ଉପଭୋକ୍ତାମାନେ ଏହାର ସୁଫଳ ପାଇ ପାରିବେ। ଆବେଦନ ପାଇଁ ଆଗ୍ରହୀ ଉପଭୋକ୍ତା ମାନେ www. pm suryaghar.gov.in ୱେବସାଇଟ ମାଧ୍ୟମରେ ସରଳ ପଦ୍ଧତିରେ ଅନଲାଇନ୍ ଆବେଦନ କରିବାକୁ ଥିବାବେଳେ ଏଥି ପାଇଁ ଉପଭୋକ୍ତା ନମ୍ବର, ମୋବାଇଲ ନମ୍ବର, ବିଦ୍ୟୁତ ବିତରଣ କମ୍ପାନୀର ନାମ, ପରିଚୟ ଓ ଠିକଣା ପ୍ରମାଣ ପତ୍ର, ବିଦ୍ୟୁତ ବିଲ୍ ଆଦି ଡକ୍ୟୁମେଣ୍ଟ ଆବଶ୍ୟକ। ଅଧିକ ସୂଚନ ପାଇଁ ଉପଭୋକ୍ତା ଟିପିଏନଓଡ଼ିଏଲର ୨୪ ଘଣ୍ଟିଆ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ କିମ୍ବା ୧୯୧୨ରେ ଯୋଗଯୋଗ କରି ସମସ୍ତ ସୂଚନା ପାଇପାରିବେ।



ଗୋପ (ଭାସ୍କର ନ୍ୟୁଜ୍): ଗୋପ ବ୍ଲକର ଅତିରିକ୍ତ ଦାୟିତ୍ୱ ବହନ କରିଥିବା ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କରଙ୍କୁ ଆଜି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ କୁଶୁପୁର ଠାରେ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବରୁ ଥିବା ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ଅନ୍ୟତ୍ର ବଦଳି ହୋଇଯିବା ପରେ ଦୀର୍ଘ ୧ ମାସ ହେଲା ଏହି ପଦବୀଟି ଖାଲି ପଡିଥିଲା। ଫଳରେ ବିଭିନ୍ନ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଯାହାକୁ ଆଖିଆଗରେ ରଖି ସରକାରଙ୍କ ଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆଜି ସଦର ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କର ଗୋପ ବ୍ଲକର ଅତିରିକ୍ତ ଦାୟିତ୍ୱ ବହନ କରିଛନ୍ତି। ସେ ଆଜି ତାଙ୍କ କାର୍ଯ୍ୟରେ ଯୋଗଦେବା ପରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଏହି ସମୟରେ ଶ୍ରୀଯୁକ୍ତ କର କହିଛନ୍ତି ଯେତେଦିନ ସେ ଦାୟିତ୍ୱରେ ଥିବେ ଶିକ୍ଷକମାନଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବା ସହ ସରକାରୀ କାର୍ଯ୍ୟ ସୁଚାରୁ ଭାବେ କରିବେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ପ୍ରାଥମିକ ଶିକ୍ଷକ ଜିଲ୍ଲା ସମ୍ପାଦକ ଶିବଦତ୍ତ ନାୟକ, ସମନ୍ୱୟ ସମିତିର ସଭାପତି ଅଜୟ କୁମାର ରଥ, ସମ୍ପାଦକ ସରୋଜ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ନାୟକଙ୍କ ସମେତ ଏବିଇଓ ପୁଷ୍ପମିତ୍ରା ମିଶ୍ର, ବିନୋଦିନୀ ମହାପାତ୍ର, ବରିଷ୍ଠ କିରାଣୀ ଚନ୍ଦ୍ର ଶେଖର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଓଡ଼ିଶାର ପୂର୍ତ୍ତ ବିଭାଗ ମୁଖ୍ୟରାସ୍ତାରେ ଛତିଶଗଡ଼ର ଚିପ୍ସ

## ଠିକାସଂସ୍ଥାର ନିମ୍ନମାନର କାର୍ଯ୍ୟ ନେଇ ସାଧାରଣରେ ଅସନ୍ତୋଷ



କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ମହକୁମାଠାରୁ ସନ୍ତୋଷପୁର, ଟେମ୍ରା ହୋଇ ମୋତିଗାଁକୁ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଠିକାସଂସ୍ଥା ୨ ବର୍ଷ ପୂର୍ବରୁ ରାସ୍ତା ସମ୍ପ୍ରସାରଣ ପାଇଁ ପ୍ରଥମେ ରାସ୍ତାକଡ଼ର ଶହ ଶହ ବଡ଼ ଛୋଟ ଗଛକୁ କାଟି ଥିଲା। ଏହି ଗଛ କଟାକୁ ନେଇ ସ୍ଥାନୀୟ ଗ୍ରାମବାସୀ ତୀବ୍ର ନିନ୍ଦା କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ। ସେଭଳି ବର୍ତ୍ତମାନ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଏବଂ ଡ୍ରେନେଜର ନିର୍ମାଣ କାର୍ଯ୍ୟରେ ଛତିଶଗଡ଼ ରାଜ୍ୟର ଅତି ନିମ୍ନ ଓ ହାଲୁକା ଓଜନର ଚିପ୍ସ, ମେଟାଲ ବ୍ୟବହାର ହେଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଓଡ଼ିଶା ସରକାରଙ୍କ ତରଫରୁ ଲକ୍ଷାଧିକ ଟଙ୍କାରେ ନିର୍ମାଣ ହେଉଥିବା ପ୍ରଶସ୍ତ ଓ ଗ୍ରାମ ଓ ସହରକୁ ସଂଯୋଗୀକରଣ ରାସ୍ତାରେ କାହିଁକି ନିମ୍ନମାନର ଚିପ୍ସ, ମେଟାଲ ବ୍ୟବହାର କରୁଛି ଠିକାସଂସ୍ଥା, କାହିଁକି ପୂର୍ତ୍ତ ବିଭାଗ ନିରବଦ୍ରଷ୍ଟା ସାଜିଛି ବୋଲି ବର୍ତ୍ତମାନ ଅଞ୍ଚଳର ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିଭାଗ ଓ ଠିକାସଂସ୍ଥାର ମଧୁଚନ୍ଦ୍ରିକାରେ ନିମ୍ନମାନର କାର୍ଯ୍ୟ କରି ମାଲାମାଲ ହେଉଥିବା ବେଳେ ଏହି ରାସ୍ତା ଅତିଶୀଘ୍ର ଖରାପ ହେଲେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏପଟେ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିବ ବୋଲି ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଛି। ଏହି ରାସ୍ତା ନିର୍ମାଣ ଉପରେ ଉଚ୍ଚସ୍ତରୀୟ ଅଧିକାରୀ ପର୍ଯ୍ୟବେକ୍ଷଣ କଲେ ଏହି ରାସ୍ତାକାମରେ ଛତିଶଗଡ଼ ରାଜ୍ୟର ନିମ୍ନମାନର ଚିପ୍ସ ଲାଗିଥିବା ନିଶ୍ଚିତ ଭାବରେ ଜଣାପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି। ବର୍ତ୍ତମାନ ସନ୍ତୋଷପୁର ହାଇସ୍କୁଲ ନିକଟରେ ଥିବା ଖେଳ ପଡିଆ ଓ ପଦରଗାଁ ଠାରୁ ମତିଗାଁ ଯିବା ମୁଖ୍ୟରାସ୍ତା କଡ଼ରେ ଛତିଶଗଡ଼ ରାଜ୍ୟର ଚିପ୍ସ ଠିକାସଂସ୍ଥା ରଖି କାର୍ଯ୍ୟ ସମ୍ପାଦନ କରୁଥିବା ସାଧାରଣରେ ଦେଖିବାକୁ ମିଳିଛି। ସେହି ଠିକାସଂସ୍ଥାର ନିମ୍ନୋମାନ କାର୍ଯ୍ୟ ଲାଗି ପୁଣିଥରେ ରାସ୍ତା ମଧ୍ୟରେ ଥିବା ସମସ୍ତ କଲର୍ଭଟ ନିକଟରୁ ନୂତନ ପିଚୁ ଉଠାଇ ପୁନର୍ବାର ଚିପ୍ସ ଓ ମେଟାଲ ବିଛାଇ କାର୍ଯ୍ୟ ଆରମ୍ଭ କରିଛି ସାଧାରଣରେ ଅଭିଯୋଗ ପରେ। ବର୍ତ୍ତମାନ କେତେ ଦିନ ପର୍ଯ୍ୟନ୍ତ ଏହି ରାସ୍ତା ସଠିକ ଭାବରେ ଲୋକଙ୍କ ପାଇଁ ଗମନାଗମନ ପାଇଁ ଉପଯୁକ୍ତ ରହିବ ଆଗକୁ ସାଧାରଣରେ ଦେଖିବାକୁ ରହିଲା ।

# ରୋଗୀ କଲ୍ୟାଣ ସମିତି ବୈଠକ



କଣାସ (ଭାସ୍କର ନ୍ୟୁଜ୍) : କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦର ବର୍ଷର ପ୍ରଥମ ବୈଠକ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବର୍ଷ ତୁଳନାରେ ଗତ ବର୍ଷ ଓପିଡ଼ି ରୋଗୀ ସଂଖ୍ୟା, ଅନ୍ତର୍ବିଭାଗ ରୋଗୀ ସଂଖ୍ୟା, ନିଦାନ ପରୀକ୍ଷା, ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ଆଦିରେ ଅଭିବୃଦ୍ଧି ଦେଖା ଦେଇଛି। ମାତ୍ର ବିଶେଷଜ୍ଞ ଡାକ୍ତର ଓ ନର୍ସିଂ ଷ୍ଟାଫ୍ ପଦବୀ ଗୁଡିକ ବହୁଦିନ ଧରି ଖାଲି ପଡୁଥିବାରୁ ଆନୁଷ୍ଠାନକ ପ୍ରସବ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ଦୀର୍ଘଦିନ ଧରି ଆୟୁର୍ବେଦିକ ଔଷଧ ଯୋଗାଣ ହେଉନଥିବାରୁ ଆୟୁଷ ଓପିଡ଼ି ସଂଖ୍ୟାରେ ମଧ୍ୟ ହ୍ରାସ ହେଉଛି। କଣାସ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଉତ୍ତମ ଗୁଣବତ୍ତା ସେବା ଦେଉଥିବାରୁ ଗତବର୍ଷ ସମସ୍ତ ଉଣେଇଶ ଗୋଟି ଉପକେନ୍ଦ୍ର, ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଟିଏ ବ୍ଲକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା କଥା କମିଟିକୁ ଅବଗତ କରାଯାଇଥିଲା। କଣାସ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଭୁବନେଶ୍ୱରର ପ୍ରମୁଖ ଡାକ୍ତରଖାନାରୁ ଯୋଗଦେଇଥିବା ଶଲ୍ୟବିଶେଷଜ୍ଞ ଡାକ୍ତର ପ୍ରାର୍ଥସରଥୀ ପଣ୍ଡା ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଗିରିଷ ଚନ୍ଦ୍ର ସାହୁ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ମୂଲ୍ୟରେ ମାସକୁ ଥରେ ଦୁଇଥର ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ନିରାମୟ ସକାଳ ୭ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଦାବି କରିଥିଲେ। ପାନୀୟଜଳ ପାଇଁ ସରପଞ୍ଚ ଓ ବିଡ଼ିଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ କିମ୍ବା ଅନ୍ୟ ଦାତବ୍ୟ ଅନୁଷ୍ଠାନକୁ ଅନୁରୋଧ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ରୋଗୀଙ୍କ ଅପେକ୍ଷା ସ୍ଥଳରେ ଚେୟାର ଓ ପଙ୍ଖାର ବ୍ୟବସ୍ଥା କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସମସ୍ୟା, ବୈଦ୍ୟୁତିକ ସମସ୍ୟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏବିଡ଼ିଓ ମଙ୍ଗଳ ସିଂ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, ଥାନା ଅଧିକାରୀ ଯୁଜାରସିଂ, ଶିଶୁ ବିକାଶ ଅଧିକରିଣୀ ସ୍ମିତା ମହାନ୍ତି, ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାଷ ଚନ୍ଦ୍ର ଗେଜେନ୍ଦ୍ର, ଶ୍ରୀକାନ୍ତ ପାଢୀଯୋଶୀ, ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଈଶ୍ୱର ହରିଚନ୍ଦନ ପ୍ରମୁଖ ଯୋଗ ଦେଇଥିଲେ।

# ଟଙ୍କା ସହ ସୁନା ଗହଣା ଲୁଟିନେଲେ ଦୁର୍ବୃତ୍ତ

ଉମରକୋଟ (ଭାସ୍କର ନ୍ୟୁଜ୍): ଝରିଗାଁ ବ୍ଲକ ବେଲଗାଁ ଠାରେ କିଛି ଦୁର୍ବୃତ୍ତ ଦୁଇ ତୁଲା ସୁନା ଏବଂ ଆଠ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡିଛି। ସୂଚନା ପ୍ରକାରେ ବେଲଗାଁ ଗ୍ରାମର ଚିତ୍ରସେନ ପୂଜରୀ ସବୁଦିନ ଭଳି ନିଜେ ଅମଳ କରିଥିବା ମକା ଜଗିବା ପାଇଁ ଗତକାଲି ରାତ୍ର ପିଣ୍ଡିକୁ ଯାଇ ଶୋଇଥିଲେ। ଘରେ ଚିତ୍ରସେନଙ୍କ ସ୍ତ୍ରୀ ପଦ୍ମାବତୀଙ୍କ ସହ ରାଜେଶ ଏବଂ ଭଣଜା ପାଖରେ ଶୋଇ ଥିଲେ। ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘରର ସାମ୍ନାପଟ ଥିବା କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିଥିଲେ। ସମସ୍ତେ କଳା ପୋଷାକ ପିନ୍ଧି ଥିବାବେଳେ ମୁହଁରେ ମୁଖା ବାନ୍ଧିଥିଲେ। ହଠାତ୍ ଘର ଭିତରେ ପ୍ରବେଶ କରିବା ପରେ ପଦ୍ମାବତୀଙ୍କ ବେକରେ ଛୁରୀ ଲଗାଇ ପାଟି କଲେ ଜୀବନରେ ମାରିଦେବୁ ବୋଲି ଧମକ ଦେଇଥିଲେ। ପରେ ପଦ୍ମାବତୀ ବେକରେ ଏବଂ କାନରେ ପିନ୍ଧି ଥିବା ପ୍ରାୟ ଦୁଇ ତୁଲା ସୁନା ନେଇ ଯାଇଥିଲେ। ପରେ ପଦ୍ମାବତୀଙ୍କ ସ୍ୱାମୀଙ୍କ ପକେଟରେ ଥିବା ୮ ହଜାର ଟଙ୍କା ସହ ଖଟତଳେ ଥିବା କିଛି ଖୁଚୁରା ଟଙ୍କା ନେଇ ଚମ୍ପଟ ମାରିଥିଲେ। ଗାଡି ଶବ୍ଦ ଶୁଣି ପ୍ରାୟ ପାଞ୍ଚରୁ ସାତ ଜଣ ଦୁର୍ବୃତ୍ତ ଚାରି ଚକିଆ ଗାଡ଼ିରେ ଆସିଥିବା ସନ୍ଦେହ କରାଯାଉଛି। ଦୁର୍ବୃତ୍ତମାନେ ଯିବାର ଅଧଘଣ୍ଟା ପରେ ପଦ୍ମାବତୀ ପାଟି କରିବା ପରେ ସାହି ପଡ଼ୋଶୀ ଆସି ଚିତ୍ରସେନ ଡାକି ନେଇଥିଲେ। ଆଜି ସକାଳୁ ଚିତ୍ରସେନ ଝରିଗାଁ ଥାନାରେ ଲିଖିତ ଅଭିଯୋଗ ଦେବା ପରେ ଝରିଗାଁ ଥାନା ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ନିର୍ଦ୍ଦେଶନା ଓ ନେତୃତ୍ୱରେ, ଏସ୍ଆଇ କେ ଲକ୍ଷ୍ମୀ ନାରାୟଣ ଦୋରା, ଏଏସ୍ଆଇ ପ୍ରଭାତ କୁମାର ବରଡ଼ା, ମୁରଲୀଧର ବିଶୋଇ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



# ଚେରମୂଳି ବୈଦ ଜେଟୁ ମୁସିକାଙ୍କ ପରଲୋକ

ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ସଦର ପଞ୍ଚାୟତ ବାଉଁଶପୁଟ ଗାଁର ଲୋକପ୍ରିୟ ଚେରମୂଳି ବୈଦଜେଟୁ ମୁସିକାଙ୍କ ପରଲୋକ ହୋଇଯାଇଛି। ଅଳ୍ପ କିଛିଦିନ ହେଲା ବୈଦ ଜେଟୁ ମୁସିକା (୭୫ ବର୍ଷ)ଙ୍କ ପେଟ ଫୁଲିଯିବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ତାଙ୍କୁ ଅଧିକ ଭଲ ଚିକିତ୍ସା ପାଇଁ ରାୟଗଡ଼ା ଜିଲ୍ଲା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ମଧ୍ୟ ଚିକିତ୍ସା ହୋଇ ନପାରିବାରୁ ପରିବାର ଲୋକେ ନିଜ ଘରକୁ ଗୁରୁବାର ଦିନ ନେଇ ଆସିଥିଲେ। ଘରେ ପହଞ୍ଚିବା ପରେ ରାତ୍ରରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଦୁର୍ଘଟଣା କିମ୍ବା ଗଛ ଉପରୁ ପଡ଼ି ମଣିଷ ଶରୀରର ଯେକୌଣସି ହାଡ ଭାଙ୍ଗି ଯାଇଥିବା ବ୍ୟକ୍ତି ଆଖପାଖ ଓ ବହୁ ଦୂରଦୂରାନ୍ତରୁ ତାଙ୍କ ପାଖକୁ ଆସିଥାନ୍ତି। ଆବଶ୍ୟକ ପଡ଼ିଲେ ଚିକିତ୍ସା ପାଇଁ ନିମନ୍ତ୍ରଣ କ୍ରମେ ରୋଗୀଙ୍କ ଘରକୁ ସେ ଯାଇଥାନ୍ତି। ସେ ଅତି ନମ୍ରତାର ସହିତ ହାଡ ଭାଙ୍ଗିଥିବା ବ୍ୟକ୍ତି ଓ ତାଙ୍କ ସଦସ୍ୟଙ୍କ କଥା ଓ ଦୁଃଖକୁ ଶୁଣିଥାନ୍ତି। ଚିକିତ୍ସା ପାଇଁ କାହାରିକୁ ଟଙ୍କା ମାଗନ୍ତି ନାହିଁ କିନ୍ତୁ ଯାହା କିଛି ଖୁସିରେ ଦେଲେ ନିଅନ୍ତି। କାହାର ଗୋଡହାତ ଭାଙ୍ଗିଗଲେ ବାଉଁଶପୁଟ ଗାଁର ଜେଟୁ ବୁଢ଼ା ହିଁ ପ୍ରଥମେ ମନେ ପଡ଼ିଥାନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲା ଓ ସୀମାନ୍ତ ଆନ୍ଧ୍ର ପ୍ରଦେଶରୁ ଚିକିତ୍ସା ପାଇଁ ବୈଦ ଜେଟୁ ବୁଢ଼ା ପାଖରେ ଆସିଥାନ୍ତି। ସେ ଏହି ଚିକିତ୍ସା ପାଇଁ ଅତି ପରିଚିତ ଥିଲେ। ସେ ତାଙ୍କ ଜୀବନ କାଳ ମଧ୍ୟରେ ହଜାର ହଜାର ଲୋକଙ୍କୁ ସୁସ୍ଥ କରିଥିଲେ।

# ରୋଜଗାର ଯୋଗାଇଛି କୋବି ଚାଷ



ଉମରକୋଟ ( ଭାସ୍କର ନ୍ୟୁଜ୍): କୋବି ଚାଷ ଯୋଗାଇଛି ରୋଜଗାର। ପାଇଁ ଉଦାହରଣ ପାଲଟିଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ୟୁଭି ୫ ନଂ ବୁର୍ଜା ଗ୍ରାମର ଭଜନ ବାଲା। ଲୋକେ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। କିନ୍ତୁ ଭଜନ ନିଜର ଦୁଇ ଏକର ଜମିରେ କୋବି ଚାଷ କରି ସଫଳ ହୋଇଛନ୍ତି। ଏଥିସହ ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ୪ ଜଣଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି। ପୂର୍ବରୁ ପନିପରିବା ଯଥା, ବାଇଗଣ, ବିନ୍ସ, ମରିଚ, ମକା ଚାଷ କରୁଥିବା ବେଳେ ପ୍ରଥମ ଥର ପାଇଁ କୋବି ଚାଷ କରି ସଫଳ ଚାଷୀ ହୋଇଛନ୍ତି। ବାପା ଜଣେ ଚାଷୀ ହୋଇଥିବାରୁ ପିଲା ବେଳୁ ବାପାଙ୍କୁ ଚାଷ କାମରେ ସାହାଯ୍ୟ କରୁଥିଲେ। ଏବେ ସେହି ଦୁଇ ଏକର ଜମିରେ ବୁନ୍ଦା ଜଳସେଚନ ପ୍ରଣାଳୀରେ କୋବି ଚାଷ କରିଛନ୍ତି । ପ୍ରତି ପାଞ୍ଚ ଛଅ ଦିନରେ ପାଞ୍ଚ କ୍ୱିଣ୍ଟାଲ କୋବି ଏବେ ଉତ୍ପାଦନ ହେଉଛି। ବର୍ତ୍ତମାନ ଉମରକୋଟ ଓ ଏହାର ଆଖପାଖ ଓ ବାହାରେ ପତ୍ରକୋବି ଓ ଫୁଲକୋବିର ଭଲ ଚାହିଦା ରହିଛି। କୋବି ଗଛ ଚାରା ପ୍ରତି ୧.୨୫ ଟଙ୍କା ହିସାବରେ ଦୁଇ ଏକର ଜମିରେ ମୋଟ ୧.୫ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ରାୟପୁରରୁ କୋବି ଚାରା କିଣି ଆଣି ଏହି ଦୁଇ ଏକର ଜମିରେ କୋବି ଚାରା ଲଗାଇଥିଲେ। ଆଜି ପର୍ଯ୍ୟନ୍ତ କୋବି ବିକ୍ରି କରି ପ୍ରାୟ ୧ ଲକ୍ଷ ଆୟ କରିଛନ୍ତି। ଭଜନ ପାଖରେ କାମ କରୁଥିବା ମଜୁରିଆ କହିଛନ୍ତି, ଆମକୁ କାମ ଖୋଜିବା ପାଇଁ ବାହାରକୁ ଆଉ ଯିବାକୁ ପଡୁନାହିଁ। ଘର ପାଖରେ କାମ ମିଳିଥିବାରୁ ଆମେ ଓ ଆମ ପରିବାର ଲୋକେ ମଧ୍ୟ ଖୁସି ଅଛୁ। ସରକାରଙ୍କ ପକ୍ଷରୁ ସୋଲାର ପମ୍ପ ଯୋଗାଇ ଦିଆଗଲେ ଅଧିକ ଚାଷ କରି ହୁଅନ୍ତା ବୋଲି ଭଜନ କହିଛନ୍ତି। ଏଭଳି ଜିଲ୍ଲାର ଯୁବକ ଯୁବତୀମାନେ ଚାକିରି ପଛରେ ନଗୋଡାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନଯାଇ ନିଜେ ଚାଷ କରନ୍ତେ ତେବେ ନିଜେ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ଭଜନ କହିଛନ୍ତି।

# ହରିଶଙ୍କରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ପାଇଁ ପୂଜାପାଠ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ହରିଶଙ୍କର ଠାରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଅବସରରେ ଅଧିବାସ, କଳସ ଶୋଭାଯାତ୍ରା ଓ ପୂଜାପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହରିଶଙ୍କର ମନ୍ଦିରରେ ସ୍ୱତନ୍ତ୍ର ପୂଜା ନୀତି ଓ ମାଁ ବିନ୍ଧ୍ୟବାସିନୀ ମନ୍ଦିରରେ ମଧ୍ୟ ପୂଜା ପାଠ ଆରମ୍ଭ ହୋଇଛି। ଏହି ଅବସରରେ ବିନ୍ଧ୍ୟବାସିନୀ ମନ୍ଦିର ପୂଜା ମଣ୍ଡପରୁ ଏକ ଶୋଭାଯାତ୍ରା ବାହାରି ଥିବାବେଳେ କଳସ ଶୋଭାଯାତ୍ରା ଝରଣାରୁ ବାହାରି ପୂଜାମଣ୍ଡପରେ ପହଞ୍ଚି ଥିଲା। ବିଞ୍ଝାଲ ସମାଜ ତରଫରୁ କନ୍ୟାପକ୍ଷ କାର୍ଯ୍ୟ ତୁଲାଉ ଥିବାବେଳେ ବିଞ୍ଝାଲ ସମାଜର ବ୍ଲକ୍ ସଭାପତି ଚନ୍ଦ୍ରଶେଖର ବରିହା କନ୍ୟାପିତା ଓ ବିଶ୍ୱାସ ଦଳ ସମାଜ ତରଫରୁ ବର ପକ୍ଷ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ତ୍ରିନାଥ ପୁଝାରୀ ବର ପିତା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସନ୍ଧ୍ୟାରେ ଶିବ-ପାର୍ବତୀଙ୍କ ନିର୍ବନ୍ଧ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଶୀତଳ ଷଷ୍ଠୀର ତଦାରଖ ପାଇଁ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର ତଦାରଖ କରିଥିଲେ।



# ଗୋ-ଚାଲାଣକାରୀ ଗିରଫ, ୮ ଗୋରୁ ଉଦ୍ଧାର

ଶୁଳିଆପଦା(ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ କୁଜିଡ଼ିହି ଜଙ୍ଗଲୀ ରାସ୍ତା ଦେଇ ଗୋ ମାଫିଆ ଚଲାଇ ଚଲାଇ ପଶ୍ଚିମବଙ୍ଗକୁ ଗୋ ଚାଲାଣ କରୁଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚି ୮ଟି ଗୋରୁକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ କୋଷ୍ଟା ଗ୍ରାମର ଆଲାମ ଖାଁ, କାଳିଆଶୋଳର ଶିତିକାନ୍ତ ଦାସ ଓ ବାରିପଦା ହରିଶ୍ଚନ୍ଦ୍ରପୁରର ଭରତ ମହାନ୍ତଙ୍କୁ ଗିରଫ କରିଛି ଶୁଳିଆପଦା ପୋଲିସ।ଏନେଇ ୯୬/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ସହ ଗରୁ ଗୁଡିକୁ ବାଲେଶ୍ୱର ଗୋଶଳା କୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ବାର୍ଦ୍ଧକ୍ୟଙ୍କୁ ଭତ୍ତା ବଣ୍ଟନ



ଭୁବନ (ଭାସ୍କର ନ୍ୟୁଜ୍): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଆଜି ଶୁକ୍ରବାର ୧୫ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ଓ ୫୪ଜଣ ବାର୍ଦ୍ଧକ୍ୟ/ ବିଧବାଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକଙ୍କ ପ୍ରତିନିଧି ସଞ୍ଜୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାଧକ୍ଷା ମାନିନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାଉନସିଲର ଗିରିଧାରୀ ସାହୁ, ନରେନ୍ଦ୍ର ବେହେରା, ପପୁ କୁମାର ସାହୁ, ସୁଶାନ୍ତ ନାୟକ, ମନ ମୋହନ ସାହୁ, କୃପାସିନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗ ମାନଙ୍କୁ ହ୍ୱିଲ୍ ଚେୟାର ଓ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଗ୍ରାମ ଅଫିସର ଗୁଣନିଧି ପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




ଆଳି(ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ପ୍ରସ୍ତୁତ ରହି ତାହାର ପରିଚାଳନା କରିବା ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଦୁର୍ବଳ ନଦୀ ବନ୍ଧର ସ୍ଥିତି ଓ ଏହାର ମରାମତି, ରାସ୍ତାରେ ଜମିଥିବା ପାଣିର ତୁରନ୍ତ ନିଷ୍କାସନ, ଶୁଖିଲା ଖାଦ୍ୟ ପ୍ରସ୍ତୁତ ରଖିବା, ଔଷଧ ମହଜୁଦ ରଖିବା ସହିତ ଗର୍ଭବତୀ, ବୟସ୍କଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେଇ ପ୍ରସ୍ତୁତି ରହିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡା ଗୃହପାଳିତ ପଶୁ, କୃଷିକ୍ଷେତ୍ର, ଟ୍ୟାଙ୍କର ସୁବିଧା, ବାଲିବସ୍ତା ପ୍ରସ୍ତୁତ ରଖିବା, ଡ଼ଙ୍ଗା ଗୁଡିକୁ ପ୍ରସ୍ତୁତି ରଖିବା, ଅଗ୍ନିଶମ ଦଳ ସଜାଗ ରହିବା, ବିଦ୍ୟୁତ ସେବା, ଜନସଚେତନତା କରିବା, ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖିବା, ସୁଇଜ ଗେଟର ସ୍ଥିତି ଯାଞ୍ଚ କରି ସଠିକ ରଖିବା, ପାନୀୟ ଜଳ, ଡ୍ରେନେଜ ବ୍ୟବସ୍ଥା ଉତ୍ତମ କରିବା, କଣ୍ଟ୍ରୋଲ ରୁମର ଉତ୍ତମ ପରିଚାଳନା ସମେତ ପ୍ରାକୃତିକ ବିପର୍ଯ୍ୟୟ ପରେ କ୍ଷୟକ୍ଷତି ତୁରନ୍ତ ଆକଳନ ସମେତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବୈଠକରେ ଆଲୋଚନା ହୋଇଥିଲା । ସମସ୍ତ ବିଭାଗ ପୂର୍ବରୁ ଭଲ କାର୍ଯ୍ୟ କରିଛନ୍ତି ଚଳିତ ବର୍ଷ ମଧ୍ୟ ଉତ୍ତମ ଭାବେ ପ୍ରସ୍ତୁତି କରି ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଏବଂ ଅନ୍ୟ ମାନ୍ୟବର ବିଧାୟକ ମାନେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, କେନ୍ଦ୍ରାପଡ଼ା ଦ୍ୱାରା ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ପାଟକୁରା ବିଧାୟକଙ୍କ ପ୍ରତିନିଧି ସୁକାନ୍ତ କୁମାର ଦ୍ୱିବେଦୀ, ମାନ୍ୟବର ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ପଞ୍ଚାୟତ ସମିତି ଏବଂ ପୌରପାଳିକା ଅଧ୍ୟକ୍ଷ ଅଧ୍ୟକ୍ଷା,ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡ଼ିଓ, ତହସିଲଦାର, ଡେପୁଟି କଲେକ୍ଟର

# ମେଡିକାଲ ପରିସରରୁ ବାଇକ୍ ଚୋରି ଅଭିଯୋଗ

ଗୋପ (ଭାସ୍କର ନ୍ୟୁଜ୍): ଗତ ଗୁରୁବାର ବିଳମ୍ବିତ ରାତ୍ରିରେ ଗୋପ ମେଡିକାଲ ପରିସରରୁ ଏକ ବାଇକ୍‌କୁ କେହି ଦୁର୍ବୃତ୍ତ ଚୋରି କରି ନେଇ ଯାଇଥିବା ଗୋପ ଥାନରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଗୋପ ପୋଲିସ ମେଡିକାଲ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଛାନ୍‌ଭିନ୍ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ କୌଣସି ପତ୍ତା ପାଇନଥିବା ଜଣାପଡିଛି। ଗୋପ ମେଡିକାଲ ସିସିଟିଭି ଏବଂ ସିକ୍ୟୁରିଟି ଗାର୍ଡଙ୍କ କବ୍‌ଜାରେ ଥିଲେ ମଧ୍ୟ ଦୁର୍ବୃତ୍ତମାନେ ତାହାକୁ ଭୃକ୍ଷେପ ନକରି ଗତ ୩ ମାସ ମଧ୍ୟରେ ୪ ଟି ବାଇକ୍ ଚୋରି କରି ନେଇଯାଇଥିବା ପରିତାପର ବିଷୟ ହୋଇଛି। ହେଲେ ପୋଲିସ ଦୁର୍ବୃତ୍ତଙ୍କ ଟେର୍ ପାଉନି। ଏହି ଥାନା ଅଧିନ ବଉଲାଙ୍ଗ ପଞ୍ଚାୟତ ତିରୁଣା ଗ୍ରାମର ଦୁଆରି ଦାସ ତାଙ୍କ ଝିଅର ଗର୍ଭ ଯନ୍ତ୍ରଣା ହେବାରୁ ଗୁରୁବାର ଦିନ ସେ ଝିଅକୁ ଗୋପ ଡାକ୍ତରଖାନା ଆଣି ଆସିଥିଲେ। ଝିଅର ଚିକିତ୍ସା ଚାଲିଥିବା ବେଳେ ସେ ତାଙ୍କ ବାଇକ୍ ନଂ ଓଡି ୩୩ ଏ ଏଫ୍ ୦୩୯୧କୁ ମେଡିକାଲ ପରିସରରେ ରଖି ଝିଅ ନିକଟରେ ଥିଲେ। ମାତ୍ର ବିଳମ୍ବିତ ରାତ୍ରିରେ ତାଙ୍କ ବାଇକ୍‌ଟିକୁ କେହି ନେଇଯାଇଥିବା ବେଳେ ସେ ରାତ୍ରି ପ୍ରାୟ ୧.୩୦ ବାହାରକୁ ଆସି ବାଇକ୍‌ଟି ନଥିବା ଦେଖିବାକୁ ପାଇ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ଶେଷରେ ନିରୁପାୟ ହୋଇ ଆଜି ଗୋପ ଥାନରେ ଲିଖିତ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାପଡିଛି।

# ଜଳ ଓ ପରିମଳ ମିଶନର କାର୍ଯ୍ୟକାରୀ କମିଟି ବୈଠକ




ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ପାନୀୟ ଜଳ ଯୋଗାଣ ଓ ପରିମଳ ସୁଧାର ପାଇଁ ବୈଠକରେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ପାଇପ ପୋତିବା ଓ ସେଥି ଯୋଗୁଁ ରାସ୍ତାଘାଟର ହେଉଥିବା ନଷ୍ଟ ଓ ତା'ର ମରାମତି ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ହରଭଙ୍ଗା ବିଡ଼ିଓ ଶରତ କୁମାର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଗ୍ରାମ୍ୟ ଜଳ ପରିମଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେବ ଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ

ରାଇଘର (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦମହକୁମା ଡିଏନ୍‌କେ ସ୍ଥିତ ଧବଳେଶ୍ୱରଙ୍କ ପୀଠରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ମହାଆଡମ୍ବର ସହକାରେ ପାଳନ ହୋଇଛି। ଦେବ ଦମ୍ପତି ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଯଥାରୀତି ଅନୁଯାୟୀ ପାଳନ କରାଯାଇଥିଲା। ଏହି ଅବସରରେ ଦେବ ନିମନ୍ତ୍ରଣ କରାଯାଇଥିଲା। ପୂର୍ଣ୍ଣ ଚନ୍ଦ୍ର ମିଶ୍ର ବରପକ୍ଷ ହୋଇଥିବା ବେଳେ କନ୍ୟାପକ୍ଷ କ୍ଷୀରୋଦ ଚନ୍ଦ୍ର ପାଢ଼ି ହେଇଥିଲେ। ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ଘରୁ ବରପକ୍ଷ ବାହାରି କନ୍ୟାପକ୍ଷ କ୍ଷୀରୋଦ ଚନ୍ଦ୍ର ପାଢ଼ିଙ୍କ ଘରେ ପହଞ୍ଚିଥିଲେ। ସେଠାରୁ ଆଡ଼ମ୍ବର ସହକାରେ ଏକ ଶୋଭାଯାତ୍ରାରେ ଧବଳେଶ୍ୱର ମନ୍ଦିରକୁ ଅଣାଯାଇ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମନ୍ଦିରରେ ହୋମ ଯଜ୍ଞ ସହ ଭଜନ ସମାରୋହ ହୋଇଥିଲା। ପ୍ରକାଶ ଥାଉ କି ୨୯.୫.୨୫ ତାରିଖ ଗୁରୁବାର ଦିନ ୧୧ ଘଣ୍ଟା ସମୟରେ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୩୧.୫.୨୫ ତାରିଖ ରାତ୍ର ୧୦ ଘଣ୍ଟା ଠାରୁ ୧୧.୩୦ ମିନିଟରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଜି ଅର୍ଥାତ ୧.୬.୨୫ ତାରିଖ ସକାଳ ୮ ଘଣ୍ଟା ସମୟରେ ଶୀତଳ ଷଷ୍ଠୀଏବଂ ଦିବା ୧୧ ଘଣ୍ଟା ସମୟରେ ଦିଅଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଦର୍ଶନ କରିବା ନିମନ୍ତେ ବହୁ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ। ତା'ସହ ମନ୍ଦିର ପ୍ରାଙ୍ଗଣରେ ରାତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀ ତଥା ଧବଳେଶ୍ୱର ମନ୍ଦିର କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥଲେ।





ଭୁବନ (ଭାସ୍କର ନ୍ୟୁଜ୍) : ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୩ ସରକାରୀ ପ୍ରାଥମିକ ବିଦ୍ୟାଳୟ ଗୋଡ଼ିପାଟଣାର ସହକାରୀ ଶିକ୍ଷୟିତ୍ରୀ ରଙ୍ଗଲତା ପଣ୍ଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀମତୀ ପଣ୍ଡା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ରେକୁଟିଆରେ ୧୯୯୩ ମସିହା ମାର୍ଚ୍ଚ ମାସ ୩୧ ତାରିଖ ଦିନ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରେ ଭୁବନ ବ୍ଲକର ବଲରାମପୁର ପ୍ରାଥମିକ ବିଦ୍ୟାଳୟରେ ୧୬ ବର୍ଷ ଓ ନିଜ ଜନ୍ମ ମାଟି ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଗୋଡ଼ି ପାଟଣା ପ୍ରାଥମିକ ବିଦ୍ୟାଳୟରେ ୧୪ବର୍ଷ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଶନିବାର ପବିତ୍ର ଶୀତଳ ଷଷ୍ଠୀ ଦିନ ଅବସର ଗ୍ରହଣ କରିଛନ୍ତି। ଶ୍ରୀମତୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭୁବନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ଦେହୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜଲକ୍ଷ୍ମୀ ଟୁଡୁ, ସୁମତି ପ୍ରଧାନ ଏବଂ ବରିଷ୍ଠ କିରାଣୀ ପ୍ରକାଶ ପଣ୍ଡା ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କ ଶିକ୍ଷାଦାନଶୈଳୀ ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଶ୍ରୀମତୀ ପଣ୍ଡା ମଧ୍ୟ ଜୋହରଭରା ସଙ୍ଗରେ ୩୨ ବର୍ଷ ନିଜ କର୍ମମୟ ଜୀବନ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିବା ସହ ପେନସନ ପ୍ରଦାନ କରାଯାଇଥିଲା।

## ଏଣ୍ଡର ଓ ବାଲିଆରେ ବିକଶିତ କୃଷି ସଂକଳ୍ପ ଅଭିଯାନ

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଏଣ୍ଡର ଓ ବାଲିଆ ଗ୍ରାମ ପଂଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାମୁଖ୍ୟ କୃଷି



ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଅରବିନ୍ଦ ଦାସ, ବୈଜ୍ଞାନିକ ଡକ୍ଟର ଗାୟତ୍ରୀ ସାହୁ, କୃଷି ଅଧିକାରୀ ଆଶୁତୋଷ ସାହୁ, ସସ୍ମିତା ନାୟକ, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ମଲିକ, କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ଗବେଷଣା ଅନୁଷ୍ଠାନର ବୈଜ୍ଞାନିକ ହୁସ୍ନେବାନୋ ସିଡ୍ଡାର, ବୈଜ୍ଞାନିକ ଡକ୍ଟର ଦେବେନ୍ଦ୍ରନାଥ ଷଡ଼ଙ୍ଗୀ, ମୃତିକା ବିଶେଷଜ୍ଞ ପ୍ରଭାତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବୈଜ୍ଞାନିକ ଓ ଉପସ୍ଥିତ ଅଂଚଳର ୨୫୦ରୁ ଉର୍ଦ୍ଧ୍ୱ ଅଗ୍ରଣୀ କୃଷକମାନଙ୍କ ମଧ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ବୈଜ୍ଞାନିକ ମାନେ ନୂତନ ଜ୍ଞାନକୌଶଳ ବିଷୟରେ ଆଲୋଚନା କରିବା ସହିତ ମୁଖ୍ୟତଃ ପ୍ରାକୃତିକ କୃଷି, ନୂତନ କିସମର ବିହନ, ମୃତ୍ତିକା ସ୍ୱାସ୍ଥ୍ୟରକ୍ଷା ମତ୍ସ୍ୟ ଚାଷ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଏଥିସହିତ ଉପସ୍ଥିତ କୃଷି ବିଭାଗୀୟ ଅଧିକାରୀ ଓ ବୈଜ୍ଞାନିକମାନେ କୃଷି ସମ୍ପର୍କୀତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ରଥ ବାହାରି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ଅଗ୍ରଣୀ ଚାଷୀ ମୁକେଶ କୁମାର ଧଳ ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ରେଙ୍ଗାଳି ଜଳଭଣ୍ଡାରରେ ଛଡାଗଲା ୮ ଲକ୍ଷ ମାଛ ଜାଆଁଳ

କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ରେଙ୍ଗାଳି ଜଳଭଣ୍ଡାରରେ ମତ୍ସ୍ୟ ସଂପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମିତ୍ତ ବିଭାଗ ପକ୍ଷରୁ ମାଛ ଜାଆଁଳା ଛଡାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଲଲହଡ଼ା ବିଧାୟକ ଆଶୋକ ମହାନ୍ତି, ସମ୍ମାନୀତ ଅତିଥି ଭାବରେ ସାଂସଦଙ୍କ ପ୍ରତିନିଧି ନୃସିଂହ ଚରଣ ବରାଳ, ସମାଜସେବୀ ଭରତ ଚନ୍ଦ୍ର ସାହୁ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭସ୍ମିତା ଘଡେଇ, ବ୍ଲକ ମତ୍ସ୍ୟ ଅଧିକାରି କଳ୍ପନା ହେମ୍ବ୍ରମ, ରାମେଶ୍ୱର ମତ୍ସ୍ୟ ସମବାୟ ସମିତି, ଖଣ୍ଡୋର ସଭାପତି ସଞ୍ଜୟ ସାମଲ, ସଂପାଦକ ନିଶାକର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଖଣ୍ଡୋ ପାଖରେ




ଜଳଭଣ୍ଡାରରେ ମାଛ ଜାଆଁଳା ଛାଡିଥିଲେ। ପରେ ସେଠାରେ ଆୟୋଜିତ ଏକ ସଭାରେ ବିଧାୟକ ଶ୍ରୀ ମହାନ୍ତି ଓଡିଶାରେ ମତ୍ସ୍ୟ ଚାଷ ଉତ୍ପାଦନ ବୃଦ୍ଧି, ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ବିକାଶ ଦିଗରେ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ, ରେଙ୍ଗାଳି ଠାରେ ରାମେଶ୍ୱର ମତ୍ସ୍ୟଜୀବୀ ସେବା ସମବାୟ ସମିତିର ଏକ କାର୍ଯ୍ୟାଳୟ ଖୋଲିବା ସହ ରେଙ୍ଗାଳି ଜଳ ଭଣ୍ଡାରରେ ଏକ ଜଳ ପର୍ଯ୍ୟଟନ ଖୋଲିବା ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ ବିଧାୟକ। ଅନୁଗୋଳ ଜିଲା ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣଗ୍ରାହୀ ଯୋଗଦେଇ ରେଙ୍ଗାଳି ଜଳ ଭଣ୍ଡାରରେ ସମୁଦାୟ ୩୭ ଲକ୍ଷ ମାଛ, ୩ଲକ୍ଷ ଚିଙ୍ଗୁଡି ମାଛ ଯାଆଁଳା ଛାଡିବା ପାଇଁ ଲକ୍ଷ ରଖା ଯାଇଛି। ପ୍ରଥମ ଦିନରେ ୭ଲକ୍ଷ ବିଭିନ୍ନ ପ୍ରକାର ମାଛ ଯାଆଁଳା ଓ ୧ଲକ୍ଷ ଚିଙ୍ଗୁଡି ମାଛ ଜାଆଁଳା ଏପରି ସମୁଦାୟ ୮ଲକ୍ଷ ମାଛ ଜାଆଁଳା ଛଡା ଯାଇଥିବା ପ୍ରକାଶ କରିଥିଲେ। ସଭାରେ ଧ୍ରୁବ ଚରଣ ଧର ମଞ୍ଚ ପରିଚାଳନା, ସହକାରୀ ମତ୍ସ୍ୟ ଅଧିକାରୀ ଶୁଭସ୍ମିତା ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଳି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ପ୍ରହଲ୍ଲାଦ ସାମଲ, ମନୋଜ ବିଶ୍ୱାଳ, ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବାବା ଈଶ୍ୱରନାଥଙ୍କ ହାତ ଧରିଲେ ଦେବୀ ପାର୍ବତୀ



ଅନ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ସମ୍ପୂର୍ଣ୍ଣ ରୀତିନୀତି ରେ ସମ୍ପୂର୍ଣ୍ଣ ହୋଇଛି ଦେବ ଦେବ ମହାଦେବ ଈଶ୍ୱରନାଥ ଏବଂ ଜଗତଜନନୀ ମାତା ପାର୍ବତୀଙ୍କର ବିବାହ। ଈଶ୍ୱରନାଥ ଙ୍କ ବରଯାତ୍ରୀ ଶୋଭାଯାତ୍ରା ରେ ବାଜା, ବାଣ, ରୋଷଣୀ ରେ ଜମିଉଠିଥିଲା ପୁରା ପରିବେଶ। ପୁରୀ ଜିଲ୍ଲା ଅନ୍ତରଙ୍ଗ ଉପକଣ୍ଠ ଜିଉନ୍ତି ଗ୍ରାମର ବହୁପୁରାତନ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ଈଶ୍ୱରନାଥ ପୀଠରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଶୀତଳଷଷ୍ଠୀ ତିଥିରେ ପାରମ୍ପରିକ ପ୍ରଥାରେ ଦେବାଦେବ ମହାଦେବ ଈଶ୍ୱରନାଥ -ପାର୍ବତୀ ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୀଠର ଶକ୍ତିସ୍ୱରୂପିଣୀ ମା ପାର୍ବତୀ କନ୍ୟା ଓ ଦେବଦେବ ମହାଦେବ ଈଶ୍ୱରନାଥ ବର ଭାବେ ବିବାହ ସମ୍ପୂର୍ଣ୍ଣ ହୋଇଥିଲା। ମମତା ପଣ୍ଡା ଓ ଶରତଚନ୍ଦ୍ର ପଣ୍ଡା କନ୍ୟା କର୍ତ୍ତା ଏବଂ ମଞ୍ଜୁଲତା ମିଶ୍ର ଓ ଅକ୍ଷୟ କୁମାର ଦାସ ବରକର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିନୀତି ରେ ଦିହିଙ୍ଗଳା, ଶିବ ପାର୍ବତୀ ଙ୍କ ମହାସ୍ନାନ, ବାଟବରଣୀ ନୀତି ସହ ଅନେକ ନୀତିସମ୍ପୂର୍ଣ୍ଣ ହୋଇ ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଚଳନ୍ତି ପ୍ରତିମା ବିଗ୍ରହ

➾ ପଡିଲା ହାତ ଗଣ୍ଠି, ଆଜି ନଗର ପରିକ୍ରମା

➾ ଆଧାତ୍ମିକ ସହ ଭକ୍ତିମୟ ପରିବେଶ

ମହାଦେବ ଈଶ୍ୱରନାଥ ବରବେଶରେ ଏବଂ ମା ପାର୍ବତୀ ଙ୍କ ଚଳନ୍ତି ପ୍ରତିମା କନ୍ୟାବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା। ଭଜନ କୀର୍ତ୍ତନ, ବାଦ୍ୟ ଓ ରୋଷଣୀ କରାଯାଇ ଉଭୟ ବରକନ୍ୟା ଙ୍କୁ ମନ୍ଦିର ବେଢା ପରିକ୍ରମା ସହ ଯଜ୍ଞ ବେଦୀକୁ ନିଆଯାଇଥିଲା। ବ୍ରାହ୍ମଣ ଙ୍କ ବେଦପାଠ ଓ ଜ୍ୟୋତିଷ ଙ୍କ ପଞ୍ଜିକା ନିର୍ଘଣ୍ଟ ଅନୁସାରେ ଉଭୟ ବରକନ୍ୟା ସୁସଜ୍ଜିତ ବିମାନରେ ବିଜେ କରିଥିଲେ। ସେଠାରେ କନ୍ୟାମାତା ମମତା ପଣ୍ଡା ଓ ବର ମାତା ମଞ୍ଜୁଲତା ମିଶ୍ର କନ୍ୟାଞ୍ଜଳୀ ବାନ୍ଧିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଆ ରୀତିନୀତି ଅନୁସାରେ ୭ଜଣ ସଧବା ବିବାହ ବେଦିରେ ବରକନ୍ୟା ଙ୍କୁ ବନ୍ଦାପନା କରିଥିଲେ। ଏହା ପରେ ବରକନ୍ୟା ଙ୍କ ହାତଗଣ୍ଠି ପଡିଥିଲା। ଶହଶହ ଶ୍ରଦ୍ଧାଳୁ ଙ୍କ ଉପସ୍ଥିତି ରେ ତଥା ମହିଳା ଙ୍କ ହୁଳହୁଳି ଶବ୍ଦରେ ପରିବେଶ ଭକ୍ତିମୟ ହୋଇଥିଲା। ଈଶ୍ୱରନାଥ ପୀଠର ବଡ଼ପଣ୍ଡା ତଥା ପୂଜକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ତତ୍ତ୍ୱାବଧାନ ରେ ଆୟୋଜିତ ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଘନଶ୍ୟାମ କର ଓ ପଣ୍ଡିତ ଅମୂଲ୍ୟ କୁମାର ମିଶ୍ର ଙ୍କ ମନ୍ତ୍ରପାଠରେ ବିବାହ ସମ୍ପର୍ଣ୍ଣ ହୋଇଥିଲା।ଦେବଦମ୍ପତି ଙ୍କ ବିବାହ

## ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ଚିତ୍ରାକ୍ଷୀ ପ୍ରଥମ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଯାଜପୁରସ୍ଥିତ ସଙ୍ଗୀତ ସାଧନାଶ୍ରମ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ମହାନ ସଙ୍ଗୀତଜ୍ଞ ରମାନାଥ କାନୁନଗୋ ଓ ଯୋଗେନ୍ଦ୍ରନାଥ ପତିଙ୍କ ସ୍ମୃତିରେ ୩୬ତମ ରାଜ୍ୟସ୍ତରୀୟ ସଙ୍ଗୀତ ପ୍ରତିଯୋଗିତା ଓ ମହାସମ୍ମିଳନୀ ଆୟୋଜିତ ହୋଇଯାଇଛି। ସଙ୍ଗୀତ ସାଧନାଶ୍ରମର ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ସଙ୍ଗୀତ ଓ ଓଡିଶୀ ନୃତ୍ୟଗୁରୁ ପୃଥ୍ୱୀରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ସହ ସମ୍ପାଦକ ଦାମୋଦର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦ ପ୍ରତିଯୋଗୀ ଭାଗ ନେଇଥିଲେ। ତନ୍ମଧ୍ୟରୁ କରଞ୍ଜିଆସ୍ଥିତ ନୃତ୍ୟଶ୍ରୀ ଅନୁଷ୍ଠାନରୁ ଗୁରୁ ଡ଼. ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀ ଭାଗ ନେଇ ସଫଳତା ଅର୍ଜନ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ



କରଞ୍ଜିଆର ବିଶିଷ୍ଟ ଔଦ୍ୟୋଗିକ ଅଶୋକ କୁମାର ସାହୁ ଓ ଶିକ୍ଷୀକା ସାହୁଙ୍କ ଝିଅ ନୃତ୍ୟାଙ୍ଗନା ଚିତ୍ରାକ୍ଷୀ ସାହୁ ଓଡିଶୀ ନୃତ୍ୟର କନିଷ୍ଠ ବର୍ଗରେ ଉଚ୍ଚକୋଟିର ପ୍ରଦର୍ଶନ କରି ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେ ଗତ ୨୦୨୩ ପ୍ରତିଯୋଗିତାରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। କାର୍ଯ୍ୟକ୍ରମରେ ବିଚାରକ ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଫେସର ରାଧାରମଣ ଦାସ, ଅବସରପ୍ରାପ୍ତ ବ୍ୟାଙ୍କ ଉପ ପ୍ରବନ୍ଧକ ରାମଚନ୍ଦ୍ର ଦାସ, ଗ୍ଲୋବାଲ ପିସ ଫାଉଣ୍ଡେସନର ଅଧ୍ୟକ୍ଷ ଡ଼. ରାଜକିଶୋର ପଣ୍ଡା, ଶାସ୍ତ୍ରୀୟ ସଙ୍ଗୀତ ପ୍ରଶିକ୍ଷକ ଗୁରୁ ବିଜୟାନନ୍ଦ ନାୟକ, ପଣ୍ଡିତ ଗଙ୍ଗାଧର ପଣ୍ଡା ଓ ସମାଜସେବୀ ତରୁଣ ନନ୍ଦ ଯୋଗଦେଇ ଚିତ୍ରାକ୍ଷୀଙ୍କ ଓଡିଶୀ ନୃତ୍ୟକଳାରେ ଛାନ୍ଦ, ରସ ଓ ରାଗ ଦେଖି ଆତ୍ମବିଭୋର ହୋଇପଡିଥିଲେ।

## ବିଜେଡି ଟିକେଟ ଫେରାଇ ନଜିର ସୃଷ୍ଟି କରିଥିଲେ ଗୌତମ

ବିଞ୍ଝାରପୁର (ଭାସ୍କର ନ୍ୟୁଜ୍) : ଯାଜପୁର ଜିଲ୍ଲାର ରାଜନେତା ଗୌତମ ରାୟ ଅନ୍ୟମାନଙ୍କ ଠାରୁ ଟିକିଏ ଅଲଗା। ନିଜର ନିର୍ମଳ ଭାବମୂର୍ତ୍ତି, ସ୍ୱଚ୍ଛତା ମାପିଚୁପି ଆଚରଣ, ଉଚ୍ଚାରଣ ସର୍ବୋପରି ସାମୂହିକ କାର୍ଯ୍ୟ ପାଇଁ ନିଜର ଅଙ୍ଗୀକାରବଦ୍ଧତା ତାଙ୍କୁ ଜନପ୍ରିୟ କରିଛି। ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥାଲକୁଡି ଠାରେ ରାଜନେତା, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ମାନଙ୍କୁ ନେଇ ଏକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଜଣେ ଭଲ ରାଜନେତା କିମ୍ବା ଜନପ୍ରତିନିଧି ମିଳିବା କ୍ୱଚିତ। ଦୁଇ ଦଶନ୍ଧି ଧରି କ୍ଷମତା ବାହାରେ ରହି ମଧ୍ୟ ଗୌତମ ରାୟ ରାଜ୍ୟ ନଥାଇ ରାଇଜ ଚିନ୍ତା ଭଳି ଲୋକଙ୍କ ସ୍ୱାର୍ଥ ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଥରେ କିମ୍ବା ଦୁଇଥର ବିଫଳ ହେବା ପରେ ବହୁ ନେତା ରାଜନୀତିକୁ ଆଲବିଦା କରିଥିବାର ନଜିର ରହିଛି। ଦାଢ଼ି ରଖିଥିବା ଏହି ନେତା ବାରମ୍ବାର ନିର୍ବାଚନରେ ପରାଜୟର ମୁହଁ ଦେଖିଛନ୍ତି। ମାତ୍ର ଭାଙ୍ଗି ପଡ଼ି ନାହାଁନ୍ତି କରି ଅନୁଶୋଚନା ମଧ୍ୟ କରିନାହାନ୍ତି। ଉଦାରତା, ସ୍ୱଷ୍ଟ ବାଦିତା,



ସ୍ୱଚ୍ଛତା ତାଙ୍କର ମୂଳମନ୍ତ୍ର। ବିଧାୟକ ହୋଇ ପାରିନାହାନ୍ତି ମାତ୍ର ନୀତିରୁ ଟିଳେ ବି ବିଚ୍ୟୁତ ହୋଇନାହାନ୍ତି। ଏସବୁ ସହିତ ଶ୍ରୀ ରାୟ ପ୍ରଚଣ୍ଡ ସ୍ୱାଭିମାନୀ ମଣିଷଟିଏ ବୋଲି ସୁବାସ ଚନ୍ଦ୍ର ମହାନ୍ତି କହିଛନ୍ତି। ଗଣମାଧ୍ୟମରେ ତାଙ୍କୁ ନେଇ ବିଭିନ୍ନ ସମୟର ନକାରାତ୍ମକ ଖବର ପ୍ରକାଶିତ ହୋଇଥାଏ। ମାତ୍ର ସ୍ଥିତପ୍ରଜ୍ଞ ଗୌତମ ବାବୁ କେବେବି ପ୍ରତିବାଦ କରିବା ଦୂରର କଥା ଆକ୍ଷେପ କରିନଥାନ୍ତି ବୋଲି ବରିଷ୍ଠ ନେତା ଶଶଧର ବେହୁରିଆ ମତପ୍ରକାଶ କରିଥିଲେ। ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡବ, ପ୍ରମୋଦ କୁମାର ପଣ୍ଡା, ପ୍ରସେସ୍ ସୂତାର, ସମିତି ସଭ୍ୟା ସରିତା ପଣ୍ଡା, ପ୍ରାକ୍ତନ ସରପଞ୍ଚ ଅଭିମନ୍ୟୁ ମହାନ୍ତି, ଇନ୍ଦ୍ରଜିତ ଦାସ, ସାମ୍ବାଦିକ ପ୍ରକାଶ ସାହୁ, ରବୀନ୍ଦ୍ର ଦାସ, ପ୍ରଦିପ ମଲ୍ଲିକ,ସବ୍ୟସାଚୀ ଦାସ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ବିଭିନ୍ନ ଦୃଷ୍ଟାନ୍ତ ଦେଇ ଶ୍ରୀ ରାୟଙ୍କ ତ୍ୟାଗ ସମ୍ପର୍କରେ ବଖାଣି ଥିଲେ।

## ନୂତନ ତହସିଲଦାରଙ୍କ ଯୋଗଦାନ

ଧାମନଗର (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ଧାମନଗରର ନୂତନ ତହସିଲଦାର ଭାବେ ଯୋଗଦେଲେ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ। ଜଣେ ସାହିତ୍ୟିକ, ଗାଳ୍ପିକ ଓ ସାମ୍ବାଦିକ ଭାବେ ଜଣାଶୁଣା ବ୍ୟକ୍ତିତ୍ୱ ସାଇଶ୍ରୀ। କଟକ ଶଙ୍କରପୁରରେ ଜନ୍ମିତ ସାଇଶ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ପରେ ସାମ୍ବାଦିକତା ପଢ଼ିଥିଲେ। ଏହାପରେ ହାଇଦ୍ରାବାଦ, ବେଙ୍ଗଲୁରୁ ଓ ଭୁବନେଶ୍ୱରରେ ବିଭିନ୍ନ ଇଂରାଜୀ ଖବରକାଗଜରେ



ସହ ସଂପାଦକ ଓ ବାର୍ତ୍ତା ସଂପାଦକ ଭାବେ କାର୍ଯ୍ୟ ସଂପାଦନ କରିଥିଲେ। ପ୍ରାୟ ୮ ବର୍ଷ ଧରି ସାମ୍ବାଦିକତା କରିବା ପରେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା ଦେଇଥିଲେ। ୨୦୧୧ରେ ସେ ଓଡ଼ିଶା ରାଜସ୍ୱ ସେବାରେ ଯୋଗ ଦେଇଥିଲେ। କୋରାପୁଟର ଆସିଷ୍ଟାଣ୍ଟ କଲେକ୍ଟର, ପରଜଙ୍ଗର ସବ୍‌ରେଜିଷ୍ଟ୍ରାର, ଢେଙ୍କାନାଳର ଭୂ-ଅଧିଗ୍ରହଣ ଅଧିକାରୀ ଭାବେ କାମ କରିଥିଲେ। ପରେ ପରେ ୨୦୨୩ରେ ଯାଜପୁର ଜିଲ୍ଲା ବରୀ, ୨୦୨୪ରେ ବାଲେଶ୍ୱର ବାଲିଆପାଳର ତହସିଲଦାର ନିଯୁକ୍ତ ହୋଇଥିଲେ। ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମେ ୩ ତାରିଖରେ ପ୍ରକାଶ ପାଇଥିବା ଓଏଏସ୍ ଅଫିସର ବଦଳି ତାଲିକାରେ ଧାମନଗରର ତହସିଲଦାର ନିଯୁକ୍ତି କରାଗଲା ବୋଲି ଜଣାପଡ଼ିଥିଲା। ତେବେ ସେ ଆଜି ଭଦ୍ରକ ଜିଲ୍ଲାପାଳ କାର୍ଯ୍ୟାଳୟରେ ଯୋଗଦେଇ ପରେ ଧାମନଗର ତହସିଲରେ ପହଞ୍ଚି କାର୍ଯ୍ୟଭାର ସମ୍ଭାଳିଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ତହସିଲଦାର ସାଇସିଲୋନା ଓ ଅନ୍ୟ କର୍ମଚାରୀ ନୂତନ ତହସିଲଦାରଙ୍କୁ ସ୍ୱାଗତ ଜଣାଇଥିଲେ। ତେବେ ଜାନୁଆରି ୩୧ରେ ତତ୍କାଳୀନ ତହସିଲଦାର ଦୀପକ ଦାସଙ୍କ ଅବସର ପରେ ଏହି ପଦ ଖାଲିପଡ଼ିଥିଲା।

### ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟ ମୂଳକ ବଦଳିକୁ ବିରୋଧ

## ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ପରିବାର

ବାରିପଦା (ଭାସ୍କର ନ୍ୟୁଜ୍) : ସୂଚନାଯୋଗ୍ୟ ଯେ ତପନ କୁମାର ଦାଶ ଗୋପବନ୍ଧୁ ନଗର ଗୋଷ୍ଠୀ ଶିକ୍ଷାଧୀକାରୀ କାର୍ଯ୍ୟାଳୟରେ ବରିଷ୍ଠ କିରାଣୀ ଭାବରେ କାର୍ଯ୍ୟରତ ଥିବା ବେଳେ, ହଠାତ୍ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଚିଠିନଂ ୬୦୧୭ ତା ୨୮/୫/୨୦୨୫ ରିଖ ବଳରେ ତାଙ୍କୁ କୌଣସି କାରଣ ନଥାଇ ଉଦ୍ଦେଶ୍ୟ ମୂଳକ ଭାବରେ ୧୨୦ କିମି ଦୂର ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧୀଶଙ୍କ କାର୍ଯ୍ୟାଳୟକୁ ଅଚାନକ ବଦଳି କରାଯାଇଅଛି। ଶ୍ରୀ ଦାଶ ମାତ୍ର ଏକ ବର୍ଷ ପୂର୍ବରୁ ପ୍ରମୋସନ ପାଇ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରୁ ଗୋପବନ୍ଧୁ ନଗର ଗୋଷ୍ଠୀ ଶିକ୍ଷାଧୀଶ କାର୍ଯ୍ୟାଳୟକୁ ବଦଳି ହୋଇ ଯାଇଥିଲେ। ଘରେ ତାଙ୍କର ୮୦ବର୍ଷୀୟା ବୃଦ୍ଧା ମାଆ ବୃଦ୍ଧା ଅବସ୍ଥାରେ ଚଳପ୍ରଚଳ ନକରିପାରି ବର୍ତ୍ତମାନ ବିଛଣାରେ ପଡ଼ିରହିଛନ୍ତି। ତା'ଛଡ଼ା ଶ୍ରୀ ଦାଶ ମଧ୍ୟ ଜଣେ ଉଚ୍ଚ ରକ୍ତଚାପ ତଥା କଲେଷ୍ଟ୍ରଲ ରୋଗୀ ଅଟନ୍ତି। ଚାକିରୀ ମାତ୍ର ଆଉ ପାଖା ପାଖି ୪ ବର୍ଷ ଅଛି। ଚାକିରୀର ଅବସର ସମୟରେ ବାରିପଦାରୁ ଠାକୁରମୁଣ୍ଡା ୧୨୦କିମିରୁ ଉର୍ଦ୍ଧ୍ୱ ଯିବା ଆସିବା କରିବା ସମ୍ଭବ ନୁହେଁ। ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଶ୍ରୀ ଦାଶଙ୍କୁ ଏଭଳି ବାରମ୍ବାର ଉଦ୍ଦେଶ୍ୟ ମୂଳକ ଭାବରେ ବଦଳିକୁ ବିରୋଧ କରି ଆଜି କିରାଣୀ ତପନ ଦାଶଙ୍କ ଭାଇ ତରୁଣ କୁମାର ଦାଶ ଏବଂ ଅନ୍ୟମାନେ ଜିଲ୍ଲାପାଳଙ୍କୁ ଭେଟି ଘଟଣାର ବିଧିବଦ୍ଧ ତଦନ୍ତ ସହ ପୁନଃ ବିଚାର କରିବାକୁ ଅନୁରୋଧ ଜଣାଇଛନ୍ତି। ଜିଲ୍ଲା ଶିକ୍ଷାଧିକାରୀଙ୍କ ଏହି ଅଚାନକ ସ୍ୱତନ୍ତ୍ର ବଦଳି ନିର୍ଦ୍ଦେଶାନାମାକୁ ନେଇ ଜନସାଧାରଣରେ ମଧ ଚର୍ଚ୍ଚା ଲାଗି ରହିଛି।

## ବିଜେଡିର ଧାମନଗର ବ୍ଲକ ସଭାପତି ହେଲେ ପ୍ରତାପ



ଧାମନଗର (ଭାସ୍କର ନ୍ୟୁଜ୍) : ବିଜୁ ଜନତା ଦଳର ଧାମନଗର ବ୍ଲକ ସଭାପତି ଭାବେ ମନୋନୀତ ହେଲେ ପ୍ରତାପ ସାମଲ। ସେ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳ ସହ ଓତପ୍ରୋତ ଭାବେ ଜଡିତ ଥିଲେ। ସେ ୧୯୯୨ ମସିହାରେ ଜନତା ଦଳ ସମର୍ଥନରେ ଖଡିପଦା ପଞ୍ଚାୟତରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୨ରୁ ଅବିଭକ୍ତ ଦୋବାଲ ପଞ୍ଚାୟତର ସମିତିସଭ୍ୟ, ୨୦୦୭ ରୁ ୨୦୧୨ ପୁଣି ଖଡ଼ିପଦା ପଞ୍ଚାୟତରେ ସମିତି ସଭ୍ୟ ରହିଥିଲେ। ସେହିପରି ୨୦୧୨-୧୭ ମସିହାରେ ପତ୍ନୀ ଉର୍ମିଳା ବିଶ୍ୱାଳଙ୍କୁ ବ୍ଲକ ଉପାଧକ୍ଷା କରାଇଥିଲେ। ପୁଣି ୨୦୨୨ ମସିହାରେ ପତ୍ନୀ ଉର୍ମିଳା ବିଶ୍ୱାଳଙ୍କୁ ଦୋବଲ ଜୋନ୍ ଜିଲ୍ଲାପରିଷଦ ଭାବେ ନିର୍ବାଚିତ କରିଥିଲେ। ସେ ଦଳରେ ରହି ସାଧାରଣ ଜନତା ଙ୍କର ସୁଖ ଦୁଃଖରେ ଭାଗିଦାର ହୋଇ ଆସୁଥିଲେ। ଏଣୁ ତାଙ୍କୁ ଧାମନଗର ବ୍ଲକ ସଭାପତି ଭାବେ ମନୋନୀତ କରାଯାଇଛି ବୋଲି ଭଦ୍ରକ ଜିଲ୍ଲା ବିଜେଡି ପକ୍ଷରୁ ପ୍ରକାଶ ପାଇଛି। ଏନେଇ ଦଳର ସୁପ୍ରିମ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଭଦ୍ରକ ଜିଲାର ସମସ୍ତ ନେତୃ ମଣ୍ଡଳୀଙ୍କୁ ପଦ ମିଳିବା ପରେ ଧନ୍ୟବାଦ ଜଣାଇଛନ୍ତି।

## ପାରାଦୀପ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକଙ୍କ ଅବସର

ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ବନ୍ଦର ପ୍ରାଧିକରଣର ବରିଷ୍ଠ କଲ୍ୟାଣ ଅଧିକାରୀ ନିରୋଜ ପଟ୍ଟନାୟକ ମଇ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି। ଶ୍ରୀ ପଟ୍ଟନାୟକ ନିଜର ସ୍କୁଲ ତଥା କଲେଜ ଶିକ୍ଷା ପାରାଦୀପରେ ସମାପ୍ତ କରି ୧୯୯୨ ମସିହାରେ ପାରାଦୀପ ବନ୍ଦରରେ କନିଷ୍ଠ ହିନ୍ଦୀ ଅନୁବାଦକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୫ ମସିହାରେ ସେ ପଦୋନ୍ନତି ପାଇ ବନ୍ଦରରେ ହିନ୍ଦୀ ଅଧିକାରୀ ହୋଇଥିଲେ ଓ ରାଜଭାଷା ହିନ୍ଦୀର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ ଯାହା ଫଳରେ ପାରାଦୀପ ବନ୍ଦର ବିଭିନ୍ନ ମଞ୍ଚରେ ରାଜଭାଷା ହିନ୍ଦୀରେ ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସମ୍ମାନିତ ହୋଇଥିଲା। ହିନ୍ଦୀ ଅଧିକାରୀ ଭାବରେ ସେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପରିଚିତ ଥିଲେ ଏବଂ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ। ପରେ ପରେ ଶ୍ରୀ ପଟ୍ଟନାୟକ ୨୦୧୯ ମସିହାରେ ବରିଷ୍ଠ କଲ୍ୟାଣ ଅଧିକାରୀ ଭାବେ ପଦୋନ୍ନତି ପାଇଥିଲେ। ନିଜ ଚାକିରି ଜୀବନ ମଧ୍ୟରେ ଶ୍ରୀ ପଟ୍ଟନାୟକ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ, ଜଗନ୍ନାଥ ଲଳିତ କଳା ସଂସଦ, ସାଗରିକା କଳା ନିକେତନ, କାନ୍ସାସ, ଜଗନ୍ନାଥ ସମାଜ, ଭେଟରାନ ଫୁଟବଲ କ୍ଲବ ଆଦି ଅନୁଷ୍ଠାନ ସହିତ ସଂଶ୍ଲିଷ୍ଟ ଥିଲେ। ଶ୍ରୀ ପଟ୍ଟନାୟକ ପାରାଦୀପ ବନ୍ଦରରେ ଜଣେ ସରଳ, ମିଷ୍ଟଭାଷୀ, ସ୍ୱଷ୍ଟବାଦୀ, କର୍ତବ୍ୟନିଷ୍ଠ, ନିଷ୍ଠାପର, ଶୃଙ୍ଖଳିତ, ପରୋପକାରୀ ଅଧିକାରୀ ଭାବରେ ପରିଚିତ ଥିଲେ। ତାଙ୍କର




ଅବସର ଦିନଟି ଛୁଟି ପଡୁଥିବାରୁ ୩୦ ତାରିଖ ଦିନ ପୂର୍ବାହ୍ନରେ ଅଫିସର୍ସ ଆସୋସିଏସନ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ନିଜ ନିଜର ଅନୁଭୂତି ରଖିବା ସଙ୍ଗେ ସଙ୍ଗେ ଶ୍ରୀ ପଟ୍ଟନାୟକଙ୍କର ସରସ ଓ ନିରାମୟ ଜୀବନ କାମନା କରି ତାଙ୍କୁ ବିଦାୟ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ସମସ୍ତ କର୍ମଚାରୀ ଭାଇ ଭଉଣୀମାନଙ୍କୁ ନିଷ୍ଠାପର ଭାବରେ ବନ୍ଦର ପାଇଁ କାର୍ଯ୍ୟ କରି ବନ୍ଦରକୁ ୧ ନମ୍ବର ସ୍ଥାନରେ ବଜାଇ ରଖିବାକୁ ନିବେଦନ କରିଥିଲେ ଏବଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ପାଇଥିବା ସ୍ନେହ ଓ ଆଦରକୁ ସେ କେବେ ବି ଭୁଲି ପାରିବେ ନାହିଁ ବୋଲି କହିଥିଲେ।

## ଅବସର ଦିବସରେ ପୂର୍ଣ୍ଣ ପେନସନ ପ୍ରଦାନ




ବୋଲଗଡ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଆରିକିମା ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷକ ମନମୋହନ ମିଶ୍ରଙ୍କ ଚଳିତ ମେ ମାସ ରେ ଅବସର ଗ୍ରହଣ ଦିବସରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅଫିସ କର୍ମଚାରୀଙ୍କ ସହଯୋଗରେ ପୂର୍ଣ୍ଣ ପେନସନ ପ୍ରଦାନ କରାଯାଇଛି। ଏହି କ୍ରମରେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ତରଫରୁ ଏକ ଉତ୍ସବର ଆୟୋଜନ କରାଯାଇ ଶିକ୍ଷକ ମନମୋହନ ମିଶ୍ରଙ୍କୁ ଉପଢୌକନ, ଫୁଲତୋଡା ଏବଂ ପେନସନ ଆଦେଶନାମା ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅମିତା ମିଶ୍ର ଅଧିକାରିଣୀ କେ.ଭି.ଲକ୍ଷ୍ମୀ, ଲିପିକ ଶେଖ୍ ମୁନୀର, ବବ୍ରୁବାହନ ବେହେରା, ସଞ୍ଜୟ ମନ୍ତ୍ରୀ, ଦୁର୍ଗା ମାଧବ ଦାସ, ରାମାଶିଷ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟଙ୍କ କାର୍ଯ୍ୟକୁ ଶିକ୍ଷକ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

## ଚାନ୍ଦୋଳ କଲେଜରେ 'ସଭିଙ୍କୁ ଶିକ୍ଷା' ଶୀର୍ଷକ କର୍ମଶାଳା

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ସଭାକକ୍ଷରେ 'ସଭିଙ୍କୁ ଶିକ୍ଷା' ଶୀର୍ଷକରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭୂବନେଶ୍ୱର ସ୍ଥିତ କିଟ୍ ଡିମଡ୍ ୟୁନିଭରସିଟି ଆନୁକୂଲ୍ୟରେ ଓ ଏଚଏନଏସ୍ ମହାବିଦ୍ୟାଳୟର ମିଳିତ ସହଯୋଗରେ ଅନୁଷ୍ଠିତ 'ସଭିଙ୍କୁ ଶିକ୍ଷା' ଶୀର୍ଷକ ଏକ ଦିବସୀୟ କର୍ମଶାଳାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ କିଟ୍ ବିଶ୍ୱ ବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଡାଇରେକ୍ଟର ଜେନେରାଲ ପ୍ରଫେସର ଡଃ ବିଶ୍ୱଜିତ ସାହୁ, ମୁଖ୍ୟବକ୍ତା ଭାବେ ବାଣିଜ୍ୟ ଓ ଅର୍ଥନୀତି ବିଭାଗର ଡିନ୍ ପ୍ରଫେସର ଡଃ ସୁକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ପ୍ରଫେସର




ପ୍ରଶାନ୍ତ କୁମାର ମହାନ୍ତି, ପ୍ରଫେସର ବି.କେ. ମହାଲା, ପ୍ରଫେସର ଏସ୍.ଆର ଜେନା ଓ ପ୍ରଫେସର ଆଲୋକ ଜଗଦେବ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଚଏନ୍ଏସ୍ ମହାବିଦ୍ୟାଳୟର ଶିକ୍ଷାବିଭାଗର ପ୍ରାଧ୍ୟାପିକା ସୁକନ୍ୟା ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଭିତିପ୍ରବନ୍ଧ ପାଠ କରିଥିଲେ। ବିଷୟ ବିଷାରଦ ଭାବେ କିଟ୍ ବିଶ୍ୱ ବିଦ୍ୟାଳୟର ପ୍ରଫେସର ସନ୍ତୋଷ ସ୍ୱାଇଁ, ପ୍ରଫେସର ସର୍ବେଶ୍ୱର ମହାନ୍ତି, ଗଣିତ ବିଭାଗର ଆସୋସିଏଟ୍ ଡିନ୍ ପ୍ରଫେସର ମୃତ୍ୟୁଞ୍ଜୟ ଦାସ ଯୋଗଦେଇ ସଭିଙ୍କୁ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମଂଚାସୀନ ଅତିଥିମାନେ ସଭ୍ୟ ସମାଜରେ ବ୍ୟକ୍ତିରୁ ଆରମ୍ଭ କରି ରାଷ୍ଟ୍ରର ବିକାଶ ପାଇଁ ଶିକ୍ଷା ଏକ ସିଢ଼ି ସଦୃଶ। ତେଣୁ ସମସ୍ତେ ଶିକ୍ଷିତ ହେବା ନିତ୍ୟାନ୍ତ ଜରୁରୀ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଶେଷରେ ପ୍ରାଧ୍ୟାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

ରବିବାର, ୦୧ ଜୁନ୍ ୨୦୨୫




**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆପଣଙ୍କର ଅଭିଳାଷ ଫଳପ୍ରଦ ହୋଇପାରେ। ଆପଣ ଏଥିରେ ବହୁତ ଖୁସି ହେବେ ଏବଂ ଏହି କାର୍ଯ୍ୟ ପାଇବା ପାଇଁ ସମ୍ମୁଖୀନ ହେଉଥିବା ସମସ୍ତ ଅସୁବିଧା ଦୂର ହେବ।




**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**ମିଥୁନ:** ଆଜିର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ। ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ।



**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ। ସାମାଜିକ ଏବଂ ଧାର୍ମିକ ଉତ୍ସବ ପାଇଁ ଉତ୍ତମ ଦିନ। ଗାଡି ଚଳାଇବା ସମୟରେ ଆପଣ ସାବଧାନ ହେବା ଆବଶ୍ୟକ। ମା ଦୁର୍ଗାଙ୍କୁ ମିଶ୍ରି ଭୋଗ ଅର୍ପଣ କରନ୍ତୁ।




**ସିଂହ:** ଘରର ପରିବେଶ ଭଲ ରହିବ। ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ। ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ। ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି। ଆପଣ ରୋଜଗାରର ସୁଯୋଗ ପାଇପାରିବେ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ।




**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ। ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ। ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ। ଆପଣ ଯାହା ବି ଚେଷ୍ଟା କରିବେ ସଫଳ ହେବେ।




ତୁଳା: ଆପଣ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ। କୌଣସି ଭୁଲ ବାର୍ତ୍ତା ପାଇ ଟେନ୍ସନ ନେଇପାରନ୍ତି।




**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇବେ। ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ।




**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ। ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ। ଯଦି ଆପଣ ସପିଂ କରିବାକୁ ଯାଆନ୍ତି, ଅତ୍ୟଧିକ ପକେଟ ଖୋଲିବାକୁ ଏଡ଼ାନ୍ତୁ।




**ମକର:** ଧାର୍ମିକ ଏବଂ ଆଧାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି। ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ। ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ। କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ। ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକିଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଭଲ ହେବ। ହନୁମାନ ଚଳିଶା ପଢନ୍ତୁ। ସମସ୍ତେ ଆପଣଙ୍କ ସହିତ ଭଲରେ ରହିବେ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ପାରମ୍ପରିକ ଖାଦ୍ୟ ଉତ୍ସବ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଦେରୀ ପଡିଆ ଠାରେ ଆସନ୍ତା ଜୁନ ମାସ ୧୧ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ(ଦଶ ଦିନ) ଏହି ଉତ୍ସବ ର ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ବିକାଶ ମେଳା ପାଇଁ ସ୍ଥଳ ନିର୍ମାଣ, ଜୁନ ୯ ତାରିଖ ପୂର୍ବରୁ କଦେରୀ ପଡିଆର ସଫେଇ କାମ, ପାର୍କିଂ ବ୍ୟବସ୍ଥା, ଦିନ ସମୟରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ,ମେଳା ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା, ବିଦ୍ୟୁତକାଟ ନ କରିବା, ଆମ୍ବୁଲାନ୍ସ, ଫାଷ୍ଟଏଡ୍ ବ୍ୟବସ୍ଥା, ଅଗ୍ନିଶମ ବ୍ୟବସ୍ଥା, ମିଡ଼ିଆ କଭରେଜ, ପାନୀୟ ଜଳ ପାଇଁ ଟ୍ୟାଙ୍କର ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା, ସମସ୍ତ ବିଭାଗର ଏକ ବର୍ଷର ବିଭିନ୍ନ ପ୍ରୋଜେକ୍ଟ ଡେମୋନଷ୍ଟ୍ରେସନ, ଝିଙ୍ଗଲ ପ୍ରସ୍ତୁତି ଆଦି ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ଦାୟିତ୍ୱ ଦେଇଥିଲେ । ମେଳା ୧୦ ଦିନ ଜିଲ୍ଲା ସଂଗ୍ରହାଳୟକୁ ସମସ୍ତେ ମାଗଣାରେ ବୁଲି ଦେଖି ପାରିବେ ବୋଲି ଚିଫ ଏକ୍ଜେକ୍ୟୁଟିଭଙ୍କୁ ନିର୍ଦ୍ଦେଶ ଜିଲ୍ଲାପାଳ ଉପସ୍ଥାପନ କରିଥିଲେ । ଏହି ଉପଲକ୍ଷେ ବୌଦ୍ଧ ଜିଲ୍ଲା ରେ ୩ଟି ସଚେତନତା ରଥ ବାହାରି ବୌଦ୍ଧ ବ୍ଲକ, ହରଭଙ୍ଗା ବ୍ଲକ, କଣ୍ଟାମାଳ ବ୍ଲକ ଏବଂ ବୌଦ୍ଧ ଏନଏସି ପରିକ୍ରମା କରିବ । ଚିଫ ଏକ୍ଜିକ୍ୟୁଟିଭ ଦାଶ ଏହି ମେଳା ପାଇଁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ବୈଠକ ପରିଚାଳନା କରିଥିଲେ । ସଭା ଶେଷରେ ଡି ପି ସି, ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



## ୨ରୁ କେନ୍ଦ୍ରୀୟ ବିଦ୍ୟାଳୟର ଫର୍ମ ବିକ୍ରି

କୁଚିଣ୍ଡା(ଭାସ୍କର ନ୍ୟୁଜ): କୁଚିଣ୍ଡା ସବ୍ ଡିଭିଜନ ସଦରମହକୁମା ସ୍ଥିତ କୁଚିଣ୍ଡା ମହାବିଦ୍ୟାଳୟର ପୁରାତନ ସାଇନ୍ସ ହଲ୍ ରେ ଚଳିତବର୍ଷ ପ୍ରଥମରୁ -ପଞ୍ଚମ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପାଠପଢ଼ା ଆରମ୍ଭ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତି ଶ୍ରେଣୀରେ ୪୦ଜଣ ଲେଖାଁଏ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ଆରମ୍ଭ ହେବ। ଚଳିତବର୍ଷ ୨୦୦ ପିଲା ପାଠ ପଢ଼ିବେ। ସେଣୁ ଜୁନ ୨ରୁ ୧୬ ପର୍ଯ୍ୟନ୍ତ ଫର୍ମ ବିକ୍ରି ଧାର୍ଯ୍ୟ କରାଯାଇଅଛି । ଏହି କେନ୍ଦ୍ର ବିଦ୍ୟାଳୟର ଅଧକ୍ଷ ଭାବେ ଜୟନ୍ତ କୁଆଁ ନିଯୁକ୍ତି ପାଇଥିବା ସୂଚନା ମିଳିଛି। ସ୍ଥାୟୀ କୋଠା ନିର୍ମାଣ ପରେ, ମନ୍ତ୍ରୀ ମୁଖାର୍ଜୁ ସ୍ଥାନାନ୍ତରିତ ହେବ ଏବଂ ପୂର୍ଣ୍ଣ କ୍ଷମ ହେବାପରେ ପ୍ରାୟ ୧୨ରୁ ୧୬ ଶହ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରିବା ସୂଚନା ମିଳିଛି।

## ସାପ କାମୁଡାରେ ଜଣେ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ସାପ କାମୁଡାରେ ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ବୃଦ୍ଧା ଜଣକ ହେଲେ ଉମରକୋଟ ବ୍ଲକ ଚିକଲ ପଦର ଗ୍ରାମର ଫୁଲ ମାଳା ମାଲାକାର(୭୩)। ମିଳିଥିବା ସୂଚନା ଅନୁସାରେ ଫୁଲମାଳା ଗତକାଲି ସଂଧ୍ୟା ସମୟରେ ଘରେ ରୋଷେଇ କରୁଥିଲେ। ଏହି ସମୟରେ ଏକ ବିଷାକ୍ତ ସାପ ଫୁଲମାଳାଙ୍କ ଡାହାଣ ହାତର ମଝି ଆଙ୍ଗୁଠିକୁ କାମୁଡି ଦେଇଥିଲା। ଫଳରେ ଫୁଲମାଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତ୍ର ୧୦.୩୦ ମିନିଟ ସମୟରେ ଡ଼ାକ୍ତର ଫୁଲମାଳା ଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏଏସଆଇ ନରେନ୍ଦ୍ର ଗୋଲାପି ସମ୍ଭାଳିଛନ୍ତି।

## ଲ୍ୟାମ୍ପସ ଏମ୍ଡି ନିଲମ୍ବିତ

ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ଲ୍ୟାମ୍ପ ସ୍ କାର୍ଯ୍ୟରତ ଏମଡି ନିଲମ୍ବିତ ହୋଇଥିବା ଜଣାଯାଇଛି। ପ୍ରକାଶ ଥାଉ କି ମଣ୍ଡିରେ ଧାନ ଦେଇ ଚାଷୀ ଙ୍କୁ ପଇସା ମିଳିଲା ନାହିଁ । ଫଳରେ ଅଭିଯୋଗ ହୋଇଥିଲା ଅଭିଯୋଗ ପରେ ଏମଡିଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଦେଖିବାକୁ ମିଳିଛି ।ଖବର ନେବାରେ ଜଣାଯାଇଛି ଯେ ୪ ମାସ ହେଲା ଚାଷୀ ମଣ୍ଡିରେ ଧାନ ଦେବା ପରେ ଟିପି କଟାଯାଇ ନଥିବାରୁ ୩୪୪ ଜଣ ଚାଷୀଙ୍କ ୧୪୨୦୦ କ୍ୱିଣ୍ଟାଲ ଧାନ ବାବଦ ରେ ୪ କୋଟି

**ମଣ୍ଡି ଧାନ ପଇସା ମିଳିବା ଘଟଣା**

୪୦ ଲକ୍ଷ ଟଙ୍କା ଉର୍ଦ୍ଧ୍ୱ ଟଙ୍କା ଏ ଯାଇ ମିଳିଲା ନାହିଁ।୪ ମାସ ହେବ ପଇସା ନ ମିଳିବାରୁ ବୋର୍ଡ ବସାଯାଇ ଅନିୟମିତତା ହୋଇଥିବା ଅଭିଯୋଗ ଆଧାରରେ ଏମ ଡିଙ୍କ ନିଲମ୍ବନ କରାଯାଇଥିବା ଜଣାଯାଇଛି । ବ୍ଲକରେ ସମୁଦାୟ ୩୧୮୭ ଜଣ ଚାଷୀ ପଞ୍ଜିକୃତ କରିଥିଲେ। ସେଥି ମଧ୍ୟରୁ ୨୮୦୦ ଜଣ ଚାଷୀ ମଣ୍ଡିରେ ଧାନ ଦେଇଥିଲେ। ଏବଂ ବିଳମ୍ବରେ ସାଇଡ୍ ଖୋଲିବାରୁ ଏହି ଭଳି ସମସ୍ୟା ସୃଷ୍ଟି ହେଲା ବୋଲି ଏମ୍ ଡି ପ୍ରକାଶ କରିଛନ୍ତି। ଏହା ପରେ କୃଷକ ସଂଘ ତଥା କଂଗ୍ରେସ ପାର୍ଟି ଲ୍ୟାମ୍ପସ୍ ଘେରାଓ କରିଥିଲେ। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳିଛି।

# ନକ୍ସଲଙ୍କ ଆଇଇଡି ଫାଶରେ ୩ ଗୁରୁତର



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟର ବିଜାପୁର ଜିଲ୍ଲାରୁ ଏକ ଅତ୍ୟନ୍ତ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ମାଓବାଦୀଙ୍କ କାପୁରୁଷତା ଏବଂ ଅମାନବୀୟ ଘଟଣାର ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି। ଶୁକ୍ରବାର ସକାଳେ ଏକ ପ୍ରେସର ଆଇଇଡି ବିସ୍ଫୋରଣରେ ତିନି ଜଣ ନିରୀହ ଗ୍ରାମବାସୀ ଗୁରୁତର ଆହତ ହୋଇଛନ୍ତି। ଏହି ଘଟଣା ବିଜାପୁରର ମଧେଡ ଥାନା ଅନ୍ତର୍ଗତ ବାନ୍ଦେପାରା ଗ୍ରାମରେ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଦମ୍ମାୟା ଏରାମୁପାର ବାସିନ୍ଦା ଗଟେ କୋଗା (ବୟସ ୪୫ ବର୍ଷ), ବିଚେକ ଧୋଡି (ବୟସ ୧୮ ବର୍ଷ) ଏବଂ ବଡ଼ଦେ ସୁନୀଲ (ବୟସ ୨୦ ବର୍ଷ) ଆହାତ ହୋଇଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୮.୩୦ ସମୟରେ, ସେମାନେ କୌଣସି ପାରିବାରିକ କାର୍ଯ୍ୟ ପାଇଁ ଚାଲି ଚାଲି ବାନ୍ଦେପାରା ଗ୍ରାମ ଅଭିମୁଖେ ଯାଉଥିଲେ। ଜଙ୍ଗଲ ଦେଇ ଯାଉଥିବା ସମୟରେ, ମାଓବାଦୀମାନଙ୍କ ଦ୍ୱାରା ବିଛାଯାଇଥିବା ପ୍ରେସର ଆଇଇଡି ସଂସ୍ପର୍ଶରେ ଆସିବାରୁ ଜୋରଦାର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ତୀବ୍ର ଥିଲା ଯେ ତିନି ଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଥିଲେ। ତାଙ୍କ ଗୋଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଛି। ଯାହା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଛି। ଘଟଣା ପରେ ତୁରନ୍ତ ଘଟଣାସ୍ଥଳକୁ ୧୦୮ ଆମ୍ବୁଲାନ୍ସ ପଠାଯାଇଥିଲା। ବିଜାପୁର ଭଳି ଏକ ସମ୍ବେଦନଶୀଳ ଜିଲ୍ଲାରେ ମାଓବାଦୀ କାର୍ଯ୍ୟକଳାପ ଏବେ ବି ଜାରି ରହିଛି, କିନ୍ତୁ ଯେତେବେଳେ ନିରୀହ ଗ୍ରାମବାସୀ ମଧ୍ୟ ଏହି ହିଂସାର ଶିକାର ହେଉଛନ୍ତି। ଏହା କେବଳ ଆଇନ ଶୃଙ୍ଖଳା ସମସ୍ୟା ନୁହେଁ ବରଂ ଏକ ମାନବୀୟ ସଙ୍କଟ ହୋଇପାରେ। ଆଗାମୀ ଦିନରେ ନିରୀହ ଗ୍ରାମବାସୀଙ୍କ ପାଇଁ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ଦିଗରେ ସରକାର ଏବଂ ପ୍ରଶାସନ ପାଇଁ ଏକ କଠିନ ଚ୍ୟାଲେଞ୍ଜ ଭଳି ପରିଲକ୍ଷିତ ହେଉଛି।

# ବଲାଙ୍ଗୀର ଜିଲ୍ଲାପାଳଙ୍କ ଅପର ସୁକତେଲ ଡ୍ୟାମ ପରିଦର୍ଶନ



ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ମହୁରୁଣ୍ଡି ଗାଁ ନିକଟରେ ଥିବା ଅପର ସୁକତେଲ ଡ୍ୟାମକୁ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଗସ୍ତ କରିଥିଲେ। ଏହି ଅବସରରେ ଡ୍ୟାମର ସ୍ଥିତି,ଜଳଧାରଣ କ୍ଷମତା, ଜଳସେଚନ ବ୍ୟବସ୍ଥା ଉପରେ ତଦାରଖ କରିବା ସହିତ ଜଳସେଚନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି। ଜିଲ୍ଲାପାଳଙ୍କ ଗସ୍ତକୁ ନେଇ ଅନେକ ଚର୍ଚ୍ଚା ହେଉଥିବା ବେଳେ ଡ୍ୟାମର ଭିତ୍ତିଭୂମି ବିକାଶ, ଜଳଧାରଣ କ୍ଷମତା ବୃଦ୍ଧି ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ କାର୍ଯ୍ୟ ଖସଡ଼ା ହେବ ବୋଲି ଜଣାଯାଇଛି। ଗସ୍ତ ଅବସରରେ ବଲାଙ୍ଗିର ଜଳସେଚନ ବିଭାଗ ଏସ ଇ ଇଂ. ଗୋବର୍ଦ୍ଧନ ନାଏକ,ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ଜଳସେଚନ ବିଭାଗ କନିଷ୍ଠଯନ୍ତ୍ରୀ ସୁରଜ କୁମାର ବେହେରା, ପାଣି ପଞ୍ଚାୟତ ସଦସ୍ୟ ଉପସ୍ଥିତ ଥିଲେ।

# ମୋବାଇଲ ଆପ୍‌ରେ ଋଣ ନେଇ ମହିଳା ହଟହଟା, ନଗ୍ନ ଫଟୋ ଭାଇରାଲ ଧମକ

ବାମରା (ଭାସ୍କର ନ୍ୟୁଜ୍): ବାମରା ଅଞ୍ଚଳର ଜଣେ ମହିଳା ଏକ ମୋବାଇଲ ଆପ ମାଧ୍ୟମରେ ଋଣ ନେଇ ହଟହଟା ହେବା ସହ ଠକାମିରେ ପଡ଼ି ଯାଇଥିଲାବେଳେ ତାଙ୍କ ଫଟୋ ଏଡିଟିଙ୍ଗ କରି ଭାଇରାଲ୍ କରିବା ଧମକ ପରେ ସେ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ବାମରା ଭିଏଏସ କଲୋନୀର ଜଣେ ମହିଳା ଫେସନ୍ ରୁପି ନାମକ ଏକ ମୋବାଇଲ ଆପ ମାଧ୍ୟମରେ ଗତ ୧୩ ତାରିଖ ଦିନ ୩୯୧୦ ଟଙ୍କା ଋଣ ନେଇ ଥିଲେ। ଏଥିପାଇଁ ସେ ନିଜ ମୋବାଇଲ ଫୋନର ସମସ୍ତ ଏକ୍ସେସ ସଂପୃକ୍ତ ଆପ କୁ ପ୍ରଦାନ କରିଥିଲେ। ୭ ଦିନ ମଧ୍ୟରେ ସୁଧ ସମେତ ଋଣ ଫେରସ୍ତ କରିବା ପାଇଁ ସଂପୃକ୍ତ କମ୍ପାନୀ ପକ୍ଷରୁ ତାଙ୍କୁ ତାଗିଦ୍ କରା ଯାଇଥିଲା। ମାତ୍ର ସମୟ ସୀମା ଶେଷ ହୋଇ ଯାଇଥିଲେ ମଧ୍ୟ ସେ ଟଙ୍କା ଫେରସ୍ତ ନ କରିବାରୁ ତାଙ୍କୁ ବାରମ୍ବାର ଚେତାବନୀ କଲ୍ ଆସିବାରୁ ସେ ୨ ଟି କିସ୍ତି ରେ ୨୪୦୬ ଟଙ୍କା ଫେରସ୍ତ କରିଥିଲେ। ମାତ୍ର ସୁଧ ମୂଳ ସମେତ ସବୁ ଟଙ୍କା ଫେରସ୍ତ କରିବା କୁ କମ୍ପାନୀ ଜିଦ୍ ଧରି ଥିବା ବେଳେ ମହିଳା ଜଣକ ବକେୟା ଟଙ୍କା ଓ ସୁଧ ଫେରସ୍ତ ନ କରିବା ରୁ ସମ୍ପୃକ୍ତ ଆପ କର୍ତ୍ତୃପକ୍ଷ ତାଙ୍କ ମୋବାଇଲ ଏକ୍ସେସ ସହାୟତା ସେ ତାଙ୍କ ସମସ୍ତ ବ୍ୟତିଗତ ଫଟୋ, ମୋବାଇଲ କଣ୍ଟାକ୍ଟ ଲିଷ୍ଟ ଓ କଲ୍ ରେକର୍ଡ ହ୍ୟାକ କରି ନେଇଥିଲେ। ପରବର୍ତ୍ତୀ ସମୟ ରେ ତାଙ୍କ ଫଟୋକୁ ଏଡିଟିଙ୍ଗ କରି ଅଶ୍ଲୀଳ ନଗ୍ନ ରୂପ ଦେଇ ସଂପୃକ୍ତ କମ୍ପାନୀ ତାଙ୍କ ସ୍ୱାମୀଙ୍କୁ ପଠାଇବା ସହ ଶୀଘ୍ର ସୁଧ ମିଳ ଫେରସ୍ତ ନ କଲେ ଉକ୍ତ ଫଟୋ କୁ ଭାଇଟାଲ କରି ଦେବାକୁ ଧମକ ଦେଇ ଥିଲେ। ଏଥିରେ ଭୟଭୀତ ହୋଇ ତାଙ୍କ ସ୍ୱାମୀ ସଂପୃକ୍ତ କମ୍ପାନୀ ଙ୍କ କହିବା ଅନୁସାରେ ୨ ପର୍ଯ୍ୟାୟରେ ଆହୁରି ୧୮ ହଜାର ଟଙ୍କା ପଇଠ କରି ଥିଲେ। ମାତ୍ର ଆପ କମ୍ପାନୀ ଆହୁରି ଟଙ୍କା ଦାବି କରିବାରୁ ପୀଡ଼ିତ ସ୍ୱାମୀ ସ୍ତ୍ରୀ ଗୋବିନ୍ଦପୁର ଥାନା ର ଦ୍ୱାରସ୍ଥ ହୋଇ ଅଭିଯୋଗ ଜଣାଇଛନ୍ତି। ମୋବାଇଲ ଆପରୁ ଋଣ ନେଇ ହଟହଟା ହୋଇ ଥିବା ଉକ୍ତ ଘଟଣା ଟି ଅଞ୍ଚଳରେ ଚର୍ଚ୍ଚା ର ବିଷୟ ହୋଇଛି।

**■ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହିବା ଘଟଣା**

# ଗ୍ରାମ ପରିଦର୍ଶନ କଲେ ବିଧାୟକ

ଉମରକୋଟ (ଭାସ୍କର ନ୍ୟୁଜ୍): ଗତମାସ ୨୮ତାରିଖ ବୁଧବାର ଦିନରେ ଜଣେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଖବର ଓଡ଼ିଶା ଭାସ୍କରରେ ପ୍ରସାରୀତ ହେବା ପରେ ସ୍ଥାନୀୟ ବିଧାୟକ ନରସିଂହ ଭତରା ଉକ୍ତ ଗ୍ରାମକୁ ପରିଦର୍ଶନ କରିଥିବା ସୂଚନା ମିଳିଛି ।ପ୍ରକାଶ ଥାଉକି, ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଇଚ୍ଛାପୁର ପଂଚାୟତ ଅନ୍ତର୍ଗତ ଡୁମୁନିଗୁଡା ଗ୍ରାମର ଚକ୍ରଧର ଯାନୀଙ୍କ ସ୍ତ୍ରୀ ବିମଳା ଯାନୀ ପ୍ରସବ ବେଦନା ପାଇବା ପରେ ପରିବାର ଲୋକେ ଆମ୍ବୁଲାନ୍ସ କୁ ଯୋଗା



ଯୋଗ କରିଥିଲେ। ହେଲେ ଗାଁ ରାସ୍ତା ଖରାପ ଥିବା ଯୋଗୁଁ ଆମ୍ବୁଲାନ୍ସ ଗ୍ରାମକୁ ନଯାଇ ଗ୍ରାମଠାରୁ ଅଧ କିଲୋମିଟର ଦୁର କର୍ଲାପଡା ଗ୍ରାମ ଠାରେ ଅଟକି ରହିଥିଲା। ଶେଷରେ ପରିବାର ଲୋକ ଅନ୍ୟ ଉପାୟ ନପାଇ ଏକ ଖଟିଆକୁ ଭାର କରି ଅଧ କିଲୋମିଟର ଦୂରରେ ଛିଡା ରହିଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇବା ପରେ ଆମ୍ବୁଲାନ୍ସରେ ଗର୍ଭବତୀ ମହିଳା ଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଆମ୍ବୁଲାନ୍ସରେ ମେଡିକାଲକୁ ନେବା ବାଟରେ ହିଁ ବିମଳା ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ । ମୃତ ଶିଶୁପୁତ୍ର ପଞ୍ଚମ ସନ୍ତାନ ଥିଲା। ପ୍ରସବ ପୂର୍ବରୁ ମା' ଗୃହ କର୍ମଚାରୀ ଆଣିବାକୁ ଯାଇଥିଲେ। କିନ୍ତୁ ପରିବାର ଲୋକେ ମା' ଗୃହକୁ ଆଣିବାକୁ ଅମଙ୍ଗ ହୋଇଥିଲେ। ସୂଚନା ପ୍ରକାରେ ମହିଳା ଜଣକ ବାହାର ରାଜ୍ୟକୁ ଜୀବିକା ନିର୍ବାହ ପାଇଁ ଯାଇଥିଲେ। ଗତ ମାର୍ଚ୍ଚ ମାସରେ ଘରକୁ ଫେରିଥିଲେ। ଇଚ୍ଛାପୁର ପଞ୍ଚାୟତ ସଦର ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପିଏଚ୍‌ସିରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ମହିଳାଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ଆବଶ୍ୟକୀୟ ଔଷଧ ପତ୍ର ପ୍ରଦାନ କରାଯାଇଥିବା ଏବଂ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଥିବା ମହିଳା ସ୍ୱାସ୍ଥ୍ୟ କର୍ମୀ ଉଷା ରାଣୀ ନାୟକ ସୂଚନା ଦେଇଛନ୍ତି। ହେଲେ ଝରି ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାରୁ ମା' ସୁସ୍ଥ ରହିଥିବା ବେଳେ ଶିଶୁ ପୁତ୍ରର ମୃତ୍ୟୁ ହୋଇଥିବା ଡାକ୍ତର କରିଥିଲେ। ମହିଳାଙ୍କ ଶରୀରରେ ରକ୍ତ କମିଯାଇଥିବାରୁ ଉମରକୋଟ ଡାକ୍ତରଖାନାରେ ମହିଳାଙ୍କୁ ପଠାଇବା ପରେ ସେଠାରେ ରକ୍ତ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ବିମଳାଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ଜଣାପଡ଼ିଛି।ଏହି ଖବରଟି ଓଡ଼ିଶାରେ ପ୍ରସାରିତ ହେବା ପରେ ଝରିଗାଁ ବିଧାୟକ ନରସିଂହ ଭତରା ଡୁମୁନିଗୁଡା ଗ୍ରାମକୁ ପରିଦର୍ଶନ କରି ଗ୍ରାମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେ ପ୍ରଥମେ ସଦ୍ୟ ନବଜାତ ଶିଶୁପୁତ୍ରର ବାଟରେ ପ୍ରସବ ପରେ ଶିଶୁଟିର ମୃତ୍ୟୁ ହୋଇଥିବା ମହିଳାଙ୍କ ପରିବାର କୁ ସାକ୍ଷାତ କରି ସମବେଦନା ଜଣେଇବା ପରେ ଗ୍ରାମର ଜନ ସାଧାରଣଙ୍କୁ ସାକ୍ଷାତ କରି ଗ୍ରାମର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଗ୍ରାମରେ କିପରି ସରକାରଙ୍କ ସମସ୍ତ ଯୋଜନା ପହଂଚି ପାରିବ, ସେନେଇ ସେ ଚେଷ୍ଟା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି।

**'ଓଡ଼ିଶା ଭାସ୍କର'ର ପ୍ରଭାବ**

## ଅବସର ଦିନ ଚାଲିଗଲା ଜୀବନ

ମାଲକାନଗିରି/ କୋଷାଗୁମୁଡ଼ା(ଭାସ୍କର ନ୍ୟୁଜ୍):) : କଥାରେ କୁହନ୍ତି ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ମଣିଷ ଜନ୍ମ ହୋଇଛିମାନେ ଦିନେ ମୃତ୍ୟୁକୁ ବରଣ କରିବ। କିନ୍ତୁ କିଛି ଲୋକଙ୍କ କ୍ଷେତ୍ରରେ ମୃତ୍ୟୁ ଏମିତି ଆସେ ଆଶ୍ଚର୍ଯ୍ୟ କରିପକାଏ। ସେମିତି ଜଣେ ମଣିଷଙ୍କର ଚାକିରୀ ୩୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବାବେଳେ, ଯେଉଁଦିନ ଚାକିରୀରୁ ଅବସର ନେବେ ସେ ଦିନ ଜୀବନ ଚାଲିଗଲା । ଏମିତି ଘଟଣା ଘଟିଛି ଓଡିଶାର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍‌ରେ ଚାକିରି କରିଥିବା ତଥା ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳର ଜଣେ ବାସିନ୍ଦାଙ୍କ କ୍ଷେତ୍ରରେ। ଯାହାକି ତାଙ୍କର ଫେୟାରୱେଲ ଅଧାରେ ରହିଗଲା। ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟୁଣୀ ପାଲ୍ଲୀ ପଞ୍ଚାୟତ ନିକଟସ୍ଥ ଦଳପତି ପୁଟ ଗ୍ରାମର ଭୀମସେନ ପ୍ରଧାନୀ ସରକାରୀ ଚାକିରି କରୁଥିଲେ। ସେ ମଧ୍ୟ ଆଦିବାସୀ ଅଧୁଷିତ ଅଂଚଳ ମାଥିଲି ବ୍ଲକରେ ସମାଜସେବୀ ଭାବେ ମଧ୍ୟ ପରିଚିତ ଥିଲେ । ବୃତ୍ତିରେ ସେ ଜଣେ ସରକାରୀ କର୍ମଚାରୀ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାମ କରୁଥିଲେ। ସେ ପ୍ରଥମେ ମାଥିଲି ବ୍ଲକର କୁଟୁଣୀ ପାଲ୍ଲୀ ପଞ୍ଚାୟତ ରେ କାର୍ଯ୍ୟରତ ଥିଲେ ଏବଂ ତାଙ୍କ ବଦଳି ହୋଇଥିଲା ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ କୁ। ହଠାତ ତାଙ୍କ ଦେହ ଅସୁସ୍ଥ ହେତୁ ନିକଟସ୍ଥ ମେଡିକାଲକୁ ନେଇଥିଲେ ସେଠାରେ ଡାକ୍ତର ଭୀମସେନ ପ୍ରଧାନୀଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଉକ୍ତ ମେଡିକାଲରୁ ଆଜି ଦଳପତି ପୁଟକୁ ଆଣିଥିଲେ ଏବଂ ଶବ ସତ୍କାର ପାଇଁ ବହୁ ଲୋକ ଯୋଗ ଦେଇଥିବାର ଦେଖା ଯାଇଥିଲା। ଆଦିବାସୀ ଅଧୁଷିତ ଅଂଚଳର ବିକାଶ ପାଇଁ କାମ କରୁଥିବା ଏହି ବ୍ୟକ୍ତିଙ୍କର ଶବ ସତ୍କାରରେ ଶହ ଶହ ଲୋକ ଉପସ୍ଥିତ ରହିବା ସହ ଶୋକ ପ୍ରକାଶ କରିଛନ୍ତି।

# ଶୀତଳଷଷ୍ଠୀ ପାଇଁ ସମ୍ବଲପୁର ଚଳଚଞ୍ଚଳ

ସମ୍ବଲପୁର(ଭାସ୍କର ନ୍ୟୁଜ୍): ସମ୍ବଲପୁରର ସର୍ବପୁରାତନ ଓ ପଞ୍ଚମ ଓଡିଶାର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଶୁଭାରମ୍ଭ ହୋଇଯାଇଛି। ୨୭ ତାରିଖ ଦିନ ନନ୍ଦପଡ଼ାର ବଂବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ସଂପନ୍ନ ହୋଇଯାଇଛି। ସେହିପରି ଗୁରୁବାର ସନ୍ଧ୍ୟାରେ ଝାଡୁଆପଡ଼ାର ଲୋକନାଥ ବାବା, ମୁଦିପଡ଼ାର ଜାଗେଶ୍ୱର ବାବା, ବଡ଼ବଜାରର ଶୀତଳେଶ୍ୱର ବାବା, ଠାକୁରପଡାର ଗୁପ୍ତେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ମଧ୍ୟ ସଂପନ୍ନ ହୋଇଯାଇଅଛି। ମନ୍ଦିର ଗୁଡିକ ସୁସଜ୍ଜିତ ସାଜସଜ୍ଜା କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇସାରିଛି। ସଂପୃକ୍ତ ମନ୍ଦିର ମାନଙ୍କରେ ପୂଜାର୍ଚ୍ଚନା ପରେ, ବରପିତା ମନ୍ଦିର ପୂଜକ ଓ ସପ୍ତର୍ଷିଙ୍କ ସହିତ ବାଜା ବଜାଇ ଦେବଦେବ ମହାଦେବଙ୍କ ପାଇଁ କନ୍ୟା ଖୋଜାରେ ବାହାରି କନ୍ୟାପିତାମାତାଙ୍କ ଘରେ ପହଁଞ୍ଚି ଉଭୟ ବର ଓ କନ୍ୟାପକ୍ଷ ମଧ୍ୟରେ ରୀତିମତେ କଥାବାର୍ତ୍ତା ହୋଇଛି। ବାର୍ତ୍ତାଳାପ ପରେ ଦେବଦେବ ମହାଦେବଙ୍କ ଦେବୀ ପାର୍ବତୀ ବିବାହ ସ୍ଥିର ହୋଇଛି। ବିବାହ ନିମନ୍ତେ ଯଥାମତେ ନିତ୍ୟ ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି। ଯାତ୍ରା କମିଟିର ସଭାପତି ସରୋଜ, ସୁଶାନ୍ତ ପୁରୋହିତ,ସଂଜୟ ମିଶ୍ର, ପ୍ରାଣରଂଜନ ପଣ୍ଡା, ହରି ବଡ଼ପଣ୍ଡା/ସଂଜିବ ପାଢ଼ୀ, ଅନୁପମ ମିଶ୍ର, ଧିରେନ୍ଦ୍ର ପଣ୍ଡା/ କୈଳାସ ପଣ୍ଡା, ସିଦ୍ଧାର୍ଥ ପଣ୍ଡା, ମନ୍ଦିର ପୂଜକ ରାମନାଥ ମହାପାତ୍ର, ଶୀତଳଷଷ୍ଠୀ ଯାତ୍ରା ପୂଜକ ମହେନ୍ଦ୍ର ପୁଝାରୀ ସଭାଯାତ୍ରାରେ ସାମିଲ ହୋଇଥିଲେ।ଏହି ସଭାଯାତ୍ରାରେ ଦୁଲ୍‌ଦୁଦୁଲି,ବାଜା,ଧମାଲବାଜା,ଅମ୍ପ ପ୍ରମୁଖ ବାଦ୍ୟରେ ସମ୍ବଲପୁର ସହର ପ୍ରକମ୍ପିତ ହୋଇଥିଲା। ପ୍ରାୟ ୩୦୦ଜଣ ବାଦ୍ୟ କଳାକାର ସାମିଲ ହୋଇଥିବା ପରିଲକ୍ଷିତ ହୋଇଛି। ଝାଡୁଆପଡା ମନ୍ଦିରରୁ ଶୋଭାଯାତ୍ରା ବାହାରି ଗୋରମଠ ଗଳି, ଗୁରୁପଡା,ମହାନ୍ତି ପଡ଼ା,ଙ୍କ ସାରିପଡ଼ା,ବୈଦ୍ୟନାଥ ଛକ,ଗୋଳ ବଜାର ଛକ, ଲକ୍ଷ୍ମୀ ଟକିଜ ଛକ, ସାକ୍ଷୀପଡା ହନୁମାନ କଲୋନୀସ୍ଥିତ କନ୍ୟାପିତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶପୁଝାରୀଙ୍କ ବାସଗୃହରେ ପହଞ୍ଚିଥିଲେ ।ସୁରେଶ ପୂଜାରୀ ଓ ତାଙ୍କ ଧର୍ମପତ୍ନୀ ପଦ୍ମିନୀ ନାୟକଙ୍କ ସହ ଅନ୍ୟ ପରିବାରବର୍ଗ ଘର ସମ୍ମୁଖରେ ଶୋଭାଯାତ୍ରୀଙ୍କୁ ଭବ୍ୟସ୍ୱାଗତ କରିବା ସହିତ ଘରକୁ ପାଛୋଟି ନେଇଥିଲେ। ସମଭିତ୍ତିରେ ମୁଦିପଡ଼ା, ଜାଗେଶ୍ୱର ବାବାଙ୍କ ମନ୍ଦିରରେ ପୂଜକ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ଥିଲା। ଏହିପରି ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାହାଦ୍ୱାରା ସମ୍ବଲପୁର ସହର ସଂପୂର୍ଣ୍ଣ ଚଳଚଞ୍ଚଳ ହୋଇପଡ଼ିଛି। ଏହିଯାତ୍ରା ନେଇ ବିଭିନ୍ନ ପ୍ରାନ୍ତରୁ ବନ୍ଧୁବାନ୍ଧବ, ବିବାହିତ କନ୍ୟା ପିତା ଘରକୁ ଆସିବା ଆରମ୍ଭ କରିଦେଲେଣି। ୩୦ମଇ ଦେବ ନିମନ୍ତ୍ରଣ,ନନ୍ଦପଡାକୁଆସିବେ ସାକ୍ଷୀଗୋପିନାଥ, ୩୧ ମଇ ଦେବ ବିବାହ , ୧ଜୁନ୍, ଦେବଦମ୍ପତିଙ୍କ ଯୁଗଳ ଦର୍ଶନ, ନଗର ପରିକ୍ରମା ଜୁନ ୨ତାରିଖ, ନଗର ପରିକ୍ରମା ଓ ଅପରାହ୍ନରେ ମଳୀର ପ୍ରତ୍ୟାବର୍ତନ ଓ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି' ବୋଲି କମିଟି ସୂତ୍ରରୁ ସୂଚନା ମିଳିଛି।

**ମହାଦେବ ଓ ମା' ପାର୍ବତୀଙ୍କ ବିବାହ ନିର୍ଘଣ୍ଟ**

**ଭଗବାନ ମିଶ୍ର ସ୍ମୃତି ସମିତିର ବୈଠକ**

ବରଗଡ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭଗବାନ ମିଶ୍ର ସ୍ମୃତି ସମିତି କାର୍ଯ୍ୟାଳୟ ଠାରେ ସମିତିର ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜୁନ ଓ ଜୁଲାଇ ମାସର କାର୍ଯ୍ୟକ୍ରମ ଗୁଡିକ ପାଇଁ ଯୋଜନା କରାଯାଇଥିଲା। ଜୁନ ୧୫ ତାରିଖରେ ପୂର୍ବ ବର୍ଷ ଭଳି ଏକ ବହୁଭାଷୀୟ କବିତାକୁମ୍ଭର ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯିବା ସହ ଜୁଲାଇ ୧ ତାରିଖରୁ ୭ ତାରିଖ ମଧ୍ୟରେ ସ୍କୁଲ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ସ୍ଥାନୀୟ ରାଣାପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ଲଗାଇ ବନ ମହୋତ୍ସବ ପାଳନ କରାଯିବା ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା।



ଆସନ୍ତା ଜୁନ ୧୪ତାରିଖ ସୁଦ୍ଧା କବି ମାନଙ୍କଠୁ ସର୍ଦ୍ଦାର ପ୍ରୀତମ ସିଂ ଓ ଇଂ. ମୁଷ୍ଟା ଦାଶ କବିତାର ଏକ ନକଲ ଜମା ରଖିବା ପାଇଁ ଅନୁରୋଧ କରାଯାଇଥିଲା। ସେହିପରି ପ୍ରକୃତି ବନ୍ଧୁ ଶ୍ରୀ ଜଗଦୀଶ ସୈନ ଙ୍କୁ ମୂଲ୍ୟବାନ ଚାରା ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହି ବୈଠକରେ ସମ୍ପାଦକ ପ୍ରୋ. ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ପ୍ରୋ. ସନ୍ତୋଷ କୁମାର ପଣ୍ଡା,ଉପ ସଭାପତି କମଳ ଯୋଶୀ, ସହ ସମ୍ପାଦକ ବିନୋଦ ସାହୁ,ବରିଷ୍ଠ ସଦସ୍ୟ ରାମକୃଷ୍ଣ ଠାକୁର, ନୀଳାମ୍ବର ମେହେର, କୋଷାଧ୍ୟକ୍ଷ ନବକୃଷ୍ଣ ମିଶ୍ର, ସଂଯୋଜକ ବାଳକୃଷ୍ଣ ମିଶ୍ର ଓ ଡା. ରାମକୃଷ୍ଣ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ ମୁଷ୍ଟା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚଶିକ୍ଷିତ ଟିଟୁ ଏବେ ମାନସିକ ବିକାରଗ୍ରସ୍ତ

**■ ଚିନ୍ତାରେ ପରିବାର ■ ଚିକିତ୍ସା ପାଇଁ ବିଡିଓ ନେଲେ ପଦକ୍ଷେପ**

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ୍): ପରିବାରରେ ପୁଅଟିଏ ଥିଲେ ଭବିଷ୍ୟତରେ ପରିବାର ପ୍ରତିପୋଷଣ କରିବ ବୋଲି ବାପା ମା' ପୁଅଟିଏ ଜନ୍ମ କରିଥାନ୍ତି । କିନ୍ତୁ ଉଚ୍ଚଶିକ୍ଷିତ ପୁଅଟି ବଡ ହୋଇ ଯେତେବେଳେ ପରିବାରର ଦାୟିତ୍ୱ ନେବା ସମୟରେ ଯଦି ମାନସିକ ବିକୃତ ହୋଇ ଯାଏ, ତେବେ ପରିବାରର ଚିନ୍ତା ବଢ଼ିଯାଏ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଜଳଗୁମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଇନ୍ଦିରା କଲୋନୀରେ। ସୂଚନା ଅନୁଯାୟୀ ଅଞ୍ଜଳଗୁମା ପଞ୍ଚାୟତର ଇନ୍ଦିରା କଲୋନୀରେ ଏକ ଛୋଟ ଚାଳ କୁଡିଆ ଭିତରେ ଅସଙ୍ଗତ ଅବସ୍ଥାରେ ଟିଟୁ ପୂଜାରୀ (୩୨) ରହିଆସୁଛନ୍ତି । ଗାଁ ପାଠପଢା ସାରି ଅନେକ ଆଶା ଓ ସ୍ୱପ୍ନ ନେଇଁ ରାଜଧାନୀ ଭୁବନେଶ୍ୱରର କିଟ୍ ଠାରେ ପାଠ ପଢିଥଲେ । ନବରଙ୍ଗପୁର ଠାରେ କମ୍ପ୍ୟୁଟର ଶିକ୍ଷା ବି ଗ୍ରହଣ କରୁଥିଲେ। କଲୋନୀ ତଥା ପରିବାରର କେବଳ ଟିଟୁ ଉଚ୍ଚ ଶିକ୍ଷିତ ଭାବେ ରହିଥିଲେ। ତେବେ ଉଚ୍ଚ ଶିକ୍ଷା ନେଇ ଗାଁ କୁ ଫେରିବା ପରେ ପରିବାର ଲୋକେ ଟିଟୁ ଚାକିରି କରି ପରିବାର ପ୍ରତି ପୋଷଣ କରିବା ନେଇ ଆଶା ସଞ୍ଚିଥିଲେ। ପିଲା ଦିନରୁ ବାପାଙ୍କୁ ହରେଇବା ପରେ ନିଜ ପରିବାରର ୨ ବଡ ଭାଇ କୁଲି ମଜୁରୀ କରି ଚଳୁଛନ୍ତି। ବିଧବା ମା' ପୁନେଇ ପୂଜାରୀ (୭୨) ବୟସାଧିକ ଅବସ୍ଥାରେ ବର୍ତ୍ତମାନ ପୁଅର ଏକମାତ୍ର ସାହା ଭରଷା ପାଲଟିଛନ୍ତି। ବିଗତ ୫ ବର୍ଷ ହେଲାଣି ଟିଟୁ ଏଭଳି ଗୋଟିଏ ଚାଳ ଘରେ ଗାଈ କି ବଳଦ ଭଳି ରହିଆସୁଛି। ଧୀରେ ଧୀରେ ତାହାର ମାନସିକ ବିକୃତି ବଢିବାରୁ ପରିବାର ଲୋକେ ବାଧ୍ୟ ହୋଇ ୨ ଗୋଡ ଓ ୨ ହାତକୁ ଶିକୁଳିରେ ବାନ୍ଧି ରଖିଛନ୍ତି। କଷ୍ଟ କରି ପଢି ପାଇଥିବା ସମସ୍ତ ସାର୍ଟିଫିକେଟକୁ ସେ ଚିରି ଦେଇଥିବା ପରିବାର ଲୋକେ କହିଛନ୍ତି। ତା' ମା' ଖାଇବାକୁ ଦେଲେ ଫିଙ୍ଗାଫିଙ୍ଗି କରିବାରୁ ପତ୍ର ଦନାରେ ଖାଇବାକୁ ଦିଅନ୍ତି। ଟିଟୁ ସଦା ବେଳେ ଚୁପ୍ ରହି ଥିବାରୁ ସେବିଷୟରେ ଅନେକଥର ତା' ସାଙ୍ଗସାଥିମାନେ ପଚାରି ବୁଝିବାକୁ ଚେଷ୍ଟା କରିଥିଲେ। ହେଲେ ସେ କେବେ କହି ନ ଥିଲା କି ଧୈର୍ଯ୍ୟ ଧରି ନ ଥିଲା। ନିଜ କଷ୍ଟ ଉପାର୍ଜିତ ଟଙ୍କାରେ ଭାଇମାନେ କୋରାପୁଟ ବଡ ଡାକ୍ତରଖାନାରେ ନେଇ କିଛିଦିନ ଚିକିତ୍ସା



କରିଥିଲେ। ଆଉ ଟିଟୁର ମସ୍ତିଷ୍କ ଠିକ୍ ବି ରହିଥିଲା। କିଛିଦିନ ପରେ ସେ ପୁଣି ଥରେ ବିଷାଦକୁ ଚାଲି ଯାଇଥିଲା। କାହାକୁ କଥାବାର୍ତ୍ତା କିମ୍ବା ଦେଖିବା,ମିଶିବାକୁ ଚାହୁଁ ନ ଥିଲା। ଗାଁର କିଛି ଯୁବକ ଖବର ପାଇ କିଭଳି ଟିଟୁର ଦେହ ଭଲ ହେବ ଚିନ୍ତା କରିଥିଲେ ଏବଂ ଜିଲ୍ଲା 'ସକ୍ଷମ' ସଭାପତି ସୁଜିତ୍ ରଥଙ୍କୁ ଫୋନ ମାଧ୍ୟରେ ଯୋଗାଯୋଗ କରିଥିଲେ। ଶ୍ରୀ ସୁଜିତ୍ ସେମାନଙ୍କୁ ପଞ୍ଜିକରଣ କରି ୫ ତାରିଖ ଦିନ ନବରଙ୍ଗପୁର ବଡ ଡାକ୍ତରଖାନା ଠାରେ ଆଣିବାକୁ ପ୍ରବର୍ତ୍ତାଇ ଥିଲେ। ଗରିବ ଶ୍ରେଣୀର ହୋଇଥିବାରୁ ଟିଟୁର ଏଭଳି ଅବସ୍ଥାକୁ ନେଇଁ କାହା ଆଗରେ କହି ନ ଥିଲେ ପରିବାର ଲୋକେ । ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ଟିଟୁ ବିଷୟ ଜଣାଇବା ପରେ ତୁରନ୍ତ ପଦକ୍ଷେପ ନେଇ ମାନବିକତା ଦେଖାଇଥିଲେ ଓ ଡାକ୍ତରଙ୍କ ସହିତ ପରାମର୍ଶ କରି ଟିଟୁର ଉତ୍ତମ ଚିକିତ୍ସା ନିମନ୍ତେ ପଠେଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ମଧ୍ୟ ଟିଟୁଙ୍କ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପରାମର୍ଶ କରି ଥିଲେ । ପରିବାର ଲୋକେ ମଧ୍ୟ ଅନ୍ୟ ଉପାୟ ନପାଇ ସମ୍ବଳ ଅଭାବରୁ ସ୍ଥାନୀୟ ଲୋକଙ୍କ ପରାମର୍ଶ କ୍ରମେ କେତେବେଳେ ଗୁଣିଆ ତ' କେତେବେଳେ ଚେରମୂଳୀ ଚିକିତ୍ସା କରି ଚୁପ୍ ବସି ରହିଥିବା ବେଳେ ପ୍ରଶାସନ ଆଗରେ ଟିଟୁର ଚିକିତ୍ସା ପାଇଁ ଗୁହାରି କରିଥିଲେ।

# ବେଆଇନ ଲିଙ୍ଗ ନିରୂପଣ ରୋକିବାକୁ ବୈଠକ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ରୋକିବା ପାଇଁ ଜିଲ୍ଲା ଉପଦେଷ୍ଟା କମିଟି ବୈଠକ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ବେଆଇନ ଲିଙ୍ଗ ନିରୂପଣ ରୋକିବା ପାଇଁ କାର୍ଯ୍ୟକାରୀ ହୋଇଥିବା ଆଇନ ୧୯୯୪ ରୁ ଲାଗୁ କରାଯାଇଛି । ବୌଦ୍ଧ ଜିଲ୍ଲାରେ ସର୍ବମୋଟ ୭ ଗୋଟି ଅଲଟ୍ରାସାଉଣ୍ଡ କେନ୍ଦ୍ର ପଂଜିକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ୩ ଗୋଟି କାର୍ଯ୍ୟ କରୁଅଛି । ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ମାଗଣାରେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆଯାଉଅଛି । ସର୍ବେକ୍ଷଣ ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମିବାରେ ଲାଗିଛି । ବୈଠକରେ ଦିଆଯାଇଥିବା ସୂଚନା ମୁତାବକ ୨୦୨୪-୨୫ ରେ କଣ୍ଟାମାଳ ଓ ବୌଦ୍ଧ ବ୍ଲକରେ ନବ ଜନ୍ମିତ ଝିଅଙ୍କ ସଂଖ୍ୟା ପୁଅ ତୁଳନାରେ ଅଧିକ ରହିଥିବାବେଳେ ଜିଲ୍ଲା ମୁଖ୍ୟାଳୟ ଓ ହରଭଙ୍ଗା ବ୍ଲକରେ କମ ରହିଛି । ଏହାର କାରଣ ସଂପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ଥିବା ସତ୍ତ୍ୱେ ବେସରକାରୀ କ୍ଲିନିକ ଗୁଡିକରେ ଅଲଟ୍ରାସାଉଣ୍ଡ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଏ ସଂପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବେସରକାରୀ କ୍ଲିନିକ୍ ଗୁଡିକରେ ଲିଙ୍ଗ ନିରୁପଣ ଆଇନ ଉଲଂଘନ କରାଯାଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । କୌଣସି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ବେଆଇନ ଲିଙ୍ଗ ନିରୂପଣ କରାଯାଉଥିବା ନେଇ ସୂଚନା ପ୍ରଦାନ କରାଗଲେ ସଂପୃକ୍ତ ବ୍ୟକ୍ତିବିଶେଷଙ୍କୁ ପ୍ରଶାସନ ପକ୍ଷରୁ ପ୍ରୋତ୍ସାହନ ରାଶି ଟ ୨୫୦୦୦/- ପ୍ରଦାନ କରାଯିବା ସହିତ ତାଙ୍କର ନାମ ଓ ସମସ୍ତ ତଥ୍ୟକୁ ଗୋପନ ରଖିବା ସହ ଆଇନଗତ ମାମଲାର ସମ୍ମୁଖିନ ହେବାକୁ ପଡିବନାହିଁ ବୋଲି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟଚିକିତ୍ସାଧିକାରୀ ଡା.ମଦନ ମୋହନ ପ୍ରଧାନ,ଏ.ଡି.ପି.ଏଚ.ଓ ଡା. ବିକେଆରସି ଦେଓ ହେମ୍ବ୍ରମ, ଏଡିଏମଓ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ,ଶିଶୁ ରୋଗ ବିଶେଷଜ୍ଞ ଡ. ବିଜୟ କୁମାର ସାହୁ,ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ଡ. ଦେବାନନ୍ଦ ସୁବୁଦ୍ଧି ଓ ଡ. ସୁଦର୍ଶନ ମେହେର , ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ବୈଠକ କୁ ଆସିଷ୍ଟାଣ୍ଟ ମ୍ୟାନେଜର, ଲିଗାଲ ଆଫେୟାର୍ସ, (ଏନ ଏଚ ଏମ )ସୌମ୍ୟ ରଞ୍ଜନ ମଲ୍ଲିକ ପାୱାର ପଏଣ୍ଟ ମାଧ୍ୟମ ରେ ପରିଚାଳନା କରିଥିଲେ ।



ଜଳେଶ୍ୱର (ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କମିଟି(ଡିଏଲଏଲଏନସିସି) ନିର୍ଦ୍ଦେଶରେ ଶୁକ୍ରବାର ଜଳେଶ୍ୱର ବ୍ଲକ ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି।ଏହି ବୈଠକରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ(ରେଭିନ୍ୟୁ) ହେମନ୍ତ କୁମାର ସିଂ ଅଧ୍ୟକ୍ଷତା କରିଥିଲେ।ବୈଠକରେ ବନ୍ୟା ଓ ବାତ୍ୟା ଭଳି ପରିସ୍ଥିତିର ମୁକାବିଲା ପାଇଁ ସରକାରୀ ବିଭାଗ ଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ରଖି କିପରି କାମ କରିବେ ଆଲୋଚନା ହୋଇଥିଲା।ବୈଠକରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର,ବ୍ଲକ ଅଧକ୍ଷ ମାନସ କୁମାର ଜେନା,ପୌରାଧକ୍ଷ ପ୍ରତୀପ କୁମାର ପ୍ରଧାନ,ବସ୍ତା ବ୍ଲକ ଅଧକ୍ଷା ଅଞ୍ଜଳି ଦାସ,ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ,ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ,ପୂର୍ତ୍ତ ବିଭାଗର ଏସଇ ପିନାକ ସ୍ୱାଇଁ,ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲର ଅଧୀକ୍ଷକ ଡ଼ା ଦିଲ୍ଲିପ କୁମାର ପାତ୍ରଙ୍କ ସମେତ ବାଲେଶ୍ୱର ଜିଲ୍ଲା ଓ ଜଳେଶ୍ୱର ବ୍ଲକ ସ୍ତରୀୟ ସମସ୍ତ ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ମାନେ ଉପସ୍ଥିତ ଥିଲେ।ବୈଠକରେ ମୁଖ୍ୟତଃ ହସ୍ପିଟାଲ ମାନଙ୍କରେ ସାପ କାମୁଡା ଔଷଧ ମହଜୁଦ ରଖିବା,ପ୍ରାକୃତିକ ଦୁର୍ବିପାକ ସମୟରେ ସ୍କୁଲ ଗୁଡିକୁ ଆଶ୍ରୟସ୍ଥଳ ଭାବେ ବ୍ୟବହାର ପାଇଁ ପ୍ରସ୍ତୁତ ରହିବା,ପୂର୍ତ୍ତ ବିଭାଗ ଦ୍ୱାରା ସମସ୍ତ ନୟନଯୋରି କୁ ଆସନ୍ତା ଜୁନ୍ ୧୫ ସୁଦ୍ଧା ସଫା କରିବା,ବିଦ୍ୟୁତ ମରାମତି ପାଇଁ ଖୁଣ୍ଟ,ତାର ତଥା ଅନ୍ୟ ବୈଦୁତିକ ସାମଗ୍ରୀ ପ୍ରସ୍ତୁତ ରଖିବା,ବିପଦ ସଙ୍କୁଳ ଅବସ୍ଥାରେ ଥିବା ନଦୀବନ୍ଧ ଗୁଡିକ ଉପରେ ନଜର ରଖିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା।

# ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ହେଲେ ଧର୍ମେନ୍ଦ୍ର



ସମ୍ବଲପୁର (ଭାସ୍କର ନ୍ୟୁଜ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ସହ ସମ୍ବଲପୁରକୁ ସୁନ୍ଦର ତଥା ଆଧୁନିକ ଦିଶିବା ପାଇଁ ଅନେକ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶନିବାର 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁର ଚାରବାଟି ନିକଟରେ ହେରିଟେଜ୍ ଲାଇଟ୍? ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି । ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାର ଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଏବଂ ପାର୍କର ନବୀକରଣ କାର୍ଯ୍ୟ ଆଦିର ଶୁଭାରମ୍ଭ କରିଥିଲେ । ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ । ଆଜିର ଶୁଭ ଅବସରରେ ସମ୍ବଲପୁର ସହରକୁ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଅନେକ ପଦକ୍ଷେପର ଶୁଭାରମ୍ଭ ହୋଇଛି । ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ । ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ । ମାଆ ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସମ୍ବଲପୁରର ଗାରିମାକୁ ବୃଦ୍ଧି କରିବାରେ ଆମ ସମସ୍ତଙ୍କ ସହଯୋଗ ରହିବା ଦରକବାର ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଥିଲେ । ଶ୍ରୀ ପ୍ରଧାନ କୁଚିଣ୍ଡା ସବଡିଭିଜନ ଜମନକିରା ବ୍ଲକ ସ୍ଥିତ ଶ୍ରୀ ଶଗଡ଼େଶ୍ୱର ମନ୍ଦିରରେ ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରା ଏବଂ ଶଗଡ଼େଶ୍ୱର ମହୋତ୍ସବରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ଏହାବ୍ୟତୀତ ସିନ୍ଦୁରପଙ୍କ ତାରକେଶ୍ୱରାୟ ମନ୍ଦିର ସମେତ ଶ୍ରୀ ପ୍ରଧାନ ମାନେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ବାବା ମନ୍ଦିର, ଗୁଡ଼େଶ୍ୱର ବାବା ଆଦି ଅନେକ ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ ।

## ଅପରେସନ ସିନ୍ଦୂରକୁ ନେଇ ସିଡିଏସ୍‌ଙ୍କ ବୟାନ

# ବିନା କ୍ଷତିରେ କୌଣସି ଯୁଦ୍ଧ ହୁଏନି

ନୂଆଦିଲ୍ଲୀ: ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଂଘର୍ଷକୁ ନେଇ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ ଶନିବାର ଏକ ବଡ଼ ବୟାନ ରଖିଛନ୍ତି। ସେ କହିଛନ୍ତି, ବିନା କ୍ଷତିରେ କୌଣସି ବି ଯୁଦ୍ଧ ଲଢାଯାଇ ପାରିବନାହିଁ । ତେବେ ଆମର ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନକୁ ଭାରତୀୟ ସେନା ଯେଉଁ ପ୍ରଭାବୀ ଢଙ୍ଗରେ ଜବାବ ଦେଲା ତାକୁ ସାରା ଦେଶବାସୀ ପ୍ରଶଂସା କରୁଛନ୍ତି। ଏହାମଧ୍ୟ ସେ କହିଥିଲେ ଯେ ଆମେ ଆମ ସାମରିକ ଭୁଲ ବୁଝିବାକୁ ସକ୍ଷମ ଏବଂ ଆଗାମୀ ଦିନରେ ସେଥିରେ ସୁଧାର ଆଣିପାରିବୁ। ଆମର ସମସ୍ତ ଯୁଦ୍ଧ ବିମାନକୁ ଦୀର୍ଘଦୂରର ମିଶନ ହାସଲ ପାଇଁ ଉଡାଇ ପାରିବୁ। ଏହାସହ ପାକିସ୍ତାନ ଦ୍ୱାରା ଭାରତର ୬ଟି ବିମାନ ନଷ୍ଟ କରାଯିବା ଦାବିକୁ ସେ ଖଣ୍ଡନ କରିଥିଲେ। ସେ କହିଥିଲେ, ପାକିସ୍ତାନ ସବୁବେଳେ ଭାରତକୁ ଧୋକା ଦେଇଛି। ଭାରତ ବଦଳି ନାହିଁ ବରଂ ତା'ର ରଣନୀତିକୁ ବଦଳାଇଛି। ଅପରେସନ ସିନ୍ଦୂର ଜରିଆରେ ପାକିସ୍ତାନରେ ଥିବା ଆତଙ୍କୀଙ୍କୁ ନିପାତ ପରେ ଏବେ ଅନ୍ତର୍ଜାତୀୟ ମହଲରେ କୂଟନୈତିକ ମୋର୍ଚ୍ଚାରେ ଭାରତ ପାକିସ୍ତାନ ପୋଲ ଖୋଲିବାରେ ଲାଗିଛି। ଭାରତ- ପାକିସ୍ତାନ ସଂପର୍କ ଉପରେ ଆମେ କୌଣସି ବିନା ରଣନୀତିରେ କାମ କରୁନାହୁଁ। ଆମକୁ ସ୍ୱାଧୀନତା ହାସଲବେଳେ ପାକିସ୍ତାନ ସବୁ କ୍ଷେତ୍ରରେ ଆମଠୁ ଆଗରେ ରହିଥିଲା। କିନ୍ତୁ ଆଜି ଭାରତ ଆମର ଅଧିକ ବିବିଧତା ସତ୍ତ୍ୱେ ଆର୍ଥିକ ପ୍ରଦର୍ଶନ, ମାନବ ବିକାଶ ଓ ସାମାଜିକ ସଦ୍‌ଭାବରେ ଆଗରେ ରହିଛି। ଏହା କେବଳ ଏକ ସଂଯୋଗ ନୁହେଁ, ଏହା ଦୀର୍ଘକାଳୀନ ରଣନୀତିର ପରିଣାମ ବୋଲି ସେ ସୂଚାଇ ଦେଇଥିଲେ। ସେ କହିଥିଲେ, ତାଳି ବାଜିବା ପାଇଁ ଦୁଇଟି ହାତ ଜରୁରି। ଯଦି ଆମକୁ କେବଳ ଶତ୍ରୁତା ମିଳୁଛି ତେବେ ଏବେ ଆଇସୋଲେଟ୍ କରିବା ହିଁ ଭଲ ରଣନୀତି ବୋଲି ସେ ସୂଚାଇ ଦେଇଥିଲେ। ତେବେ ଶନିବାର ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ବିବୃତି ଉପରେ କୌଣସି ଟିପ୍ପଣୀ ଦେବାକୁ ସିଡିଏସ୍ ମନା କରି ଦେଇଥିଲେ।

# ସୀମାନ୍ତରେ ୧୦ ଟି ଆଇଡି ବୋମାକୁ ନିଷ୍କ୍ରିୟ କଲେ ଯବାନ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଅବୁଝମାଡ ଜଙ୍ଗଲରେ ମାଓବାଦୀ ମାନେ ଯବାନଙ୍କୁ ଟାର୍ଗେଟ କରି ଖଞ୍ଜିଥିବା ୧୦ଟି ବୋମାକୁ ନିଷ୍କ୍ରିୟ କଲେ ସୁରକ୍ଷା ବଳ। ସୂଚନା ଅନୁଯାୟୀ ଛତିଶଗଡର ଅବୁଝମାଡ ଜଙ୍ଗଲରେ ମାଓ ଦମନ ନିମନ୍ତେ ସୁରକ୍ଷା ବଳ ପକ୍ଷରୁ କଡା ପଦକ୍ଷେପ ନିଆଯାଇଥିବା ସହ ତଲାସି ଅଭିଯାନକୁ ବଢାଇ ଦିଆଯାଇଥିବା ବେଳେ ଆଜି ମଧ୍ୟ ଅବୁଝମାଡ ଜଙ୍ଗଲରେ ଯବାନ ମାନେ ତଲାସି ଅଭିଯାନ ଜାରି ରଖିଥିଲେ। ଏହି ସମୟରେ ଯବାନ ମାନେ ମାଓବାଦୀ ଖଞ୍ଜିଥିବା ୧୦ଟି ଆଇଡି ବୋମାକୁ ଠାବ କରି ଏହାକୁ ବୋମା ନିଷ୍କ୍ରିୟ କାରୀ ଦଳ ଦ୍ୱାରା ଉଦ୍ଧାର କାରୀ ନିଷ୍କ୍ରିୟ କାରୀ ଦେଇଥିବା ଜଣା ପଡିଛି। ଏଥ ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 30.05.2025, I, Deepak Ranjan Patra, Address: At-Plot No. 816/206, Baramunda, Ps-Khandagiri, Dist- Khordha, Odisha, PIN-751003, declare that I have changed my son's name from Adi Anuraga Patra to Adya Anurag Patra. Henceforth, He shall be known as Adya Anurag Patra for all purposes.
Ad/- Deepak Ranjan Patra

# ସୀମାନ୍ତରେ ୮ ମାଓବାଦୀଙ୍କ ଆତ୍ମ ସମର୍ପଣ




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନା ର ମୁଲୁଗୁ ଜିଲ୍ଲାରେ ୮ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ। ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ମାଓ ସଙ୍ଗଠନ ଛାଡି ସାଧାରଣ ଜୀବନ ଯାପନ କରିବାକୁ ଏହି ୮ ମାଓବାଦୀ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏହି ୮ମାଓବାଦୀ ଅନେକ ମାଓ ହିଂସାକାଣ୍ଡ ରେ ଜଡିତ ଥିଲେ। ତେବେ ବର୍ତ୍ତମାନ ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ସହ ଅନେକ ବଡ଼ ବଡ ମାଓ ନେତାଙ୍କ ମୃତ୍ୟୁ ପରେ ସଙ୍ଗଠନରୁ ଅନେକ ମାଓବାଦୀ ଓହରି ଯାଉଥିବା ଦେଖିବାକୁ ମିଳିଛି। ତେଣୁ ଏହି ୮ ମାଓବାଦୀ ମୁଲୁଗୁ ଜିଲ୍ଲା ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ ବ୍ୟବସ୍ଥା ଦ୍ୱାରା ସହାୟତା ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଆତ୍ମସମର୍ପଣ ମାଓବାଦୀଙ୍କ ମଧ୍ୟରେ ୩ ଜଣ ମହିଳା ଓ ୫ ଜଣ ପୁରୁଷ ମାଓବାଦୀ ରହିଛନ୍ତି। ଏହି ଅବସରରେ ଅନ୍ୟ ମାଓବାଦୀ ମାନଙ୍କୁ ପୋଲିସ ପକ୍ଷରୁ ମାଓ ସଙ୍ଗଠନ ଛାଡି ସାଧାରଣ ଯିବନଜାପନ ପାଇଁ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅପିଲ କରାଯାଇଛି।

## ଓଡ଼ିଶା ମୁହାଁ ଛତିଶଗଡ଼ ନକ୍ସଲ

# ସୁରକ୍ଷିତ ସ୍ଥାନ ଖୋଜୁଛନ୍ତି ଉଦୟ, ସୁରେଶ

ମାଲକାନଗିରି(ଭାସ୍କର ନ୍ୟୁଜ): ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ସାରା ଦେଶରୁ ମାଓବାଦର ବିଲୋପ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆହ୍ୱାନ ଦେବାପରେ ମାଓପ୍ରବଣ ରାଜ୍ୟଗୁଡ଼ିକରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ବିଶେଷକରି ଛତିଶଗଡ଼ରେ ସୁରକ୍ଷାକର୍ମୀମାନେ ଘନ ଘନ ଅପରେସନ କରିବା ସହ ମାଓବାଦୀଙ୍କୁ ହତ୍ୟା କରୁଛନ୍ତି। ଛତିଶଗଡ଼ ଆଉ ମାଓବାଦୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ନୁହେଁ ବୋଲି ଜାଣିବା ପରେ ମାଓବାଦୀଙ୍କ ଟପ୍ ନେତାମାନେ ଓଡ଼ିଶାମୁହାଁ ହେଉଥିବା ଗୁଇନ୍ଦା ରିପୋର୍ଟ ମିଳିଛି। ଛତିଶଗଡ଼ ଓ ତେଲଙ୍ଗନାର ଜଙ୍ଗଲକୁ ସୁରକ୍ଷା କର୍ମୀମାନେ ଘେରି ରହିଥିବାରୁ ଏନକାଉଣ୍ଟରରୁ ବର୍ତ୍ତିବା ପାଇଁ ପଡ଼ୋଶୀ ରାଜ୍ୟର ସୁରକ୍ଷିତ ସ୍ଥାନକୁ ମାଓବାଦୀମାନେ ଚାଲିଯିବାକୁ ଉଚିତ ମଣୁଛନ୍ତି। ନିକଟରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟପ୍ ମାଓନେତା ବାସବରାଜର ମୃତ୍ୟୁ ଏବଂ ହିଡମା ଗିରଫ ହେବାପରେ ଏବେ ଷ୍ଟେଟ ଜୋନାଲ କମିଟି ସଦସ୍ୟ ଉଦୟ ଓ ସୁରେଶ ମାଲକାନଗିରି ମୁହାଁ ହୋଇଥିବାର ସୂଚନା ମିଳିଛି। ଏମାନେ ଜିଲ୍ଲାର ବିଭିନ୍ନ ସୁରକ୍ଷିତ ସ୍ଥାନ ଖୋଜୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ମାଓନେତା ସୁରେଶକୁ ସୁରକ୍ଷିତ ସ୍ଥାନକୁ ନେବାପାଇଁ ୫ ମାଓବାଦୀ ବୈପାରୀଗୁଡ଼ା ଅଭିମୁଖେ ବାହାରିଥିଲେ। ତେବେ ପୋଲିସ ସୂଚନା ପାଇବା ପରେ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ସୁରେଶ ସମେତ ଅନ୍ୟ ୪ଜଣ ଖସି ପଳାଇଥିବାବେଳେ ହିଡମା ଗିରଫ ହୋଇଥିଲା। ସେହିପରି ମାଓନେତା ଉଦୟ ମଧ୍ୟ ୧୦ରୁ ୧୨ ସାଥୀଙ୍କୁ ନେଇ ସୁରକ୍ଷିତ ସ୍ଥାନ ଖୋଜି ଚାଲିଛି। ଏ ନେଇ ଗୁଇନ୍ଦା ସୂଚନା ମିଳିବା ପରେ ମାଲକାନଗିରି ପୋଲିସ ସଜାଗ ହୋଇଛି। ଏନକାଉଣ୍ଟରରେ ବହୁସଂଖ୍ୟକ ନକ୍ସଲଙ୍କ ମୃତ୍ୟୁ ହେଉଥିବାରୁ ଏବେ ମାଓବାଦୀମାନେ ଆତ୍ମ ସମର୍ପଣ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡ଼କୁ ସଂପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ ସୁରକ୍ଷାବାହିନୀ ଲାଗି ପଡ଼ିଛନ୍ତି।

# ବେଆଇନ ଗୋଚାଲାଣ,୫ ଗାଈ ଉଦ୍ଧାର,ଜଣେ ଗିରଫ

କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ଅଞ୍ଚଳରେ ଦିନକୁ ଦିନ ବେଆଇନ ଗୋଚାଲାଣ ବଢ଼ିବାରେ ଲାଗିଛି । କିଛି ଅସାଧୁ ଗୋ ଚାଲାଣକାରୀ ପୋଲିସ ଆଖିରେ ଧୂଳି ଦେଇ ଖସି ଯିବାକୁ ଉଦ୍ୟମ କରୁଥିବାବେଳେ କାକଟପୁର ପୋଲିସ ସେମାନଙ୍କୁ କାବୁ କରି ୫ ଟି ଗାଈ ଉଦ୍ଧାର କରି ପୁରୀ ଗୋଶାଳାକୁ ପଠାଇଛି । ସୂଚନା ଅନୁଯାୟୀ ଶନିବାର ସକାଳ ୭ ଘଟିକା ସମୟରେ କାକଟପୁର ଥାନା ଅଧିନସ୍ଥ ଆନନ୍ଦ ବଜାର ଛକରୁ ଏକ ଟାଟା ଏସି ଯୋଗେ ୫ ଟି ଗାଈ କୁ ବେଆଇନ ଚାଲାଣ କରୁଥିବା ସମୟରେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ ସଦଳବଳେ ଚଢ଼ାଉ କରି ଗାଡି ସହିତ ଆସାମୀକୁ ଥାନାକୁ ଆଣିଥିଲେ । ଏ ସଂକ୍ରାନ୍ତରେ କାକଟପୁର ଥାନା ପକ୍ଷରୁ କେଶ ନମ୍ବର ୧୨୫/୨୫ ରେ ଏକ ମାମଲା ରୁଜୁ କରାଯାଇ ଆସାମୀକୁ କୋର୍ଟ ଚାଲାଣ କରାଯାଇଛି । ବାରମ୍ବାର ଗୋଚାଲାଣ ସଂକ୍ରାନ୍ତରେ କାକଟପୁର ଥାନା ଆଇଆଇସି ଶ୍ରୀ ସାହୁଙ୍କୁ ପଚାରିବାରେ ଯେଉଁ ଗୋ ମାଲିକ ମାନେ ଗୋମାତା ମାନଙ୍କୁ ପାଳିବାରେ ଅକ୍ଷମ ହୋଇ ସେମାନଙ୍କୁ କଂସେଇ ମାନଙ୍କୁ ବିକୁଛନ୍ତି ସେମାନେ ଗୋମାତା ମାନଙ୍କୁ ନ ବିକ୍ରି କରି ଆଇଆଇସିଙ୍କୁ ଜଣାଇଲେ ସେ ତାଙ୍କ ନିଜ ଖର୍ଚ୍ଚରେ ଗୋମାତା ମାନଙ୍କୁ ପୁରୀ ଗୋଶାଳାକୁ ପଠେଇବେ ବୋଲି ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅହଲ୍ୟାବାଈ...

ସତୀ ସାବିତ୍ରୀ ମୃତ୍ୟୁର ଦେବତା ଯମରାଜଙ୍କ ସହ ଲଢେଇ କରିଥିଲେ। ସେହି ସିନ୍ଦୂରର ମର୍ଯ୍ୟାଦା ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜ୍ର ଶପଥ ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବାଚସ୍ପତି ସୁରମା ପାଢୀ ଅହିଲ୍ୟାବାଈଙ୍କ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଅହିଲ୍ୟାବାଈଙ୍କ ଆଦର୍ଶକୁ ଅନୁକରଣ କରି ଆମେ ଓଡ଼ିଶାରେ ସୁଶାସନ, ଶିକ୍ଷା ଓ ମହିଳା ସଶକ୍ତିକରଣରେ ନୂତନ ଦିଗନ୍ତ ସୃଷ୍ଟି କରିପାରିବା। ନଗର ଉନ୍ନୟନମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସମାଜସେବୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ଫରେଷ୍ଟରଙ୍କ...

ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ି ରହିଥିଲା। ତେବେ ଶିଶିରଙ୍କ ପତ୍ନୀ ନମିତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିବାବେଳେ ପୁଅର କୌଣସି କ୍ଷତି ହୋଇନାହିଁ । ନିଆଁଲାଗି ଘରେଥିବା ସ୍କୁଟିଟି ପୋଡ଼ି ଯାଇଥିବାବେଳେ ବହୁ ଆସବାବପତ୍ର ମଧ୍ୟ ପୋଡ଼ିଯାଇଛି। ପୋଲିସ ପୁଅ ଅଭିଷେକକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ମୃତ ଶିଶିରଙ୍କ ଘର ମାନପୁର ହୋଇଥିବାବେଳେ ସେ ନୟାଗଡ଼ ସହରର ବାରମାସୀଦଣ୍ଡାସ୍ଥିତ ଅଞ୍ଚଳରେ ଘର କରି ପରିବାର ସହ ରହୁଥିଲେ। ସୂଚନାଯୋଗ୍ୟ ଯେ ଶୁକ୍ରବାର ପଞ୍ଚରିଡା ବନାଞ୍ଚଳ ଅନ୍ତର୍ଗତ ଗୋଛା ସଂରକ୍ଷିତ ଜଙ୍ଗଲରେ ଶିକାରୀ ଗୁଳିରେ ଜଣେ ଶିକାରୀର ମୃତ୍ୟୁ ଘଟିଥିବାବେଳେ ଶନିବାର ଫରେଷ୍ଟରଙ୍କ ମୃତ୍ୟୁ ନାନା ସନ୍ଦେହ ସୃଷ୍ଟି କରିଛି।

# ବଜ୍ରାଘାତରେ ଯୁବକ ଗୁରୁତର

ଡ଼ାବୁଗାଁ (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ଥାନା ଅନ୍ତର୍ଗତ ମହେନ୍ଦ୍ରି ଗ୍ରାମ ର ମିଟୁ ଜାନି ଙ୍କ ଘର ନିକଟରେ ବଜ୍ରପାତ ହେବାରୁ ମିଟୁ ଜାନିର ପୁଅ ଶଙ୍କର ଜାନି (୧୬) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ତୁରନ୍ତ ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାଇ ତା ୩୦/୦୫/୨୫ ଶୁକ୍ରବାର ଦିନ କାଳ ବୈଶାଖୀ ପ୍ରଭାବରେ ଡ଼ାବୁଗାଁ ନିକଟ ବର୍ତ୍ତି ଅଞ୍ଚଳରେ ଘଡ ଘଡି ସହ ଭୀଷଣ ବର୍ଷା ହୋଇଥିଲା। ଡ଼ାବୁଗାଁ ନିକଟ ମହେନ୍ଦ୍ରୀ ଗ୍ରାମ ରେ ସନ୍ଧ୍ୟା ୭ ଘଣ୍ଟା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ବଜ୍ରପାତ ମହେନ୍ଦ୍ରୀ ଗ୍ରାମର ମିଟୁ ଜାନି ଙ୍କ ଘର ନିକଟରେ ପଡିବା ପରେ ମିଟୁ ଜାନି ର ଘର ର ବୈଦ୍ୟୁତିକ ବୋର୍ଡ ଓ ୱାଇର ପୋଡି ଯାଇଥିଲା। ଘର ମଧ୍ୟରେ ଥିବା ମିଟୁ ଜାନି ର ପୁଅ ଶଙ୍କର ଜାନି ର ଡାହାଣ ଗୋଡ ପୋଡି ଯାଇଥିଲା। ତୁରନ୍ତ ଶଙ୍କର ଜାନି ଙ୍କୁ ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା।ବଜ୍ରାଘାତ ଯୋଗୁଁ ଶଙ୍କର ଜାନି ର ଦେହ କାଳ ହୋଇଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ ଶଙ୍କର ର ଦେହ ସୁସ୍ଥ ଥିବା ଜଣା ପଡିଛି। ତେବେ ଏହି ବଜ୍ରାଘାତ ସମୟରେ ମହେନ୍ଦ୍ରି ଗ୍ରାମ ର ଶଙ୍କର ଜାନି ର ବାପା ବୁଟୁ ଜାନି ଓ ମା ମଇନି ଜାନି ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ଛତ୍ରଭଙ୍ଗ ଦେଲେ ମାଓବାଦୀ

ରାଞ୍ଚି: ଝାଡ଼ଖଣ୍ଡର ବଙ୍ଗାରାମ ତିରିଲପୋଷି ଜଙ୍ଗଲରେ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଥିଲେ। ତେବେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାଇ ଯାଇଥିଲେ। ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ବିପୁଳ ପରିମାଣର ବିସ୍ଫୋରକ ଜବତ କରିଥିବାବେଳେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ଝାଡ଼ଖଣ୍ଡ ସୀମାନ୍ତ ବାଙ୍କୋରୁ ମାଓବାଦୀମାନେ ୪ଟନ ବିସ୍ଫୋରକ ଲୁଟି ନେଇଥିଲେ।

# ଭୁବନରେ ଶିବ ପାର୍ବତୀ ବିବାହ



ଭୁବନ(ଭାସ୍କର ନ୍ୟୁଜ): ପବିତ୍ର ଶୀତଳ ଷଷ୍ଠୀ ଅବସରରେ ବିପୁଳ ଉତ୍ସାହ ଉଦ୍ଦୀପନା ଓ ଆନନ୍ଦ ଉଲ୍ଲାସ ସହ ଢେଙ୍କାନାଳ ଜିଲ୍ଲା ଭୁବନ ରେ ଶିବ ପାର୍ବତୀ ବିବାହ ସମ୍ପନ୍ନ ହୋଇଯାଇଛି। ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ୱାର୍ଡ ସ୍ଥିତ ଛତାମଠ ପରିସରରେ ବାବା କାଶୀ ବିଶ୍ୱନାଥଙ୍କ ର ମାତା ପାର୍ବତୀ ଙ୍କ ସହିତ ବିବାହ ସମ୍ପନ୍ନ ହୋଇଯାଇଛି । ବର ପିତା ମାତା ଭାବେ ଜଗବନ୍ଧୁ ସାହୁ,ନିଳୀମା ସାହୁ ଏବଂ କନ୍ୟା ପିତା ମାତା ଭାବେ ବାବୁରାମ ନାୟକ,ଗୀତାଞ୍ଜଳି ନାୟକ ଯୋଗଦେଇ ଦେବ ବିବାହ କରିଥିଲେ । ପ୍ରାୟ ପାଞ୍ଚ ଶହ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସାମୁହିକ ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟାରେ ଦେବ ଦମ୍ପତି ନଗର ପରିକ୍ରମା କରିଥିଲେ । କାଶୀ ବିଶ୍ୱନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ହରିହର ସାହୁଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ଦାସ,ସୁରେନ୍ଦ୍ର କୁମାର ପୋଥାଳ,ସଦାନନ୍ଦ ନାୟକ,ମଙ୍ଗୁଳି ଚରଣ ପାତ୍ର,ଗତି କୃଷ୍ଣ ଦାସ ଓ ଶିବ ବିବାହ ପରିଚାଳନା କମିଟି ସଦସ୍ୟ ମାନେ ସକ୍ରିୟ ଅଂଶ ଗ୍ରହଣ ଓ ସହଯୋଗ କରିଥିଲେ । ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ଗ୍ରାମର ଆରାଧ୍ୟ ଦେବତା ବାବା ଲୋକ ନାଥେଶ୍ୱର ଙ୍କ ୨୬ ତମ ବାର୍ଷିକ ବିବାହ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଭୂଷଳ ଗ୍ରାମର ନିରଞ୍ଜନ ଖୁଣ୍ଟିଆ,ମୋନାଲିସା ଖୁଣ୍ଟିଆ ବର ପିତା ମାତା ଓ ବାଉଁଶ କଣ ଗ୍ରାମର ପ୍ରଦୀପ ରଥ,ପ୍ରଣତି ରଥ କନ୍ୟା ପିତା ମାତା ସାଜି ବିବାହ କରାଇଥିଲେ । ଅପରାହ୍ନରେ ସାମୁହିକ ପ୍ରସାଦ ସେବନ କରାଯାଇଥିଲା ଓ ସନ୍ଧ୍ୟାରେ ଦେବ ଦମ୍ପତିଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା । ଢେଙ୍କାନାଳ ଜିଲ୍ଲା ର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ବୁଦ୍ଧେଶ୍ୱର ଙ୍କ ମାତା ପାର୍ବତୀ ଦେବୀ ଙ୍କ ବିବାହ କାର୍ଯ୍ୟରେ ଚଳିତ ବର୍ଷ ଦୁଇ ଜଣ ଯୁବ ଶିଳ୍ପପତି ଯଥା ଚିନ୍ମୟ ବେହେରା , ସୋନାଲି ଗୁରୁ ମହାଦେବ ଙ୍କ ପିତା ମାତା ଏବଂ ମନୋଜ କୁମାର ପୋଥାଳ,ନିବେଦିତା ପୋଥାଳ ମାତା ପାର୍ବତୀ ଙ୍କ ପିତା ମାତା ସାଜି ବିବାହ କରାଇ ଥିଲେ । ସନ୍ଧ୍ୟା ୬ ଘଟିକା ସମୟ ରେ ବାଟ ବରଣି କରାଯାଇଥିଲା ଓ ସନ୍ଧ୍ୟା ୭ ଘଟିକରେ ବ୍ରାହ୍ମଣୀ ଦେବୀ ଛକରୁ ମହାଦେବ ଙ୍କ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ନରହରି ସାହୁ ଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨ ହଜାର ରୁ ଉର୍ଦ୍ଧ୍ୱ ଶୈବ ଭକ୍ତ ବରଯାତ୍ରୀ ସାଜିଥିଲେ । ଡି ଜେ ସାଉଣ୍ଡ ସାଙ୍ଗକୁ ବାଜା ,ବାଣ ଓ ମହିଳା, ପୁରୁଷ ସଙ୍କୀର୍ତ୍ତନ ରେ ସହର ଦୁଲୁକିଥିଲା । ରାତ୍ର ୧୦ ଘଟିକା ରେ ବରଯାତ୍ରୀ ସହ ବୃଦ୍ଧେଶ୍ୱର୍ ମହାଦେବ ମନ୍ଦିର ରେ ପହଞ୍ଚିବା ପରେ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବାର ସ୍ଥିର ହୋଇଛି ବୋଲି ମନ୍ଦିର ପରିଚାଳନା କମିଟି ସୂତ୍ରରୁ ଜଣାପଡ଼ିଛି।

**ODISHA HYDRO POWER CORPORATION LTD** CAD-599
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.-CHEP/TW-02 (Vol.-V)/1976 Date: 29.05.2025

**TENDER CALL NOTICE NO.-CHEP-14/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of T & P Materials for Maintenance Division of CHEP, Chiplima | Rs.2,360/- (Rs.2,000/- + GST @18%) | 4,260/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.03.06.2025 up to 12:30 PM of dtd.17.06.2025.
OIPR 04006/11/0085/2526 Sd/- C & P Head, CHEP, Chiplima

OFFICE OF THE SUPERINTENDING ENGINEER B-171
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com
60Estg.No - 3798 Date – 30.05.2025

Government of Odisha "e"-Procurement Notice No (06 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | E.I. ( Road) Work |
| 2 | Total No of works | 1no. work |
| 3 | Estimated Cost | i) Rs. 43,82,351/- |
| 4 | Class of Contractor | Sl No 1 - "HT" Class Contractor |
| 5 | Period of Completion | 2 (two ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 02/06/2025 at 11.30 P.M. to 09/06/2025 at 5.30 P.M |
| 8 | Last Date & Time for Receipt of bids in the Portal | 10/06/2025, upto 5.30 P.M. |
| 9 | Name & Address of the Officer inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above
OIPR 34185/11/0002/2526
Sd/- Superintending Engineer
BBSR (R&B) Division No. III, BBSR

**GOVERNMENT OF ODISHA** C-418
**OFFICE OF THE PURI MUNICIPALITY, PURI.**
Email-enfpuri.od@gov.in
* * * * * *
**NATIONAL COMPETITIVE BIDDING THROUGH e-Procurement**

Identification No.P.M.01/2025-26
Notice No. 5045 Dated. 30.05.2025

1. Type of Work: Civil/ Electrical Work. 2. Total No. of works:42 nos. of Individual Works. 3. Estimate Cost: Rs. 254230/- TO Rs. 2542493/- 4. Period of completion: 45 to 60 Days 5. Date & time of availability of bid document in the Portal: - from 03 P.M of 31.05.2025 to 05 P.M of 20.06.2025 6. Last date/Time for receipt of bid in the portal: - up to 05 P.M of 20.06.2025 7. Date of Opening of bid 11 A.M. of dtd 21.06.2025 8. Name & address of the Officer inviting Bid: Executive Officer, Puri Municipality, Puri. Further detail can be seen from the e-procurement portal www.tendersorissa.gov.in.

Sd/-Executive Officer,
Puri Municipality, Puri.
OIPR 13159/11/0054/2526

**GOVERNMENT OF ODISHA** B-163
OFFICE OF THE CHIEF CONSTRUCTION ENGINEER
PHULBANI (R&B) CIRCLE, PHULBANI
Email: sernbphulbani@gmail.com
INVITATION FOR BIDS (IFB)

Phone: - 06842 254004 Bid Identification No. CCE_R and B_PLB_04 of 2025_26
No. 883 Dated. 28.05.2025

| | | | |
|---|---|---|---|
| 1 | The Chief Construction Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Building works as detailed in the table below from eligible contractors. | | |
| 2 | Nature of work | :- | Building Works |
| 3 | No. of tenders | :- | Three No |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | B & A class |
| 6 | Date & Time of sale & receipt of bids | :- | 10.00 AM of 04.06.2025 to 5.00PM of 18.06.2025 |
| 7 | Date of Opening of bid | :- | 11.00 AM of 19.06.2025 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

OIPR 34129/11/0018/2526
Sd/-Chief Construction Engineer,
Phulbani (R&B) Circle, Phulbani

**GOVERNMENT OF ODISHA** MM-68
**FOREST, ENVIRONMENT & CLIMATE CHANGE DEPARTMENT**
**OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122**
E-mail ID- dfoangul@gmail.com, dfo.angul@odisha.gov.in
Phone No- 9938022883

Office Order No 216 /1F, Dated, Angul the 30th May, 2025

**Corrigendum to Tender Call Notice**

**Bid Identification No. DFO/ANG-01/2025-26, Dated: 22.05.2025**

With reference to the Tender Notice published for the **Procurement of Different Planting Materials for the Planting Season 2025–26** under the aforementioned Bid Identification Number, the **items and specifications have been modified and certain additions have been made.**

These modifications form an integral part of the ongoing tender process and are to be read in conjunction with the original tender document. Bidders are requested to consider the revised specifications and newly added items as detailed below for the purpose of bid submission.

| Sl No. | Items | Modification Details | Remarks |
|---|---|---|---|
| 06 | NPL Fertilizer (Chemical) | 20:20:0.18 | |
| 09 | Virgin Green HDPE Mesh for Garden fencing or tree guard | GSM – (350 & above) | |
| 13 | Drip | • With 40 mm& 50 mm Agri PVC Piple (6KG) • On lines 16mm pipe Network with all accessories • Control Valve and Flush Valve 40 mm • Header & Filter Unit 20/25 Cum • With Drippers 4 LPH | |

Others can see the details from Notice inviting Tenders, available in website- https://angul.odisha.gov.in , https://odishaforest.in Corrigendum if any, shall only be published in the above website

All other terms and conditions will remain same as published in the above referred tender notice. Inconvenience, if any is highly regretted.

OIPR 08027/11/0025/2526
Sd/-Divisional Forest Officer
Angul Forest Division

# ଜାତୀୟ ଓ ଅନ୍ତର୍ଜାତୀୟ



ଅଯୋଧ୍ୟା : ଦୁନିଆର ସବୁଠୁ ଧନୀ ବ୍ୟକ୍ତି ତଥା ଟେସଲା ଓ ସ୍ପେସ୍ ଏକ୍ସର ସିଇଓ ଏଲନ ମସ୍କଙ୍କ ବାପା ଏରୋଲ ମସ୍କ ଆସିବେ ଭାରତ। ଏରୋଲ ମସ୍କ ଅଯୋଧ୍ୟା ସ୍ଥିତ ରାମ ମନ୍ଦିରରେ ରାମଲଲାଙ୍କ ଦର୍ଶନ କରିବେ। ସେ ୧ ରୁ ୬ଜୁନ ଯାଏ ଭାରତରେ ରହି ପାରନ୍ତି । ଏରୋଲ ମସ୍କ ନିକଟରେ ହିଁ ଭାରତୀୟ କମ୍ପାନୀ ସର୍ଭୋଟେକ୍‌ର ଗ୍ଲୋବାଲ ଆଡଭାଇଜରୀ ବୋର୍ଡରେ ସାମିଲ ହୋଇଥିଲେ। ସୂତ୍ରରୁ ପ୍ରକାଶ ଯେ, ଗସ୍ତ ବେଳେ ଏଲନ ମସ୍କ ବିଜନେସ୍ ସହ ଜଡ଼ିତ ଅନେକ ବୈଠକରେ ସାମିଲ ହୋଇ ପାରନ୍ତି। ଗସ୍ତ ସହ ଜଡ଼ିତ ବିଶେଷଜ୍ଞଙ୍କ କହିବାନୁସାରେ, ସେ ଗ୍ରୀନ ଟେକ୍ନୋଲଜି କ୍ଷେତ୍ରରେ ଭାରତରେ ହେଉଥିବା କାମ ଓ ଚାର୍ଜିଂ ଭିତ୍ତିଭୂମିକୁ ମଧ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରୋତ୍ସାହିତ କରିବେ। ଏହି ସମୟରେ ସେ ନୀତି ନିର୍ଦ୍ଧାରକ, ନିବେଶକ, ଉଦ୍ୟୋଗ ଜଗତର ଲୋକଙ୍କ ସହ ଅଲଗା ଅଲଗା ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ବୈଠକରେ ସାମିଲ ହେବେ।

### ପୂର୍ବୋତ୍ତର ରାଜ୍ୟରେ ପ୍ରବଳ ବର୍ଷା ସହ ଭୂସ୍ଖଳନ

## ୧୯ ମୃତ, ୧୨ ହଜାରରୁ ଅଧିକ ପ୍ରଭାବିତ



ନୂଆଦିଲ୍ଲୀ: ଦେଶରେ ଆଗକୁ ପହଞ୍ଚିଥିବା ମୌସୁମୀ ଯୋଗୁ ପର୍ବୋତ୍ତର ରାଜ୍ୟରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି । ଗତ ତିନିଦିନରେ ପର୍ବୋତ୍ତରର ମଣିପୁର, ମିଜୋରାମ, ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରାରେ ଲଗାତାର ପ୍ରବଳ ବର୍ଷା, ଭୂସ୍ଖଳନ ଓ ବନ୍ୟାରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ୧୨ ହଜାରରୁ ଅଧିକ ପରିବାର ପ୍ରଭାବିତ ହୋଇଛି । ବର୍ଷା ଓ ବନ୍ୟାରେ ଘର ଭୁଶୁଡ଼ିବା ଯୋଗୁ ବହୁ ସଂଖ୍ୟାରେ ଲୋକେ ବାସହରା ହୋଇଛନ୍ତି । ପାଣିପାଗ ବିଭାଗ ସବୁ ରାଜ୍ୟ ପାଇଁ ଆଲର୍ଟ ଜାରି କରିଛି । ଦକ୍ଷିଣ ମିଜୋରାମର ଲଙ୍ଗତଲାଇ ସହରରେ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁ ପାଞ୍ଚଟି ଘର ଓ ଗୋଟିଏ ହୋଟେଲ ଭୁଶୁଡ଼ି ପଡ଼ିଛି । ଏଥିରେ ଅନେକ ଲୋକ ଫସିଛନ୍ତି । ଏସ୍‌ଆରଡିଏଫ୍ ଓ ତୃତୀୟ ଭାରତୀୟ ରିଜର୍ଭ ବାଟାଲିୟନର ଯବାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ କରାଯାଉଛି । ଭୂସ୍ଖଳନ ଯୋଗୁ ରାଷ୍ଟ୍ରୀୟ ରାଜମାର୍ଗ-୫୪ରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ଫଳରେ ମିଜୋରାମଠାରୁ ସୁଦୂର ଦକ୍ଷିଣ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପ୍ରବଳ ବର୍ଷା ଓ ଭୂସ୍ଖଳ ଯୋଗୁ ଆସାମର କାମରୁପ ମେଟ୍ରୋ ଜିଲ୍ଲାରେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ପାଞ୍ଚ ଜିଲ୍ଲାରେ ୧୨ ହଜାରରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଗୌହାଟୀ ଓ ସିଲଚରରେ ୧୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଅନ୍ୟପଟେ ଲକ୍ଷ୍ମୀପୁରରେ ବନ୍ୟା ଯୋଗୁ ରିଙ୍ଗ ଡ୍ୟାମ ଭୁଶୁଡ଼ି ପଡ଼ିଛି । ଅରୁଣାଚଳ ପ୍ରଦେଶର ବି ପ୍ରବଳ ବର୍ଷାର ତାଣ୍ଡବ ଦେଖିବାକୁ ମିଳିଛି । ଏଠାରେ ଭୂସ୍ଖଳନ ଯୋଗୁ ୯ ଜଣଙ୍କ ମୃତ୍ୟୁ ହୋଇଛି । ପୂର୍ବ କାମେଙ୍ଗରେ ନିର୍ମିତ-ସେପ୍ପା ଖଣ୍ଡରେ ହୋଇଥିବା ଭୂସ୍ଖଳନରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟପଟେ ଲୋୟର ସୁବନସିରି ଜିଲ୍ଲାରେ ଜିରୋ-କାମଲେ ମାର୍ଗରେ ମାଇନ୍ ଗ୍ରୋବ ନିକଟରେ ଭୂସ୍ଖଳନରେ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଏହାସହ ଉପର ସୁବନସିରି ଜିଲ୍ଲାରେ ବନ୍ୟା ଯୋଗୁ ୧୦୦ରୁ ଅଧିକ ପରିବାର ପ୍ରଭାବିତ ହୋଇଛି । ସିଗିନ ନଦୀରେ ପାଣି ବିପଦ ସଂକେତରେ ପ୍ରଭାବିତ ହେଉଛି । ପାଣିପାଗ ବିଭାଗ ପକ୍ଷରୁ ଏଥିପାଇଁ ରେଡ୍ ଆଲର୍ଟ ଜାରି କରାଯାଇଛି । ତ୍ରିପୁରାରେ ବି ପ୍ରବଳ ବର୍ଷା ଯୋଗୁ ଜିରାନିଆରେ ଜଣେ ବ୍ୟକ୍ତି ବୁଡ଼ି ଯାଇଛନ୍ତି । ୨୦୦ରୁ ଅଧିକ ଲୋକ ବାସଗୃହ ହରାଇଛନ୍ତି । ଲୋକଙ୍କୁ ବନ୍ୟା ଆଶ୍ରୟ ସ୍ଥଳରେ ରଖାଯାଇଛି ।

## ଭାରତ-ନେପାଳ ସୀମାରୁ ଦୂରେଇ ରୁହ: ଚୀନ୍




କାଠମାଣ୍ଡୁ: ଭାରତ-ନେପାଳ ସୀମାବର୍ତ୍ତୀ ଅଞ୍ଚଳକୁ ନଯିବା ପାଇଁ ଚୀନ୍ ନିଜର ନାଗରିକମାନଙ୍କୁ ସତର୍କ କରାଇ ଦେଇଛି। ନେପାଳରେ ଥିବା ଚୀନ୍ ଦୂତାବାସ ନିଜର ନାଗରିକମାନଙ୍କ ପାଇଁ ଏ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଛି। ସାମ୍ପ୍ରତିକ ସମୟରେ, ଭାରତୀୟ ସୀମା ସୁରକ୍ଷା ବାହିନୀ ନେପାଳ-ଭାରତ ସୀମାରେ ଅନେକ ଚୀନ୍ ନାଗରିକଙ୍କୁ ଗିରଫ କରିଛନ୍ତି। ଏହାକୁ ଧ୍ୟାନରେ ରଖି, କାଠମାଣ୍ଡୁରେ ଥିବା ଚୀନ୍ ଦୂତାବାସ ନିଜର ଲୋକମାନଙ୍କୁ ନେପାଳ ଏବଂ ଭାରତ ସୀମାରୁ ଦୂରରେ ରହିବାକୁ ଅନୁରୋଧ କରିଛି। ବିନା ଅନୁମତିରେ ଭାରତୀୟ ସୀମାରେ ପ୍ରବେଶ କରିବା ସମସ୍ୟା ଏଡାଇବା ପାଇଁ ଚୀନ୍ ନାଗରିକମାନଙ୍କୁ ସତର୍କ ରହିବାକୁ କହିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ନେପାଳରେ ଥିବା ଚୀନ୍ ଦୂତାବାସ ନିଜର ନାଗରିକମାନଙ୍କୁ ଏକ ବାର୍ତ୍ତା ଜାରି କରି କହିଛି ଯେ, ନେପାଳ-ଭାରତ ସୀମାର ସୀମା ନିର୍ଦ୍ଧାରଣ ସମ୍ପୂର୍ଣ୍ଣ ସ୍ପଷ୍ଟ ନୁହେଁ। ତେଣୁ, ଲୋକମାନେ ଅଜାଣତରେ ନେପାଳରୁ ଭାରତୀୟ ଅଞ୍ଚଳରେ ପ୍ରବେଶ କରିବାର ଆଶଙ୍କା ରହିଛି। ଯଦି ସେମାନେ ବିନା ଅନୁମତିରେ ଭାରତୀୟ ସୀମାରେ ପ୍ରବେଶ କରନ୍ତି, ତେବେ ସେମାନଙ୍କୁ ଗିରଫ କରାଯାଇପାରିବ ଏବଂ ପରବର୍ତ୍ତୀ ସମୟରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଚୀନ୍ ନାଗରିକଙ୍କ ଗିରଫଦାରୀ ଖବର ପରେ, ଦୂତାବାସ ଶୁକ୍ରବାର ପୁଣି ଥରେ ୱିଇ ଚାଟ୍ ସୋସିଆଲ ମିଡିଆରେ ଲୋକମାନଙ୍କୁ ନେପାଳ-ଭାରତ ସୀମାନ୍ତ ଅଞ୍ଚଳକୁ ନ ଯିବାକୁ ଚେତାବନୀ ଦେଇଛି। ଦୂତାବାସ ଚେତାବନୀ ଦେଇଛନ୍ତି ଯେ, ଭାରତୀୟ ଅଞ୍ଚଳରେ ପ୍ରବେଶ କଲେ ଗିରଫ ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। ଏଥିରେ ଜାମିନ ପାଇବା କଷ୍ଟକର ଏବଂ ଅଭିଯୁକ୍ତଙ୍କୁ ଜରିମାନା ସହିତ ୨ରୁ ୮ ବର୍ଷ ଜେଲଦଣ୍ଡ ହୋଇପାରେ। ନେପାଳ ଏବଂ ଭାରତର ସୁରକ୍ଷା ଏଜେନ୍ସିଗୁଡ଼ିକ ସମ୍ପ୍ରତି ନେପାଳ-ଭାରତ ସୀମାରେ କଡ଼ା ନଜର ରଖିବା ସହିତ ପାଟ୍ରୋଲିଂକୁ ଜୋରଦାର କରିଛନ୍ତି। ଏହା ଚୀନ୍‌ର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ଚୀନ୍ ଦୂତାବାସ ପୂର୍ବରୁ ନିଜର ନାଗରିକମାନଙ୍କୁ ସୀମାବର୍ତ୍ତୀ ଅଞ୍ଚଳରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲା। କିନ୍ତୁ କିଛି ଚୀନ୍ ନାଗରିକ ଏହି ଚେତାବନୀକୁ ଅଣଦେଖା କରି ଭାରତୀୟ ସୀମାରେ ପ୍ରବେଶ କରିଥିଲେ। ଯାହା ପରେ ତାଙ୍କୁ ଭାରତୀୟ ସୁରକ୍ଷା ବାହିନୀ ହେପାଜତକୁ ନେଇଥିଲେ। ଏହାକୁ ଦୃଷ୍ଟିରେ ରଖି, ଚୀନ୍ ଏବେ ନିଜ ନାଗରିକମାନଙ୍କ ପ୍ରତି ଗମ୍ଭୀର ହୋଇଯାଇଛି ଏବଂ ତୁରନ୍ତ ସେମାନଙ୍କୁ ଭାରତ-ନେପାଳ ସୀମାରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଜାରି କରିଛି।

## ଟାଇଗର ମ୍ୟାନ୍‌ଙ୍କ ପରଲୋକ

ନୂଆଦିଲ୍ଲୀ: ଭାରତର ପ୍ରସିଦ୍ଧ ସଂରକ୍ଷଣବାଦୀ ତଥା ଟାଇଗର ମ୍ୟାନ ବାଲ୍ମିକ ଥାପରଙ୍କ ପରଲୋକ। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଭାରତରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରିଥିଲେ ବାଲ୍ମିକ ଥାପର। ତାଙ୍କର ବିଶେଷ ଫୋକସ୍ ବାଘ ସଂରକ୍ଷଣ ଉପରେ ଥିଲା। ୧୯୮୮ ମସିହାରେ ସେ ରଣଥମ୍ଭୋର ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ। ଯାହା ସମ୍ପ୍ରଦାୟ-ଭିତ୍ତିକ ସଂରକ୍ଷଣ କାର୍ଯ୍ୟ ପାଇଁ ଏକ ଅଣ-ସରକାରୀ ସଂଗଠନ ଭାବରେ ପରିଚିତ। ବାଲ୍ମିକ ଥାପର ବାଘ ଶିକାର ବିରୋଧୀ ଆଇନ ଏବଂ ବାଘ ବାସସ୍ଥାନ ସଂରକ୍ଷଣର ଜଣେ ବଡ଼ ସମର୍ଥକ ଥିଲେ। ସେ ସର୍ବଦା ମାନବ ହସ୍ତକ୍ଷେପ ବିନା ବାଘ ପାଇଁ ସ୍ୱତନ୍ତ୍ର ଅଞ୍ଚଳ ସଂରକ୍ଷଣ କରିବାକୁ ଚାହୁଁଥିଲେ। କଂଗ୍ରେସ ନେତା ଜୟରାମ ରମେଶ ବାଲ୍ମିକ ଥାପରଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛନ୍ତି।

## ୟୁକ୍ରେନ ସୀମାରେ ୫୦ ହଜାର ରୁଷ ସୈନ୍ୟ



କିଭ୍: ରୁଷ ଏବଂ ୟୁକ୍ରେନ ସୀମାରେ ଉତ୍ତେଜନା ଚରମରେ ପହଞ୍ଚିଛି । କାରଣ ଏକ ବଡ଼ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଯାଉଛି ରୁଷ । ଏଥିପାଇଁ ପ୍ରାୟ ୫୦ ହଜାର ରୁଷ ସୈନ୍ୟ ଠୁଳ ହୋଇଛନ୍ତି । ଦ ମସ୍କୋ ଟାଇମ୍ସର ରିପୋର୍ଟ ଅନୁଯାୟୀ, ରୁଷ ସୀମାର ଅନ୍ୟପାର୍ଶ୍ୱରେ ୫୦ ହଜାର ସୈନିକଙ୍କୁ ମୁତୟନ କରିଛି। ରୁଷ ସେନା ୟୁକ୍ରେନର ଅନେକ ଗ୍ରାମକୁ ଦଖଲ କରିଥିବା ଦାବି କରିଛି। ସୀମାନ୍ତ ଅଞ୍ଚଳରେ ରୁଷ ଆକ୍ରମଣ ବୃଦ୍ଧି ପାଇବାର ଭୟ ମଧ୍ୟରେ ୟୁକ୍ରେନ ଶନିବାର ରୁଷ ସୀମା ସଂଲଗ୍ନ ସୁମି ଅଞ୍ଚଳର ଆଉ ୧୧ ଗ୍ରାମକୁ ଖାଲି କରିବାକୁ ନିର୍ଦ୍ଦେଶ ଜାରି କରିଛି। ଗତ କିଛିବର୍ଷ ଧରି ରୁଷ ଏବଂ ୟୁକ୍ରେନ ପରସ୍ପର ଉପରେ ଡ୍ରୋନ୍ ଏବଂ ବିମାନ ଆକ୍ରମଣ କରିଆସୁଛନ୍ତି। ରୁଷ ପୁଣିଥରେ ସ୍ଥଳରେ ୟୁକ୍ରେନ ଉପରେ ଆକ୍ରମଣ କରିବା ଉଦ୍ଦେଶ୍ୟରେ ସୀମାର ଅନ୍ୟ ପାର୍ଶ୍ୱରେ ୫୦,୦୦୦ରୁ ଅଧିକ ସୈନିକଙ୍କୁ ମୁତୟନ କରିଛି। କିଭ୍ ମଧ୍ୟ ଏହାକୁ ନିଶ୍ଚିତ କରିଛି ଏବଂ କହିଛି ଯେ ରୁଷ ଗତ କିଛି ସପ୍ତାହରେ ସୁମି ଅଞ୍ଚଳ ନିକଟବର୍ତ୍ତୀ ଅନେକ ଗ୍ରାମକୁ ନିଜ ନିୟନ୍ତ୍ରଣ କରିଛି।

## ଇସ୍ରାଏଲ ଆକ୍ରମଣରେ ହିଜବୁଲ୍ଲା କମାଣ୍ଡର ନିହତ

ଜେରୁଜେଲମ: ହମାସର ଗାଜା ମୁଖ୍ୟ ମହମ୍ମଦ ସିନୱାରଙ୍କୁ ନିପାତ କରିବା ପରେ ଇସ୍ରାଏଲୀ ସେନା ଆଉ ଏକ ବଡ଼ ସଫଳତା ହାସଲ କରିଛି। ସେନା ଲେବାନନରେ ଏକ ବିମାନ ଆକ୍ରମଣରେ ଜଣେ ଶୀର୍ଷ ହିଜବୁଲ୍ଲା କମାଣ୍ଡରଙ୍କୁ ହତ୍ୟା କରିଛି। ଆଇଡିଏଫ୍ ସୂଚନା ଦେଇଛି ଯେ ଦକ୍ଷିଣ ଲେବାନନରେ ହିଜବୁଲ୍ଲା କମାଣ୍ଡର ମହମ୍ମଦ ଅଲି ଜାମୋଲଙ୍କୁ ହତ୍ୟା କରିଛି। ଜାମୋଲ ଦକ୍ଷିଣ ଲେବାନନର ଡେର ଅଲ-ଜହରାନି ଅଞ୍ଚଳରେ ହିଜବୁଲ୍ଲାର ରକେଟ ଆରେର ଶାକିଫ ଅଞ୍ଚଳର କମାଣ୍ଡର ଥିଲା। ସେନା ଆକ୍ରମଣରେ ମୃତ୍ୟୁବରଣ କରିଥିବା ଅଲି ଜାମୋଲ୍ ଯୁଦ୍ଧ ସମୟରେ ଇସ୍ରାଏଲୀ ନାଗରିକ ଏବଂ ଆଇଡିଏଫ୍ ସୈନିକଙ୍କ ଉପରେ ଅନେକ ରକେଟ ଆକ୍ରମଣ ପାଇଁ ଦାୟୀ ଥିଲା।

## ସୁଶାସନ ତିହାର ଜନତାଙ୍କ ସମସ୍ୟା ସମାଧାନ ପାଇଁ ଅଭିଯାନ: ବିଷ୍ଣୁଦେବ





ରାୟପୁର: ଶନିବାର ଝିପିଝିପି ବର୍ଷା ମଧ୍ୟରେ ଛତିଶଗଡ଼ର ଧମତରୀରେ ଆୟୋଜିତ ସମାଧାନ ଶିବିରରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ଏହି ଅବସରରେ ସେ ଧମତରୀର ବିକାଶ ପାଇଁ ୨୧୩ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ଏହି ଅର୍ଥରେ ହାଇଟେକ୍ ବସଷ୍ଟାଣ୍ଡ, ଅତ୍ୟାଧୁନିକ ଅଡିଟୋରିୟମ୍ ଏବଂ ତିନୋଟି ସଡ଼କ ନିର୍ମାଣ କରାଯିବ । ସୁଶାସନ ତିହାର ଅନ୍ତର୍ଗତ ଏହି ଅଭିଯାନ ଦୀର୍ଘ ୫୪ଦିନ ଧରି ଛତିଶଗଡ଼ର ବିଭିନ୍ନ ଜିଲ୍ଲାରେ ଆୟୋଜନ କରାଯାଇ ସମାଧାନ ଶିବିରରେ ଲୋକଙ୍କ ସମସ୍ୟା ସମାଧାନ କରାଯାଉଥିବା ଶ୍ରୀ ସାଏ କହିଥିଲେ । ଶ୍ରୀ ସାଏ କହିଥିଲେ ଜଳ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ସହ ଆମୋଦପ୍ରମୋଦ ପ୍ରତ୍ୟେକ ବ୍ୟକ୍ତିର ଜରୁରି ଆବଶ୍ୟକତା । ସୁଶାସନ ତିହାର ଅନ୍ତର୍ଗତ ମୁଖ୍ୟମନ୍ତ୍ରୀ ଯେଉଁ ୨୧୩ କୋଟି ଟଙ୍କା ଘୋଷଣା କରିଥିଲେ ସେଥିମଧ୍ୟରୁ ହାଇଟେକ୍ ବସଷ୍ଟାଣ୍ଡ ପାଇଁ ୧୮ କୋଟି, ଅତ୍ୟାଧୁନିକ ଅଡିଟୋରିୟମ୍ ପାଇଁ ୧୦ କୋଟି ୫୦ ଲକ୍ଷ, ତିନୋଟି ସଡ଼କ ନିର୍ମାଣ ପାଇଁ ୬୯ କୋଟି ଏବଂ ଅନ୍ୟାନ୍ୟ କାର୍ଯ୍ୟ ୫୬ କୋଟି ଟଙ୍କାର ସହାୟତା ଘୋଷଣା କରିଥିଲେ । ସେହିପରି ଧମତରୀର ମୁଖ୍ୟ ମାର୍ଗର ନବୀକରଣ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଶ୍ରୀ ସାଏ କହିଥିଲେ । ଏହି ଶିବିରରେ ଶ୍ରୀ ସାଏ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସୁଶାସନ ଅର୍ଥ ହେଉଛି ସ୍ୱଚ୍ଛ ଶାସନ । ଏହି କାର୍ଯ୍ୟକ୍ରମ ଗତ ଅପ୍ରେଲ ୮ ତାରିଖରୁ ଆରମ୍ଭ ହୋଇଥିବା ସେ ସୂଚନା ଦେଇଥିଲେ ।

## ବିଏଲ୍‌ଏ ଦଖଲରେ ପାକିସ୍ତାନର ସୁରାବ ସହର

ଇସଲାମାବାଦ: ପାକିସ୍ତାନରେ ବଲୋଚ ମୁକ୍ତି ବାହିନୀ (ବିଏଲ୍‌ଏ)କୁ ଆଉ ଏକ ସଫଳତା ମିଳିଛି । ଅଶାନ୍ତ ବେଲୁଚିସ୍ତାନ ପ୍ରଦେଶର ସୁରାବ ସହରକୁ ବିଏଲଏ କବ୍‌ଜା କରି ଜଣେ ପାକିସ୍ତାନୀ ଅଧିକାରୀଙ୍କୁ ହତ୍ୟା କରିଛି। ମୃତ ସରକାରୀ କର୍ମଚାରୀ ହେଉଛନ୍ତି ଅତିରିକ୍ତ ଉପାୟୁକ୍ତ (ରାଜସ୍ୱ) ହିଦାୟତ ବୁଲେଦୀ ବଲୋଚ । ଲଜ୍ଜାଜନକ କଥା ହଉଛି ବିଏଲଏ ସେନାକୁ ଦେଖି ପାକିସ୍ତାନର ସୁରକ୍ଷା ବାହିନୀ ପଳାୟନ କରିଥିଲେ । ସୁରାବକୁ ଦଖଲ କରିବା ପରେ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଆଗରେ ବିଏଲଏ ଯବାନ ପ୍ରହରା ଦେଉଛନ୍ତି । ଏ ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି,

# ବାଣିଜ୍ୟ

ମୁମ୍ବାଇ: ଗୋଦରେଜ ଜର୍ସି ଭାରତୀୟ ଗ୍ରାହକଙ୍କ ବିକଶିତ ପସନ୍ଦକୁ ଜଣାଇବା ପାଇଁ 'ବଟମସ ଅପ.ଇଣ୍ଡିଆ ସେଜ ଚିୟର୍ସ ଟୁ ମିଲ୍କ' ରିପୋର୍ଟ ସହିତ ପାଳନ କରୁଛି। ଏଥିରୁ ଜଣାପଡିଛି ଯେ, ପ୍ରତ୍ୟେକ ତିନିଜଣ ଭାରତୀୟ ଗ୍ରାହକଙ୍କ ମଧ୍ୟରୁ ଜଣେ ପାନୀୟ ଭାବରେ ଦୁଗ୍ଧକୁ ପସନ୍ଦ କରୁଛନ୍ତି । ଏଥିସହିତ ୫୦% ଭାରତୀୟ ଗ୍ରାହକ ସୁଗନ୍ଧଯୁକ୍ତ କ୍ଷୀର ପିଅନ୍ତି ବା ଘରେ କ୍ଷୀରରେ ସୁଗନ୍ଧ ମିଶାନ୍ତି ବୋଲି ରିପୋର୍ଟରୁ ଜଣାପଡ଼ିଛି। ଭାରତୀୟ ପିତାମାତାମାନେ ମଧ୍ୟ ସୁଗନ୍ଧଯୁକ୍ତ କ୍ଷୀରକୁ ସେମାନଙ୍କ ପିଲାଙ୍କୁ ଏକ ସୁସ୍ୱାଦୁ ଏବଂ ପୁଷ୍ଟିକର ପାନୀୟ ଭାବରେ ବଛୁଛନ୍ତି। ସେମାନେ ୪୫% ଦିନବେଳା ଏବଂ ୪୪% ଖେଳ ସମୟରେ ଏକ ସ୍ଫୁର୍ତ୍ତିଦାୟକ ବିକଳ୍ପ ଭାବରେ ତାହାକୁ ଦେଉଛନ୍ତି। ଏ ସମ୍ପର୍କରେ ଗୋଦରେଜ ଜର୍ସିର ସିଇଓ ଭୁପେନ୍ଦ୍ର ସୁରି କହିଛନ୍ତି ଯେ, ନ୍ତଗୋଦରେଜ ଜର୍ସିରେ ଆମେ ଉପଭୋକ୍ତାଙ୍କ ଆଶା ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ। ସ୍ୱାଦ, ସ୍ଫୁର୍ତ୍ତି ଏବଂ ପୁଷ୍ଟିକୁ ସମାନ ଭାବରେ ଗୁରୁତ୍ୱ ଦେଇ କମ୍ପାନି ଏକ ନୂତନ ପିଢି ପାଇଁ ଦୁଗ୍ଧର ଅର୍ଥକୁ ପୁନର୍ବିଚାର କରୁଛି। ଗୋଦରେଜ ଜର୍ସି ବାଦାମ କ୍ଷୀର କେବଳ ସ୍ୱାଦ ନୁହେଁ, ଏହା ଏକ ସୁସ୍ଥ ଏବଂ ପୁଷ୍ଟିକର ବିକଳ୍ପ ଯାହା ଦୁଗ୍ଧକୁ କେବଳ ବିଶ୍ୱ ଦୁଗ୍ଧ ଦିବସ ନୁହେଁ, ବରଂ ପ୍ରତିଦିନର ପ୍ରିୟ ପାନୀୟ ଭାବରେ ପ୍ରସ୍ତୁତ କରିଛି।

## ବିସି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ଏସ୍‌ଇସିଆଇର ୧୫୦ ମେଗାୱାଟ୍ ଟେଣ୍ଡର ହାସଲ

ନୂଆଦିଲ୍ଲୀ: ଭାରତର ଅନ୍ୟତମ ଅଗ୍ରଣୀ ବ୍ୟାବସାୟିକ ସଂସ୍ଥା ବିସି ଜିନ୍ଦଲ ଗ୍ରୁପ୍ ପକ୍ଷରୁ ସୋଲାର ଏନର୍ଜି କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ଇସିଆଇ)ର ୧୫୦ ମେଗାୱାଟ୍ ରାଉଣ୍ଡ୍ ଦି କ୍ଲକ୍ ପ୍ରକଳ୍ପକୁ ରିଭର୍ସ ନିଲାମରେ ହାସଲ କରିଛି । ଏସ୍‌ଇସିଆଇର ୧୨୦୦ ମେଗାୱାଟ୍‌ର ଆର୍‌ଟିସି ଅକ୍ଷୟ ଶକ୍ତି ପ୍ରକଳ୍ପର ଏକ ଅଂଶ ହେଉଛି ଏହି ପ୍ରକଳ୍ପ ଯାହାର ଟେଣ୍ଡର ଗତବର୍ଷ ନଭେମ୍ବରରେ ଆହ୍ୱାନ କରାଯାଇଥିଲା। କମ୍ପାନୀ ୫.୦୭/କେଡବ୍ଲୁଏଚ୍ ଟାରିଫ୍‌ରେ ୧୫୦ ମେଗାୱାଟ୍‌ର ମୋଟ୍ କ୍ଷମତା ଆବଶ୍ୟକତା ହାସଲ କରିଛି। ଏହି ପ୍ରକଳ୍ପର ଅଂଶ ଭାବେ ଆନ୍ତଃ ରାଜ୍ୟ ସଂଚାରଣ ବ୍ୟବସ୍ଥା ସହ ସଂଯୁକ୍ତ ଅକ୍ଷୟ ଶକ୍ତି ପ୍ରକଳ୍ପ ସ୍ଥାପନ କରିବ, ଯେଉଁଥିରେ ସଞ୍ଚାରଣ ନେଟ୍‌ୱର୍କ ଗଠନ କରାଯିବା ସହ ଆଇଏସ୍‌ଟିଏସ୍ ନେଟ୍‌ୱର୍କ ଓ ଡେଲିଭରି ପଏଣ୍ଟ ସ୍ଥାପନ କରାଯିବ। ସର୍ତ୍ତାବଳୀ ଅନୁସାରେ ବିସି ଜିନ୍ଦଲ ଗ୍ରୁପ୍ ଆର୍‌ଟିସି ପ୍ରକଳ୍ପ ପାଇଁ ଜମି ଚିହ୍ନଟ, ପ୍ରକଳ୍ପ ସ୍ଥାପନ, ଆବଶ୍ୟକ ମଞ୍ଜୁରୀ ଏବଂ ଏସ୍‌ଇସିଆଇ ଜରିଆରେ ବିଦ୍ୟୁତ କ୍ରୟ ବୁଝାମଣା ସହ ଡିସ୍‌କମ୍‌ଗୁଡ଼ିକୁ ବିଦ୍ୟୁତ ଯୋଗାଣ ପାଇଁ ଆଇଏସ୍‌ଟିଏସ୍ ନେଟ୍‌ୱର୍କକୁ ଆନ୍ତଃସଂଯୋଗ ପ୍ରଦାନ କରିବା ଦାୟିତ୍ୱରେ ରହିବ। ଏ ସମ୍ପର୍କରେ ବିସି ଜିନ୍ଦଲ ଗ୍ରୁପର ପ୍ରବକ୍ତା କହିଛନ୍ତି ଯେ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିଲାମରେ ୧୫୦ ମେଗାୱାଟ୍ ଆର୍‌ଟିସି ପ୍ରକଳ୍ପ ହାସଲ କରିବା ଦୃଢ଼ ଓ ଭରସାଯୋଗ୍ୟ ଅକ୍ଷୟ ଶକ୍ତି ସମାଧାନ ପ୍ରତି ଆମର ରହିଥିବା ପ୍ରତିବଦ୍ଧତାକୁ ଦୋହରାଉଛି। ଭାରତର ସ୍ୱଚ୍ଛ ଶକ୍ତି ଆଡ଼କୁ ପରିବର୍ତ୍ତନ ଏବଂ ୨୦୩୦ ସୁଦ୍ଧା ୫୦୦ ମେଗାୱାଟ୍ ଅକ୍ଷୟ ଶକ୍ତି ଲାଗି ଦେଶର ରହିଥିବା ଲକ୍ଷ ହାସଲ କରିବାକୁ ସମର୍ଥନ କରିବାରେ ଏହି ପ୍ରକଳ୍ପ ହାସଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନିକଟରେ ଗ୍ରୁପର ଅକ୍ଷୟ ଶକ୍ତି ଶାଖା ଜିନ୍ଦଲ ଇଣ୍ଡିଆ ରିନ୍ୟୁଏବଲ୍ ଏନର୍ଜି (ଜିଆଇଆର୍‌ଇ) ଏସ୍‌ଜେଭିଏନ୍‌ଠାରୁ ୩୦୦ ମେଗାୱାଟ୍‌ର ସୋଲାର ସହ ଷ୍ଟୋରେଜ୍ ପ୍ରକଳ୍ପ ହାସଲ କରିଥିଲା। ତାହା ଥିଲା ଏସ୍‌ଜେଭିଏନ୍‌ର ୧୨୦୦ ମେଗାୱାଟ୍‌ର ଆନ୍ତଃ ରାଜ୍ୟ ସଂଚାରଣ ବ୍ୟବସ୍ଥା ସଂଯୁକ୍ତ ସୋଲାର ବିଦ୍ୟୁତ ପ୍ରକଳ୍ପ ଟେଣ୍ଡରର ଅଂଶ ଯେଉଁଥିରେ ୬୦୦ ମେଗାୱାଟ୍/୨୪୦୦ ମେଗାୱାଟ୍‌ର ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ରହିଛି। ଏଥି ସହିତ ନିକଟରେ ଜେଆଇଆର୍‌ଇ ପକ୍ଷରୁ ଏନ୍‌ଏଚ୍‌ପିସିଠାରୁ ୩୦୦ ମେଗାୱାଟ୍‌ର ସୋଲାର୍ ପ୍ଲସ୍ ଷ୍ଟୋରେଜ୍ ପ୍ରକଳ୍ପ ହାସଲ କରାଯାଇଛି। ତାହା ମଧ୍ୟ ଏନ୍‌ଏଚ୍‌ପିସିର ୧୨୦୦ ମେଗାୱାଟ୍ ଆନ୍ତଃ ରାଜ୍ୟ ସଂଚାରଣ ବ୍ୟବସ୍ଥା ସଂଯୁକ୍ତ ସୋଲାର ବିଦ୍ୟୁତ ପ୍ରକଳ୍ପର ଅଂଶ ଯେଉଁଥିରେ ୬୦୦ ମେଗାୱାଟ୍/୨୪୦୦ ମେଗାୱାଟ୍‌ର ବ୍ୟାଟେରି ଶକ୍ତି ସଂରକ୍ଷଣ ବ୍ୟବସ୍ଥା ରହିଛି।

## ଆର୍‌ଏସ୍‌ପି ଦ୍ୱାରା ଏସ୍‌ଏମ୍‌ଏସ୍-୨ରେ ଇଓଟି କ୍ରେନ୍ ପ୍ରତ୍ୟାରୋପଣ ପାଇଁ ଚୁକ୍ତି ସ୍ୱାକ୍ଷରିତ



ରାଉରକେଲା(ଭାସ୍କର ନ୍ୟୁଜ): ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ମଇ ୨୮ ତାରିଖରେ ନ୍ତଏସଏମଏସ-୨ କନଭର୍ଟର ଚାର୍ଜିଂ ବେ ରେ ଗୋଟିଏ ଇଓଟି କ୍ରେନ୍ ପ୍ରତ୍ୟାରୋପଣ' ପାଇଁ ଅହମ୍ମଦାବାଦର ମେସର୍ସ ଅନୁପମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ସ୍ୱାକ୍ଷର ସମାରୋହ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ୍ ରାହୁଲ ଅଗ୍ରୱାଲ, ପ୍ରକଳ୍ପ ବାଣିଜ୍ୟିକ ବିଭାଗର ସିଜିଏମ୍ ଅଶ୍ୱିନୀ କୁମାର ସାହୁ, ଏସଏମଏସ-୨ ବିଭାଗର ସିଜିଏମ୍ ଏମ.ଜି. ଶ୍ରୀକାନ୍ତ, ସିଇଟି ରାଉରକେଲାର ସିଜିଏମ୍ ଶଲଭ ଶର୍ମା, ଏବଂ ଆରଏସପି ସିଇଟିର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ମେଷର୍ଷ ଅନୁପମ ଇଣ୍ଡଷ୍ଟ୍ରିଜ୍ ର ପ୍ରତିନିଧିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଏହି ଚୁକ୍ତିନାମା ଆରଏସପିର ଇସ୍ପାତ ନିର୍ମାଣ କାର୍ଯ୍ୟରେ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ନିରନ୍ତର ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟ। ପ୍ରକଳ୍ପ ପାଇଁ ଗ୍ରହଣ ପତ୍ର (ଏଲଓଏ) ୨୦୨୪ ମଇ ୫ ତାରିଖରେ ଜାରି କରାଯାଇଥିଲା। ଚୁକ୍ତି ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟକାରୀ ତାରିଖରୁ ୧୮ ମାସ ମଧ୍ୟରେ ସମାପ୍ତ ହେବାକୁ ସ୍ଥିର ହୋଇଛି। ଏହି ପ୍ରକଳ୍ପ ପାଇଁ ପରାମର୍ଶଦାତା ମେସର୍ସ ସେଣ୍ଟର ଫର୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ରହିଛି। ନୂତନ ଇଓଟି କ୍ରେନ୍ ଏସଏମଏସ-୨ର ଇ-ଏଫ ବେ (୨୫ତମ ସ୍ତମ୍ଭ ଧାଡ଼ି)ର ଗେବଲ ଶେଷ ଆଡ଼କୁ ସ୍ଥାପିତ ହେବ। ସୁଗମ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ ସଂସ୍ଥାପନରେ ଆଂଶିକ ଭାଙ୍ଗିବା ଏବଂ ସଂରଚନାମୂଳକ ଉପାଦାନଗୁଡ଼ିକର ପୁନଃନିର୍ମାଣ ଅନ୍ତର୍ଭୁକ୍ତ ହେବ। ନୂତନ ଭାବରେ ନିର୍ମିତ କ୍ରେନ୍ ସଫଳତାର ସହିତ କାର୍ଯ୍ୟକ୍ଷମ ହେବା ପରେ ବିଦ୍ୟମାନ ୟୁନିଟ୍ କୁ ଡିକମିସନ୍ କରାଯିବ। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭବିଷ୍ୟ ପ୍ରସ୍ତୁତ ଇସ୍ପାତ ନିର୍ମାତା ହେବା ପାଇଁ ଏହାର ଯାତ୍ରାରେ ଆରଏସପିକୁ ଆଗକୁ ବଢ଼ିବାରେ ସାହାଜ୍ୟ କରିବା ସହିତ ଏହାର ଉତ୍ପାଦନ ସୁବିଧାଗୁଡ଼ିକୁ ଆଧୁନିକୀକରଣ ଏବଂ ଶିଳ୍ପ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଆରଏସପିର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ୩ରେ ବ୍ଲୁ ୱାଟର ଲଜିଷ୍ଟିକ୍ସ ତାଲିକାଭୁକ୍ତ ହେବ

ହାଇଦ୍ରାବାଦ: ଏକ ବହୁଧା ପରିବହନ ଅପରେଟର ବ୍ଲୁ ୱାର୍ଟର ଲଜିଷ୍ଟିକ୍ସ ୨୦୨୫ ଜୁନ ୦୩ ତାରିଖରେ ଏନଏସଇ ଏମର୍ଜ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଆଇପିଓ ବିଡିଂର ଚୂଡାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ ଅଫରିଂରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା। ଏହାର ଆଇପିଓରେ ବୁକ-ବିଲଡିଂ ରୁଟ୍‌ରେ ପ୍ରତ୍ୟେକ ୧୦ ଟଙ୍କାର ଫେସ୍ ଭାଲ୍ୟୁ ବିଶିଷ୍ଟ ୩୦ ଲକ୍ଷ ଇକ୍ୱିଟି ସେୟାର ଜାରି ଅନ୍ତର୍ଭୁକ୍ତ। ଆବେଦନ ନିମନ୍ତେ ସର୍ବନିମ୍ନ ଲଟ୍ ପରିମାଣ ୧୦୦୦ ଇକ୍ୱିଟି ସେୟାର ରଖାଯାଇଛି। ହାଇଦ୍ରାବାଦରେ ମୁଖ୍ୟ ଦପ୍ତର ଥିବା କମ୍ପାନୀର ପ୍ରମୋଟର ଲକ୍ଷ୍ମୀ ନାରାୟଣ ମିଶ୍ର, ଲଳିତ ପଣ୍ଡା, ମଧୁସ୍ମିତା ମହାନ୍ତି ଏବଂ ସୁପ୍ରିୟା ମିଶ୍ର ମୂଳତଃ ଓଡ଼ିଶାର ବାସିନ୍ଦା ଅଟନ୍ତି। ଇସ୍ୟୁର କ୍ୱାଲିଫାଏଡ ଇନଷ୍ଟିଚ୍ୟୁସନାଲ ବାୟର (କ୍ୟୁଆଇବି) ଅଂଶ ୧୪.୦୪ ଗୁଣ ସବସ୍କ୍ରାଇବ କରାଯାଇଥିବାବେଳେ ଏନଆଇଆଇ କୋଟା ୯.୮୭ ଗୁଣ ଏବଂ ରିଟେଲ ଇଣ୍ଡିଭିଜୁଆଲ ଇନଭେଷ୍ଟର୍ସ (ଆରଆଇଆଇ) କୋଟା ୬.୫୫ ଗୁଣ ସବସ୍କ୍ରାଇବ କରାଯାଇଥିଲା, ଯଦ୍ୱାରା ମୋଟ ଉପରେ ବିଡିଂର ଶେଷଦିନ ୨୦୨୫ ମେ ୨୯ ଗୁରୁବାର ପର୍ଯ୍ୟନ୍ତ ମୋଟ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଥିଲା। କମ୍ପାନୀ ଆଇପିଓରୁ ସଂଗୃହୀତ ମୋଟ ଅର୍ଥରୁ ୧୦.୫୧ କୋଟି ଟଙ୍କା ଯାନବାହନ କ୍ରୟ ଏବଂ ସେଗୁଡିକର ବଡି ନିର୍ମାଣ ନିମନ୍ତେ ମୂଳଧନ ବ୍ୟୟ ଆକାରରେ ୧୦.୫୧ କୋଟି ଟଙ୍କା ଏବଂ କମ୍ପାନୀର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ନିମନ୍ତେ ୨୦ କୋଟି ଟଙ୍କା ବିନିଯୋଗ କରିବାକୁ ଚାହୁଁଛି। ଅବଶିଷ୍ଟ ପୁଞ୍ଜିକୁ ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ।

## ଆମାଜନ ହୋମ୍ ସପିଂ ସ୍ପ୍ରି ଆଣିଛି ଅଧିକ ସଞ୍ଚୟ ଏବଂ କ୍ୟାଶ୍‌ବ୍ୟାକ୍

ମୁମ୍ବାଇ: ଆମାଜନ.ଇନର ହୋମ୍ ସପିଂ ସ୍ପ୍ରି ସହିତ ଆପଣଙ୍କ ଘରକୁ ଏକ ଗ୍ରୀଷ୍ମ ପରିବର୍ତ୍ତନ ଦିଅନ୍ତୁ, ଯାହା ଘର, ରୋଷେଇ ଘର ଏବଂ ଆଉଟଡୋର୍ ଉତ୍ପାଦର ବିସ୍ତୃତ ଚୟନରେ ଶ୍ରେଷ୍ଠ ଡିଲ୍ ପ୍ରଦାନ କରୁଛି। ରୋବୋଟିକ୍ ଭାକ୍ୟୁମ୍ ଏବଂ ୱାଟର ପ୍ୟୁରିଫାୟରଠାରୁ ଆରମ୍ଭ କରି କୁଲର, ପାଣି ବୋତଲ, ସ୍ୱିମିଂ ସାମଗ୍ରୀ, ଫର୍ଣ୍ଣିଚର ଏବଂ ଅନ୍ୟାନ୍ୟ ଏହି ଗ୍ରୀଷ୍ମ ଋତୁରେ ଆପଣଙ୍କୁ ଥଣ୍ଡା ଏବଂ ଆରାମଦାୟକ ରହିବା ପାଇଁ ଆବଶ୍ୟକ ସବୁକିଛି ପାଆନ୍ତୁ। ଗ୍ରାହକମାନେ ୧ରୁ ୫ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଆକ୍ୱାଗାର୍ଡ, ନରୱାଲ୍, ଭେଗା ଏବଂ ଅନ୍ୟାନ୍ୟ ବ୍ରାଣ୍ଡରୁ ଆକର୍ଷଣୀୟ ଡିଲ୍ ଉପଭୋଗ କରିପାରିବେ। ଏହି ଅବସରରେ ସର୍ବନିମ୍ନ ମୂଲ୍ୟରେ ୭୫୦ରୁ ଅଧିକ ଋତୁକାଳୀନ ଏବଂ ଏଭରଗ୍ରୀନ ବେଷ୍ଟସେଲର ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଆମାଜନ୍ ପେ ଅଫର୍ ମାଧ୍ୟମରେ ଘର, ରୋଷେଇ ଘର, କ୍ରୀଡା ଏବଂ ଆଉଟଡୋର୍ ଉତ୍ପାଦ ଉପରେ ସର୍ବନିମ୍ନ ୧୨୦୦ ଟଙ୍କା କ୍ରୟ ଉପରେ ୧୫୦ ଟଙ୍କା ପର୍ଯ୍ୟନ୍ତ ୧୦% କ୍ୟାସବ୍ୟାକ୍ ପାଆନ୍ତୁ। ଏହା ସହିତ, ଛୋଟ ଉପକରଣ ଏବଂ ଫର୍ଣ୍ଣିଚର ଉପରେ ୧୨୦୦ ଟଙ୍କା ପର୍ଯ୍ୟନ୍ତ ୧୦% କ୍ୟାସବ୍ୟାକ୍ ପାଆନ୍ତୁ। ଗ୍ରାହକମାନେ ଏୟାର କୁଲର ସନ୍ତରଣ ଆସେସୋରିଜ୍ ଏବଂ ପାଣି ବୋତଲ ସମେତ ଗ୍ରୀଷ୍ମକାଳୀନ ଆବଶ୍ୟକୀୟ ସାମଗ୍ରୀ ଉପରେ ଶ୍ରେଷ୍ଠ ଡିଲ୍ ମଧ୍ୟ ଉପଭୋଗ କରିପାରିବେ। ବ୍ୟାଙ୍କ ଅଫ୍ ବରୋଦା, କାନାରା, ଫେଡେରାଲ୍ ବ୍ୟାଙ୍କ, ଏଚଏସବିସି, ଆଇଡିଏଫସି ଏବଂ ୟେସ୍ ବ୍ୟାଙ୍କ ଟ୍ରାନ୍‌ଜେକ୍ସନ ଉପରେ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ମଧ୍ୟ ରହିଛି। ସେଲ ସମୟରେ ନାରୱାଲ୍ ଫ୍ରିଓ ଏକ୍ସ ପ୍ଲସ୍ ୨-ଇନ୍-୧ ରୋବୋଟିକ୍ ଭାକ୍ୟୁମ୍ ଏବଂ ମପିଂ ଆମାଜନରେ ୨୨,୯୯୦ରେ ଆକ୍ୱାଗାର୍ଡ ଡିଲାଇଟ୍ ଏନଏକ୍ସଟି ଆକ୍ୱାସେଭର୍ ୯-ଷ୍ଟେଜ୍ ୱାଟର ପ୍ୟୁରିଫାୟର ୯,୯୯୯ରେ, ସ୍ୱିଙ୍କସ ସିରାମିକ୍ ଡୋନଟ୍ ଭେସ, ପମ୍ପାସ ଗ୍ରାସ ଫ୍ଲାୱାର ଭେସ, ଘର ସାଜସଜ୍ଜା ସେଣ୍ଟରପିସ୍ ୧୬୦ରେ, ଆଗାରୋ ରୟାଲ୍ ଇଲେକ୍ଟ୍ରିକ୍ ସ୍ପିନ୍ ସ୍କ୍ରବର, କ୍ଲିନିଂ ବ୍ରସ୍ ସ୍କ୍ରବର ୨,୮୯୯ରେ, ଲିଡର ସ୍ଲାଇଡର ୨୭.୫ଞ୍ଚ (୭ ସ୍ପିଡ୍) ଏମଟିବି ସାଇକେଲ୍ ୫,୯୯୯ ଟଙ୍କାରେ, ଭୁକି ଇକୋ-ଫ୍ରେଣ୍ଡଲି ହେଭି ଡ୍ୟୁଟି ସମସ୍ତ ଉଦ୍ଦେଶ୍ୟ କଠିନ ଦାଗ କ୍ଲିନର୍ ଏବଂ ରୋଷେଇ ଘର ସଫା କରିବା ସ୍ପ୍ରେ ୪୭୦ ଟଙ୍କାରେ, ବ୍ଲୁମ୍ ବଡି ୩-ପିସ୍ ପ୍ରିମିୟମ୍ ଗାର୍ଡେନ୍ ଟୁଲ୍ ସେଟ୍ ୨୨୯ରେ, ନେପଚ୍ୟୁନ୍ ସରଳ କୃଷି ମିନି ଗାର୍ଡେନ୍ ହୋସ୍ ୨,୮୩୨ରେ, କିବିନ ବ୍ୟାଗ୍ ୯୯୯ ଟଙ୍କାରେ, ଭର୍ଗୋ ଟ୍ରାନ୍ସଫର୍ମ ପ୍ରାଇମ୍ ଏର୍ଗୋନୋମିକ୍ ହାଇ ବ୍ୟାକ୍ ମେସ୍ ଅଫିସ୍ ଚେୟାର ୮,୧୯୦ ଟଙ୍କାରେ ପାଇପାରିବେ।

## ଭାରତରେ ୨୦୨୫ ଫ୍ଲାଗସିପ କିଲର ରିଅଲମି ଜିଟି ୭ ସିରିଜ ଉନ୍ମୋଚିତ




ନୂଆଦିଲ୍ଲୀ: ଭାରତୀୟ ଯୁବ ପିଢିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ପ୍ୟାରିସ୍‌ରେ ଏହାର ଗ୍ଲୋବାଲ ଲଞ୍ଚ ସହ ସମନ୍ୱୟରେ ଭାରତରେ ଏହାର ବହୁପ୍ରତିକ୍ଷୀତ ରିଅଲ୍‌ମି ଜିଟି ୭ ସିରିଜର ଉନ୍ମୋଚନ କରାଯାଇଛି। ଏହି ଘୋଷଣାର ମୁଖ୍ୟ ବିଷୟ ହେଉଛି ରିଅଲ୍‌ମି ଜିଟି ୭ ଡ୍ରିମ ଏଡିସନ ଯାହାକି ଆଷ୍ଟନ ମାର୍ଟିନ ଫର୍ମୁଲା ୱାନ ଟିମ ସହ ମିଳିତ ଭାବେ ସହ-ନିର୍ମାଣ କରାଯାଇଛି, ଯାହା ଏଏମଏଫ୧ ସହ ପ୍ରଥମ କୋ-ବ୍ରାଣ୍ଡେଡ ସ୍ମାର୍ଟଫୋନ ଭାବେ ଏହାର ଔପଚାରିକ ଶୁଭାରମ୍ଭ କରିଛି। ରିଅଲମି ଜିଟି ୭ ସିରିଜ ଶିଳ୍ପ-ପ୍ରଥମ ଫିଚର ଓ ପର୍‌ଫର୍ମାନ୍ସ ଅପ୍‌ଗ୍ରେଡ ସହିତ ପ୍ୟାକ୍ ହୋଇଛି। ରିଅଲମି ଜିଟି୭ରେ ୭୦୦୦ ଏମଏଏଚ ବ୍ୟାଟେରୀ, ୧୨୦ୱାଟ ଅଲଟ୍ରା ଚାର୍ଜ, ଭାରତର ପ୍ରଥମ ମିଡିଆଟେକ ଡାଇମେନ୍‌ସିଟି ୯୪୦୦ଇ ଚିପ୍‌ସେଟ ରହିଛି । ଏହା ୩୪,୯୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି+୨୫୬ଜିବି, ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେଉଛି, ଏହାର ପ୍ରଥମ ସେଲ୍ ମଇ ୩୦ତାରିଖ ଦିନ ୧୨ଟାରୁ ଆରମ୍ଭ ହେବ। ଆଷ୍ଟନ ମାର୍ଟିନ ଫର୍ମୁଲା ୱାନ ଟିମ ସହ ମିଳିତ ଭାବେ ନିର୍ମିତ ରିଅଲମି ଜିଟି ୭ ଡ୍ରିମ ଏଡିସନରେ ଏକ ପ୍ରିମିୟମ ଆଷ୍ଟନ ମାର୍ଟିନ ରେସିଙ୍ଗ ଗ୍ରୀନ ଫିନିଶ, ଏରୋଡାଇନାମିକ ଫ୍ଲୋ ଲାଇନ୍ସ ଡିଜାଇନ ଓ ଖୋଦିତ ସିଲ୍‌ଭର ୱିଙ୍ଗ୍‌ସ ଏମ୍‌ବ୍ଲେମ ରହିଛି। ଏହା ୪୯,୯୯୯ ଟଙ୍କାରେ ୧୬ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେଉଥିବା ବେଳେ ଏହାର ପ୍ରଥମ ସେଲ ଆସନ୍ତା ଜୁନ ୧୩ ତାରିଖ ୨୦୨୫ରେ ଆରମ୍ଭ ହେବ। ଏହି ଶୁଭାରମ୍ଭ ଅବସରରେ ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ନ୍ତରିଅଲ୍‌ମି ଜିଟି ୭ ସିରିଜ ସହିତ ଆମେ ୨୦୨୫ରେ ଏକ ଫ୍ଲାଗସିପ କିଲର ହେବା ଅର୍ଥ କ'ଣ ତାହାକୁ ପୁନଃବ୍ୟାଖ୍ୟା କରିଛୁ। ଜିଟି ୭ ସିରିଜ ହେଉଛି ଅତ୍ୟାଧୁନିକ ଟେକ୍ନୋଲୋଜିକୁ ଗଣତାନ୍ତ୍ରିକ କରିବା, ପ୍ରିମିୟମ ଅନୁଭୂତିକୁ ପହଞ୍ଚଯୋଗ୍ୟ, ଇଚ୍ଛିତ ଓ କାର୍ଯ୍ୟଦକ୍ଷତା-ଚାଳିତ କରିବା ପ୍ରତି ଆମର ଯାତ୍ରା ଦିଗରେ ଏକ ନିର୍ଭୀକ ପଦକ୍ଷେପ।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ତାରକା ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷରେ ଆଗାମୀ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଏକ ଆବେଗପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ କ୍ରିକେଟ ଖେଳ ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଯାତ୍ରା ହୋଇଛି, କିନ୍ତୁ ଏହା ସଦାସର୍ବଦା ଚାଲିବ ନାହିଁ। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କଙ୍କ ସହ ବିୟଣ୍ଡ୨୩ କ୍ରିକେଟ ପଡ଼କାଷ୍ଟରେ କଥାବାର୍ତ୍ତା ସମୟରେ ବୁମ୍ରା ଏହି ମନ୍ତବ୍ୟ ଦେଇଛନ୍ତି। ୩୧ ବର୍ଷୀୟ ବୁମ୍ରା ଯିଏ ଭାରତ ପାଇଁ ୪୫ଟି ଟେଷ୍ଟ, ୮୯ ଦିନିକିଆ ଏବଂ ୭୦ ଟି-୨୦ ମ୍ୟାଚ ଖେଳିଛନ୍ତି, ସେ କହିଛନ୍ତି, ଏହା ଏକ ଏପରି ଖେଳ ଯାହାକୁ ମୁଁ ବହୁତ ଭଲ ପାଏ। ମୁଁ ଅଷ୍ଟ୍ରେଲିଆ ଗସ୍ତରେ ଥାଇ ଦେଖିଲି ଯେ ଅନେକ ଯୁବ ଖେଳାଳୀ ମୋ ବୋଲିଂ ଶୈଳୀକୁ ଅନୁକରଣ କରୁଛନ୍ତି। ଏହା ମୋ ପାଇଁ ଅବିଶ୍ୱାସ୍ୟ ଅନୁଭବ। ମୁଁ ମଧ୍ୟ କୌଣସି ସମୟରେ ଏପରି କରୁଥିଲି। ତେଣୁ ଏହି ଯାତ୍ରା ସଦାସର୍ବଦା ଚାଲିବ ନାହିଁ, କିନ୍ତୁ ଯେତେବେଳେ ଏହା ଶେଷ ହେବ ମୁଁ ଏହି ଖେଳକୁ କିଛି ଫେରାଇ ଦେବାକୁ ଚାହେଁ। କାରଣ ମୋର ଯାହା କିଛି ଅଛି, ତାହା ଏହି ଖେଳ ମାଧ୍ୟମରେ ହିଁ ମିଳିଛି। ବୁମ୍ରା ବର୍ତ୍ତମାନ ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପରେ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଭାଗ ନେବେ। ତେବେ ରିପୋର୍ଟ ଅନୁସାରେ, ସେ ସମସ୍ତ ପାଞ୍ଚଟି ଟେଷ୍ଟ ମ୍ୟାଚ ଖେଳିବେ ନାହିଁ। ବୁମ୍ରା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡକୁ ଜଣାଇଛନ୍ତି ଯେ ତାଙ୍କ ଶରୀର ତିନୋଟିରୁ ଅଧିକ ଟେଷ୍ଟ ଖେଳିବାର ଚାପ ନେଇ ପାରିବ ନାହିଁ। ଏହା ସହିତ, ତାଙ୍କ ସାମ୍ପ୍ରତିକ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ପିଠିରେ ଆଘାତ ହେବା ପରେ ତାଙ୍କ ଖେଳ ସଂଖ୍ୟା ସୀମିତ ହେବାର ସମ୍ଭାବନା ରହିଛି।

# ରୋମାଞ୍ଚ ହେବ କ୍ରିକେଟ୍, ଲାଗୁ ହେବ ନୂଆ ନିୟମ

ନୂଆଦିଲ୍ଲୀ: ଆହୁରି ରୋମାଞ୍ଚ ହେବ କ୍ରିକେଟ୍ । କ୍ରିକେଟରେ ଏମିତି ଆମୂଳ ଚୂଳ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ବା (ଆଇସିସି) । କ୍ରିକେଟରେ ନୂଆ ନିୟମ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି ଆଇସିସି । ଏହି ନିୟମଗୁଡ଼ିକ ଜୁନ୍ ୨୦୨୫ରୁ କାର୍ଯ୍ୟକାରୀ ହେବ। ଯାହା ଫଳରେ ଧଳା ବଲ୍ ଓ ରେଡ୍ ବଲ୍ କ୍ରିକେଟରେ ଅନେକ ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ବଲ୍ ଓ ବ୍ୟାଟ୍ ମଧ୍ୟରେ ସମାନ ପ୍ରତିଯୋଗିତା ହେବ। କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଆଇସିସିରେ ପୁରୁଣା ବଲ୍, କନକସନ୍ ବଦଳ, ଡିଆରଏସ ଏବଂ ସୀମା ରେଖାରେ ନିଆଯାଇଥିବା କ୍ୟାଚ୍ ନିୟମରେ କିଛି ପରିବର୍ତ୍ତନ କରାଯାଉଛି। ଆଇସିସିର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କ୍ରିକେଟରେ ବ୍ୟାଟ୍ ଓ ବଲ୍ ମଧ୍ୟରେ ସନ୍ତୁଳନ ବଜାୟ ରଖିବା। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ବିଶେଷକରି ସୀମିତ ଓଭର ଫର୍ମାଟରେ, ବ୍ୟାଟ୍ସମ୍ୟାନମାନେ ନିଜର ଦବ୍‌ଦବା ଜାହିର କରିଛନ୍ତି । ଯେଉଁଥିପାଇଁ ବୋଲରମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ ଏବେ ଓଡିଆଇ କ୍ରିକେଟରେ ପ୍ରଯୁଜ୍ୟ ଦୁଇ ବଲ୍ ନିୟମକୁ ହଟାଇବା ପାଇଁ ଯୋଜନା କରାଯାଉଛି । ଏହି ନିୟମ ଅନୁଯାୟୀ, ଉଭୟ ପାର୍ଶ୍ୱରୁ ଦୁଇଟି ନୂତନ ବଲ୍ ବ୍ୟବହାର କରାଯାଉଥିଲା । ଯାହା ଯୋଗୁଁ ବୋଲରମାନଙ୍କୁ ସ୍ୱିଙ୍ଗ୍ ଏବଂ ସିମ୍ ଗତିର ଅଭାବର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ଜୁନ୍ ୨୦୨୫ରୁ କାର୍ଯ୍ୟକାରୀ ହେବାକୁ ଥିବା ନୂତନ ନିୟମ ଅନୁଯାୟୀ, ଏବେ ଓଡିଆଇରେ ୩୪ ଓଭର ପର୍ଯ୍ୟନ୍ତ ଦୁଇଟି ବଲ୍ ବ୍ୟବହାର କରାଯିବ। ଏହା ପରେ,



ଅର୍ଥାତ୍ ୩୫ ରୁ ୫୦ ଓଭର ପର୍ଯ୍ୟନ୍ତ କେବଳ ଗୋଟିଏ ବଲ୍ ବ୍ୟବହାର କରାଯିବ। ଫିଲ୍ଡିଂ ପାଇଁ ୩୫ ରୁ ୫୦ ଓଭର ପାଇଁ ବ୍ୟବହୃତ ଦୁଇଟି ବଲ୍ ମଧ୍ୟରୁ ଗୋଟିଏକୁ ଚୟନ କରିବ। ମ୍ୟାଚର ବାକି ସମୟ ପାଇଁ ମନୋନୀତ ବଲ୍ ଉଭୟ ପାର୍ଶ୍ୱରେ ବ୍ୟବହାର କରାଯିବ। ଅନ୍ୟପକ୍ଷରେ, ଯଦି ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ଏକ ଓଡିଆଇ ମ୍ୟାଚ୍ ୨୫ ଓଭରରୁ କମ୍ ଖେଳାଯାଏ, ତେବେ ଉଭୟ ଇନିଂସରେ କେବଳ ୧-୧ ବଲ୍ ବ୍ୟବହାର କରାଯିବ। ଆପଣଙ୍କୁ ଜଣାଇ ଦେଉଛୁ ଯେ, ଓଡିଆଇରେ ଏହି ନୂତନ ନିୟମ ୨ ଜୁଲାଇରୁ ଶ୍ରୀଲଙ୍କା ଏବଂ ବାଂଲାଦେଶ ମଧ୍ୟରେ ଖେଳାଯିବାକୁ ଥିବା ଓଡିଓ ସିରିଜରୁ କାର୍ଯ୍ୟକାରୀ ହେବ। କନକସନ୍ ବଦଳର ନିୟମ ମଧ୍ୟ କିଛି ସମୟ ଧରି ବିବାଦରେ ରହିଛି । କିନ୍ତୁ ଏବେ ଦଳଗୁଡ଼ିକୁ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ମ୍ୟାଚ୍ ରେଫରିଙ୍କୁ ପାଞ୍ଚ ଜଣ କନେକସନ୍ ବଦଳ ଖେଳାଳିଙ୍କ ନାମ ଜଣାଇବାକୁ ପଡିବ। ଏହି ୫ ଖେଳାଳିଙ୍କ ମଧ୍ୟରୁ ଜଣେ ଓ୍ୱିକେଟ କିପର, ଜଣେ ବ୍ୟାଟ୍ସମ୍ୟାନ୍, ଜଣେ ଦ୍ରୁତ ବୋଲର, ଜଣେ ସ୍ପିନର ଏବଂ ଜଣେ ଅଲରାଉଣ୍ଡର ହେବେ। ଅନ୍ୟପକ୍ଷରେ ଆଇସିସି ଶୀଘ୍ର ସମସ୍ତ ଦଳକୁ ବାଉଣ୍ଡରୀ ଲାଇନ କ୍ୟାଚ୍ ଏବଂ ଡିଆରଏସ୍ ପ୍ରୋଟୋକଲରେ ନିୟମ ପରିବର୍ତ୍ତନ ବିଷୟରେ ପରେ ଜଣାଇବ। ତଥାପି, ଟେଷ୍ଟରେ ନୂତନ ନିୟମ ୨୦୨୫ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ପରେ ଲାଗୁ ହେବ।

# ଦୁଇ ଖେଳାଳିଙ୍କ ସମ୍ପର୍କରେ ତିକ୍ତତା

ନୂଆଦିଲ୍ଲୀ: ଏମିତି ଏକ ସମୟ ଥିଲା ଯେଉଁ ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଶୁଭମନ ଗିଲ୍ ଗୋଟିଏ ଦଳ ପାଇଁ ଖେଳୁଥିଲେ ଏବଂ ଘନିଷ୍ଠ ବନ୍ଧୁ ଥିଲେ। କିନ୍ତୁ ଏବେ କାହାଣୀ ବଦଳି ଯାଇଛି। ପାଣ୍ଡ୍ୟା ଗୁଜରାଟ ଟାଇଟାନ୍ସରୁ ମୁମ୍ବାଇ ଇଣ୍ଡିଆନ୍ସରେ ପ୍ରବେଶ କରି ଦଳର ନେତୃତ୍ୱ ନେଉଛନ୍ତି। ଗିଲ୍ ଜିଟିର ଦଳରେ ସାମିଲ ଅଛନ୍ତି। ପାଣ୍ଡ୍ୟାଙ୍କ ପରେ ଫ୍ରାଞ୍ଚାଇଜ୍ ଶୁଭମନ ଗିଲଙ୍କ ଉପରେ ବିଶ୍ୱାସ କରିଛି। ଗିଲଙ୍କ ନେତୃତ୍ୱରେ ଦଳର ପ୍ରଦର୍ଶନ ଗତବର୍ଷ ବହୁତ ଭଲ ନଥିଲା। କିନ୍ତୁ ଚଳିତ ବର୍ଷ ଦଳ ପ୍ଲେଅଫରେ ପହଞ୍ଚିବାରେ ସଫଳ ହୋଇଛି। ଆଇପିଏଲ ୨୦୨୫ର ଏଲିମିନେଟର ମ୍ୟାଚ୍ ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଏମଆଇ ଦଳ ଜିତିଥିଲା। ମ୍ୟାଚ୍ ସମୟରେ କିଛି ଏପରି ମୁହୂର୍ତ୍ତ ନଜର ଆସିଥିଲା ଯେଉଁଥିରେ ପାଣ୍ଡ୍ୟା ଏବଂ ଗିଲ୍‌ଙ୍କ ମଧ୍ୟରେ ବନ୍ଧୁତା ତିକ୍ତ ହୋଇଯାଇଥିବା ନେଇ ଆଲୋଚନା ହେଉଛି। କାରଣ ଟସ୍ ସମୟରେ ପାଣ୍ଡ୍ୟା ଏବଂ ଗିଲ୍ ଉଭୟ ଖେଳାଳିଙ୍କୁ ସ୍ୱାଭାବିକ ଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଟସ୍ ଜିତିବା ପରେ, ଯେତେବେଳେ ପାଣ୍ଡ୍ୟା ପୁଣି ଥରେ ହାତ ମିଳାଇବା ପାଇଁ ଗିଲ୍‌ଙ୍କ ଆଡ଼କୁ ହାତ ବଢ଼ାଇଲେ, ଗିଲ୍ ତାଙ୍କ ହାତ ପଛକୁ ନେଇ ଯାଇଥିଲେ। କେବଳ ଏତିକି ନୁହେଁ ଗିଲ୍ ଆଉଟ୍ ହେବା ସମୟରେ ପାଣ୍ଡ୍ୟା ପଡ଼ିଆରେ ଖୁବ ଖୁସି ହୋଇଯାଇଥିଲେ।

# କିମ୍ବଦନ୍ତୀ ତାଲିକାରେ ସାଇ ସୁଦର୍ଶନ

ନୂଆଦିଲ୍ଲୀ: ସିଜନ୍ ସାରା ଚମତ୍କାର ଖେଳିବା ସହ ଅଧିକାଂଶ ସମୟରେ ଶୀର୍ଷରେ ରହିଥିବା ଗୁଜରାଟ ଟାଇଟନ୍ସ ପ୍ରଥମ ଦଳ ଭାବେ ଗତକାଲି ପ୍ଲେଅଫରୁ ବିଦାୟ ନେଇଥିଲା । ଆଇପିଏଲର ଏଲିମିନେଟରରେ ରୋହିତ ଶର୍ମାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ଟାଇଟନ୍ସକୁ ୨୦ ରନ୍‌ରେ ହରାଇ କ୍ୱାଲିଫାୟର-୨ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା । ତେବେ ଏସବୁ ସତ୍ତ୍ୱେ ଗୁଜରାଟ ଟାଇଟନ୍ସର ବ୍ୟାଟ୍ସମ୍ୟାନ ସାଇ ସୁଦର୍ଶନ ଆଇପିଏଲର କିମ୍ବଦନ୍ତୀମାନଙ୍କ ମଧ୍ୟରେ ନିଜର ନାମ ପଞ୍ଜିକୃତ କରିଛନ୍ତି। ସୁଦର୍ଶନ ଗୋଟିଏ ସିଜିନରେ ୭୦୦ରୁ ଅଧିକ ରନ ସ୍କୋର କରିବାରେ ଇତିହାସରେ ୯ମ ଖେଳାଳି ହୋଇଛନ୍ତି। ସୁଦର୍ଶନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏଲିମିନେଟର ମ୍ୟାଚରେ ଏହି ସଫଳତା ହାସଲ କରିଥିଲେ। ସେ ଆଇପିଏଲ ୨୦୨୫ରେ ୭୦୦ ରନ ସ୍କୋର ଛୁଇଁବା ପ୍ରଥମ ଖେଳାଳି ହୋଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏଲିମିନେଟର ମ୍ୟାଚ ପୂର୍ବରୁ, ସୁଦର୍ଶନ ୧୪ ମ୍ୟାଚରେ ୬୭୯ ରନ କରିଥିଲେ। ଏମଆଇ ବିପକ୍ଷ ମ୍ୟାଚରେ ୨୧ ରନ କରିବା ମାତ୍ରେ ସେ ୭୦୦ ରନ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ, ବିରାଟ କୋହଲି ଏବଂ ଶୁଭମନ ଗିଲ ଦୁଇ ଭାରତୀୟ ବ୍ୟାଟସମ୍ୟାନ ଯିଏ ଆଇପିଏଲ ସିଜିନରେ ୭୦୦ କିମ୍ବା ତା'ଠାରୁ ଅଧିକ ରନ କରିଛନ୍ତି। ସାଇ ମୁମ୍ବାଇ ବିପକ୍ଷରେ ଏଲିମିନେଟର ମ୍ୟାଚରେ ମଧ୍ୟ ଏକ ଅର୍ଦ୍ଧଶତକ ମାରିଛନ୍ତି, ଯାହା ଆଇପିଏଲ ୨୦୨୫ରେ ତାଙ୍କର ଷଷ୍ଠ ଅର୍ଦ୍ଧଶତକ। ସେ ଏକ ଶତକ ମଧ୍ୟ ମାରିଛନ୍ତି। ବିରାଟ କୋହଲି (୨ଥର), କ୍ରିସ୍‌ଗେଲ୍ (୨ଥର), ଡେଭିଡ୍ ୱାର୍ଣ୍ଣର, ଫାଫ୍ ଡୁ ପ୍ଲେସିସ୍, ଶୁଭମନ ଗିଲ, ଜସ୍ ବଟଲର, କେନ୍ ୱିଲିୟମ୍ସନ୍ ଏବଂ ମାଇକ୍ ହସି ହେଉଛନ୍ତି ୮କ୍ରିକେଟର ଯେଉଁମାନେ ଏପର୍ଯ୍ୟନ୍ତ ଆଇପିଏଲ ସିଜିନରେ ୭୦୦ କିମ୍ବା ତାଠୁ ଅଧିକ ରନ୍ କରିବାର ସଫଳତା ହାସଲ କରିଛନ୍ତି। ସାଇ ଅରେଞ୍ଜ କ୍ୟାପ୍ ଦୌଡ଼ରେ ବହୁତ ଆଗକୁ ବଢ଼ିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ସୂର୍ଯ୍ୟକୁମାର ଯାଦବ ୬୭୩ ରନ୍ କରିଛନ୍ତି । ଗତ ସିଜିନ୍ ସେ ୫୨୭ ରନ୍ କରିଥିଲେ। ତାଙ୍କ ଉତ୍କୃଷ୍ଟ ଫର୍ମ ଆଧାରରେ, ସେ ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ଟେଷ୍ଟରେ ସ୍ଥାନ ପାଇଛନ୍ତି।


## कार्यालय अधीक्षण अभियंता, लोक निर्माण विभाग, बिलासपुर मंडल, बिलासपुर

**ई-प्रोक्योरमेंट निविदा सूचना**

Portal: http://eproc.cgstate.gov.in

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु सरल क्र. 1 हेतु दिनांक 06.06.2025 तक एवं सरल क्र. 2 से 11 हेतु दिनांक 17.06.2025 तक निविदा आमंत्रित की जाती है:-

| क्र. | नि.आ. सू.क./ दिनांक | कार्य का नाम | लागत (लाख में) |
|---|---|---|---|
| 1 | 43 | जिला जेल रायगढ़ में पाठ शाला निर्माण कार्य । **चतुर्थ आमंत्रण । रायगढ़ संभाग । मद संख्या - 67-4059-8040 वृहद निर्माण कार्य ।** | 36.51 |
| 2 | 44 | अनुविभाग सक्ती के अंतर्गत डब्ल्यू. एम. एम. एवं बी. टी. पेच का कार्य । (सेक्शन सक्ती 01 और 02) **प्रथम आमंत्रण । सक्ती संभाग, सक्ती । मद संख्या- 24-3054-0134** | 25.00 |
| 3 | 45 | अनुविभाग सक्ती के अंतर्गत मालखरौदा एवं डभरा में डब्ल्यू. एम. एम. एवं बी. टी. पेच का कार्य । **प्रथम आमंत्रण । सक्ती संभाग, सक्ती । मद संख्या - 24-3054-0134** | 35.00 |
| 4 | 46 | जिला सक्ती के भवनों में रंगाई एवं पोताई डिस्टेंपरिंग/ पेंटिंग का कार्य । **प्रथम आमंत्रण । सक्ती संभाग, सक्ती । मद संख्या- 67-2216-4489/ 67-2059-6519** | 50.00 |
| 5 | 47 | व्यवहार न्यायालय भवन कटघोरा जिला कोरबा में 02 अतिरिक्त न्यायालय कक्ष एवं बाउण्ड्रीवाल का निर्माण कार्य । **प्रथम आमंत्रण । कोरबा संभाग, कोरबा । मद संख्या - 67-4059-2450** | 58.00 |
| 6 | 48 | लोक निर्माण विभाग, कोरबा संभाग कोरबा अंतर्गत आवासीय/ गैर आवासीय भवनों में विशेष मरम्मत / लघुमूल गौण कार्य । **प्रथम आमंत्रण। कोरबा संभाग, कोरबा । मद संख्या - 67-2059-3383** | 24.99 |
| 7 | 49 | लोक निर्माण विभाग, कोरबा संभाग कोरबा अंतर्गत आवासीय/ गैर आवासीय भवनों में साधारण मरम्मत एवं वाटर प्रुफिंग कार्य । **प्रथम आमंत्रण । कोरबा संभाग, कोरबा । मद संख्या- 67-2216-4489** | 30.00 |
| 8 | 50 | उपसंभाग मरवाही के अंतर्गत मरवाही कटरा बेलझिरिया कांसबहरी मार्ग 19.60 कि.मी., बरौर उषाढ़ मार्ग 10.60 कि.मी, सेवरा धनपुर सिवनी लखनघाट चंगेरी मार्ग के कि.मी. 4, 7 से 36/6 = 30.60 कि.मी., मरवाही परासी चंगेरी मार्ग के कि.मी. 1/2 से 9/4 = 8.40 कि.मी., भर्रीडांड से पीपरडोल मार्ग 4.00 कि.मी. एवं परासी से भेड़वानाला मार्ग 1.20 कि.मी कुल लं. 74.40 कि.मी. में डब्ल्यू एम. एम. एवं बी. टी. पेच रिपेयर का कार्य । **प्रथम आमंत्रण । पेण्ड्रा संभाग, पेण्ड्रारोड । मद संख्या -24-3054-7983** | 60.00 |
| 9 | 51 | रायगढ़ उपसंभाग के अंतर्गत विभिन्न मार्गों में डब्ल्यू. एम.एम. एवं बी. टी. पेच का कार्य । **प्रथम आमंत्रण । रायगढ़ संभाग । मद संख्या -24-3054- 0134 / 0134 / 7983** | 80.00 |
| 10 | 52 | रायगढ़ मेडिकल कॉलेज परिसर के भवनों का साधारण मरम्मत का कार्य। **प्रथम आमंत्रण । रायगढ़ संभाग । मद संख्या - 67-2210-4220** | 25.00 |
| 11 | 53 | भूतपूर्व सैनिक कल्याण एकीकृत परिसर सह-मेडिकेयर परिसर रायगढ़ के निर्माण कार्य । **प्रथम आमंत्रण । रायगढ़ संभाग । मद संख्या - 67-4059-9262** | 126.03 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

अधीक्षण अभियंता
लो.नि.वि.,बिलासपुर मण्डल, बिलासपुर

G-252601265/6


# କ୍ୱାଲିଫାୟାର-୨ରେ ମୁମ୍ବାଇ-ପଞ୍ଜାବ



ମୁଲାନପୁର: ଚଳିତ ଆଇପିଏଲ୍‌ର ଏଲିମିନେଟରରେ ରୋହିତ ଶର୍ମାଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରତିପକ୍ଷ ଗୁଜରାଟ ଟାଇଟନ୍ସକୁ ୨୦ ରନ୍‌ରେ ହରାଇ କ୍ୱାଲିଫାୟର-୨ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଅହମଦାବାଦରେ ଏହି ୫ଥର ବିଜେତା ଦଳ ପଞ୍ଜାବ କିଙ୍ଗ୍ସ ସହ ଖେଳି ଫାଇନାଲ୍ ପ୍ରବେଶ ଲକ୍ଷ୍ୟରେ ରହିବ। ବିଜୟୀ ଦଳ ମଙ୍ଗଳବାର ଫାଇନାଲ୍‌ରେ ଆରସିବି ସହ ଖେଳିବ। ମୁମ୍ବାଇ ଇଣ୍ଡିଆନ୍ସ ଶୁକ୍ରବାର ଆତ୍ମବିଶ୍ୱାସର ସହ ପଡ଼ିଆକୁ ଓହ୍ଲାଇଥିଲା। ପରମ୍ପରା ବିରୋଧରେ ଯାଇ ଟସ୍ ଜିତିବା ମାତ୍ରେ ବ୍ୟାଟିଂ ବି କରିଥିଲା। ଏହାକୁ ଯଥାର୍ଥ ସାବ୍ୟସ୍ତ କରି ରୋହିତ ଶର୍ମା ଓ ଜନି ବେୟାରଷ୍ଟୋ ବି ଭଲ ଆରମ୍ଭ କରିଥିଲେ। ପାୱାର ପ୍ଲେ ୬ ଓଭରରେ ଉଭୟ ୭୯ ରନ୍ ଉଠାଇଥିଲେ ବିନା କ୍ଷତିରେ। ସିଜନ୍‌ର ପ୍ରଥମ ମ୍ୟାଚ୍ ଖେଳିଥିବା ଜନି ବେୟାରଷ୍ଟୋ ୨୨ ବଲ୍‌ରୁ ୪୭ ରନ୍ କରି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଏହି ପାଳିରେ ସେ ୪ ଚୌକା ଓ ୩ ଦର୍ଶନୀୟ ଛକା ବି ମାରିଥିଲେ। ବ୍ୟକ୍ତିଗତ ଭାବେ ୩ ଓ ୧୨ ରନ୍ ବେଳେ କ୍ୟାଚ୍ ହାତଛଡ଼ା କାରଣରୁ ରୋହିତ ଶର୍ମା ଜୀବନଦାନ ପାଇଥିଲେ। ଶେଷକୁ ଏହି ପୂର୍ବତନ ଅଧିନାୟକ ୫୦ ବଲ୍ ଖେଳି ୯ ଚୌକା ଓ ୪ ଛକା ସହାୟତାରେ ୮୧ ରନ୍ କରି ପ୍ରସିଦ୍ଧ କୃଷ୍ଣଙ୍କ ଶିକାର ହୋଇଥିଲେ। ଏମାନଙ୍କ ପରେ ସୂର୍ଯ୍ୟ କୁମାର ଯାଦବ (୨୦ ବଲ୍‌ରୁ ୩୩ ରନ୍), ତିଳକ ବର୍ମା (୧୧ ବଲ୍‌ରୁ ୨୫ ରନ୍), ହାର୍ଦ୍ଦିକ ପାଣ୍ଡ୍ୟା (୯ ବଲ୍‌ରୁ ୨୨ଅ ରନ୍) କରିବାରୁ ମୁମ୍ବାଇ ଆହ୍ୱାନଭରା ୨୨୮ ରନ୍ ସଂଗ୍ରହ କରି ନେଇଥିଲା। ପ୍ରସିଦ୍ଧ କୃଷ୍ଣ କିନ୍ତୁ ସର୍ବାଧିକ ୫୩ ରନ୍ ବ୍ୟୟ କରିଥିଲେ। ଜବାବରେ ସାଇ ସୁଦର୍ଶନ (୪୯ ବଲରୁ ୮୦ ରନ୍) ଏବଂ ୱାସିଂଟନ୍ ସୁନ୍ଦର (୨୪ ବଲ୍‌ରୁ ୪୮ ରନ୍)ଙ୍କ ଭଲ ପାଳି ସତ୍ତ୍ୱେ ଗୁଜରାଟ ୨୦୮ରେ ଅଟକିଯାଇଥିଲା।

# ଅଲିମ୍ପିଆଡ୍‌ରେ ଭୁବନେଶ୍ୱର ଛାତ୍ରଛାତ୍ରୀଙ୍କ ଉତ୍କର୍ଷତା



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୨୦୨୪-୨୫ ପାଇଁ ଏସ୍‌ଓଏଫ୍ ଅଲିମ୍ପିଆଡ୍ ପରୀକ୍ଷାରେ ଭୁବନେଶ୍ୱରର ଦୁଇଜଣ ଛାତ୍ର ଶୀର୍ଷସ୍ଥାନ ହାସଲ କରିଛନ୍ତି। ସାଇ ଇଣ୍ଟରନ୍ୟାସନାଲ୍ ସ୍କୁଲର ପଞ୍ଚମ ଶ୍ରେଣୀର ଛାତ୍ର ଅଭିଖ ତ୍ରିପାଠି ଆନ୍ତର୍ଜାତୀୟ ସାମାଜିକ ଅଲିମ୍ପିଆଡ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଏବଂ ଯୋଗ୍ୟତା ପ୍ରମାଣପତ୍ର ପାଇଛନ୍ତି। ପ୍ରଭୁଜୀ ଇଂରାଜୀ ମାଧ୍ୟମ ସ୍କୁଲର ନବମଶ୍ରେଣୀର ଛାତ୍ର ପଦ୍ମେଶ ସାହୁ ଆନ୍ତର୍ଜାତୀୟ ବିଜ୍ଞାନ ଅଲିମ୍ପିଆଡ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରି ରୌପ୍ୟ ପଦକ ଏବଂ ଯୋଗ୍ୟତା ପ୍ରମାଣପତ୍ର ପାଇଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷର ଆନ୍ତର୍ଜାତୀୟ ଅଲିମ୍ପିଆଡ୍ ବିଜେତା ଏବଂ ଶିକ୍ଷକମାନଙ୍କୁ ସମ୍ମାନିତ କରିବା ପାଇଁ ଏସ୍‌ଓଏଫ୍ ଦିଲ୍ଲୀର ଡକ୍ଟର ଆମ୍ବେଦକର ଆନ୍ତର୍ଜାତୀୟ କେନ୍ଦ୍ରରେ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରିଥିଲା। ଏହି ଉତ୍ସବରେ ମୋଟ ୭୫୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି, ମାନ୍ୟବର ନ୍ୟାୟାଧୀଶ ଜେ.କେ. ମାହେଶ୍ୱରୀ, ବିଚାରପତି, ଭାରତୀୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ।

**୧୫ ବର୍ଷରୁ କମ୍ ସିଏମ୍ କପ୍ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ମୟୁରଭଞ୍ଜ ୨-୧ ଗୋଲ ଓ ଅନୁଗୋଳ ୨-୦ ଗୋଲ୍‌ରେ ବିଜୟୀ

କେନ୍ଦୁଝର(ଭାସ୍କର ନ୍ୟୁଜ): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ କପ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ଆଜି ଚତୁର୍ଥ ଦିବସର ଏକ ତୀବ୍ର ପ୍ରତିଦ୍ୱନ୍ଦିତା ତଥା ସଂଘର୍ଷପୂର୍ଣ୍ଣ ଖେଳରେ ମୟୁରଭଞ୍ଜ ବାଲେଶ୍ୱର ବିପକ୍ଷରେ ୨-୧ ଗୋଲରେ ଏକ କଷ୍ଟଲବ୍ଧ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି । ପ୍ରଥମାର୍ଦ୍ଧ ଖେଳର ୩୧ତମ ମିନିଟରେ ବାଲେଶ୍ୱରର ୧୦ ନମ୍ବର ଖେଳାଳି ଅଜୟ ମୁର୍ମୁ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ । ଏହାର ଠିକ ୫ ମିନିଟ ପରେ ମିଡ଼ ଫିଲଡର ସୁକୁଲ ବାସ୍କେ ଗୋଲ ପରିଶୋଧ କରିବାର ଏକ ସୁବର୍ଣ୍ଣ ସୁଯୋଗ ପାଇ ଏହାକୁ ହାତଛଡା ନକରି ପ୍ରଥମ ଗୋଲଟି ସ୍କୋର କରି ଖେଳକୁ ସମାନ ସ୍ତରକୁ ଆଣିଥିଲେ । ପ୍ରଥମାର୍ଦ୍ଧ ଖେଳ ୧-୧ ରେ ଅମୀମାଂସିତ ରହିବା ପରେ ଦ୍ୱିତୀୟାର୍ଦ୍ଧର ୫୩ ମିନିଟରେ ମୟୁରଭଞ୍ଜର ଷ୍ଟ୍ରାଇକର ଜୟରାମ ହେମ୍ବ୍ରମ ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ୨-୧ ଗୋଲରେ ବିଜୟୀ କରାଇଥିଲେ । ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିବା ମୟୁରଭଞ୍ଜର ଜର୍ସି ନମ୍ବର ୬ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଦ୍ୱିତୀୟ ଖେଳରେ ଅନୁଗୋଳ ଜିଲ୍ଲା ଦେଓଗଡ ବିପକ୍ଷରେ ୨-୦ ଗୋଲରେ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ପ୍ରଥମାର୍ଦ୍ଧରେ କୌଣସି ଦଳ ପ୍ରତିପକ୍ଷ ଗୋଲ ଉପରେ ଉଲ୍ଲେଖନୀୟ ଆକ୍ରମଣ କରି ପାରିନଥିଲେ, ଫଳରେ ପ୍ରଥମାର୍ଦ୍ଧର ଗୋଲଶୂନ୍ୟ ଭାବେ ଅମୀମାଂସିତ ରହିଥିଲା । ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାର ପରେ ପରେ ୪୬ ମିନିଟରେ ଅନୁଗୋଳର ୯ ନଂ ଖେଳାଳି କିଶୁନ ସୋରେନ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ଏହାର ୨ ମିନିଟ ବ୍ୟବଧାନରେ ୧୦ ନମ୍ବର ଖେଳାଳି ବିଜୟ ମୁର୍ମୁ ଅନ୍ୟ ଏକ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୨-୦କୁ ବୃଦ୍ଧି କରିଥିଲେ । ଅନୁଗୋଳର ମିଡ଼ ଫିଲଡର ଅମନ ସିଂହ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ଅନୁଗୋଳ ଦଳ ୨-୦ ଗୋଲରେ ଜିତିବାରେ ପ୍ରମୁଖ ଭୂମିକା ନେଇଥିବାରୁ ସେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶଙ୍କ ଠାରୁ ପୁରସ୍କୃତ ହୋଇଥଲେ । ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ମେମ୍ବର ଗିରୀଶ ହୋତା, ସୁରେଶ ରଣା ଏବଂ ଅନୁଗୋଳ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ଶ୍ରୀଲଙ୍କା ହାତ ଧରିଲେ ଟିମ୍ ଇଣ୍ଡିଆ ପୂର୍ବତନ କୋଚ୍

ନୂଆଦିଲ୍ଲୀ: ସାତ ବର୍ଷ ଧରି ଟିମ୍ ଇଣ୍ଡିଆର ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିବା ପୂର୍ବତନ ଭାରତୀୟ ପ୍ରଶିକ୍ଷକ ଏବେ ଶ୍ରୀଲଙ୍କାରେ ଯୋଗ ଦେଇଛନ୍ତି। ସେ ଏବେ ଶ୍ରୀଲଙ୍କା କ୍ରିକେଟରମାନଙ୍କୁ ତାଲିମ ଦେବେ। ମୁଖ୍ୟ ପ୍ରଶିକ୍ଷକ ସନଥ ଜୟସୁରିଆ ଶ୍ରୀଲଙ୍କା କ୍ରିକେଟକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଅନେକ ଯୋଜନା କରିଛନ୍ତି। ଏଥିପାଇଁ ସେ ଭାରତର ପୂର୍ବତନ ପ୍ରଶିକ୍ଷକଙ୍କ ସାହାଯ୍ୟ ନେଇଛନ୍ତି। ଜୁନ ମାସରେ ବାଂଲାଦେଶ ଶ୍ରୀଲଙ୍କା ଗସ୍ତ କରିବ। ଏହି ସମୟରେ ସେମାନେ ୨ ଟେଷ୍ଟ ମ୍ୟାଚ୍, ୩ ଦିନିକିଆ ଏବଂ ୩ ଟି-୨୦ ମ୍ୟାଚ ଖେଳିବେ। ଏହା ପରେ ଶ୍ରୀଲଙ୍କାର ଏ ଦଳ ଜୁଲାଇରେ ଅଷ୍ଟ୍ରେଲିଆ ଗସ୍ତ କରିବ। କିନ୍ତୁ ଏହା ପୂର୍ବରୁ ମଧ୍ୟ ଶ୍ରୀଲଙ୍କା ଦଳ ପରିଚାଳନା ବିଜୟ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ସେମାନେ ଟିମ୍ ଇଣ୍ଡିଆର ପୂର୍ବତନ ବୋଲିଂ ପ୍ରଶିକ୍ଷକଙ୍କୁ ସେମାନଙ୍କ କ୍ରିକେଟରମାନଙ୍କୁ ତାଲିମ ଦେବା ପାଇଁ ଡକାଇଛନ୍ତି। ୨୦୧୪ ରୁ ୨୦୨୧ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ବୋଲିଂ ପ୍ରଶିକ୍ଷକ ଥିବା ଭରତ ଅରୁଣ ଏବେ ଶ୍ରୀଲଙ୍କା କ୍ରିକେଟରମାନଙ୍କୁ ତାଲିମ ଦେବେ। ସେ ଶ୍ରୀଲଙ୍କାର ଜୁନିଅର ଏବଂ ସିନିୟର ଦଳର ଖେଳାଳିମାନଙ୍କୁ ୧୪ ଦିନ ପାଇଁ ତାଲିମ ଦେବେ। ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏକ ପ୍ରେସ ରିପୋର୍ଟରେ କହିଛି ଯେ ଅରୁଣ ଭରତ ଜୁନ ୨ ତାରିଖରୁ ହାଇ ପରଫର୍ମାନ୍ସ ସେଣ୍ଟରରେ ଶ୍ରୀଲଙ୍କା ଖେଳାଳିମାନଙ୍କୁ କ୍ରିକେଟର କୌଶଳ ଶିଖାଇବେ। ଏହା ପୂର୍ବରୁ ଟିମ ଇଣ୍ଡିଆର ପୂର୍ବତନ ଫିଲ୍ଡିଂ କୋଚ ଆର. ଶ୍ରୀଧର ଏହି ମାସରେ ୧୦ ଦିନ ପାଇଁ ଶ୍ରୀଲଙ୍କା କ୍ରିକେଟରମାନଙ୍କୁ ତାଲିମ ଦେଇଥିଲେ। ପୂର୍ବରୁ, ରାଜସ୍ଥାନ ରୟାଲ୍ସର ହାଇ ପରଫର୍ମାନ୍ସ ନିର୍ଦ୍ଦେଶକ ଜୁବିନ ଭାରୁଚା ଶ୍ରୀଲଙ୍କାରେ ବ୍ୟାଟିଂ ପ୍ରଶିକ୍ଷଣ ଦେଇଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମୁଖ୍ୟ ପ୍ରଶିକ୍ଷକ ସନଥ ଜୟସୁରିଆଙ୍କ ତତ୍ତ୍ୱାବଧାନରେ ଚାଲିଛି। ଦଳ ଚାମ୍ପିଅନ୍ସ ଟ୍ରଫିରେ ପ୍ରବେଶ କରିପାରି ନ ଥିବାରୁ ଜୟସୁରିଆ ବହୁତ ନିରାଶ ହୋଇଥିଲେ। ଏହା ପରଠାରୁ ସେ ଏକ ନୂତନ ମିଶନ ଆରମ୍ଭ କରିଥିଲେ। ଶ୍ରୀଲଙ୍କା ଦଳ ଚଳିତ ବର୍ଷ ଅନୁଷ୍ଠିତ ଚାମ୍ପିଅନ୍ସ ଟ୍ରଫି ପାଇଁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଏଥିଯୋଗୁ ସନଥ ଜୟସୁରିଆ ବହୁତ ଆହତ ହୋଇଥିଲେ। ୨୦୨୩ ମସିହାରେ ଅନୁଷ୍ଠିତ ଏକଦିବସୀୟ ବିଶ୍ୱକପରେ ଶ୍ରୀଲଙ୍କା ବହୁତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ସେ ଏହି ଟୁର୍ନାମେଣ୍ଟରେ ନବମ ସ୍ଥାନ ଅଧିକାର କରିଥିଲା। ଯେତେବେଳେ କେବଳ ଶ୍ରେଷ୍ଠ ୮ ଦଳ ଚାମ୍ପିଅନ୍ସ ଟ୍ରଫିରେ ପ୍ରବେଶ ପାଇଥିଲା। ଏହା ପରେ, ଜୟସୁରିଆ ଶ୍ରୀଲଙ୍କା କ୍ରିକେଟକୁ ଆହୁରି ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି, ଯେଉଁଥିରେ ତାଙ୍କୁ ଟିମ ଇଣ୍ଡିଆର ପୂର୍ବତନ ପ୍ରଶିକ୍ଷକ ସାହାଯ୍ୟ କରୁଛନ୍ତି।


## OFFICE OF THE EXECUTIVE ENGINEER
## SOIL INVESTIGATION DIVISION, ADVANCE PLANNING, ROAD CONSTRUCTION DEPARTMENT, RANCHI

Nirupan Bhawan,3rd Floor, Room No. 401, 56-Set, Doranda, Ranchi-834002

**e-Procurement (Very Short Tender Notice)**

Letter of Invitation (LOI) No.-03/2025-26

1st Call

e-Tender Ref No:–RCD/SID/AP/RAN/03/2025-26 Date:- 30.05.2025

| | | |
|---|---|---|
| 1 | Name Of Work | **Consultancy Services for Preparation of Detailed Project Report for widening & Strengthening/Reconstruction of Road from Bodma more to Bengal Chainpur border via Bodma-Palkudri-Neemdih Mayurdubi-Lakhipur-Chirda-Gamhariya including replacement New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Bokaro District in the State of Jharkhand.** *Empanelled consultant with RCD undercategory-I vide letter No. 3063(S) WE Dated 22.08.2022are allowed to Bid. |
| 2 | Tentative Length | 17 K.m |
| 3 | Period of Completion of Work | 60 Days |
| 4 | Cost of Tender documents | Rs 5,000/- (Five Thousand) only. Non refundable Fee.Tender fee will be recived through online mode only. The quotationers have to deposit a fixed amount oRs 30,000 as Earnest Money. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit be received in online mode only through e-procurement (http://jharkhandtenders.gov.in) by internet banking/NEFT/RTGS facility as per Standard Operating sistim Procedure (SOP) issued by Information Technology & e-Governance Department, Government of Jharkhand vide letter no 120 dated 03.10.2023. |
| 5 | Mode of Bid Submission | e-tendering(http://jharkhandtenders.gov.in) |
| 6 | Date/Time of Publication of Tender on Website | 03.06.2025,10:30 AM |
| 7 | Last Date/Time of Bid Submission | 11.06.2025 12:00PM |
| 8 | Last Date/Time of Submission of Tender Fee & EMD | 11.06.2025 12:00PM |
| 9 | Date and Time of Bid opening | 12.06.2025 12:30 PM |
| 10 | Bid validity | 120 days |
| 11 | Bid Submission Address | Chief Engineer(Communication),Road Construction Department,1st Floor, Engineer Hostel No.-2, Dhurwa, Ranchi-834004 |
| 12 | Designation and Contact no. of Tender inviting Officer | Executive Engineer, Soil Investigation DivisionAdvance Planning,RCD, Ranchi Mob-9905660677. |

Note:-Only e-Tender shall be accepted.

Sd./-
(Ravi Shankar Pravakar)
Executive Engineer,
Soil Investigation Division, Advance Planning,
Road Construction Department, Ranchi

PR 353960 (Road) 25-26 (D)



## Office of the Executive Engineer, Drinking Water & Sanitation Division, Sahibganj

**Very Short Term Tender e-Procurement Notice (9th Call)**

e-Tender Reference No. :- DWSD/SAHIBGANJ- 11/2024-25 Date- 30.05.2025

| Sl. | Name of Work | Name of Scheme | Group No. | Model No. | No. of Schemes | No. of FHTC | Estimated Cost (In Lac) | Earnest Money (In Lac) | Cost of BOQ (In Rs.) | Month |
|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | | 7 | 8 | 9 | 10 |
| 1 | 1. Construction of rural water supply Scheme with 1.0 HP DC Solar motor pump complete set &Construction of DT/GPT/HYDT/HYGPT (as applicable) Bore wellfor Tolas/Village/Areas which is not included in MVS and has no electricity or less electricity to supply water 2000 LPH at least 15/30 year for 24x7 supply under JJM in the state of Jharkhand. **(Model-IB)** 2. Construction of rural water supply Scheme with 2 Nos. 1.00 HP DC Solar motor pump complete set for Tolas/ Village/ Areas which is not included in MVS and has no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x 7 supply under JJM in the state of Jharkhand. **(Model-3)** **3.**Construction of rural water supply Scheme with 2 Nos. 2.00 HP DC Solar motor pump complete set for Tolas/ Village/ Are as which is not included in MVS and no electricity or less electricity on 2 Nos. DT/GPT/HYDT/HYGPT (as applicable) having potential to supply water 2000 LPH maximum at least 15/30 years for 24 x7 supply under JJM in the state of Jharkhand.**(Model-4)** | Topara Group of SVS | SVS-03 | 1B | 21 | 616 | 193.38 | 3.90 | 10000.00 | 6 Months |
| 2 | Date & Time of Publication of Tender on website | | 03.06.2025/ 05:00 P.M | | | | | | | |
| 3 | Last Date & Time for receipt of Bid | | 10.06.2025/ 05:00 P.M | | | | | | | |
| 4 | **Last date/ time of Online submission of Earnest Money and Cost of BOQ**(As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | | 10.06.2025/ 05:00 PM | | | | | | | |
| 5 | Date & Time of Opening of Tender | | 11.06.2025 / 05:00 PM | | | | | | | |
| 6 | Name & address of office inviting tender | | Executive Engineer, Drinking Water & Sanitation Division,Sahibganj, Jharkhand | | | | | | | |
| 7 | Name & address of Opening officer | | Executive Engineer, Drinking Water & Sanitation Division, Sahibganj Jharkhand | | | | | | | |
| 8 | Contact No. of Procurement Office | | 9264195681 | | | | | | | |
| 9 | Helpline No. of e-procurement cell | | 9264195681 | | | | | | | |

Note:-
- No Claim shall be entertained because of disruption of internet service being used by the bidders. Bidders are advised to upload their bids well in advance to avoid last minute technical snags.
- Further details can be seen on website http://jharkhandtenders.gov.in
- Estimated cost may be increase or decrease.

Executive Engineer
Drinking Water and Sanitation, Division Sahibganj

PR 353983 Drinking Water and Sanitation (25-26)_D

ଓଡ଼ିଶା ଭାସ୍କର
ODISHA BHASKAR

# ସାହିତ୍ୟ



## ମାଆର ଋଣ

✶ ଗୋଲୋକବିହାରୀ ବେହେରା

ସୁଖ ବେଳେ ତୋତେ ଭୁଲି ଯାଏ ମାଆ
ବିପଦରେ ପଡୁ ମନେ,
କି ଦରକାର ମା' ପ୍ରାର୍ଥନା କରିବା
ତୁ ତ କରୁ ସବୁଦିନେ ।

ମନ୍ଦିରକୁ ଗଲେ ମୁଣ୍ଡିଆ ମାରିଲେ
ଶୁଭ ମନାସୁଛୁ ମୋର ,
ପୁଅଝିଅ ତୋତେ ଦୁଃଖଦେଲେ ମଧ
ଶୋଚନା ବି ନାହିଁ ତୋର ।


ସରଗରୁ ଯଦି ଠାକୁର ଆସିବେ
ପଚାରିବେ ମାଗ ବର,
ତୁ ମାଗିବୁ ପିଲା ଯଶ, ଧନ, ଜ୍ଞାନ
ସଉଭାଗ୍ୟ ସଂସାରର ।

ମଲାବେଳେ ମଧ ପୁଅଝିଅଙ୍କୁ
ତୁ ଆଶୀର୍ବାଦ କରିଥାଉ,
ତୋର ଋଣ କଣ ସୁଝି ହେବ ମାଆ
ଏଇ ଜନମରେ ଆଉ ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଢେଙ୍କାନାଳ
ମୋ: ୯୯୩୮୩୦୩୦୪୬



# ତାଳ ପିଠା



ସନ୍ତୋଷ ମିଶ୍ର

ଆଷାଢ଼ ମାସ। ପ୍ରବଳ ବର୍ଷା। ଥମିବାର ନାଁ ନେଉ ନାହିଁ। ଅନବରତ ବର୍ଷା ସାଙ୍ଗକୁ ଘନ ଘନ ବଜ୍ରପାତ। କେମିତି ଏକ ଅନ୍ଧାରୁଆ ଭୟଙ୍କର ପରିବେଶ।ମଝି ବାହାର ପିଣ୍ଡା ଉପରେ ଗୋଟିଏ ଦଉଡ଼ିଆ ଖଟ ଉପରେ ବସି ବର୍ଷାର ମଧୁର ମୁର୍ଚ୍ଛନାକୁ ଉପଭୋଗ କରୁଥିଲେ ବାପା। ଅତ୍ୟନ୍ତ ଭାବ ବିହ୍ବଳ ହୋଇ ସେ କହିଲେ – ଓଃ ତାଳ କାକରା ହେଲେ ପାଗଟା ବେଶ୍ ଜମନ୍ତା !! ମାଆ କହିଲା – ଚାଉଳ ଚୁନା ତ ଢେଙ୍କିରେ କୁଟା ହୋଇ ରହିଛି। ୪/୫ ଟା ତାଳ ବି ଅଛି। ମୁଁ ପରଶୁକୁ ପଠାଉଛି ପାଖ ଦୋକାନରୁ ଡାଲଡା ଘିଅ ନେଇ ଆସିବ। ସାନ ପୁଅ ପରଶୁ କୋରାପୁଟରେ ଚାକିରି କରେ। ସାର ଦେହ ଖରାପ ଖବର ପାଇ ଛୁଟିରେ ଆସି ଘରେ ଅଛି। ସ୍ତ୍ରୀ ଦେଇ ଭାଇ ହେବା ପରେ ପୁଅକୁ ଜର ହେଲା। ବାଧ ହୋଇ ଛୁଟି ବଢ଼ାଇବାକୁ ପଡ଼ିଲା। ପରଶୁର ଆରିସା, ମଣ୍ଡା,ତାଳ ବଡା ଓ କାକରା ପିଠା ଭାରି ପ୍ରିୟ। ମାଆ ବରାଦ କଲରେ ସଙ୍ଗେସଙ୍ଗେ ଛତା ମୁଣ୍ଡେଇ ଦୋକାନକୁ ବାହାରି ଗଲା। ମାଆ ଏପଟେ ପନକି ଧରି ତାଳ ଖାଙ୍କିବାରେ ଲାଗି ପଡ଼ିଲେ।

କିଛି ସମୟ ମଧ୍ୟରେ ତାଳ ପିଠାର ବାସ୍ନା ମହକି ଉଠିଲା ଚାରିଆଡ଼େ। ମାଆ ବୋହୂକୁ କହିଲେ – ସୁଶୀଳା, ବାପା ଆଉ ପରଶୁକୁ ଖାଇବାକୁ ଦେ.. ଥଣ୍ଡା ହେଲେ ପିଠା ଭଲ ଲାଗିବ ନାହିଁ। ସୁଶୀଳା ବସିବା ପାଇଁ ପିଢ଼ା ପାରିଦେଇ କଂସା ଥାଳିରେ ପିଠା ପରଷି ଦେଲା। ପିଢ଼ା ଉପରେ ବସି ବାପା କହିଲେ – ଆରେ ମେଘୁଆ ପାଗ ଦେଖି ସିନା ପିଠା କଥା କହି ଦେଲି..ହେଲେ ମୁଁ କଣ ପିଠା ଖାଇ ପାରିବି ! ବୋହୂ ଆଉ ନାତି ପରା ଉଦଳାରେ। ସେମାନେ ତାଳ ପିଠା ଦେଖିବାକୁ ପାଉ ନଥିବେ। ମୁଁ ଏଠାରେ ଖାଇବି କିପରି। ପିଠା ଖାଇଲେ ଯେ ତଣ୍ଟି ପେପରକୁ ଯିବ କେମିତି। ବାପାଙ୍କ କଥା ଶୁଣି ପରଶୁ କହିଲା – ବାପା ଶୁଣ ନଦୀରେ କୁଆଡେ ଭୟଙ୍କର ବନ୍ୟା ଆସିବାର ସମ୍ଭାବନା ରହିଛି। ପ୍ରବଳ ବର୍ଷା ହେତୁ ଜଳସ୍ତର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଚି । କେତେବେଳେ ଯେ କୂଳ ଲଙ୍ଘିଯିବ କିଛି କହି ହେଉନି। କାଠ ନପାଇବାରୁ ଏବେ ଆହୁଲାରେ ଡଙ୍ଗା ଚାଲୁଛି। ଆମ ଗାଁର କିଛି ଲୋକଙ୍କର ଜରୁରୀ କାମ ଥିଲେ ବି ଉଦଳା ନଯାଇ ଫେରି ଆସିଛନ୍ତି। ସେମାନେ କହୁଥିଲେ – ଏବେ ନଦୀ ସେପଟକୁ ଯିବା ଅର୍ଥ ଆତ୍ମହତ୍ୟା କରିବା। ବାପା ତାସଲ୍ୟ ହସି ଈଷତ୍ ବିରକ୍ତି ଭରା କଣ୍ଠରେ କହିଲେ – ହଁ ମ..ଏମିତି କେତେ ବନ୍ୟା ବିପ୍ଳବ ଅଙ୍ଗେ ନିଭେଇଛି। ତୁ ଷଣ୍ଢକୁ ଆଉ ଭାଗବତ ପଢ଼ାଉନି। ଉଦଳାକୁ ପିଠା ନେଇ ଯିବା ନଯିବା ତୋ ଇଚ୍ଛା ଉପରେ ନିର୍ଭର କରେ। ମାତ୍ର ଉଦଳା ପିଠା ନନେଲେ ମୋର ଗୋଟେ ହେଲେବି ଖାଇବାର ପ୍ରଶ୍ନ ଉଠୁ ନାହିଁ। ଏତିକି କହି ବାପା ଖାଇବା ଜାଗାରୁ ଉଠି ଯାଉଥିବା ସମୟରେ ପରଶୁ ତାଙ୍କ ହାତ ଧରି ପକାଇ କହିଲା – ବାପା ତମେ ନଖାଇ ଉଠି ଯାଅନି। ମୁଁ ପିଠା ନେଇ ଉଦଳା ଯିବି।

ଉଦଳା ଯିବା ପାଇଁ ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ନଥିବାରୁ ଛତା ସାଇକେଲ ଧରି ବାହାରି ପଡ଼ିଲା ପରଶୁ। ଘନଘନ ପ୍ରବଳ ବର୍ଷା ପବନ ହେତୁ ପ୍ୟାଣ୍ଟ୍ ସାର୍ଟ ପିନ୍ଧିବା ଅସମ୍ଭବ ଥିବାରୁ ପରିଧେୟ ଥିଲା କେବଳ ଗୋଟେ ଗାମୁଛା ଆଉ ଗଞ୍ଜି। କରିରେ ଗୁଡା ହୋଇଥିବା ପିଠା ବ୍ୟାଗଟି ସୁଶୀଳା ପରଶୁ ହାତରେ ଦେଇ କହିଲା – ବିପଦାପନ୍ନ କରି କେହି କ'ଣ ବାହାରକୁ ଯାଏ। ତାହା ପୁଣି ସାମାନ୍ୟ ତାଳ ପିଠା ପାଇଁ। ବୋହୂ ଆଉ ନାତି ପିଠା ନଖାଇଲେ, ତାଙ୍କ ତଣ୍ଟିରେ ଗଳିବନି ...କି ଉଭଟ ଚିନ୍ତାଧାରା। ଏମିତି ତ ଅଧିକାଂଶ ସମୟରେ ବାପା ଉଦଳା ଯାଆନ୍ତି , ସେମାନଙ୍କ ପାଇଁ ଚାଉଳ,ମୁଢ଼ି,ମାଛ, ମାଂସ ଇତ୍ୟାଦି ନେଇ। ଏବେ ଗଲେ ଅସୁବିଧା କ'ଣ। ଏତେ ମୋହ କାହିଁକି। ବୋଧହୁଏ ବୟସାଧିକ ହେତୁ ସେ ମାନସିକ ଭାରସାମ୍ୟ ହରାଇ ସାରିଲେଣି। ପରିବାର ପାଇଁ କଣ ମଙ୍ଗଳ, କଣ ଅମଙ୍ଗଳ ସେ ସଂପର୍କିତ ଜ୍ଞାନ ବି ଲୋପ ପାଇ ଗଲାଣି। ତମେ ତ ଜଣେ ସୁସ୍ଥ ମାନସିକ ସମ୍ପନ୍ନ ବ୍ୟକ୍ତି...ତମେ ପିଠା ନେଇ ଯିବା ପାଇଁ ମନା କରି ଦଉନ କାହିଁକି। ତମ ଜାଗାରେ ବଡ଼ ଭାଇ ଥିଲେ କଣ କରିଥାନ୍ତେ ଟିକେ ଚିନ୍ତା କଲ। କସ୍ମିନ କାଳେ ସେ ଯାଇ ନଥାନ୍ତେ...ପରିସ୍ଥିତି ଯାହା ହେଉନା କାହିଁକି। ପରଶୁ କହିଲା – ତମେ ଠିକ୍ କଥା କହୁଛ। ଏଭଳି ବିଷମ ପରିସ୍ଥିତିରେ ବଡ଼ଭାଇ କେବେହେଲେ ଉଦଳା ଯାଇ ନଥାନ୍ତେ...ଏଇ ସାମାନ୍ୟ କାମ ପାଇଁ ବି ବାପା ତାଙ୍କୁ କେବେହେଲେ ପଠାଇ ନଥାନ୍ତେ। କାହିଁକି ପଠାଇ ନଥାନ୍ତେ.. ସେକଥା କେବଳ ବାପାହିଁ ଜାଣନ୍ତି। ତେବେ ଯାହା ହେଉନା କାହିଁକି ବାପାଙ୍କୁ ମୁଁ କଥା ଦେଇଛି...ମୁଁ ନିଶ୍ଚୟ ଯିବି। ସୁଶୀଳା ଦେଖିଲା ପରଶୁ ଆଉ ବୁଝିବା ଅବସ୍ଥାରେ ନାହିଁ। ତେଣୁ ସେ ରାଗ ଗରଗର ହୋଇ ଭିତରକୁ ଚାଲିଗଲା।

ପରଶୁ ନଦୀ ପାଖରେ ପହଞ୍ଚିଲା ବେଳକୁ ପ୍ରାୟ ଅପରାହ୍ନ ସାଢ଼େ ତିନିଟା। ବାଟରେ ଆସିଲାବେଳେ ମୁଷଳ ଧାରାରେ ବର୍ଷା ଓ ପ୍ରଚଣ୍ଡ ବେଗରେ ପ୍ରବାହିତ ପବନ ହେତୁ ପ୍ରାୟ ଏକ ରକମ ଚାଲିଚାଲି ଆସିବାକୁ ପଡିଲା। ପୁଣି ଛତାଟି ପବନ ଓ ବର୍ଷାର ମାଡ଼ ସମ୍ଭାଳି ନପାରି ଏକ ରକମ ଅବ୍ୟବହୃତ ଅବସ୍ଥାକୁ ଆସି ଯାଇ ଥିଲା। ଆସନ୍ତା ହାଟ ପାଳିରେ ଛତାଟି ସଜାଡ଼ିବ ବୋଲି ଭାବି କେରିଆରରେ ଚାପି ଦେଇ କିଛି ସମୟ ସାଇକେଲ ଉପରେ ଭରା ଦେଇ ଛିଡା ହେଲା। ଦୁଇ ତିନି ଜଣ ଲୋକ ଜରୁରୀ କାମରେ ଉଦଳା ଯିବା ପାଇଁ ଛିଡା ହୋଇଥିଲେ। ସେମାନଙ୍କ ଭିତରୁ ଗାଁ ପାଖର ଜଣେ ଚିହ୍ନା ଲୋକ ପଚାରିଲା – ଆରେ ପରଶୁ ,ଏମତି ପାଗରେ ଘରୁ ବାହାରିଲୁ କିଆଁ। ପରଶୁ କହିଲା – ଭାଉଜ ଆଉ ପୁତୁରାମାନେ ଉଦଳାରେ ଅଛନ୍ତି...ବାପା କହିଲେ...ତେଣୁ ସେମାନଙ୍କ ପାଇଁ ତାଳ ପିଠା ନେଇ ଯାଉଚି। ଚିହ୍ନା ଲୋକଟି କହିଲା – ଆହାରେ ମୋ ରାମଚନ୍ଦ୍ର.. ପିତୃ ଅଜ୍ଞା ପାଳନ କରିବାକୁ ଘରୁ ବାହାରି ଚାଲି ଆସିଲ...ନିଜ ପରିବାର... ସ୍ତ୍ରୀ, ଛୁଆପିଲା କଥା ଚିନ୍ତା କଲ ନାହିଁ.... ଦୈବଦୁର୍ବିପାକକୁ ଖାତିର କଲନି...ବାପାଙ୍କୁ ଖୁସି କରିବାକୁ ଯାଇ ନିଜ ଜୀବନକୁ ବି ବିପଦାପନ୍ନ କରିବାକୁ ପଶ୍ଚାତପଦ ହେଲନି.... ଧନ୍ୟ ତୁମେ ରାମଚନ୍ଦ୍ର ଆଉ ଧନ୍ୟ ତମ ପିତା ମାତା!!! ହଉ ଯାହା ହେବା କଥା ହେଇ ସାରିଲାଣି... ଭଗବାନ କରନ୍ତୁ...ଏବେ ଯାହା ହେବ ଭଲ ହେଉ। ତମେ ଗୋବିନ୍ଦ କିମ୍ବା ସୁଦାମ ଘରେ ସାଇକେଲଟି ରଖି ଦେଇ ଆସ। ହଁ, ଗଲାବେଳେ ସାଇକେଲ ତାଙ୍କ ଘରେ ରଖିଥିବା କଥା ସେମାନଙ୍କୁ ଜଣାଇଦେଇଯିବ।

ସାଇକେଲ ରଖି ଆସି ପରଶୁ ଦେଖିଲା ହରିବୋଲ ଧ୍ୱନୀ ମଧ୍ୟରେ ସୁଦାମ ଆଉ ଗୋବିନ୍ଦ ଅହୁଲାରେ ଡଙ୍ଗା ଚଳାଇ କୂଳ ଆଡ଼କୁ ଆସୁଛନ୍ତି। ପାଣିର ପ୍ରଖର ସ୍ରୋତକୁ ପ୍ରତିହତ କରି ନପାରି ଡଙ୍ଗାଟି ତଳକୁ ଖସିଯାଇ ଘାଟ ଠାରୁ କିଛି ଦୁରରେ ଲାଗିଲା। ଉତ୍କଣ୍ଠାର ସହ ପରଶୁ ଡଙ୍ଗା ଭିତରକୁ ଗଲା। ଅନ୍ୟ କେତେ ଜଣ ବି ତା ସହିତ ଗଲେ। ହରିବୋଲ ଧ୍ୱନୀ ମଧ୍ୟରେ ଡଙ୍ଗା ଚାଲିଲା ନଦୀ ଆର ପଟକୁ। ନଦୀ ସ୍ରୋତର ପ୍ରଖରତା କ୍ରମଶଃ ବୃଦ୍ଧି ପାଉଥିବାରୁ ଆହୁଲାରେ ଡଙ୍ଗା ଆୟତ୍ତ କରିବା ସମ୍ଭବ ନହେବାରୁ ନିର୍ଦ୍ଦିଷ୍ଟ ଘାଟ ଠାରୁ ପ୍ରାୟ ୨ କିମି ତଳକୁ ଖସି ଯାଇ ବହୁ କଷ୍ଟରେ କୂଳରେ ଡଙ୍ଗା ଲାଗିଲା। ଡଙ୍ଗାରୁ ଓହ୍ଲାଇଲା ବେଳେ ସୁଦାମ କହିଲା – କାଳ ଡାମ୍ ପାଣି ଛାଡୁ ଥିବାରୁ ଆଜି ରାତିରେ ଡଙ୍ଗା ଚାଲିବ ନାହିଁ। ତେଣୁ ସନ୍ଧ୍ୟା ପୂର୍ବରୁ ଯେମିତି ହେଲେ ପହଞ୍ଚିବାକୁ ଚେଷ୍ଟା କରିବେ।

ନଦୀରୁ ଉଦଳା ପର୍ଯ୍ୟନ୍ତ ଚାଲି ଚାଲି ବହୁ କଷ୍ଟରେ ଭାଉଜ ରହୁଥିବା ଭଡ଼ା ଘରେ ପହଞ୍ଚିଲା ପରଶୁ। ବାଟରେ ପ୍ରବଳ ବର୍ଷା ମାଡ଼ ହେତୁ ଶ୍ୟାମଳ ରଙ୍ଗ ସମ୍ପୂର୍ଣ୍ଣ ଶେଥା ପଡିଯାଇଥିଲା। ଗାମୁଛା ଆଉ ଗଞ୍ଜି ପାଣି ସରସର ଦେହରେ ଜଡ଼ି ଯାଇ ଉଲଗ୍ନ ପ୍ରାୟ ଭ୍ରମ ସୃଷ୍ଟି କରୁଥିଲା। ପରଶୁର ବିବର୍ଣ୍ଣ ଚେହେରା ଏବଂ କିମ୍ଭୁତକିମାକର ରୂପ ଦେଖି କିଛି ସମୟ ନିର୍ବାକ ଭାବେ ଛିଡ଼ା ହୋଇ ରହିଲେ ଭାଉଜ। ତାପରେ କହିଲେ – ଏମିତି ପାଗରେ କିଏ କଣ ଘରୁ ବାହାରେ। ବାପା, ମା, ସୁଶୀଳା ତମକୁ କେମିତି ଛାଡ଼ିଲେ। ତମେ ବା କେମିତି ଆସିଲ। ପରଶୁ କହିଲା – ବାପା ପରା ଜିଦ୍ ଧରିଲେ ତାଳ ପିଠା ନେଇ ଆସିବା ପାଇଁ। ନଆଣିଲେ ଖାଇବେ ନାହିଁ ବୋଲି କହିଲେ। ମୁଁ ବା ଆଉ କଣ କରି ପାରିଥାନ୍ତି !! ଭାଉଜ କହିଲେ – ଅନ୍ୟ ଗୋଟେ ଭଲ ପାଗ ଥିବା ଦିନରେ ଆଣିଥିଲେ କଣ ହେଇନଥାନ୍ତା। ପରଶୁ କହିଲା – ବାପା ବୁଝିଲେ ତ। ଭାଉଜ କହିଲେ – ହଉ , ସନ୍ଧ୍ୟା ପାଖେଇ ଆସିଲାଣି। ଆଜି ତମେ ଏଇଠି ରହିଯା। ଲୁଗା ଦଉଚି, ପାଲଟି ପକାଅ। ପରଶୁ କହିଲା – ନା..ନା.. ଘରେ ସମସ୍ତେ ବ୍ୟସ୍ତ ହେଉଥିବେ...ମୁଁ ଯାଉଚି। ଭାଉଜ କହିଲେ – ଯଦି ଯିବା କଥା, ତାହେଲେ ଶୀଘ୍ର ଯାଅ। ଆଉ ଡେରି କରନା।

ପରଶୁ ଚାଲି ଚାଲି ନଦୀ ପାଖରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ଆସନ୍ନ ପ୍ରାୟ। ତରତର ହୋଇ ଡଙ୍ଗା ଭିତରକୁ ଗଲା। ଡଙ୍ଗା ଭିତରେ କେବଳ ସୁଦାମ , ଗୋବିନ୍ଦ ଓ ପରଶୁ । ଆଖ ପାଖରେ ଆଉ କେହି ଦେଖା ଯାଉ ନଥିଲେ। ଚାରି ଆଡୁ ଅନ୍ଧାର ମାଡି ଆସୁଥିଲା। ଫୁଲିଫୁଲି ଯାଉଥିବା ନଦୀ କେମିତି ଏକ ଭୟଙ୍କର ରୂପ ଧାରଣ କରୁଥିଲା। ସୁଦାମ ଡରିଡରି କହିଲା – ଲାଗୁଚି, ଜଳ ସ୍ତର ବଢ଼ି ବଢ଼ି ଯାଉଚି... ସ୍ରୋତ ବି କ୍ରମେ ପ୍ରଖର ହେଉଛି। ଆଉ ଡେରି କରିବା ଠିକ୍ ହେବନି। ଶୀଘ୍ର ଚାଲ। ନହେଲେ ବିପଦ। ହରିବୋଲ ହରିବୋଲ ଧ୍ୱନୀ ଦେଇ ଆହୁଲାର ଡଙ୍ଗା ଚଳାଇବାକୁ ଲାଗିଲେ ସୁଦାମ ଓ ଗୋବିନ୍ଦ। ହାତ ଯୋଡ଼ି ନିଜର ଇଷ୍ଟ ଦେବୀଙ୍କୁ ସ୍ମରଣ କରି କରି ପରଶୁ କହୁଥିଲା – ମାଆ ଲୋ, ଦୟା କର... ସହାୟ ହୁଅ। ଆମେ ଯେମିତି ନିରାପଦରେ ନଦୀ ପାର ହୋଇ ଯାଉ...ଦୟା କର ମାଆ ...ଦୟା କର....ହଠାତ୍ ଗୋବିନ୍ଦ ଚିତ୍କାର କରି ଉଠିଲା – ହେ, ଭଗବାନ !!! ଆମେ ସମସ୍ତେ ବିରାଟ ଭଉଁରୀ ଭିତରକୁ ଟାଣି ହୋଇ ଯାଉଛୁ। କେହି ବଞ୍ଚିବାନି...ସମସ୍ତେ ମରିବା...ରକ୍ଷା କର ହେ ଜଗନ୍ନାଥ..ଜୟ ଜଗନ୍ନାଥ...ସମସ୍ତେ ଉଚ୍ଚ ସ୍ୱରରେ କହିଲେ – ଜୟ ଜଗନ୍ନାଥ... ଜୟ ଜଗନ୍ନାଥ...... କିଛି କ୍ଷଣ ମଧ୍ୟରେ ଆତ୍ମରକ୍ଷା ପାଇଁ ଭଗବାନଙ୍କୁ ଆକୁଳ ନିବେଦନ... ଆର୍ତ୍ତ ଚିତ୍କାର ସବୁ କିଛି ନଦୀର କରାଳ ଗର୍ଭରେ ବିଲୀନ ହୋଇଗଲା। ତାପରେ କେବଳ ନୀରବ , ନିଃଶବ୍ଦ ନଦୀର ସଙ୍ଗୀତ !!!

*ଉଦଳା, ମୟୂରଭଞ୍ଜ*
*ମୋବାଇଲ*
*ମୋ- ୭୦୦୮୨୩୭୬୫୦*



## କବିତା ଗୁଚ୍ଛ

### ସମୟ

✶ ଆଦ୍ୟାଶା ମହାପାତ୍ର

ଭାବୁଛି ଏବେ ମୁଁ ଜୀବନ ସାୟହ୍ନେ
ହଜିଗଲା ପିଲାଦିନ
ଖସି ଯାଇଥିବା ବୟସ ଦେହରୁ
ଭିଜା ମନ ଯଉବନ ।।

ଅଙ୍କାବଙ୍କା ନଇ ଦେହେ ଖେଳୁଥିଲା
ଖୁସି ଉଲ୍ଲାସର ଢେଉ
ଶୁଭେ ବହମାନ ସମୟର ସ୍ୱର
କଥନିକା ମୁହୁର୍ମୁହୁ ।।

ପବନେ ଖୋଜେ ମୁଁ ମିଠା ଶିହରଣ
ଗୁଞ୍ଜରିତ ସାରେଗାମା
ସ୍ୱପ୍ନ ଭାଙ୍ଗି ନିଦୁ ଦେଖେ ବି ସପନ
ଛୁଏଁ ଯା ଭୂମି ଠୁ ଭୂମା ।।

ସ୍ମୃତି ପଟ୍ଟଚିତ୍ର ଦେଖେ ଆବୁଆଳେ
ଚହଲା ମନର ଛନ୍ଦ
ଜ୍ଞାତ ଅଜ୍ଞାତରେ ସାଉଁଟି ଥିଲି ଯା
ମୁଠେ ମିଠା ଅପବାଦ ।।

ଏଇ ଜୀବନର ଚଲାପଥ ପରେ
ଠୁଳାଇଛି ଅଭିଜ୍ଞତା
ସମୟ ପାଖରେ ଆନ୍ତରିକ ଭାବେ
ଜଣାଉଛି କୃତଜ୍ଞତା ।।

ଚିହ୍ନାଇଛି ସେଇ କିଏ ସେ ନିଜର
କିଏ ଖଳ ଛଦ୍ମବେଶୀ
ପାଦ ତଳେ ମୋର ରଖେ ଚୋରାବାଲି
ମଥାପରେ ତୀକ୍ଷ୍ଣ ଅସି ।।

ଚାଲିଛି ତଥାପି ଏ ଜୀବନ ଯାତ୍ରା
ଯଦିଓ କିଞ୍ଚିତ କ୍ଲାନ୍ତ
ସମୟ ହାତରେ ଦଇବ ଦଉଡି
ଟାଣିନେବ ବାକି ପଥ ।।

*ନୂଆପଡା, କଟକ*

### ସୁନାରୀ ଫୁଲ

✶ ଜଗଦୀଶ ସାହୁ


ପେନ୍ଥା ପେନ୍ଥା ଫୁଲ ଫୁଟିଅଛି
ନୁହେଁ ମିଛରେ
ରଙ୍ଗ ହଳଦିଆ ଓହଳିଛି
ଦେଖ ଗଛରେ ।

ଚକମକ ଦିଶୁଅଛି ଖାଇ
ଖରା ପାହାର
ବାଟୋଇକୁ ଅଟକାଇ ଦିଏ
ରୂପ ତାହାର ।

ବାସନାହିଁ ତା' ପାଖୁଡା ତୁଳା
ଭଳି ନରମ
ହସି ହସି ସହିପାରେ ଟାଣ
ଖରା ଗରମ ।

ପବନରେ ଦୋଳିଖେଳେ ସୁନାରୀ
ତାଆ ନାଆଁରେ
ଏଇ ଫୁଲେ ମଞ୍ଚ ସଜାହୁଏ
ଆମ ଗାଆଁରେ ।

*ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ*
*ମୋ :-୯୦୭୮୧୮୫୬୧୬*



## ହେ ! ପାର୍ବତୀ ପତି

✶ ସୁଜାତା ରାଣୀ ଶତପଥୀ

ହେ ! ପାର୍ବତୀପତି ରଖି ଦେଲ କୀର୍ତ୍ତି
ବିବାହ କରି ପାର୍ବତୀ
ଯୁଗ ଯୁଗାନ୍ତର ଅନବରତରେ
ବଞ୍ଚାଇ ଦେଲ ସଂସ୍କୃତି ।

ହେ ! ଶିବ ଶଙ୍କର ତୁମର ରୂପରେ
କନ୍ୟା ହୋଇଲେ ମୋହିତ
ତପସ୍ୟା ବଳରେ ପୂରଣ କରିଲେ
ଗଢିବାକୁ ଭବିଷ୍ୟତ ।

କନ୍ୟା ନୁହେଁ ସେତ କନ୍ୟା ରତ୍ନଟିଏ
ପାଳନେ ହୋଇଲେ ସତୀ
ଏକ ମନ ଦେଇ ପାଇବା ନିମନ୍ତେ
ମନରେ ରଖିଲେ ଭକ୍ତି ।

ହେ ! ଈଶ୍ୱର ବର ଜପି ବାରମ୍ବାର
କରିଲେ ତପସ୍ୟା ଭଙ୍ଗ
ଦର୍ଶନରେ ମନ ଭାବ ସାଗରରେ
ଖେଳିଲା କେତେ ତରଙ୍ଗ ।

ବିଚାର ବିମର୍ଶ ବିଫଳତା ଶେଷେ
କନ୍ୟାକୁ କଲ ଗ୍ରହଣ
ସ୍ଥାନ କାଳ ପାତ୍ର ନ ଦେଖି ମନରେ
କରି ଦେଲେ ହେ ବରଣ ।

ବିଧିର ବିଧାନ ଅଟଇ ବିଚିତ୍ର
ଶ୍ରବଣରେ ମିଳେ ମୁକ୍ତି
ତୁମ ବିନା ଜୀବ ସଂସାରରୁ ବାହାରି
ନ ପାଉଛି କେବେ ଶକ୍ତି ।

ହେ ! ଜୀବ ଜୀବନ ମାନବ ସ୍ପନ୍ଦନ
ପାଇଁ ତୁମେ ହେ ମହାନ
ପ୍ରତି ପ୍ରାଣ ଡାକ ଶ୍ରବଣ ରେ ଆସି
ଆଶାକୁ କର ପୂରଣ ।



ପାର୍ବତୀ ତପସ୍ୟା ହୃଦୟ ସ୍ପର୍ଶରେ
ହୋଇଗଲ ଆପ୍ୟାୟିତ
କର୍ମ ଦକ୍ଷତାରେ କର୍ତ୍ତବ୍ୟ ନିଷ୍ଠାରେ
ହୋଇଗଲ ହେ ସନ୍ତୁଷ୍ଟ ।

ଭକ୍ତିର ଶକ୍ତିରେ ଅଲୋଡ଼ା ମାଧ୍ୟମ
ମିଶିବାକୁ ମନ ପ୍ରାଣ
ପାର୍ବତୀଙ୍କ ଜ୍ଞାନ ମହିମା ଅସୀମ
ନାହିଁ ପାଖେ ଭାଷା ବର୍ଣ୍ଣ ।

ହେ ! କୃପା ଆଳୟ ସୁରକ୍ଷା ବଳୟ
ଗଢ଼ି ଦିଅ ବୋଲି ପାଖ
ଜୀବନ ପଥରେ ଗମନ କରୁଛୁ
ପାଉ ବୋଲି ଶାନ୍ତି ସୁଖ ।

ସଂସାର ରକ୍ଷଣାବେକ୍ଷଣ ରେ ଅଛି
ଚଳଣିରେ ଚତୁରତା
ଆହେ ମହେଶ୍ୱର ଜଗତ ଈଶ୍ୱର
ରହିଛି ହୃଦେ ବନ୍ଧୁତା ।

*ଶିକ୍ଷୟିତ୍ରୀ, ଦିଗପହଣ୍ଡି, ଗଞ୍ଜାମ*

## ହେ ! ଫଗୁଣ ତୁମେ ଗଲା ପରେ

✶ ନଳିନୀ ଦାଶ

ହେ !ଫଗୁଣ ତୁମେ ଗଲାପରେ
ଗ୍ରୀଷ୍ମ ଆସି ବିରାଜିତ
ଜ୍ୟେଷ୍ଠ ମାସ ଖରା ଦେଉଅଛି ଜାଳି
ସବୁରି ବିରସ ଚିତ୍ତ ।
ଧରଣୀ ହସୁନି ରଙ୍ଗ ବେରଙ୍ଗର
ଫୁଲର ପସରା ଧରି
ମହକ ଖେଳୁନି ଭଅଁର ଉଡୁନି
ଗୁଣୁଗୁଣୁ ଶବ୍ଦ କରି ।
ଫୁଲ ବିମଣ୍ଡିତା ପ୍ରକୃତି ସୁନ୍ଦରୀ
ହୋଇ ଯାଇଛି ଶ୍ରୀହୀନ
କାଳ ବୈଶାଖୀ ତାଣ୍ଡବ ରଚୁଛି
ବର୍ଷା ହୁଏ ଘନଘନ ।
ସୂର୍ଯ୍ୟଙ୍କ ଉତ୍ତପ୍ତ କିରଣେ ଜଳୁଛି
ଆମ ଏ ପୃଥିବୀ ସାରା
ପୋଖରୀ ଗାଡ଼ିଆ ଜଳ ଶୁଷ୍କ ହେଲା
ନାହିଁତ ନଦୀର ଧାରା ।
ତୁମେ ଗଲା ପରେ ଡହଳ ବିକଳ
ହୁଅନ୍ତି ପୃଥିବୀ ଜନ
ପଶୁ ପକ୍ଷୀ କୁଳ ଗଛ ତଳେ ରହି
କଟାନ୍ତି ତାଙ୍କର ଦିନ ।
ମଧୁର ମହକ ଛୁଟୁନାହିଁ ଆଉ
କୋଇଲି ଗାଉନି ଗୀତ
ଶୁଭୁନାହିଁ ଆସି ରଙ୍ଗ ପରବରେ
ରଙ୍ଗ ଖେଳିବାରେ ମିତ ।
ମହୁଲ ମହକ ଧରାରେ ଖେଳୁନି
ଆସୁନି ବଉଳ ବାସ
ଖରାର ତେଜରେ ମଉଳି ଗଲାଣି
ପଳାଶ ଫୁଲର ହସ ।
ହେ ! ଫଗୁଣ ତୁମେ ଗଲା ପରେପରେ
ଯାତନା ଗଲାଣି ବଳି
ଅସହ୍ୟ ହେଲାଣି ବୈଶାଖର ଖରା
ଫୁଟୁନି କୁସୁମ କଳି ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ଗାଆଁ ପରି ଗାଆଁଟିଏ

✶ ନିରଞ୍ଜନ ସାହୁ

ଆମରି ଗାଆଁର ପୂରୁବ ଦିଗରେ
ପଡ଼ିଶା ଗାଆଁଟି ଥାଏ
ଯେଉଁ ଗାଆଁ ସାଥେ ଆମ ଗାଁ ସମ୍ପର୍କ
ସଭିଙ୍କ ମନକୁ ପାଏ ।

ଆମରି ଗାଆଁର ଦକ୍ଷିଣ ଦିଗରେ
ସୁଉଚ୍ଚ ପାହାଡ଼ଟିଏ
ଯେଉଁ ପାହାଡ଼ରୁ ଝରଣା ଝରିକି
ତୃଷାକୁ ମେଣ୍ଟାଇ ଦିଏ
ସେହି ପାହାଡ଼ର ପ୍ରାକୃତିକ ଶୋଭା
କାହା ମନକୁ ନ ଯାଏ ?

ଆମରି ଗାଆଁର ଉତ୍ତର ଦିଗରେ
ରହିଛି ବିଶାଳ ତୋଟା
ରସାଳ, ପଣସ ଭରପୁର ତହିଁ
ଗଛ ସବୁ ମୋଟାମୋଟା
ରଜ ମଉଜରେ ଦୋଳି ବନ୍ଧାହେଲେ
ରଜ ଗୀତ ଝିଅ ଗାଏ ।

ଆମରି ଗାଆଁର ପଶ୍ଚିମ ଦିଗରେ
ଶ୍ମଶାନର ଅବସ୍ଥାନ
ତାହାରି କୋଳରେ ଆଶ୍ରୟ ଦିଅଇ
ପ୍ରାଣ ହେଲେ ଅବସାନ
ହାଡ଼, ପାଉଁଶ ଓ ଅଙ୍ଗାରମାଳ ଯେ
ଶୋଭାପାଏ ଠାଏ ଠାଏ ।

ଆମରି ଗାଆଁର ମଝିରେ ରହିଛି
ପିଲାଙ୍କର ପାଠଶାଳା
ପାଠ ପଢିବାକୁ ନିତି ଯାଇଥାନ୍ତି
ଅନେକ ବାଳକ , ବାଳା
ଶିକ୍ଷାଲାଭ କରି ମଧ୍ୟାହ୍ନ ଭୋଜନ
ନିଇତି ଶିକ୍ଷାର୍ଥୀ ଖାଏ ।

ଆମରି ଗାଆଁର ଉତ୍ତର ପୂର୍ବରେ
ଅଛି ଯେଉଁ ସରୋବର
କଇଁ, ପଦ୍ମ ଫୁଟି ସୁନ୍ଦର ଦିଶନ୍ତି
ଲାଗୁଥାନ୍ତି ମନୋହର
ସଭିଏଁ କହନ୍ତି ପ୍ରକୃତରେ ଇଏ
ଗାଆଁ ପରି ଗାଆଁଟିଏ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ
ମୋ-୯୯୩୮୭୪୧୫୮୩



## ରୂପସୀ ମୌସୁମୀ

✶ ସୁଜିତ କୁମାର ମିଶ୍ର

ଲାଜସିନ୍ଧୁ ସବୁ ଜଳବିନ୍ଦୁ
ଟୋପା ଲୁହର କୋହରେ ଭରା,
ରୂପସୀ ମୌସୁମୀ ରାଣୀ ଗୋ
ତୁମର ଛୁଆଁରେ ମହକେ ଧରା ।
ମମତା ନଈର ପ୍ରବାହରେ ତୁମେ
ଶିହରିତ ମଧୁଗୀତ,
ଅଙ୍ଗେଅଙ୍ଗେ ପ୍ରେମ ଭରୁଛ ନୀରବେ
ଆନମନା କରି ଚିତ୍ତ ।
ମଉସୁମୀ ତୁମ ବରଷାରେ
ଭିଜେ ମ୍ରିୟମାଣ ମନମାଟି,
ଲେଉଟିଛ ତୁମେ ଲକ୍ଷେ ସମ୍ମୋହନେ
ଆଙ୍କି ଅନୁରାଗ ଝୋଟି ।
ମେଘ ସବାରୀରେ ମଙ୍ଗଳ ବାଇଦେ
ଆସୁଛ ମାନ ଫିଟାଇ,
ଦୃଷ୍ଟ ରୁଦ୍ରତାତି ନାହିଁ ନାହିଁ ଆଉ
ତୁମ ଆତ୍ମୀୟତା ପାଇ।
ଭାବର ନୂପୁର ରୁଣୁଝୁଣୁ
ତୁମ ବିହ୍ୱଳିତ ହୃଦୟର,
ତୁମ ସେ ପ୍ରଣୟ ପ୍ରକାଶ
ଅନ୍ତରେ ତୋଳିଛି ଚୁମ୍ବନ ସୁର ।
ମଉଳା ଓଠରେ ଭରିଛ ସୁରିଲା
ସୁଖ ଶ୍ରାବଣର ଢେଉ,
ମ୍ଳାନ ଚେହେରାରୁ ଝରୁଛି
ଶାନ୍ତିର ମନ୍ଦାକିନୀ ମନ୍ଦମହୁ ।
ଜୀବନ ବେଦନା ବୁକୁତଳେ
ତୁମେ ଶୀତଳ ଚନ୍ଦନ ଝର,
ତୁମ ଆଲିଙ୍ଗନ ବିନା
ସଂସାରକି ତୋଳିପାରେ ସ୍ୱର୍ଗପୁର ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



ଛତ୍ରପୁର, (ଭାସ୍କର ନ୍ୟୁଜ): ଦୀର୍ଘ ୪୦ ବର୍ଷ ଧରି ବନ୍ଦ ରହିଥିବା ଗଞ୍ଜାମ ସହରର ସାପ୍ତାହିକ ହାଟର ପୁନର୍ବାର ଶୁଭାରମ୍ଭ ହୋଇଛି। ଗଞ୍ଜାମ ଏନଏସି ପକ୍ଷରୁ, ଗଞ୍ଜାମ କଲେଜ୍ ପୁରୁଣା ରୋଡ଼ର (ଅଭିମନ୍ୟୁ ପଟ୍ଟନାୟକ ମାର୍ଗ)ରେ ଏହି ହାଟକୁ ଏନଏସି ଅଧକ୍ଷା ପ୍ରତିଭା ପାଢ଼ୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉପାଧକ୍ଷ ସୁରେନ୍ଦ୍ର କୁମାର ବାରିକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ, ବରିଷ୍ଠ ସମାଜ ସେବୀ ତ୍ରିନାଥ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ଇଂ. ବିନୋଦ କୁମାର ପାଢ଼ୀ, ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ବିନୋଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧକ୍ଷା ପାଢ଼ୀ ସମସ୍ତ ଦୋକାନ ବୁଲି ଭଲମନ୍ଦ ପଚାରି ବୁଝିବା ସହ ନିଜେ ମଧ କ୍ରୟ କରିଥିଲେ। ଏହି ହାଟ ଖୋଲିଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ଉତଫୁଲୀତ ଦେଖିବାକୁ ମିଳିଥିଲା। ଅପରାହ୍ନ ତିନ ଘଂଟିକା ଠାରୁ ଏହି ହାଟ ଆରମ୍ଭ ହୋଇ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଜମିବାର ଦେଖିବାକୁ ମିଳିଥିବା ବେଳେ ବ୍ୟବସାୟୀ ମାନେ ମଧ ଉତ୍ସାହିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ସାପ୍ତାହିକ ଗଞ୍ଜାମ ହାଟ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା। ସେତେବେଳେ ଗଞ୍ଜାମ ପଂଚାୟତ ଥିବା ବେଳେ, ତତ୍କାଳୀନ ସରପଞ୍ଚ ପ୍ରଫେସର ଗୋବିନ୍ଦ ଚନ୍ଦ୍ରପଣ୍ଡା ଏହାର ଶୁଭାରମ୍ଭ କରିଥିଲେ। ଏହି ହାଟ ସେହି ସମୟରେ ବେଶ ଆଦୃତ ହୋଇଥିବା ବେଳେ,ପରବର୍ତୀ ସମୟରେ ଚାରି ଦଶନ୍ଧି ଧରି ବନ୍ଦ ରହିଥିଲା।

## ଅଭିଯୋଗ ପରେ ଚେତିଲା ପ୍ରଶାସନ

# ଅରଗଳ ଭତ୍ତା କେଳେଙ୍କାରୀରେ ନୂଆ ମୋଡ଼



ଆଳି, (ଭାସ୍କର ନ୍ୟୁଜ୍): ଦୀର୍ଘ ଦଶମାସ ପରେ ଆଳି ବ୍ଲକ ଅନ୍ତର୍ଗତ ଅରଗଳ ପଞ୍ଚାୟତର ବହୁ ଚର୍ଚ୍ଚିତ ଭତ୍ତା କେଳେଙ୍କାରୀ ବିଷୟ ପୁଣି ସତେଜ ହୋଇଉଠିଛି। ଆସନ୍ତାକାଲି ପୂର୍ବାହ୍ନ ୧୦ ଘଟିକାରେ ମୋଟ ୭୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ସହ ପୂର୍ବରୁ ବନ୍ଦ ହୋଇ ରହିଥିବା ଭତ୍ତା ମଧ ବଣ୍ଟାଯିବା ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସୂଚନା ସୂତ୍ରରୁ ପ୍ରକାଶ ଯେ ଗତ ମେ'ମାସ ୨୧ତାରିଖରେ ଶତାଧିକ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ବ୍ୟକ୍ତି ଓ ମହିଳାମାନେ ଆଳି ବ୍ଲକରେ ପହଞ୍ଚି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଅନୁଯାଇ ଅରଗଳ ପଞ୍ଚାୟତରୁ ଆର୍ଥିକ ବର୍ଷ ୨୦୨୩-୨୪ରେ ଅନେକ ବ୍ୟକ୍ତି ମଧୁବାବୁ ପେନସନ ଜରିଆରେ ଆବେଦନ କରିଥିଲେ। ସେଥିମଧ୍ୟରୁ ୨୯୨ ଜଣ ଯୋଗ୍ୟ ବିବେଚିତ ହୋଇ ୭ମାସ ନିରନ୍ତର ଭତ୍ତା ଟଙ୍କା ପାଇ ଆସୁଥିଲେ। କିନ୍ତୁ ଗତ ୧୦ମାସ ତଳେ ଅଭିଯୋଗ ଆଧାରରେ ବ୍ଲକ ପ୍ରଶାସନ ଓ ମେଡିକାଲ ଟିମ ଦ୍ୱାରା ପୁନଃ ଯାଞ୍ଚ କରାଯାଇ ୬୫ଜଣଙ୍କ ନାମରେ ଆଳି ପ୍ରଶାସନ ତରଫରୁ ଆଳି ଥାନାରେ କେଶ ରୁଜୁ ହୋଇଥିଲା ବେଳେ ତନ୍ମଧ୍ୟରୁ ୧୧ ଜଣ ଭିନକ୍ଷମ ଓ ବିଧବା ଲୋକଙ୍କୁ ଭତ୍ତା ମିଳୁଥିଲା। ହିତାଧିକାରୀମାନଙ୍କ ମଧ୍ୟରୁ ୪ ଜଣଙ୍କ ଦେହାନ୍ତ ହୋଇସାରିଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ଲୋକ ଶଯ୍ୟାଶାୟୀ, ତତସହିତ ତିନିଜଣଙ୍କର ଭିନ୍ନକ୍ଷମ ସାର୍ଟିଫିକେଟ ଥାଇ ମଧ ସେମାନଙ୍କର ଭତ୍ତା ଦୀର୍ଘ ୮ ମାସ ହେବ ବନ୍ଦ ହୋଇ ରହିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ମୋଟ ୨୯୨ ଜଣଙ୍କ ମଧ୍ୟରୁ ୭୧ ଜଣ ଯୋଗ୍ୟ, ୧୩୮ ଜଣ ଅଯୋଗ୍ୟ, ୭୯ ଜଣଙ୍କର ଆବଶ୍ୟକୀୟ ତଥ୍ୟ ଓ କାଗଜପତ୍ର ମଗାଯାଇଥିବା ବେଳେ ୪ ଜଣଙ୍କର ତଥ୍ୟ ଯାଞ୍ଚ ପାଇଁ ଯାଜପୁର ଜିଲ୍ଲାରୁ ମଗାଯାଇଛି। ଯଦି ବଳକା ଥିବା ହିତାଧିକାରୀ ଆବଶ୍ୟକୀୟ ନଥିପତ୍ର ଯୋଗାଇ ନ ପାରନ୍ତି ତେବେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସହ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

## ନିଶା ଖାଇବା ପାଇଁ ସର୍ବସ୍ୱ ଲୁଟୁଛନ୍ତି ଚୋର



କଣ୍ଟାପଡା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକରେ ୫ରୁ ଊର୍ଦ୍ଧ୍ୱ ଖୋଲିଛି କବାଡି ଦୋକାନ। ଦୋକାନ ଆଗରେ ଛିଣ୍ଡାମିଣ୍ଡା ପେଟି ଓ କିଛି ଟାୟାର ଗଦେଇ କବାଡି ଦୋକାନ ଖୋଲା ହୋଇଛି କବାଡି ଦୋକାନ ଭିତରେ କିନ୍ତୁ ଗଦା କରିଛନ୍ତି ଚୋରା ସାମଗ୍ରୀ। ଚୋରମାନେ ନିଶା ପାଇଁ ଅଞ୍ଚଳର ଯୁବକ ମାନେ କେଉଁଠି ଅର୍ଦ୍ଧନିର୍ମିତ ପୋଲର ଲୁହା କାଟିଲେଣି ତ ଆଉ କେଉଁଠି କବାଟ ତାଡ଼ି ଲୁଟି ନେଉଛନ୍ତି ଗ୍ୟାସ ଟାଙ୍କିଠୁ ଆରମ୍ଭ କରି ଟ୍ରଙ୍କ ପର୍ଯ୍ୟନ୍ତ। ଯାହାଫଳରେ ସର୍ବସ୍ୱାନ୍ତ ହେଉଛନ୍ତି ବହୁ ପରିବାର ଓ ମାଲେମାଲ ହେଉଛନ୍ତି କବାଡି ଦୋକାନ। ସ୍ଥାନୀୟ ପୋଲିସର ନା ଅଛି ତଦାରଖ। କଣ୍ଟାପଡା ବ୍ଲକ ଗୋବିନ୍ଦପୁର ଓଲଟପୁର ଥାନା ଅଧୀନରେ କେତେ ଅଛି କବାଡି ଦୋକାନ। ପୋଲିସ ପାଖରେ ନା ଅଛି ହିସାବ ନା ସେମାନଙ୍କ କାର୍ଯ୍ୟକଳାପ ଉପରେ ଅଛି ନଜର। ଏହିସବୁ କବାଡି ଦୋକାନକୁ ଚିହ୍ନଟ କରି ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ଦାବି ହେଉଛି।

## କୋଇଲା ଓ ଚୂନପଥର ଉପରେ ନଜର ରଖିବ ସିସିଟିଭି

ପାରାଦୀପ, (ଭାସ୍କର ନ୍ୟୁଜ୍): ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ)ର ବ୍ରାଞ୍ଚ ଟ୍ରାନ୍ସପୋର୍ଟ ଆଣ୍ଡ ସିପିଙ୍ଗ ଅଫିସର ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଆମଦାନୀ କୋଇଲା ଗଚ୍ଛିତ ପାଇଁ ପ୍ଲଟ ଏସ-୯, ଏସ-୧୧ ଏବଂ ଚୂନପଥର ପାଇଁ ଏସ-୬ ପ୍ଲଟରେ ଆମଦାନୀ ପଣ୍ୟ ଆନ୍ତଃ ପରିବହନ, ମାଲ ଖଲାସ, ପଣ୍ୟ ଗଚ୍ଛିତ ଓ ୱାଗନ ବୋଝେଇ କାର୍ଯ୍ୟକଳାପ ତଦାରଖ ଲାଗି ସେଠାରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଏହି କ୍ୟାମେରା ଲଗାଯିବା ଦ୍ୱାରା ପ୍ଲଟ ପରିଚାଳନା, ପଣ୍ୟ ମିଶ୍ରଣ ଦୂରୀକରଣ, ସେଲର ନିଜ ଷ୍ଟିଲ୍ ପ୍ଲାଣ୍ଟକୁ ରେକ ଦ୍ୱାରା ଉତ୍ତମ ପଣ୍ୟ ଯୋଗାଣରେ ସୁବିଧା ହେବ। ଏହି ନୂତନ ସିସିଟିଭି ଓ ଏହାର ନିୟନ୍ତ୍ରଣ କକ୍ଷକୁ ସେଲର ଇଡି (ଏଲ ଆଣ୍ଡ ଆଇ) ସୁଭାଷ କୁମାର ଦାସ ସେଲ ଅଫିସର ପାରାଦୀପ ଶାଖା କାର୍ଯ୍ୟାଳୟରେ ଉଦଘାଟନ କରିଥିଲେ।

## ନିଶା କବଳରେ ସୀମାନ୍ତ ଅଞ୍ଚଳ

ଜଳେଶ୍ୱର, (ଭାସ୍କର ନ୍ୟୁଜ): ଦିନକୁ ଦିନ ଜଳେଶ୍ୱର ବ୍ଲକ ସୀମାନ୍ତବର୍ତ୍ତି ଗ୍ରାମ ଗୁଡିକରେ ନକଲି ଦେଶୀ ଓ ବିଦେଶୀ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ବ୍ଲକର ସୁଗୋ, ନାମ୍ପୋ, ନେତୁଆ, ସମ୍ପଡିଆ, ଖାଳିନା ଆଦି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅବାଧରେ ଚୋରା ନକଲି ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ସେହିପରି ୫୭ ନମ୍ବର ରାଜ୍ୟ ରାଜପଥ କଡରେ ଥିବା କେତେକ ଢ଼ାବା ଓ ପାନ ଦୋକାନରେ ନକଲି ମଦ ବିକ୍ରି ହେଉଥିବା ଶୁଣିବାକୁ ମିଳୁଛି। ପଡୋଶୀ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଅବାଧରେ ପ୍ରସ୍ତୁତ ହେଉଥିବା ନକଲି ମଦକୁ ବେପାରୀ ମାନେ ଆଣି ଉକ୍ତ ଅଂଚଳରେ ଅନାୟାସରେ ବିକ୍ରି କରିବାରେ ସକ୍ଷମ ହେଉଛନ୍ତି। ଏହି ନକଲି ଓ ବିଷାକ୍ତ ମଦ ପିଇ ଯୁବ ବର୍ଗ ବିପଥଗାମୀ ହେଉଥିବା ବେଳେ ଅନେକ ଲୋକ ଦୁରାରୋଗ୍ୟ ବ୍ୟାଧିର ସରବ୍ୟ ହୋଇ ମୃତ୍ୟୁ ମୁଖରେ ପଡୁ ଥିବାର ନଜିର ରହିଛି। ସେହିପରି ରାସ୍ତା କଡରେ ଥିବା ଢ଼ାବା ମାନଙ୍କରେ ମଦ ବିକ୍ରି ହେଉଥିବାରୁ ଟ୍ରକ, ଡ଼ମ୍ପର, ପିକଅପ ଓ ଅନ୍ୟାନ୍ୟ ଯାନବାହାନ ଚାଳକ ମାନେ ମଦ୍ୟପାନ କରି ଗାଡି ଚାଳନା କରୁ ଥିବାରୁ ଦୁର୍ଘଟଣା ଘଟୁଚି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମଦ ମାଫିଆମାନେ ପ୍ଲାଷ୍ଟିକ ବ୍ୟାଗ/ ଅଖାରେ ପୁରାଇ ସାଇକେଲ/ ମଟର ସାଇକେଲ ଯୋଗେ ପଶ୍ଚିମବଙ୍ଗରୁ ମଦ ଆଣି ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି। କେତେବେଳେ କେମିତି ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି କେତେକ ଛୋଟବଡ ମଦ ବେପାରିଙ୍କୁ ଧରି କୋର୍ଟ ଚାଲାଣ କରୁଥିବା ବେଳେ ଏଯାଏଁ କାରବାରରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ନିକଟରେ ଅବକାରୀ ବିଭାଗ ପହଞ୍ଚି ପାରୁନାହିଁ କିମ୍ବା ଜାଣିଶୁଣି ସୁରକ୍ଷା ଦେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳ ପ୍ରତି ନଜର ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## କରୁଣାକର ନୋଟାରୀ ନିଯୁକ୍ତ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡାଖଣ୍ଡି ଓକିଲ ସଂଘର ସମ୍ପାଦକ ତଥା ବରିଷ୍ଠ ଆଇନଜୀବି କରୁଣା କର ପାଣିଗ୍ରାହୀଙ୍କୁ ଭାରତ ସରକାରଙ୍କ ଆଇନ ବିଭାଗ କୁକୁଡାଖଣ୍ଡି ବ୍ଲକ ପାଇଁ ନୋଟାରୀ ନିଯୁକ୍ତ କରିଛନ୍ତି। ଆଇନ ମନ୍ତ୍ରାଣାଳୟ ତରଫରୁ ଏନେଇ ଆଇନଜୀବି କରୁଣାକରଙ୍କୁ ପତ୍ର ଦ୍ୱାରା ଜଣାଇଦିଆଯାଇଛି। ନୂତନ ନିଯୁକ୍ତି ନେଇ ସେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ, କେନ୍ଦ୍ର ଆଇନମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗ୍ରାମାଞ୍ଚଳରେ ଥିବା ନିରୀହ ଆଦିବାସୀ, ହରିଜନ, ଗରିବ ଶ୍ରେଣୀର ଲୋକେ ସତ୍ୟପାଠ ପାଇଁ ବ୍ରହ୍ମପୁର ଉପରେ ନିର୍ଭର କରୁଥିବା ବେଳେ କୁକୁଡାଖଣ୍ଡି ନୋଟାରୀ ହେବା ଦ୍ୱାରା ଲୋକେ ଆହୁରି ସହଜରେ ସତ୍ୟପାଠ ଗୁଡିକ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ପାଣିଗ୍ରାହୀ।

## ୩ ଗୋରୁ ଚାଲାଣକାରୀ ଗିରଫ ୮ଟି ଗୋରୁ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ କୁଜିଡ଼ିହି ଜଙ୍ଗଲୀ ରାସ୍ତା ଦେଇ ଗୋ ମାଫିଆ ଚଲାଇ ଚଲାଇ ପଶ୍ଚିମବଙ୍ଗକୁ ଗୋ ଚାଲାଣ କରୁଥିବା ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ସେଠାରେ ପହଞ୍ଚି ୮ଟି ଗୋରୁକୁ ଉଦ୍ଧାର କରିବା ସହ ଏଥିରେ ସମ୍ପୃକ୍ତ କୋଷ୍ଠା ଗ୍ରାମର ଆଲାମ ଖାଁ, କାଳିଆଶୋଳର ଶିତିକାନ୍ତ ଦାସ ଓ ବାରିପଦା ହରିଶ୍ଚନ୍ଦ୍ରପୁରର ଭରତ ମହାନ୍ତଙ୍କୁ ଗିରଫ କରିଛି ଶୁଳିଆପଦା ପୋଲିସ। ଏନେଇ ୯୬/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ସହ ଗରୁ ଗୁଡିକୁ ବାଲେଶ୍ୱର ଗୋଶଳା କୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି।

## ଶୀତଳଷଷ୍ଠୀ ଉପଲକ୍ଷେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ



ରଘୁନାଥପୁର, (ଭାସ୍କର ନ୍ୟୁଜ): ଶୀତଳଶଷ୍ଠି ଉପଲକ୍ଷେ ସାରା ଓଡିଶା ଦେବଦମ୍ପତିଙ୍କ ବିବାହ ଉତ୍ସବରେ ଉତ୍ସବମୁଖର ହୋଇ ଉଠିଥିବା ବେଳେ ଏହି ଅବସରରେ ରଘୁନାଥପୁର ଅଞ୍ଚଳରେ ବିଭିନ୍ନ ଶୈବପିଠରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ରଘୁନାଥପୁର ପଞ୍ଚାୟତର କୋରକରା ସ୍ଥିତ ସର୍ବପୁରାତନ ଶୈବପିଠ ଶ୍ରୀ ଶ୍ରୀ ରୁଦ୍ରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମଙ୍ଗଳ କତ୍ୟ ଓ ଶନିବାର ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ରୁଦ୍ରେଶ୍ୱର ମହାଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଯାଇ ହଜାର ହଜାର ଭକ୍ତ ବରଯାତ୍ରୀଙ୍କ ଗହଣରେ ବିବାହ ମଣ୍ଡପକୁ ଅଣାଯାଇଥିଲା। ସେଠାରେ କନ୍ୟା ପକ୍ଷରୁ ଏକ ଆଧାତ୍ମିକ ପରିବେଷ ମଧ୍ୟରେ ମହାଦେବଙ୍କୁ ବରଣି କରାଯାଇଥିଲା। ବରପିତା ଓ ମାତା ଭାବେ ସୁମିତ କୁମାର ମଣ୍ଡଳ, ମୋନାଲିସା ନାୟକ ଏବଂ ସୁଶାନ୍ତ କୁମାର ମହାପାତ୍ର କନ୍ୟାପିତା ସୁଷମା ମହାପାତ୍ର କନ୍ୟାମାତାଙ୍କ ଦ୍ୱାରା ଦେବଦମ୍ପତିଙ୍କ ଶୁଭପରିଣୟ ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ଭକ୍ତ ଯୋଗଦେଇ ଦେବଦମ୍ପତିଙ୍କ ଏହି ମହାନ ଅଲୌକିକ ଲିଳାକୁ ଦର୍ଶନ କରିବା ସହିତ ଆଶିଷ ଲାଭ କରିଥିଲେ। ଏହା ରୁଦ୍ରେଶ୍ୱର ଟ୍ରଷ୍ଟବୋର୍ଡ ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ସମାପନ ହୋଇଥିଲା। ଏହି ଅବସରରେ ମଣ୍ଡପ ପରିସରରେ ପ୍ରବଚକ ବିରେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗୋଠିଣା ଗ୍ରାମର ସିଦ୍ଧହରିହର ରଘୁନାଥଜିଉ ମନ୍ଦିରରେ ଶିବବିବାହ ଅନୁଷ୍ଠିତ ହୋଇଥିଲା। ଏଥିରେ ବର ପିତାମାତା ଭାବେ ନୃସିଂହଚରଣ ସ୍ୱାଇଁ, ମଞ୍ଜୁଲତା ସ୍ୱାଇଁ ଓ କନ୍ୟା ପିତାମାତା ଭାବେ ରାଜକିଶୋର ପ୍ରଧାନ, ମୀରା ପ୍ରଧାନଙ୍କ ଦ୍ୱାରା ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଏହି ବ୍ଲକ ଅଧିନ ତରିକୁନ୍ଦ ଉତ୍ତରେଶ୍ୱର, ବରାଗୋଳ ଇସାଣେଶ୍ୱର, ଗୋଠିଣା ସଂକରେଶ୍ୱର ମନ୍ଦିରରେ ଏହି ବିବାହ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

## ଟ୍ରାନ୍ସଫର୍ମର ଅଚଳ, ୪୫ ଦିନ ଅନ୍ଧାରରେ ୩୭ ପରିବାର



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ପେଦାଲୋଡା ପଞ୍ଚାୟତ ଝାଙ୍କରକାର୍ଲି ଗାଁରେ ୪୫ଦିନ ଧରି ବିଜୁଳୀ ନ ଥିବାରୁ ଅନ୍ଧାରରେ ୩୭ଟି ପରିବାର ରହିଛନ୍ତି। ଅଦିନିଆ ବର୍ଷା ପବନ ସାଙ୍ଗକୁ ବିଜୁଳୀ ହେବାରୁ ଆଜକୁ ୪୫ ଦିନ ହେଉଛି ଟ୍ରାନସଫର୍ମର ପୁଡି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସରପଞ୍ଚ ଶେଖର କଣ୍ଡାଗରିଙ୍କ ନିଜ ଗାଁରେ ବଜ୍ରପାତ ହେବାରୁ ଟ୍ରାନସଫର୍ମର ନଷ୍ଟ ହୋଇ ଥିବା ଜାଣି ସେହିଦିନ ହିଁ ସ୍ଥାନୀୟ ଲାଇନମେନ୍‌ଙ୍କୁ ଅବଗତ କରିଥିଲେ। ପର ଦିନ ବିଦ୍ୟୁତ ବିଭାଗ ଏକ ଟିମ ବୁଲେର ଗାଡ଼ିରେ ଗାଁ'କୁ ଯାଇ ଟ୍ରାନସଫର୍ମର ନଷ୍ଟ ହୋଇଥିବା ଜାଣି ବିଦ୍ୟୁତ ବିଭାଗ ଯନ୍ତ୍ରୀ ଗୋପବନ୍ଧୁ ଦାସଙ୍କୁ ଫୋନ କରିବା ପାଇଁ ସରପଞ୍ଚଙ୍କୁ କହିଥିଲେ। ସରପଞ୍ଚ ଶେଖର କଣ୍ଡାଗରି ସେଠାରୁ ହିଁ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ଅବଗତ କରିଥିବା ଜଣାଇଛନ୍ତି। ଆଜକୁ ୪୫ଦିନ ଧରି ଗାଁ'ରେ ବିଜୁଳି ନଥିବା ଯନ୍ତ୍ରୀଜଣଙ୍କ ଅବଗତ ଥାଇ ଆଜିପର୍ଯ୍ୟନ୍ତ ନିଜ ଘରେ ଆରାମରେ ମଜା ମାରି ରହିଛନ୍ତି। ଶନିବାର ଗଣମାଧ୍ୟମକୁ ସରପଞ୍ଚ ଫୋନ କରି ଗାଁରେ ବିଜୁଳୀ ନ ଥିବା ଜଣାଇଥିଲେ। ଆମେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଦାସଙ୍କୁ ଫୋନ କରି ଟ୍ରାନସଫର୍ମର ନଷ୍ଟ ହୋଇ ୪୫ ଦିନ ଅନ୍ଧାରରେ ଗ୍ରାମବାସୀ ରହୁଥିବା ଜଣାଇବା ପରେ ଜାଣି ନ ଥିବା ଜଣାଇଛନ୍ତି। ସୂଚନା ଅନୁଯାଇ ଯନ୍ତ୍ରୀ ଜଣକ ଟ୍ରାନସଫର୍ମର ନଷ୍ଟ ହୋଇଛି ତୁମେ ଅନଲାଇନରେ ଅପ୍ଲାୟୀ କରିବାକୁ ସରପଞ୍ଚଙ୍କୁ କହି ଥିବା ସରପଞ୍ଚ ଶେଖର ଜଣାଇଛନ୍ତି। ଯନ୍ତ୍ରୀ ଦାସ ଜାଣି ମଧ ଦୀର୍ଘ ୪୫ ଦିନ ଗାଁର ୩୭ ପରିବାରଙ୍କୁ ଅନ୍ଧାରରେ ରଖି ଜାଣି ନ ଥିବା କହିବା ବୁଦ୍ଧିଜୀବୀ ମହଲରେ ନିନ୍ଦା କରିଛନ୍ତି। ଗାଁ'କୁ କିପରି ଭାବରେ ବିଜୁଳି ଯିବ ଏଥିପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ଜନସାଧାରଣ ଅନୁରୋଧ କରିଛନ୍ତି।

## ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ

# ଅସ୍ତରଙ୍ଗ ଅଂଚଳରେ ଖୁଲମଖୁଲ୍ଲା ନକଲି ଗୁଟଖା ବିକ୍ରି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଶିକ୍ଷାନୁଷ୍ଠାନ ହେବ ଗୁଟଖା ମୁକ୍ତ। ବିଦ୍ୟାଳୟ ଠାରୁ ୧ ସହ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି। ଏଥିଲାଗି ଦଶବର୍ଷ ହେଲା ଲାଗୁ ହୋଇଛି କୋଟପା ଆଇନି। ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ମେ ୩୧ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ହେଲେ ସ୍କୁଲ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ବ୍ୟବସାୟୀ ମାନେ ଖୁଲମଖୁଲା ଗୁଟଖା ବିକ୍ରି କରୁଛନ୍ତି। କୋଟପା ଆଇନି କାମ କରୁ ନଥିବାବେଳେ ନିଷିଦ୍ଧାଞ୍ଚଳକୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଥିବା ବିଦ୍ୟାଳୟ ନିକଟରେ ଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି। ଗୁଟଖା କାରଣରୁ ଅନେକ ସ୍ଥାନରେ ଫୁସଫୁସ, ହୃଦଘାତ, ମୁଖକର୍କଟ ଦେଖିବାକୁ ମିଳୁଛି। ଏହି କାରଣରୁ ଅକାଳରେ ଝରିପଡୁଛୁ ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏହାର କାରଣ କୋମଳମତି ବୟସରୁ ଗୁଟଖା ସେବନ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି। ହାତ ପାଆନ୍ତାରେ ଗୁଟଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡି ଯାଉଛନ୍ତି। ଥରେ ଅଭ୍ୟାସ ହୋଇଗଲେ ଛାଡିବା କଷ୍ଟକର ହୋଇପଡୁଛି। ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନି ଲାଗୁ ହୋଇଥିଲେ ମଧ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟଖା ମୁକ୍ତ ହୋଇପାରୁ ନାହିଁ। ଅନ୍ୟପଟେ ଏହାର ସୁଯୋଗ ନେଇ ଅସ୍ତରଙ୍ଗ ବଜାରରେ ହାଉଯାଉ ହେଉଛି ନକଲି ଗୁଟଖା। କମ୍ ଦାମ୍ ରେ ମିଳୁଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସଚେତନତା ଅଭାବରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡକୁ ଠେଲି ଦେଉଛି। ଏଭଳି ଅବାଧ ଗୁଟଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଅହଲ୍ୟା ବାଈଙ୍କ ଜନ୍ମଜୟନ୍ତୀ ପାଳିତ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଣୀ ଅହଲ୍ୟା ବାଇ ହୋଲକରଙ୍କ ୩୦୦ ତମ ଜନ୍ମଜୟନ୍ତୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ନେତୃତ୍ୱ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାତୃଶକ୍ତି ସଂଗଠନର କ୍ଷେତ୍ର ସଂଯୋଜିକା ଝରଣା ଜେନା, ବିଜେପି ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ଉପସଭାପତି ଅଗନୁ ମହାନ୍ତ ଏବଂ ଅସୀମା ମିଶ୍ର, ଜିଲ୍ଲା ସମ୍ପାଦିକା କଳ୍ପନା ରାଉତ ଏବଂ ସମ୍ପାଦକ ଶିବକୁମାର ରାଠୋର, ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ମମିତ ନାଏକ, ଏକଲବ୍ୟ ବିଦ୍ୟାଳୟର ପଦ୍ମିନୀ ମହାନ୍ତ ତଥା ଏହି କାର୍ଯ୍ୟକ୍ରମର ସହସଂଯୋଜିକା ଚପଳା ମହାକୁଡ଼ ମଞ୍ଚାସିନ ହୋଇ ରାଣୀ ଅହଲ୍ୟା ବାଇଙ୍କ ଜୀବନି ସମ୍ପର୍କରେ ବିଶେଷ ଅଭିଭାଷଣ ପ୍ରଦାନ କରିଥିଲେ।

## ଟ୍ରାକ୍ଟର ଭର୍ତ୍ତି କାଠ ଜବତ, ଜଣେ ଗିରଫ



ଡାବୁଗାଁ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ଜୁନାପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗିର୍ଲ୍ଲା ଗ୍ରାମ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ରେ ଚୋରା କାଠ ନେଉଥିବା ବେଳେ ବନ ବିଭାଗ ଜବତ କରିଛନ୍ତି। ଏଥିରେ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ କରାଯାଇଥିଲା। ଅଭିଯୁକ୍ତ ଟ୍ରାକ୍ଟର ଡ୍ରାଇଭର ଗୀର୍ଲା ଗ୍ରାମର ଜଗନ୍ନାଥ ଭତରା (୨୬) ବୋଲି ଜଣା ପଡିଛି। ଅଭିଯୁକ୍ତ ଜଗନ୍ନାଥ ଭତରାକୁ ଜଙ୍ଗଲରୁ କାଠ ଚୋରି ଅଭିଯୋଗରେ ମାମଲା ରୁଜୁ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାଇ ଶୁକ୍ରବାର ଦିନ ଅପରାହ୍ନରେ ଡ଼ାବୁଗାଁ ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ଓ କିଛି ବନ ବିଭାଗ କର୍ମଚାରୀ ଦରଗୁଲା ବିଟରେ ପେଟ୍ରୋଲିଂ କରି ସନ୍ଧ୍ୟା ୬ ଘଣ୍ଟ ସମୟରେ ଫେରିବା ସମୟରେ ଜୁନାପାଣି ନିକଟ ଗୀର୍ଲ୍ଲା ଛକ ନିକଟରେ ଏକ ନମ୍ବର ବିହୀନ ଟ୍ରାକ୍ଟର ରେ କିଛି ଲୋକ ଜଙ୍ଗଲରୁ ଚୋରା କାଠ ଭର୍ତ୍ତି କରି ନେଉଥିଲେ। ତେବେ ଅଚାନକ ଟ୍ରାକ୍ଟର ସମ୍ମୁଖରେ ବନ କର୍ମଚାରୀଙ୍କୁ ଦେଖି ଟ୍ରାକ୍ଟର ମଧ୍ୟରେ ଥିବା କିଛି ଲୋକ ଟ୍ରାକ୍ଟରରୁ ଡେଇଁ ଧାଇଁ ପଳାଇ ଥିଲେ। ତେବେ ଗିର୍ଲା ଗ୍ରାମର ଟ୍ରାକ୍ଟର ଡ୍ରାଇଭର ଜଗନ୍ନାଥ ଭତରା କୁ ବନ କର୍ମଚାରୀ କାବୁ କରି ନେଇଥିଲେ। ଟ୍ରାକ୍ଟର ମଧ୍ୟରେ କରଞ୍ଜ,ଗମ୍ଭାରୀ ଓ ଡିମିରି ଆଦି ଗଛର କାଠ ଥିବା ବେଳେ ନମ୍ବର ବିହୀନ ଟ୍ରାକ୍ଟର ସହ ଏକ କାଠ କଟର ମେସିନ ଓ ଦଉଡ଼ି ଜବତ କରାଯାଇଥିଲା। ଜବତ ହୋଇଥିବା କାଠ ର ଆନୁମାନିକ ମୂଲ୍ୟ ୯୦ ହଜାର ହେବ ବୋଲି ବନାଞ୍ଚଳ ଅଧିକାରୀ ଉମାକାନ୍ତ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଆଜି ଅଭିଯୁକ୍ତ ଜଗନ୍ନାଥ ଭତରା କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉ ସମୟରେ ବନରକ୍ଷୀ କାର୍ତ୍ତିକ ମାଝୀ, ରିତାରାଣୀ ବିଶ୍ୱାସ ରାୟ,ପାରା କର୍ମଚାରୀ ତ୍ରିନାଥ ବିଶୋଇ ଓ କନି ନାୟକ ସାମିଲ ଥିଲେ।

## ବିକଶିତ କୃଷି ସଂକଳ୍ପ ଅଭିଯାନର ତୃତୀୟ ଦିନ



ଜଗତସିଂହପୁର, (ଭାସ୍କର ନ୍ୟୁଜ): କେନ୍ଦ୍ରୀୟ କୃଷି, କିସାନ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ମାନ୍ୟବର ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଆହ୍ୱାନରେ ୨୯ ମଇରୁ ଦେଶବ୍ୟାପୀ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି। ଏହି ଅଭିଯାନ ୧୨ ଜୁନ୍ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ କେନ୍ଦ୍ରୀୟ କୃଷି ମନ୍ତ୍ରାଳୟ, ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମରେ ନୂତନ କୃଷି ପ୍ରଯୁକ୍ତି, ବିଭିନ୍ନ ସରକାରୀ ଯୋଜନା ଏବଂ ଉନ୍ନତ ବୀଜ ଓ ରୋଗ ପ୍ରତିରୋଧ ବିଷୟରେ ଚାଷୀମାନଙ୍କୁ ସୂଚନା ଦିଆଯିବ। ପରିଶେଷରେ, କୃଷକମାନଙ୍କ ପ୍ରତିକ୍ରିୟା ଏବଂ ସେମାନଙ୍କ ସମସ୍ୟାଗୁଡ଼ିକୁ ଲିପିବଦ୍ଧ କରାଯିବ। ଏହି ଅଭିଯାନ ପାଇଁ ଜଗତସିଂହପୁରରେ ତିନୋଟି ଦଳ ଗଠନ କରାଯାଇଛି। ପ୍ରତି ଦଳରେ କୃଷି ବିଜ୍ଞାନ କେନ୍ଦ୍ର (କଠକ), ଜଗତସିଂହପୁର, କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା, ଜାତୀୟ ଫାଟୁଆ ରୋଗ ଗବେଷଣା ସଂସ୍ଥା, ଜିଲ୍ଲା କୃଷି ବିଭାଗ, ଜିଲ୍ଲା ଉଦ୍ୟାନ ବିଭାଗ, ଜିଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜିଲ୍ଲା ମତ୍ସ୍ୟ ବିଭାଗର ବୈଜ୍ଞାନିକ ଓ ଅଧିକାରୀମାନେ ଅଛନ୍ତି। ପ୍ରତ୍ୟେକ ଦଳ ଦିନକୁ ବିଭିନ୍ନ ସ୍ଥାନରେ ୨ଟି କାର୍ଯ୍ୟକ୍ରମ ଆୟୋଜନ କରିବେ ଏବଂ ୧୨ ଜୁନ୍ ପର୍ଯ୍ୟନ୍ତ ଜିଲ୍ଲାର ୮ଟି ବ୍ଲକର ୧୫,୦୦୦ ଚାଷୀଙ୍କ ସହିତ ସଂପର୍କ କରିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ଆଜି ତୃତୀୟ ଦିନରେ ଜଗତସିଂହପୁର ଜିଲ୍ଲାରେ କୁଜଙ୍ଗ ବ୍ଲକର ବାଗୋଇ, ମଙ୍ଗରଜପୁର, ଗରେଇ, ଗୋବର୍ଦ୍ଧନପୁର ଓ ଏରସମା ବ୍ଲକର ଗୋଡା, ରାଜପୁର୍ ଗ୍ରାମରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଫାଟୁଆ ରୋଗ ଗବେଷଣା ସଂସ୍ଥାର ନିର୍ଦ୍ଦେଶକ ଡ଼ ରବୀନ୍ଦ୍ର ପ୍ରସାଦ ସିଂହ ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସଭା ସ୍ଥାନରେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ବିଶ୍ୱଜିତ୍ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ, ଜଗତିଂହପୁର, ବିଭୁଦତ୍ତ ସାହୁ, ଜିଲ୍ଲା କୃଷି ଅଧିକାରୀ, ତିର୍ତୋଲ, ସୀତାରନ୍‌ମାଲା ଦାସ, ମଣ୍ଡଳ କୃଷି ଅଧିକାରୀ, କୁଜଙ୍ଗ, ସୁଶ୍ରୀ ସଫିଆ ସ୍ୱାଇଁ, ମଣ୍ଡଳ କୃଷି ଅଧିକାରୀ, କୁଜଙ୍ଗ, ସମଲେଇ ପ୍ରସାଦ ପରିଡ଼ା,ଉପ ନିର୍ଦ୍ଦେଶକ, ଶ୍ୱେତପଦ୍ମା ଭୋଇ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ତିର୍ତୋଲ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ ଜୀବନଜିତ୍ ସେନ, ବୈଜ୍ଞାନିକ ଶ୍ରୀ ଦେବାଶିଷ ପଣ୍ଡା, ଡ଼ ପ୍ରଦୀପ୍ତ ମାଝି, ଡ଼ ଦ୍ୱାରିକା ମୋହନ ଦାସ, ଶ୍ରୀମତୀ ସସ୍ମିତା ପୁରୋହିତ, ଶ୍ରୀମତୀ ସରିତା ଦାସ, ବଳିଆ ମାଝି, ବିଜୟିନୀ ସାହୁ, ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ, ଡ଼ ଜ୍ୟୋତିର୍ମୟ ମହାନ୍ତି, ଡ଼ ଜଜାତି କେଶରୀ ମହାପାତ୍ର, ଡ଼ ଜିତେନ୍ଦ୍ର କୁମାର ବିଶ୍ୱାଳ, ଡ଼ ହିମାଂଶୁ ଶେଖର ସ୍ୱାଇଁ, ଡ଼ ସ୍ମୃତିରେଖା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମେରେ ବୈଜ୍ଞାନିକ ମାନେ କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବିକଶିତ ହୋଇଥିବା ନୂତନ ଜ୍ଞାନକୌଶଳ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଲେ ଏବଂ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଖରିଫ ଋତୁର ବୁଣାବୁଣି ପୂର୍ବରୁ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବ।

## ଶୌଚାଳୟ ଥାଇ ବି ଲୋକେ ହଇରାଣ



ବ୍ରଜରାଜନଗରର ମୁଖ୍ୟ ପ୍ରବେଶ ପଥ ଗାନ୍ଧିଛକରେ ଶୌଚାଳୟ ଥିଲେ ହେଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ମହିଳାମାନଙ୍କୁ ଏଥିପାଇଁ ଭାରି ମାତ୍ରାରେ ହଇରାଣ ହେବାକୁ ପଡୁଥିବା ଘଟଣା ଦେଖିବାକୁ ମିଳୁଛି। ଏଥି ସକାଶେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଦୈନିକ ଶହ ଶହ ଗାଡ଼ି ୪୯ ନମ୍ବର ଜାତୀୟ ରାଜପଥ ଦେଇ ଯାତାୟତ କରୁଥିବା ବେଳେ ଲୋକେ ଚା ଜଳଖିଆ, ଶୌଚ ଆଦି ପାଇଁ ଗାନ୍ଧିଛକରେ ଅଟକିଥାନ୍ତି। ସେହିପରି ଗାନ୍ଧିଛକର ଦୋକାନ ବଜାର ଉପରେ ସ୍ଥାନୀୟ ଜନ ସାଧାରଣ ସମେତ କୋଇଲା ଖଣି କର୍ମଚାରୀ ତଥା ପଡ଼ୋଶୀ ସୁନ୍ଦରଗଡ଼ରେ ସ୍ଥାପିତ ବିଭିନ୍ନ ପ୍ରକଳ୍ପର କର୍ମଚାରୀମାନେ ନିର୍ଭର କରୁଥିବାରୁ ଏଠାରେ ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କ ଗହଳି ଚହଳି ଲାଗି ରହିଥାଏ। ଅନ୍ୟପଟେ ବସ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଡାକଘର ଇତ୍ୟାଦି ଲାଗି ଲୋକେ ସମ୍ପୂର୍ଣ୍ଣ ଭାବେ ଗାନ୍ଧିଛକ ଉପରେ ନିର୍ଭରଶୀଳ। ତେବେ ଏଭଳି ସ୍ଥାନରେ ଶୌଚ ଯିବା ହେଲେ ମହିଳାମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ଦୂର ଦୁରାନ୍ତ ଅଞ୍ଚଳକୁ ଯାତାୟାତ କରୁଥିବା ପରିବାର ତଥା ଦୋକାନ ବଜାରକୁ ଆସୁଥିବା ମହିଳାମାନେ ମଧ ଏଥି ଲାଗି ଅନେକ ମାତ୍ରାରେ ହଇରାଣ ହୋଇଥାନ୍ତି। ଫଳରେ ଖୋଲାସ୍ଥାନ ହିଁ ଶୌଚାଳୟ ପାଲଟୁଛି। ଏହାଦ୍ୱାରା ପରିବେଶ ଦୂଷିତ ହେବା ସହ ସହରର ଚିତ୍ର ମଳିନ ହେଉଛି। ଅନ୍ୟପଟେ ବିଗତ ଅନେକ ବର୍ଷ ଧରି ଗାନ୍ଧିଛକରେ ଶୌଚାଳୟ ନିର୍ମାଣ ପାଇଁ ଦାବି ଜୋର ଧରିବା ପରେ ଶେଷରେ ହାଇବ୍ରିଡ ପାଇଖାନା ସ୍ଥାପନ କରାଯାଇ ଥିଲା। ତେବେ ଏହା ବହୁ ବିଳମ୍ବରେ କାର୍ଯ୍ୟକ୍ଷମ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ଏହା ଅବ୍ୟବସ୍ଥିତ ଥିବା ଲୋକେ ଅଭିଯୋଗ କରିଛନ୍ତି। ହାଇବ୍ରିଡ ପାଇଖାନା ସମ୍ପୂର୍ଣ୍ଣ ଭାବେ ଅପରିଷ୍କାର ଥିବା ସାଙ୍ଗକୁ ଟ୍ୟାପ, ପାଣି ଟାଙ୍କି, କବାଟ ଆଦି ଭାଙ୍ଗିଯାଇଥିବାରୁ ଏହା ଠିକ ଭାବରେ ଉପଯୋଗ ହେଉନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଲୋକଙ୍କ ମୌଳିକ ସୁବିଧାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ଗାନ୍ଧିଛକ ବ୍ୟବସାୟୀ ସଂଘ ସଭାପତି ପ୍ରକାଶ ସାହୁ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ବିଶିଷ୍ଟ ସାହିତ୍ୟିକ ଶ୍ରୀଧର ଶେଖର ମହାପାତ୍ର ଆହତ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବିଶିଷ୍ଟ ସାରସ୍ୱତ ସାଧକ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀଧର ଶେଖର ମହାପାତ୍ର ଏକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଉର୍ବୀ ସାହିତ୍ୟ ପତ୍ରିକାର ସମ୍ପାଦକ ତଥା ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପରିବାର ପ୍ରତିଷ୍ଠାତା ସଭାପତି କବି ଶ୍ରୀଧର ଶେଖର ମହାପାତ୍ର ଏକ ବାଇକ ଯୋଗେ ତାଙ୍କ ଓଥକାସ୍ଥିତ ବାସଭବନକୁ ଫେରୁଥିଲେ। ଏହି ସମୟରେ ନିଶ୍ଚିନ୍ତକୋଇଲି ବଜାର ଠାରେ ଶ୍ରୀ ମହାପାତ୍ରଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମହାପାତ୍ର ଚିକିତ୍ସିତ ହେବା ପରେ ତାଙ୍କ ବାସଭବନରେ ବିଶ୍ରାମ ନେଉଥିବାର ଜଣାଯାଇଛି। ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ସମ୍ପାଦକ ପ୍ରମୋଦ କୁମାର ନାୟକ,ସାହିତ୍ୟିକ ବିରୁପାକ୍ଷ ରାୟ,ରଘୁନାଥ ମହାନ୍ତି, ସଚ୍ଚିଦାନନ୍ଦ ମିଶ୍ର, ସାରଦା ପ୍ରସାଦ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

## ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

# 'ମିଶନ ବାତ୍ସଲ୍ୟ'ଉପରେ ଗୁରୁତ୍ୱାରୋପ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମାଜ କଲ୍ୟାଣ ବିଭାଗ, ଏଡ୍ ଏଟ୍ ଆକ୍ସନ ଓ ୟୁନିସେଫ୍ ର ବୈଷୟିକ ସହାୟତାରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ୍ ନିଶା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ଏଡ୍ ଏଟ୍ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ ବୈଠକର ଉଦ୍ଦେଶ୍ୟ, 'ମିଶନ ବାତ୍ସଲ୍ୟ'କୁ ତ୍ୱରାନ୍ୱିତ କରିବାପାଇଁ ଶିଶୁ ଅସହାୟତା ଆକଳନ ଓ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଆକଳନ ଏବଂ ଯୋଜନା ମାଧ୍ୟମରେ ଜିଲ୍ଲାର ସମସ୍ତ ଅସହାୟ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ ସହ ଏକ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ବାରିକ ଦୃଢୋକ୍ତି ପ୍ରକାଶ କରିଥିଲେ। । ଶିଶୁ ମଙ୍ଗଳ ସମିତି ସଦସ୍ୟ ସଞ୍ଜୟ କୁମାର କିପରି ଭାବରେ ଗ୍ରାମସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ ସୁଦୃଢ କରି ଶିଶୁ ଅନୁରୂପ ଗ୍ରାମ ତଥା ପଞ୍ଚାୟତ କରିହେବ ଏହି ବିଷୟରେ ବିଶଦ୍ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଯେଉଁ ଶିଶୁ ମାନେ ଅଧାରୁ ପାଠପଢା ଛାଡ଼ିଥିବେ ସେମାନଙ୍କୁ କିପରି ଭାବରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବ ତାହାର ବିଭିନ୍ନ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ନିଜ ବିଭାଗ ଦ୍ୱାରା ଶିଶୁ ମାନଙ୍କୁ କିପରି ଭାବରେ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରିପାରିବେ ସେ ବିଷୟରେ ମତାମତ ରଖିଥିଲେ। ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷୀ କଳାହାଣ୍ଡି ଜିଲ୍ଲାର ଅସହାୟ ଓ ଅସୁରକ୍ଷିତ ସ୍ଥାନ ଗୁଡିକର ସ୍ଥିତି ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ସି ଡି ପି ଓ, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ । ପରିଶେଷରେ ପ୍ରୋଟେକ୍ସନ ଅଫିସର ସୂଚରିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୀପକଙ୍କୁ ରାଜୀବ ଗାନ୍ଧୀ ଯୁବ ପୁରସ୍କାର ଓ ଭାରତ ଯୁବଶକ୍ତି ସମ୍ମାନ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଛାତ୍ର ଦୀପକ ରଞ୍ଜନ ବେହେରା ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ଯୁବ ପୁରସ୍କାର ଓ ଯୁବଶକ୍ତି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଯୁବ ବର୍ଗ କାର୍ଯ୍ୟ ଓ ସମାଜ ସେବା ପାଇଁ ତାଙ୍କ କାର୍ଯ୍ୟକୁ ପ୍ରସଂସା କରି କୋଣାର୍କ ଠାରେ ଆୟୋଜିତ ବିକଶିତ ଓଡିଶା: ବିକଶିତ ଭାରତ ଶୀର୍ଷକ ଜାତୀୟ ଯୁବସଂସଦ କାର୍ଯ୍ୟକ୍ରମ-୨୦୨୫ ଦୀପକ ରଞ୍ଜନ ବେହେରାଙ୍କୁ ଭାରତ ଯୁବଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ଯୁବ ବ୍ୟାପାର ମନ୍ତ୍ରୀ ତରୁଣକାନ୍ତ ବେହେରା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଦୀପକ ରଞ୍ଜନ ବେହେରା କଳାହାଣ୍ଡି ଜିଲ୍ଲାର ଦେଉଣ୍ଡି ଗ୍ରାମର ଗୌତମ ଚନ୍ଦ୍ର ବେହେରା ଓ ସୁଲକ୍ଷଣୀ ବେହେରାଙ୍କ ସୁପୁତ୍ର ଅଟନ୍ତି। ଦୀପକଙ୍କର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ଡ. ନିବେଦିତା ନାଥ ଓ କୁଳସଚିବ ଡ. ଗୁଣନିଧି ନାୟକ. ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ: ଚିତ୍ତ ରଞ୍ଜନ ଖୁଣ୍ଟିଆ, ଜୟପ୍ରକାଶ ସନ୍ଧ୍ୟା ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାସ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

# ନୂତନ ତହସିଲଦାରଙ୍କ ଯୋଗଦାନ



ଧର୍ମଗଡ, (ଭାସ୍କର ନ୍ୟୁଜ): ଧର୍ମଗଡ ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବରେ ଯୋଗ ଦେଇଛନ୍ତି। ଧର୍ମଗଡ ପୂର୍ବତନ ତହସିଲଦାର ସଞ୍ଜୟ କୁମାର ସାମନ୍ତରାଙ୍କ ବଦଳି ହୋଇଥିବା ବେଳେ ନୂତନ ତହସିଲଦାର ଭାବରେ କୀର୍ତ୍ତି ଚନ୍ଦ୍ର ପ୍ରଧାନ ଶୁକ୍ରବାର ଧର୍ମଗଡ ତହସିଲରେ ତହସିଲଦାର ଭାବରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ରାୟଗଡା ଜିଲ୍ଲା କୋଲନାରା ତହସିଲରେ ତହସିଲଦାର ଭାବରେ କାର୍ଯ୍ୟରତ ଥିଲେ। ନୂତନ ତହସିଲଦାରଙ୍କୁ ସୋସିଆଲ ଆକ୍ଟିଭିଷ୍ଟ ଅଫ କଳାହାଣ୍ଡି ସଂଗଠନ ତରଫରୁ ସମାଜ ସେବୀ ଢଗ ନାଏକ, ମହେଶ୍ୱର ସୁନାନୀ, ପ୍ରଶାନ୍ତ ନାଏକ, ସାମ୍ବାଦିକ ସୁଧୀର ଗୋପାଳ ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ପୂର୍ବତନ ତହସିଲଦାର ସଞ୍ଜୟ କୁମାର ସାମନ୍ତରାଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା ଜଣାଇଛନ୍ତି ।

# 'ସିନ୍ଦୂରର ଜୟଯାତ୍ରା' କାର୍ଯ୍ୟକ୍ରମ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭାରତୀୟ ସେନା ବାହିନୀ ପକ୍ଷରୁ ଅପରେସନ ସିନ୍ଦୂର ଅଭିଯାନକୁ ସମଗ୍ର ଦେଶବାସୀ ପ୍ରଶଂସା କରିଥିଲାବେଳେ ଭାରତୀୟ ନାରୀମାନଙ୍କ ମଧ୍ୟରେ ଏହା ବେଶ୍ ଦେଶପ୍ରେମ ଜାଗ୍ରତ ମଧ୍ୟ କରିପାରିଥିଲା। ବିଶେଷ କରି ନାରୀ ଲେଖିକାମାନେ ଅଧିକ ପ୍ରଭାବିତ ହୋଇ ତାହାକୁ ନେଇ ମର୍ମସ୍ପର୍ଶୀ ସାହିତ୍ୟ ସୃଷ୍ଟି କରିଚାଲିଛନ୍ତି ।ଏହି ମର୍ମରେ କଳାହାଣ୍ଡି ଲେଖିକା ସଂଘ ଦ୍ୱାରା ' ସିନ୍ଦୁରର ଜୟଯାତ୍ରା' ଶୀର୍ଷକ ଏକ ନିଆରା କାର୍ଯ୍ୟକ୍ରମ ସ୍ଥାନୀୟ ବ୍ରଜବିହାର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ନିମନ୍ତ୍ରିତ ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ କର୍ଣ୍ଣେଲ କୁଞ୍ଜବିହରୀ ମୁଣ୍ଡଙ୍କ ଧର୍ମପତ୍ନୀ ସୁଷମା ମଞ୍ଜରୀ ମୁଣ୍ଡ ଯୋଗଦେଇ ତାଙ୍କ ସ୍ୱାମୀ କିପରି ସେନାବାହିନୀରେ ଯୋଗଦେଇ ସାହସର ସହିତ ଶତ୍ରୁ ପକ୍ଷର ସାମ୍ନା କରିଥିଲେ ଓ ଜଣେ ବୀର ସୈନିକର ଧର୍ମପତ୍ନୀ ଭାବେ ସେ କିପରି ନିଜର ସିନ୍ଦୁରର ସୁରକ୍ଷା ପାଇଁ ଈଶ୍ୱରଙ୍କ ଶରଣାପନ୍ନ ହୋଇଥିଲେ ତାହା ବର୍ଣ୍ଣନା କରିଥିଲେ ।କାର୍ଯ୍ୟକ୍ରମରେ ପ୍ରଥମେ ଅତିଥିମାନଙ୍କୁ ନିମନ୍ତ୍ରଣ କରିଥିଲେ କବି ପଦ୍ମିନୀ ବେହେରା ଓ ପରେ ପରେ ସୁଜାତା ଠାକୁର ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ସନ୍ଧ୍ୟାରାଣୀ ବେହେରା ଓ ସସ୍ମିତା ରଥ ସରସ୍ୱତୀ ବନ୍ଦନା ଓ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଭାପତି ସୁଦେଷ୍ଣା ପଣ୍ଡା। ଯୁଦ୍ଧରେ ଶହୀଦ ହୋଇଥିବା ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସମ୍ପାଦିକା କଳ୍ପନା ରଥ ଭାରତୀୟ ସେନାବାହିନୀର ବୀରତ୍ୱ ଓ ସାହସର ବାର୍ତ୍ତା ପ୍ରଦାନ କରିବା ସହ କବିମାନଙ୍କ ଲେଖନୀ ଏହି ବାର୍ତ୍ତା ସହ ଜନସମାଜର ମଙ୍ଗଳବାର୍ତ୍ତା ବହନ କରିବ ବୋଲି ଆଶା ପ୍ରକାଶ କରିଥିଲେ। ପରେପରେ କବି ସୁମତି ମୁଣ୍ଡଙ୍କ ସଂଯୋଜନାରେ କବି ଆରହନ ମିଶ୍ର, ପ୍ରେମ ଶୀଳା ବେହେରା, ଆନନ୍ଦିନୀ ପାତ୍ର, ସୁମତି ମୁଣ୍ଡ, ସସ୍ମିତା ରଥ, ଐଶ୍ୱର୍ଯ୍ୟା ପ୍ରଧାନ, ରଶ୍ମି ରାଣୀ ରଥ,ବନଶ୍ରୀ ଦାସ, ମିନତି ପ୍ରଧାନ,ଦିପ୍ତୀ ମୁଣ୍ଡ,କବିତା ମୁଣ୍ଡ, ସୁଜାତା ଠାକୁର, ସୌଦାମିନୀ ପାଢ଼ୀ, ପଦ୍ମିନୀ ବେହେରା, ସନ୍ଧ୍ୟା ରାଣୀ ବେହେରା, କାଜଲ ମହାରଣା ପ୍ରମୁଖ କବିମାନେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଶେଷରେ ସଂଘ ର ସହ ସମ୍ପାଦିକା ଦୀପ୍ତି ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

କୋକସରା, (ଭାସ୍କର ନ୍ୟୁଜ୍): କୋକସରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଶ୍ରୀ ଜଗନ୍ନାଥ ନେତ୍ରାଳୟ ଭବାନୀପାଟଣା ପକ୍ଷରୁ ଶୁକ୍ରବାର ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ଃ ହିମାଞ୍ଚଳ ମାଝୀଙ୍କ ପ୍ରତ୍ୟକ୍ଷ ସହଯୋଗ କ୍ରମେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୨ ଗୋଟି ପଞ୍ଚାୟତର ବିଭିନ୍ନ ଗାଁରୁ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ସମେତ ବରିଷ୍ଠ ନାଗରିକ, ସାଧାରଣ ବର୍ଗର ଲୋକେ ସାମିଲ ହୋଇ ମାଗଣରେ ଚକ୍ଷୁ ପରୀକ୍ଷା କରାଇଥିଲେ। ଶିବିରରେ ମୋଟ୍ ୮୯ ଜଣ ପରୀକ୍ଷଣ କରାଇଥିଲେ। ସେଥି ମଧ୍ୟରୁ ୪୧ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା, ୧୨ ଜଣ ଚକ୍ଷୁ ରୋଗୀଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ଶ୍ରୀଜଗନ୍ନାଥ ନେତ୍ରାଳୟ ପଠାଯିବ, ୧୦ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୬ ଜଣ ରହିଥିବା ସୂଚନା ଦିଆଯାଇଛି। ଶ୍ରୀଜଗନ୍ନାଥ ନେତ୍ରାଳୟର ଚକ୍ଷୁରୋଗ ବିଶେଷଜ୍ଞ ଡ଼ାକ୍ତର ସତ୍ୟ ପ୍ରକାଶ ଚକ୍ଷୁ ପରୀକ୍ଷା କରିଥିବାବେଳେ ବଳରାମ ତାଣ୍ଡି, ରୁପେଶ ବାଗ, ସତ୍ୟନାରାୟଣ ସା, ଲକ୍ଷ୍ମିପ୍ରିୟା ଦାସ, ଖଞ୍ଜନେତ୍ରୀ ମାଝୀ, କମଳିନୀ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ଶିବିରରେ ବ୍ଲକ କର୍ମଚାରୀମାନନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।



# ମହିଳାଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ କୋଷାବରା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, କାଶୀପୁର ଥାନା ଅଡାଜୋର ପଞ୍ଚାୟତ ଅଧୀନ ଜୋଡ଼ାଆମ୍ବ ଗ୍ରାମର କାଳିଦାସ ନାଏକଙ୍କ ବଡ଼ଝିଅ ତମାଲ ନାଏକ ଥୁଆମୂଳ ରାମପୁର ଥାନା କୋଷାବରା ଗ୍ରାମର ଲଳିତଙ୍କ ପୁଅ ରଞ୍ଜନ ନାଏକଙ୍କୁ ୪ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କ ପାରିବାରିକ ଜୀବନ ଭଲରେ କଟୁଥିବାବେଳେ କୌଣସି କାରଣରୁ ହଠାତ୍ ଗତ ବୁଧବାର ସକାଳୁ ସେ କୁଆଡେ ନିଖୋଜ ହୋଇଯାଇଥିଲେ। ଏହାକୁ ନେଇ ସ୍ୱାମୀ ରଞ୍ଜନ ନାଏକଙ୍କ ସମେତ ଝିଅର ବାପା କାଳିଦାସ ଥୁଆମୂଳ ରାମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏପରିସ୍ଥଳେ ଗୁରୁବାର ଅପରାହ୍ନରେ ତାଙ୍କ ମୃତଦେହ ଗ୍ରାମ ମଝିରେ ଥିବା ପରିତ୍ୟକ୍ତ କୂଅରେ ପଡ଼ିଥିବା ଦେଖି ପରିବାର ଲୋକେ ଥାନାରେ ଜଣାଇଥିଲେ। ପୋଲିସ ସହ ସାଇଣ୍ଟିଫିକ ଟିମ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କରି ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ରାସ୍ତାରେ ଗଛ ପଡି ଯାତାୟାତ ଠପ୍



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ଠୁ ସିନାପାଲି ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ସୂଚନାରୁ ପ୍ରକାଶ ଲଘୁଚାପ ଜନିତ ବର୍ଷାରେ କେଗାଁ ଓ ସିନାପାଲି ରାସ୍ତାରେ ମଝିରେ ଏକ ବିଶାଳ ବମ୍ବୁର ଗଛ ପଡିବାରୁ ଯାତାୟାତ ଠପ ହୋଇଯାଇଥିଲା। ଯାହା ଫଳରେ କେଗାଁ ସିନାପାଲି ଦେଇ ବଲାଙ୍ଗୀର ଯାଉଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ଓ ସମାଜସେବୀଙ୍କ ପ୍ରଚେଷ୍ଟାରେ ଅଗ୍ନିଶମ ବାହିନୀକୁ ଯୋଗାଯୋଗ କରାଯାଇଥିଲା। ଅଗ୍ନିଶମ ବାହିନୀ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ଭାବରେ ଚାଲିଥିବା ଜଣାପଡିଛି।

# ପ୍ରତିଶ୍ରୁତିରେ ସୀମିତ ସିର୍ଲିଗୁଡା-ଟେଣ୍ଟାପାଲି ରାସ୍ତା ଉନ୍ନତିକରଣ




- ଅର୍ଥ ମଞ୍ଜୁର ପରେ ବି ଆଗେଇପାରୁନି କାମ
- ଦୁର୍ଦ୍ଦଶା ଭୋଗୁଛନ୍ତି ୨ ବ୍ଲକ୍‌ବାସୀ
- ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସିର୍ଲିଗୁଡା ଆମପଡା ଛକଠାରୁ ଲିମପଡା ଦେଇ ଧର୍ମଗଡ ବ୍ଲକ୍‌ର ଟେଣ୍ଟାପାଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ ବର୍ଷରୁ ଶୋଚନୀୟ ହୋଇପଡ଼ିଛି। ଏଣେ ଆଜି ହେବ କାଲି ହେବ କହି ରାସ୍ତା ଉନ୍ନତିକରଣ କେବଳ ପ୍ରତିଶ୍ରୁତିରେ ସୀମିତ ରହିଯାଇଛି। ଯାହା ଫଳରେ ଯିବା ଆସିବା କରିବାରେ ଅଞ୍ଚଳର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ମଧ୍ୟ ରାସ୍ତା ଉନ୍ନତିକରଣ ଦିଗରେ ନାଁ ଗନ୍ଧ ନଥିବା ବେଳେ ଶୀଘ୍ର କାମ ଆରମ୍ଭ ନହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ସୂଚନା ଅନୁସାରେ, ଟେମରା ପଞ୍ଚାୟତର ସିର୍ଲିଗୁଡା ଆମପଡା ଛକଠାରୁ ଲିମପଡା ଦେଇ ଧର୍ମଗଡ ବ୍ଲକର ଟେଣ୍ଟାପାଲି ପର୍ଯ୍ୟନ୍ତ ରାସ୍ତା ପ୍ରାୟ ୭ କିଲୋମିଟର ରହିଛି। ଯାହା କୋକସରା ଓ ଧର୍ମଗଡ ବ୍ଲକ୍‌କୁ ଯୋଡିଛି। ଏହି ରାସ୍ତା ଉପରେ ଗୋଡମୁଣ୍ଡା ଠାରୁ ଆରମ୍ଭ କରି ନେଗିଗୁଡା, ଟେମରା, ଝରିଆଗୁଡା, ଲଟାପଡା, ଚିତାମୁଣ୍ଡା, ଦଳସର୍ଗି, ଟେଣ୍ଟାପାଲି, ବାଙ୍ଗିମୁଣ୍ଡା, ଛତାଗୋହିରା, ନୁନପାଣି, ସିର୍ଲିଗୁଡା ଆଦି ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଦୈନନ୍ଦିନ ଜୀବନ ଜୀବିକା, ମେଡିକାଲ ଓ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ସ୍କୁଲ ଓ କଲେଜ ଯାଉଛନ୍ତି। ବର୍ଷା ଦିନେ ରୋଗୀଙ୍କୁ ଖଟିଆରେ ବୋହି ନେବା ଓ ଘରକରଣା ସାମଗ୍ରୀ ପାଇଁ ବଳଦ ଚାଳିତ ଗିଡରି ସାହାଯ୍ୟରେ ନେବା ଆଣିବା କରୁଥିବା ଲୋକେ କୁହନ୍ତି। ଦଣ୍ଡପାଟ ଅଞ୍ଚଳର ପ୍ରମୁଖ ବ୍ୟବସାୟିକ ସ୍ଥାନ ବେହେରା ଗ୍ରାମକୁ ଏହି ରାସ୍ତା ସଂଯୋଗ କରୁଛି। ଖରାଦିନେ ଲୋକେ ଏହି ରାସ୍ତାରେ କଷ୍ଟେ ମଷ୍ଟେ ଯା' ଆସ କରୁଥିବାବେଳେ ବର୍ଷା ଦିନର କଥା ନକହିବା ଭଲ। ରାସ୍ତାର ସ୍ଥାନେ ସ୍ଥାନେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ପୋଖରୀ ଭ୍ରମ ସୃଷ୍ଟି ହୋଇଛି। ରାସ୍ତା ସମସ୍ୟାକୁ ନେଇ ସିର୍ଲିଗୁଡା ସମେତ ଆଖପାଖ ଅଞ୍ଚଳର ଲୋକେ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ବିଧାୟକ ଓ ମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଦାବି କରିବା ପରେ ଗତ ୨୦୨୩/୨୪ ମସିହାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ସର୍ଭେ କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ହେବ ହେବବୋଲି ବିଭାଗୀୟ ପତ୍ର ସଂଖ୍ୟା- ୨୩୩୪୫, ତାରିଖ ୨୨/୭/୨୦୨୪ ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିବା ଓ ଏଥିରେ ପ୍ରାୟ ୬.୮୦ କିଲେମିଟର ରାସ୍ତା ନିମନ୍ତେ ୭କୋଟି ୧୪ ଲକ୍ଷ୍ୟ ଟଙ୍କା ମଞ୍ଜୁର ହୋଇଥିବା ସିର୍ଲିଗୁଡା ଗ୍ରାମବାସୀ ପ୍ରକାଶ କରିଛନ୍ତି। ହେଲେ ଏହି ବିଜ୍ଞପ୍ତିକୁ ବର୍ଷେ ପାଖାପାଖି ହେବ, କିନ୍ତୁ ରାସ୍ତା ନିର୍ମାଣର ନାଁ ଗନ୍ଧ ମଧ୍ୟ ନାହିଁ। ଏଣେ ନେତା ଓ ପ୍ରଶାସକଙ୍କୁ ପଚାରିଲେ ଆଜି ହେବ କାଲି ହେବ, ଟେଣ୍ଡର ସରିଛି ଏଭଳି କିଛି କହୁଥିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଗକୁ ଯାଦି ଶୀଘ୍ର ରାସ୍ତା ନିର୍ମାଣ କରା ନଗଲେ ସ୍ଥାନୀୟ ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲେଇବା ସହ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ଶ୍ୟାମ ସୁନ୍ଦର ନାଏକ, ଲକ୍ଷ୍ମୀଧର ଧରୁଆ, ଭଲଭଦ୍ର ପୁଝାରୀ, ତରୁଣ ମାଝୀ, ଲୋକନାଥ ଭଏଁସାଲ, କର୍ଣ୍ଣଧର ଦୁର୍ଗା, ସୁଗ୍ରୀ ବାଗ, ଘନ ବାଗ, ଦେବାନନ୍ଦ ମାଝୀ, ଡମ୍ବରୁଧର ଧରୁଆ, ଥବୀର ବିଶି ସମେତ ଆଖପାଖ ଅଞ୍ଚଳର ଲୋକେ କଡ଼ା ଚେତାବନୀ ଦେଇଛନ୍ତି। ଏ ବିଷୟରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲଙ୍କୁ ପଚାରିବାରୁ କହିଛନ୍ତି ଆମେ ପୂର୍ବରୁ ପ୍ରସ୍ତାବ ଦେଇ ସାରିଛୁ, ଅନୁଦାନ ଆସିଛି, ଟେଣ୍ଡର ପ୍ରକ୍ରିୟାରେ ଅଛି ବୋଲି କହିଛନ୍ତି। ଧର୍ମଗଡ଼ ବିଧାୟକ ସୁଧୀର ପାଟ୍ଟଯୋଶୀଙ୍କୁ ପଚାରିବାରୁ ବିଭାଗ ସହିତ କଥାବାର୍ତ୍ତା ହୋଇ ଶୀଘ୍ର ରାସ୍ତା ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ କହିଛନ୍ତି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ଟେଣ୍ଡର ପ୍ରକ୍ରିୟାରେ ରହିଛି, ସରିଲେ ଶୀଘ୍ର କାମ ହେବ ବୋଲି କହିଛନ୍ତି।

# ରାଶିଫଳ

ରବିବାର, ୦୧ ଜୁନ୍ ୨୦୨୫



**ମେଷ:** ଆପଣ ଅନେକ ଉତ୍ସରୁ ଆର୍ଥିକ ଭାବରେ ଉପକୃତ ହେବେ। ପରିବାରରେ ନୂତନ ବ୍ୟକ୍ତିଙ୍କ ଆଗମନ ଉତ୍ସବ ଏବଂ ଆନନ୍ଦର ମୁହୂର୍ତ୍ତ ଆଣିଦେବ। ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାକୁ ଆପଣଙ୍କର ଅଭିଳାଷ ଫଳପ୍ରଦ ହୋଇପାରେ। ଆପଣ ଏଥିରେ ବହୁତ ଖୁସି ହେବେ ଏବଂ ଏହି କାର୍ଯ୍ୟ ପାଇବା ପାଇଁ ସମ୍ମୁଖୀନ ହେଉଥିବା ସମସ୍ତ ଅସୁବିଧା ଦୂର ହେବ।




**ବୃଷ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ।



**ମିଥୁନ:** ଆଜିର ବୁଝାମଣା ଏବଂ ପ୍ରୟାସ ନିଶ୍ଚିତ ଭାବରେ ଆପଣଙ୍କୁ ସଫଳ କରିବ । ବଡ ଯୋଜନା ଏବଂ ଚିନ୍ତାଧାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ। କୌଣସି ପ୍ରକାରର ବିନିଯୋଗ କରିବା ପୂର୍ବରୁ ସେହି ବ୍ୟକ୍ତିଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁସନ୍ଧାନ କରନ୍ତୁ ।




**କର୍କଟ:** ଆପଣ ଚିନ୍ତା କରୁଥିବା ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତାର ଅଭାବ ଆପଣଙ୍କୁ ଚାପ ଦେଇପାରେ। ଆପଣଙ୍କର ହୃଦୟର ମଣିଷ ଦିନସାରା ଆପଣଙ୍କୁ ମନେ ରଖିବେ । ସାମାଜିକ ଏବଂ ଧାର୍ମିକ ଉତ୍ସବ ପାଇଁ ଉତ୍ତମ ଦିନ । ଗାଡି ଚଳାଇବା ସମୟରେ ଆପଣ ସାବଧାନ ହେବା ଆବଶ୍ୟକ। ମା ଦୁର୍ଗାଙ୍କୁ ମିଶ୍ରି ଭୋଗ ଅର୍ପଣ କରନ୍ତୁ।



**ସିଂହ:** ଘରର ପରିବେଶ ଭଲ ରହିବ । ଆର୍ଥିକ ଲାଭ ସହିତ ବ୍ୟବସାୟରେ ଆପଣ ସନ୍ତୁଷ୍ଟ ଅନୁଭବ କରିବେ । ଆଜି ଆପଣଙ୍କର ବ୍ୟକ୍ତିତ୍ୱର ଉନ୍ନତି ହୋଇପାରେ । ଅତିଥିମାନେ ଆପଣଙ୍କ ଘରେ ପହଞ୍ଚିପାରନ୍ତି । ଆପଣ ରୋଜଗାରର ସୁଯୋଗ ପାଇପାରିବେ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ ।




**କନ୍ୟା:** ଆର୍ଥିକ ଲାଭ ପାଇଁ ଆଜି ଭଲ ସୁଯୋଗ ମିଳିବ । ଆପଣଙ୍କ ସ୍ୱାସ୍ଥ୍ୟ ଭଲ ହେବ। ଭ୍ରମଣରୁ ଆପଣ ଉପକୃତ ହେବେ । ଆପଣ ଜଣେ ବନ୍ଧୁଙ୍କ ଠାରୁ ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ପରିବାରର ସମସ୍ତ ସଦସ୍ୟଙ୍କ ସହିତ ପାରସ୍ପରିକ ସମନ୍ୱୟ ରହିବ। ଆପଣ ଆଧ୍ୟାତ୍ମିକତା ପ୍ରତି ଅଧିକ ଆଗ୍ରହୀ ହେବେ । ଆପଣ ଯାହା ବି ଚେଷ୍ଟା କରିବେ ସଫଳ ହେବେ।




**ତୁଳା:** ଆପଣ ଘନିଷ୍ଠ ବନ୍ଧୁ ଏବଂ ପରିବାର ସହିତ ଖୁସିର କିଛି ମୁହୂର୍ତ୍ତ ବିତାଇବାକୁ ପଡିବ। ଟଙ୍କା ଆପଣଙ୍କର ମୁଷ୍ଟିରୁ ସହଜରେ ଚାଲିଯିବ। ଆପଣ ପରିବାର ପ୍ରତି ଅଶାଳୀନ ବ୍ୟବହାର କରନ୍ତୁ ନାହିଁ। ଏହା ପାରିବାରିକ ଶାନ୍ତିକୁ ବିଘ୍ନ କରିପାରେ। କୌଣସି ଭୁଲ ବାର୍ତ୍ତା ପାଇ ଟେନ୍‌ସନ ନେଇପାରନ୍ତି।



**ବିଛା:** ଆଜି ଆପଣ ଚାପରୁ ମୁକ୍ତି ପାଇବେ। ଆପଣ ଆରାମ ଅନୁଭବ କରିବେ। ସାମାଜିକ ଭାବରେ ତୁମର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବା ଜାରି ରଖିବେ। ତୁମର ଯାତ୍ରା ଲାଭଦାୟକ ହେବ। ପରିବାର ସହିତ ଖୁସିର ମୁହୂର୍ତ୍ତ ବିତାଇ ପାରିବେ।



**ଧନୁ:** କୌଣସି କାର୍ଯ୍ୟରେ ଚିନ୍ତା ନ କରି କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଇଚ୍ଛାଶକ୍ତିର ଅଭାବ ଆପଣଙ୍କୁ ଭାବପ୍ରବଣ ଏବଂ ମାନସିକ ଅସୁବିଧାରେ ପକାଇପାରେ । ଯଦି ଆପଣ ଆୟ ଅଭିବୃଦ୍ଧିର ଉତ୍ସ ଖୋଜୁଛନ୍ତି, ସୁରକ୍ଷିତ ଅର୍ଥନୈତିକ ପ୍ରକଳ୍ପରେ ବିନିଯୋଗ କରନ୍ତୁ। ଘରେ ସମନ୍ୱୟ ରକ୍ଷା କରିବା ପାଇଁ ଏକାଠି କାମ କରନ୍ତୁ । ଯଦି ଆପଣ ସପିଂ କରିବାକୁ ଯାଆନ୍ତି, ଅତ୍ୟଧିକ ପକେଟ ଖୋଲିବାକୁ ଏଡ଼ାନ୍ତୁ ।



**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ ଆଗ୍ରହର କାର୍ଯ୍ୟ କରିବା ପାଇଁ ଶୁଭ ଦିନ। ଶୀଘ୍ର ଟଙ୍କା ରୋଜଗାର କରିବାକୁ ଆପଣଙ୍କର ପ୍ରବଳ ଇଚ୍ଛା ଅଛି । ଆପଣଙ୍କ ସମସ୍ୟା ଆପଣଙ୍କ ପାଇଁ ବହୁତ ବଡ ହୋଇପାରେ, କିନ୍ତୁ ଆପଣଙ୍କ ଆଖପାଖର ଲୋକମାନେ ଆପଣଙ୍କ ଯନ୍ତ୍ରଣା ବୁଝିବେ ନାହିଁ । ବୋଧହୁଏ ସେମାନେ ଅନୁଭବ କରନ୍ତି ଯେ ସେମାନଙ୍କ ସହିତ ଏହାର କୌଣସି ସମ୍ପର୍କ ନାହିଁ ।



**କୁମ୍ଭ:** ସାମାଜିକ ଭାବରେ ଆପଣଙ୍କର ପ୍ରତିଷ୍ଠା ବୃଦ୍ଧି ପାଇବ। ସାଙ୍ଗ ଏବଂ ପ୍ରିୟଜନଙ୍କ ସହିତ ମଜା ଏବଂ ମନୋରଞ୍ଜନ ପାଇଁ ଏକ ସୁଯୋଗ ରହିବ। ଆପଣଙ୍କ ସମ୍ପର୍କରେ ମଧୁରତା ବୃଦ୍ଧି ପାଇବ । କାର୍ଯ୍ୟଭାର ଆପଣଙ୍କ ଉପରେ ସାମାନ୍ୟ ଅଧିକ ହୋଇପାରେ । ଏକ ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଏକ ଧାରଣା ସୃଷ୍ଟି କରିପାରିବ ।



**ମୀନ:** କଠିନ ଅର୍ଥନୈତିକ ଅବସ୍ଥା ହେତୁ କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଝିରେ ଅଟକିଯାଇପାରେ। ଆପଣ ଚାହୁଁଥିବା ଲୋକଙ୍କ ସହିତ ଉପହାର ବିନିମୟ କରିବା ଏକ ଭଲ ଦିନ। ଏକପାଖିଆ ପ୍ରେମ ଆପଣଙ୍କୁ ନିରାଶ କରିପାରେ। କାର୍ଯ୍ୟ ଠିକ୍ ସମୟରେ ଶେଷ କରିବା ଭଲ ହେବ। ହନୁମାନ ଚଲିଶା ପଢନ୍ତୁ। ସମସ୍ତେ ଆପଣଙ୍କ ସହିତ ଭଲରେ ରହିବେ ।



ଗ୍ରହ ଚିନ୍ତନ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯